# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, November 7/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 342 | ମୂଲ୍ୟ ₹୭/-



A rare Lifestyle, A niche Location

## A Gem crafted just for you



Blessed by the earth · Graced by the sky · Ignited by the fire · Purified by the air · Calmed by the water

FALCON

## tatva

EVERY ELEMENT OF ECSTASY

**KHANDAGIRI, BHUBANESWAR**

3/3.5/4 BHK Apartments 1.88cr onwards



Bed Room



Living / Dining Room



Study Room



Wash Room

Air Conditioned Apartments • Home Lighting Automation (wireless) • Sprawling Club with Roof Top Swimming Pool & Tennis Court • Connected Landscaped Terrace

FALCON REAL ESTATE

**FALCON REAL ESTATE PVT LTD**

**Corporate** A/22 Falcon House, 1st Floor, Cuttack Road, Odisha, Bhubaneswar 751006

**Project** Plot No 496/4145 Dumduma, Khandgiri, Bhubaneswar 751019

**Phone**
**7978677741**
**7008239091**

**E-Mail** info@falconrealestate.in
**Website** www.falconrealestate.in
**RERA** RP/19/2023/00922 dated 11/05/2023
**Website** www.rera.odisha.gov.in

Scan for 4 BHK Apartment Tour · Scan for Walkthrough

Eyeball/Frel-2364

Disclaimer This advertisement is not a legal offering and only representational and conceptual in nature. All plans, specifications, artistic renderings etc. shown are only indicative and are subject to change. All Furniture, Wardrobes, Soft Furnishing, TV, Refrigerator, Hob, Sink etc in kitchen, Washing Machine, CP & Ceramic fitting in Toilet are for indicative purpose only. All intending purchasers are requested to visit the marketing/head office of the promoter to inspect all sanctioned plans, layouts, specifications, approvals and visit project site and apprise themselves of all offerings and other relevant information. *T&C Apply.



Govt. of Uttarakhand
Azadi Ka Amrit Mahotsav
DESTINATION UTTARAKHAND
GLOBAL INVESTORS SUMMIT 2023
Peace To Prosperity
8th - 9th December | Dehradun
Unveiling Uttarakhand's Opportunities
A Preferred Investment Destination
Tourism Investment Policy 2023
Ushering in an Investor-friendly regime
Advantage Uttarakhand
• Highest Average Room Rate in India
• 14% annual increase in international tourists
• 34% growth in domestic tourists
• 55 million tourists in the year 2022
• Expressway from Delhi to reduce road travel to 2.5 hours
• Unique experiences for all - Adventure, Wellness and Spiritual
• Salubrious climate
Narendra Modi
Prime Minister
Pushkar Singh Dhami
Chief Minister, Uttarakhand
Hospitality Projects
Upto 50% capital subsidy on hospitality projects depending upon the geographical location of the project
Tourism Products
Upto 100% capital subsidy on eligible assets on various tourism products such as hot air ballooning, amusement parks, electric vehicles, fairs & festivals etc.
Uttarakhand offers the best incentives for investments in the tourism sector.
Other Incentives
• Stamp duty and electricity
• Interest Subvention
• Incentives on waste Management, Training, Marketing etc.
For more detail please log on
investuttarakhand.uk.gov.in
Or Scan QR Code
/ukgis2023
Issued in Public Interest by Information & Public Relations Department, Uttarakhand
www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ | Bhubaneswar, Tuesday, November 7/2023 | ପୃଷ୍ଠା-୧




**ଭାଇରାଲ ଭିଡିଓ ଖୁବ୍ ଆଘାତ ଦେଇଛି**

ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିକଟରେ ଭାଇରାଲ ହୋଇଥିବା ତାଙ୍କର ଏକ ଭିଡିଓକୁ ନେଇ ସେ ଦୁଃଖ ପ୍ରକାଶ କରି ଏହା ତାଙ୍କୁ ଆଘାତ ଦେଇଥିବା କହିଛନ୍ତି।

୧୦

୧୪

**ଭିଦିତ ଗୁଜରାଠୀ ଚାମ୍ପିୟନ**

ଫିଡେ ଗ୍ରାଣ୍ଡ ସୁଇସ୍ ଚେସ୍ ପ୍ରତିଯୋଗିତାର ଓପନ କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି ଭିଦିତ ଗୁଜରାଠୀ।





ଇସ୍ରାଏଲର ରକେଟ୍ ମାଡ଼ରେ ବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କରାଯାଉଛି। **(ଫଟୋ ସୌଜନ୍ୟ: ଦି ଗାର୍ଡିଆନ୍)**

# ଗାଜାକୁ ଦୁଇଭାଗ କଲା ଇସ୍ରାଏଲୀ ସେନା

**ହମାସ୍-ଇସ୍ରାଏଲ୍ ଯୁଦ୍ଧକୁ ମାସେ**

ତେଲ୍ ଆଭିଭ୍,୬।୧୧

ହମାସ୍ ଇସ୍ରାଏଲ୍ ଯୁଦ୍ଧକୁ ସୋମବାର ମାସେ ପୂରିଛି। ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବାରୁ ତେଲ୍ ଆଭିଭ୍ ପକ୍ଷରୁ ଯୁଦ୍ଧ ଘୋଷଣା କରାଯାଇଥିଲା। ଇସ୍ରାଏଲୀ ସେନା ଗାଜା ଉପରେ ପ୍ରବଳ ଆକ୍ରମଣ ଜାରି ରଖିଛି। ଗାଜା ଷ୍ଟ୍ରିପ୍‌ର ଉତ୍ତର ଭାଗ ସମେତ ଅନେକ ଅଞ୍ଚଳରେ ବୋମାମାଡ଼ ହେଉଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଗାଜାକୁ ଦୁଇଭାଗ ଉତ୍ତର ଗାଜା ଓ ଦକ୍ଷିଣ ଗାଜାରେ ବିଭକ୍ତ କରିସାରିଲାଣି ବୋଲି କହିଛି। ଏଥିସହିତ ରବିବାର ସେଠାରେ ଜୋର୍‌ଦାର ବୋମାମାଡ଼ କରାଯାଇଛି। ଇସ୍ରାଏଲୀ ସେନା ଗାଜା ସିଟିକୁ ସମ୍ପୂର୍ଣ୍ଣ ଘେରି ରହିଥିବାବେଳେ ଅଧିକ ସୈନ୍ୟ ଗାଜାରେ ପ୍ରବେଶ କରିବାକୁ ଯାଉଛନ୍ତି। ବିଜୟୀ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିଛନ୍ତି।

ମାସକର ଯୁଦ୍ଧରେ ଗାଜାରେ ମୃତ୍ୟୁସଂଖ୍ୟା ୧୦ ହଜାର ଟପିଥିବାବେଳେ ଅନେକ ହଜାର ଆହତ ହେଲେଣି। ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହେଲାଣି। ରବିବାର ଆମେରିକା ପରରାଷ୍ଟ୍ର ସଚିବ ଅଚାନକ ୱେଷ୍ଟ ବ୍ୟାଙ୍କ ଗସ୍ତ କରି ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମହମ୍ମଦ ଆବ୍ବାସଙ୍କୁ ଭେଟିଥିଲେ। ଗାଜାରେ ତୃତୀୟ ଥର ପାଇଁ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସେଠାରେ ଖାଦ୍ୟ, ପାନୀୟ, ଇନ୍ଧନ, ଔଷଧ ଆଦି ଅତ୍ୟାବଶ୍ୟକ ସମାଗ୍ରୀର ଘୋର ଅଭାବ ଦେଖାଦେଇଛି। ଯୁଦ୍ଧ ଲାଗିରହିଥିବାରୁ ବାହାର ସହାୟତା ପର୍ଯ୍ୟାପ୍ତ ପରିମାଣରେ ପହଞ୍ଚିପାରୁ ନାହିଁ। ସହାୟତା ପହଞ୍ଚାଇବା ପାଇଁ ମାନବୀୟତା ଦୃଷ୍ଟିକୋଣରୁ ଯୁଦ୍ଧବିରତି ପାଇଁ ଜାତିସଂଘ ସମେତ ବିଭିନ୍ନ ଦେଶ ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା-୨

# ଫସଲ ବୀମା ନାଁରେ ଦୁର୍ନୀତି

## ଚାଷୀଙ୍କ ଜମି ପଟ୍ଟା ନେଇ ହୋଇଥିଲା ୧୦କୋଟି ହଡ଼ପ ଯୋଜନା, ୧୪ ଗିରଫ

ବଲାଙ୍ଗୀର, ୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍ଏଫ୍‌ବିୱାଇ) ନାଁରେ ଏକ ବଡ଼ଧରଣର ଅନ୍‌ଲାଇନ୍ ଠକେଇର ପର୍ଦ୍ଦାଫାଶ ହୋଇଛି। ଚାଷୀଙ୍କ ଜମିପଟ୍ଟା ଓ ଅନ୍ୟାନ୍ୟ କାଗଜପତ୍ର ଚଞ୍ଚକତା କରି ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଫସଲ ବୀମା ହଡ଼ପ ଯୋଜନା ହୋଇଥିବା ଜଣାପଡ଼ିଛି। ଏହି ଠକେଇ କାରବାରରେ ସମ୍ପୃକ୍ତ ସହଜ ଜନସେବା କେନ୍ଦ୍ର (ସିଏସ୍‌ସି)ର ୧୪ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୭ଟି ଲାପ୍‌ଟପ, ୧୧ କମ୍ପ୍ୟୁଟର ସିପିୟୁ, ୫ ପ୍ରିଣ୍ଟର, ୩ ମନିଟର, ୪ ଫିଙ୍ଗର ପ୍ରିଣ୍ଟ ସ୍କାନର ଏବଂ ୧୬ ମୋବାଇଲ ଜବତ କରାଯାଇଛି। ଠିକଣା ସମୟରେ କୃଷି ବିଭାଗର ହସ୍ତକ୍ଷେପ ଯୋଗୁ କୋଟିକୋଟି ଟଙ୍କାର ଅନ୍‌ଲାଇନ୍ ଠକେଇକୁ ରୋକାଯାଇ ପାରିଥିବା ସୋମବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପିଏମ୍ଏଫ୍‌ବିୱାଇ ୨୦୨୩ରେ ଏକ ବଡଧରଣର ଚଞ୍ଚକତା କରାଯାଇ କୋଟି କୋଟିଟଙ୍କା ହଡପ୍ ଯୋଜନା କରାଯାଇଥିବା ନେଇ ବଲାଙ୍ଗୀର କୃଷି ବିଭାଗ ପକ୍ଷରୁ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପିଏମ୍ଏଫ୍‌ବିୱାଇର କ୍ଷତିପୂରଣ ରାଶି ହଡ଼ପ ପାଇଁ ଚାଷୀଙ୍କ ଜମିପଟ୍ଟା ଓ ଅନ୍ୟାନ୍ୟ କାଗଜପତ୍ରକୁ ଚଞ୍ଚକତା କରି ସହଜ ଜନସେବା କେନ୍ଦ୍ର ଜରିଆରେ ଏକ ଗୋଷ୍ଠୀ ଚକ୍ରାନ୍ତ କରିଥିବା କୃଷି ବିଭାଗ ପକ୍ଷରୁ ସନ୍ଦେହ କରାଯାଇଥିଲା। ଏନେଇ କୃଷି ବିଭାଗ ପକ୍ଷରୁ ବିଧିବଦ୍ଧ ଅଭିଯୋଗ ପରେ ବଲାଙ୍ଗୀର ସାଇବର ଅପରାଧ ଥାନାରେ ଏକ ମାମଲା (୨୭/୨୩) ରୁଜୁ କରାଯାଇଥିଲା। ଏସ୍‌ପି ଖିଲାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ତଦନ୍ତ ପାଇଁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସ୍ୱତନ୍ତ୍ର ଟିମ୍ ତଦନ୍ତ ସମୟରେ ବିଭିନ୍ନ ସହଜ ଜନ ସେବା କେନ୍ଦ୍ର ଉପରେ ଚଢ଼ାଉ କରାଯାଇଥିଲା। ଜିଲାରେ ଯେତିକି ଚାଷୀ ଅଛନ୍ତି ତା'ଠୁ ଢେର ଅଧିକ ଚାଷୀ ଏବଂ ଜିଲାରେ ଯେତିକି ସମୁଦାୟ ଚାଷଜମି ଅଛି ତା'ଠୁ ଅଧିକ ଚାଷଜମି ଚଳିତବର୍ଷ ପିଏମ୍ଏଫ୍‌ବିୱାଇରେ ଅନ୍ତର୍ଭୁକ୍ତ ହୋଇଥିବା ଜଣାପଡ଼ିଥିଲା। ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ଫସଲ ବୀମା କମ୍ପାନୀ ଓ କୃଷି ବିଭାଗ ଚକିତ ହୋଇଯାଇଥିଲେ। ବଲାଙ୍ଗୀର ଜିଲାର ୧୩ଟି ଏବଂ କଳାହାଣ୍ଡିର ଜିଲାର ଗୋଟିଏ ସହଜ ଜନସେବା କେନ୍ଦ୍ରରେ ଚାଷୀଙ୍କ ଜମିପଟ୍ଟା ଏବଂ ଅନ୍ୟାନ୍ୟ କାଗଜପତ୍ର ଚଞ୍ଚକତା କରାଯାଇଥିବା ଜଣାପଡିଥିଲା। ଫସଲ ବୀମା ପାଇଁ ଚାଷୀମାନେ ନିଜର ଜମିପଟ୍ଟା, ଆଧାର କାର୍ଡ, ବ୍ୟାଙ୍କ ଜମାଖାତା, ମୋବାଇଲ ନମ୍ବର ସଂଲଗ୍ନ ଆବେଦନ ପତ୍ରକୁ ସହଜ ଜନସେବା କେନ୍ଦ୍ରରେ ଦେଇଥାନ୍ତି। ଚାଷୀଙ୍କ ଏହି ସବୁ ତଥ୍ୟ ଏବଂ ଡକ୍ୟୁମେଣ୍ଟ ପାଇବା ପରେ ସହଜ ଜନସେବା କେନ୍ଦ୍ରର ସ୍ୱତ୍ୱାଧିକାରୀ ଏବଂ ☞ପୃଷ୍ଠା-୨

# ଜାତିସଂଘର ୮୮ କର୍ମଚାରୀ ନିହତ

ତେଲ ଆଭିଭ୍,୬।୧୧

ଗାଜାରେ ଚାଲିଥିବା ଯୁଦ୍ଧରେ ଜାତିସଂଘର ୮୮ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଲାଣି। କୌଣସି ଗୋଟିଏ ଯୁଦ୍ଧରେ ଏହା ଜାତିସଂଘ କର୍ମଚାରୀଙ୍କ ସର୍ବାଧିକ ମୃତ୍ୟୁ ବୋଲି କୁହାଯାଇଛି। ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ପାଲେଷ୍ଟିନୀୟ ଶରଣାର୍ଥୀ ସଂସ୍ଥା ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୮ ଷ୍ଟାଫ୍ ମେମ୍ବର ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଗାଜାରେ ଯୁଦ୍ଧ ମୃତ୍ୟୁସଂଖ୍ୟା ପାଖାପାଖି ୧୦ ହଜାର ଟପିଥିବାବେଳେ ମାନବିକତା ଦୃଷ୍ଟିରୁ ତୁରନ୍ତ ଯୁଦ୍ଧବିରତି ଘୋଷଣା ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ହମାସ୍ ଅପହରଣ କରିନେଇ ପଣବନ୍ଦୀ ରଖିଥିବା ଇସ୍ରାଏଲୀମାନଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଜେରୁଜେଲମ୍ ପକ୍ଷରୁ ଦାବି କରାଯାଇଛି। ଗାଜାରେ ଏବେ ୨୪୦ ଇସ୍ରାଏଲୀ ପଣବନ୍ଦୀ ରହିଛନ୍ତି। ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଘୋଷଣା କରିଥିଲେ। ହମାସ୍‌କୁ ପରାସ୍ତ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ** କଥାରେ ଗୋମାତା

# ପାଟିରେ ବିଷ କାଢ଼ି ମହିଳା ଗୁରୁତର

ହାଟଡିହୀ, ୬।୧୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଝଣଝଣା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମାତ୍ର ସାପ ବିଷକୁ ମୁହଁ ଲଗାଇ କାଢ଼ିବାକୁ ଯାଇ ଅନ୍ୟଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତା ହେଲେ ସୂର୍ଯ୍ୟମଣି ବେହେରାଙ୍କ ସ୍ତ୍ରୀ ଝୁନୁରାଣୀ(୪୨)। ଗୁରୁତର ମହିଳା ହେଲେ ତାଙ୍କ ସାଙ୍ଗ ମିନତି ଦେହୁରୀ (୪୫)।

ସୂଚନା ଅନୁଯାୟୀ, ଝୁନୁରାଣୀ ରବିବାର ଅପରାହ୍ନରେ ଜମିକୁ ଧାନ ଫସଲ ଦେଖିବାକୁ ଯାଇଥିଲେ। ସେଠାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ଏ ବିଷୟରେ ସେ ଘରେ ଜଣାଇଥିଲେ। ପରିବାର ଲୋକେ ଗ୍ରାମରେ ଝଡ଼ାଫୁଙ୍କା କରୁଥିବା ମିନତିଙ୍କୁ ଡାକିଥିଲେ। ସେ ପହଞ୍ଚି ନିଜ ପାଟି ଲଗାଇ ଝୁନୁରାଣୀଙ୍କ ଗୋଡ଼ରୁ ବିଷ କାଢ଼ିବାକୁ ଚେଷ୍ଟା କରିଥିଲେ। ଏଥିସହ ଝଡ଼ାଫୁଙ୍କା କରିଥିଲେ। ମାତ୍ର ଝୁନୁରାଣୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛି ଘଣ୍ଟା ପରେ ମିନତିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପୋଲିସ ଝୁନୁରାଣୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଦିଲ୍ଲୀକୁ ଫେରିଲା ଯୁଗ୍ମ-ଅଯୁଗ୍ମ ଫର୍ମୁଲା

**୧୩ରୁ ୨୦ ଲାଗୁ ହେବ**

**ଦଶମ, ଦ୍ୱାଦଶ ଶ୍ରେଣୀକୁ ଛାଡ଼ି ସବୁ ସ୍କୁଲ ବନ୍ଦ**

ନୂଆଦିଲ୍ଲୀ,୬।୧୧

ଦିଲ୍ଲୀ ବାୟୁ ପ୍ରଦୂଷଣ ଅତି ଉତ୍କଟ ସ୍ଥିତିରେ ପହଞ୍ଚିଛି। ବିଷାକ୍ତ ସ୍ମଗ୍ (ଧୂଳିକଣା, ଧୂଆଁ ଓ କୁହୁଡ଼ି)ର ଘନ ଆସ୍ତରଣ ଦିଲ୍ଲୀ ଆକାଶକୁ ଆଚ୍ଛାଦିତ କରିରଖିଛି। ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ଆଉ କେତେକ କଟକଣା ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ରାଜ୍ୟ ପରିବେଶ ମନ୍ତ୍ରୀ ଗୋପାଳ ରାୟ ସୋମବାର କହିଛନ୍ତି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଦୀପାବଳି ପରଦିନ ଅର୍ଥାତ୍ ୧୩ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳ କ୍ଷେତ୍ରରେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରାଯିବ। ଅର୍ଥାତ୍ ଗୋଟିଏ ଦିନ ଯୁଗ୍ମ ନମ୍ବର ଥିବା ଗାଡ଼ି ରାସ୍ତାରେ ଚାଲିଲେ, ଅନ୍ୟ ଦିନ ଅଯୁଗ୍ମ ନମ୍ବର ଗାଡ଼ିକୁ ଅନୁମତି ମିଳିବ। ଆବଶ୍ୟକ ପଡ଼ିଲେ ଏହି ସମୟସୀମାକୁ ଆହୁରି ବଢ଼ାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ବାଦ୍ ଦେଇ ସମସ୍ତ ସ୍କୁଲ୍ ବନ୍ଦ ରହିବ। ପୂର୍ବରୁ କେବଳ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍‌କୁ ବନ୍ଦ ଘୋଷଣା କରାଯାଇଥିବା ବେଳେ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ସେହିପରି ସହର ମଧ୍ୟକୁ ଡିଜେଲ ଟ୍ରକ୍ ଓ ଭାରି ଯାନ ଯାତାୟାତ ଉପରେ କଟକଣା ଲାଗୁ ହୋଇଛି। ସେହିପରି ବିଏସ୍୩ ପେଟ୍ରୋଲ ଏବଂ ବିଏସ୍୪ ଡିଜେଲ ଗାଡ଼ି ଉପରେ ବ୍ୟାନ୍ ଜାରି ରହିବ ବୋଲି ମନ୍ତ୍ରୀ ରାୟ କହିଛନ୍ତି।

**ଦୀପାବଳିରେ ପ୍ରଦୂଷଣ ଭୟ**

# ରାତି ୧୦ରୁ ସକାଳ ୬ ବାଣଫୁଟା ବନ୍ଦ

ଭୁବନେଶ୍ୱର,୬।୧୧(ଅନିଲ ଦାସ)

ପରିବେଶ ପ୍ରଦୂଷଣ ଏବେ ମୁଖ୍ୟ ଚିନ୍ତାର ବିଷୟ ହୋଇଛି। କେବଳ ସହର ନୁହେଁ, ଗାଁ ଗଣ୍ଡା ମଧ୍ୟ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଲାଣି। କେଉଁଠି ଜଳ ପ୍ରଦୂଷଣ ତ କେଉଁଠି ବାୟୁ ପ୍ରଦୂଷଣ ପରିବେଶକୁ ବିଷଜ୍ୱାଳାରେ ଭରି ଦେଲାଣି। ରାଜଧାନୀ ଦିଲ୍ଲୀ ପ୍ରଦୂଷଣରେ ଅଣନିଃଶ୍ୱାସୀ ହେଉଛି। ସେଠାରେ ସ୍କୁଲ ବନ୍ଦ ସହ ଶିଳ୍ପାନୁଷ୍ଠାନ ଓ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଜାରି କରାଯାଇଛି। ସହରାଞ୍ଚଳଗୁଡ଼ିକ ବେଳକୁ ବେଳ ଅତି ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଅନେକ ସହର ପ୍ରଦୂଷିତ ହେବାରେ ଲାଗିଛି। ଆସନ୍ତା ୧୨ ତାରିଖରେ ଆଲୋକର ପର୍ବ ଦୀପାବଳି ପାଳନ ହେବ। ଏହି ଅବସରରେ ଆତସବାଜିରେ ସାରା ରାଜ୍ୟ କମ୍ପିବ। ଏଥିଯୋଗୁ ବାୟୁ ଅତିମାତ୍ରାରେ ପ୍ରଦୂଷିତ ହେବ। ବାୟୁରେ କାର୍ବନ ଡାଇଅକ୍ସାଇଡଠାରୁ ଆରମ୍ଭ କରି କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, ସଲଫର ଡାଇଅକ୍ସାଇଡ ଭଳି ବିଷାକ୍ତ ପଦାର୍ଥ ବାୟୁ ମଣ୍ଡଳରେ ଭରି ଯିବ। ଶୀତଦିନ ଆରମ୍ଭ ହୋଇଥିବାରୁ ଏବେ ଅଧିକାଂଶ ଲୋକ ଥଣ୍ଡା ଓ କାଶରେ ଆକ୍ରାନ୍ତ ହୋଇଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଏହା ଆହୁରି ସଂକ୍ରମିତ ହେବାର ସମ୍ଭାବନା ରହିଛି। କେବଳ ମନୁଷ୍ୟ ନୁହନ୍ତି ଜୀବଜନ୍ତୁ ମଧ୍ୟ ଆତସବାଜି ଯୋଗୁ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦୀପାବଳି ପାଇଁ ସୋମବାର ଏକ ଗାଇଡ୍‌ଲାଇନ ଜାରି କରାଯାଇଛି। ୧୨୫ ଡେସିବଲରୁ ଊର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ରାତି ୧୦ଟାରୁ ସକାଳ ୬ଟା ଯାଏ ବାଣ ☞ପୃଷ୍ଠା-୨

# ବିଶ୍ୱର ପ୍ରଥମ ଖେଳାଳି ଭାବେ ମାଥ୍ୟୁସ୍ 'ଟାଇମ୍ ଆଉଟ୍'




ଟାଇମ୍ ଆଉଟ ପରେ ଶ୍ରୀଲଙ୍କା ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ପ୍ରତିପକ୍ଷ ଖେଳାଳିଙ୍କ ସହ ଆଲୋଚନା କରୁଛନ୍ତି।

ନୂଆଦିଲ୍ଲୀ, ୬।୧୧(ପି.ଟି.)

ଶ୍ରୀଲଙ୍କା ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ 'ଟାଇମ୍ ଆଉଟ୍'ର ଶିକାର ହୋଇଛନ୍ତି। ବାଂଲାଦେଶ ବିପକ୍ଷ ମ୍ୟାଚରେ ଚତୁର୍ଥ ଉଇକେଟର ପତନ ପରେ ମାଥ୍ୟୁସ୍ ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ବ୍ୟାଟିଂ କରିବା ପୂର୍ବରୁ ତାଙ୍କ ହେଲମେଟର ଷ୍ଟ୍ରାପ୍ ଭାଙ୍ଗିଯାଇଥିବା ସେ ଦେଖିଥିଲେ। ଏହାକୁ ବଦଳାଇବା ପାଇଁ ମାଥ୍ୟୁସ୍ ଡ୍ରେସିଂ ରୁମ୍‌କୁ ସିଗ୍‌ନାଲ ଦେଇଥିଲେ। ତେବେ ହେଲମେଟ ବଦଳାଇବାରେ ବିଳମ୍ବ ହେବାରୁ ବାଂଲାଦେଶ ଅଧିନାୟକ ଶାକିବ୍ ଅଲ ହସନ ଟାଇମ୍ ଆଉଟ୍ ପାଇଁ ଆବେଦନ କରିଥିଲେ। ଦୁଇ ଅମ୍ପାୟର ମାଥ୍ୟୁସଙ୍କୁ ଆଉଟ ଦେବା ପରେ ସେ ଅମ୍ପାୟରଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଆଇସିସିର ଧାରା ୪୦(୧)(୧) ଅନୁସାରେ ଜଣେ ଖେଳାଳି ଆଉଟ ହେବାର ଦୁଇ ମିନିଟ ମଧ୍ୟରେ ଅନ୍ୟ ଖେଳାଳି ବ୍ୟାଟିଂ ପାଇଁ ପ୍ରସ୍ତୁତ ଥିବା ଦରକାର। ଏପରି ନ ହେଲେ ଉକ୍ତ ଖେଳାଳିଙ୍କୁ ଆଉଟ ଘୋଷଣା କରାଯିବ। ମାଥ୍ୟୁସ୍ ଦୁଇ ମିନିଟ ମଧ୍ୟରେ ପଡ଼ିଆକୁ ଆସିଥିଲେ ମଧ୍ୟ ହେଲମେଟ ଷ୍ଟ୍ରାପ୍ ବଦଳାଇବାକୁ ଯାଇ ଦୁର୍ଭାଗ୍ୟଜନକ ଭାବରେ ଆଉଟ ହୋଇଥିଲେ। ତେବେ ମାଥ୍ୟୁସଙ୍କ ଉଇକେଟ କୌଣସି ବୋଲରଙ୍କ ଖାତାକୁ ଯାଇ ନ ଥିଲା।

**ବର୍ତ୍ତିଯାଇଥିଲେ ଗାଙ୍ଗୁଲି**

ଭାରତର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ଅଳ୍ପକେ ଟାଇମ୍ ଆଉଟ୍ ହେବାରୁ ବର୍ତ୍ତି ଯାଇଥିଲେ। ୨୦୦୧ ମସିହାରେ ଏହି ଘଟଣା ଘଟିଥିଲା। କେପ୍‌ଟାଉନ୍‌ରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଗାଙ୍ଗୁଲି ୬ ମିନିଟ ବିଳମ୍ବରେ କ୍ରିଜ୍‌ରେ ପହଞ୍ଚିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଅଧିନାୟକ ଗ୍ରେମ୍ ସ୍ମିଥ୍ ଖେଳୁଆଡ ମନୋଭାବ ପ୍ରଦର୍ଶନ କରି ଆଉଟ ଆବେଦନ କରି ନ ଥିଲେ। ଭାରତ ତୃତୀୟ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ମାତ୍ର ୫ ରନ୍‌ରେ ୨ ଉଇକେଟ ହରାଇଥିଲା। ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ ଓ ୱାସିମ୍ ଜାଫର ପ୍ୟାଭିଲିୟନ୍ ଫେରି ଆସିଥିଲେ। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଦେଇ କିଛି ଭୁଲ୍ କରିନାହିଁ। ଏଥିପାଇଁ ଆଇନଗତ ପରିଣାମର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି।
– ଉଦୟନିଧି ଷ୍ଟାଲିନ୍, ତାମିଲନାଡୁ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁକି ଢୁକି ପାଣି ପିଇଲେ**
**ମହାଦେବଙ୍କ ବାପ ମଧ୍ୟ ଜାଣିପାରିବ ନାହିଁ।**

ଆମ ସମାଜରେ ଏଭଳି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଲୁଚାଛପାରେ ଅନେକ କୁକର୍ମ କରୁଥିବାର ଦେଖିବାକୁ ମିଳିଥାଏ। ଗୋପନରେ ଦୁଷ୍କର୍ମ କଲେ କେହି ଜାଣି ନ ପାରିବା ପରିପ୍ରେକ୍ଷୀରେ ସେମାନଙ୍କ କାର୍ଯ୍ୟକଳାପ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଡାଳ ମାଙ୍କଡ଼ ଥାଇ**
**ଖଟେଇ ହୁଅଇ କେତେ,**
**କରାଗତ କରି ମାରଗତ କଲେ**
**ସଲାମ କରଇ କେତେ।**

ବନ୍ୟ ପଶୁଙ୍କୁ ଶିକ୍ଷା ଦେଲେ ସେ ମନୁଷ୍ୟର ବଶୀଭୂତ ହୁଏ। ଏହା ମାଙ୍କଡ଼ର ସଭା ହୋଇଥିବା ବେଳେ ପରୋକ୍ଷରେ କିଛି ମନୁଷ୍ୟର ମଧ୍ୟ ଏପରି ସଭା ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ସଂସ୍କୃତି, ଆଧୁନିକତାର ସମନ୍ୱୟ ହିଁ ବିକାଶର ଆଦର୍ଶମାର୍ଗ: ମୁଖ୍ୟମନ୍ତ୍ରୀ



## କନ୍ଧମାଳ ପାଇଁ ୮୫.୫୦ କୋଟି, ଅନୁଗୋଳ ପାଇଁ ୧୧୨.୫୦ କୋଟି, ଗଜପତି ପାଇଁ ୭୪.୫୦ କୋଟି ମଞ୍ଜୁର

ଭୁବନେଶ୍ୱର,୬।୧୧(ଅନିଲ ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ୧୧ତମ ଦିବସରେ କନ୍ଧମାଳ, ଅନୁଗୋଳ ଓ ଗଜପତି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ କନ୍ଧମାଳ ଜିଲାର ବାଲିଗୁଡ଼ା, ଜି. ଉଦୟଗିରି ଓ ଫୁଲବାଣୀ ନିର୍ବାଚନମଣ୍ଡଳୀକୁ ୮୫.୫୦ କୋଟି ଟଙ୍କା ମିଳିଥିବା ବେଳେ ଅନୁଗୋଳ ଜିଲାର ତାଳଚେର, ପାଲଲହଡ଼ା, ଛେଣ୍ଡିପଦା, ଆଠମଲ୍ଲିକ ଓ ଅନୁଗୋଳ ନିର୍ବାଚନମଣ୍ଡଳୀକୁ ୧୧୨.୫୦ କୋଟି ଟଙ୍କା ଦିଆଯାଇଛି। ସେହିପରି ଗଜପତି ଜିଲାର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀକୁ ୭୪.୫୦ କୋଟି ଟଙ୍କା ମିଳିଛି।

ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହିଁ ବିକାଶର ଆଦର୍ଶମାର୍ଗ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ ଅଧିକ କହିଛନ୍ତି, ଏବେ ଓଡ଼ିଶାରେ ଗାଁ ଲୋକମାନେ ବିକାଶର ପ୍ରକୃତ ଭାଗୀଦାର ହୋଇଛନ୍ତି। ସେମାନଙ୍କ ଦାବି, ଅନୁରୋଧ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ୫ମ ପାଳି। ଏଥିରେ ସେ ମା'ମାନଙ୍କ ପାଇଁ ୫ଟି ଉପହାର ଦେଇଛନ୍ତି। ୫ ଟଙ୍କାରେ ଆହାର, ୫ ଟଙ୍କାରେ ଲକ୍ଷ୍ମୀ ବସ୍, ମମତାରେ ୫ ହଜାର ଟଙ୍କା, ମିଶନ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ, ମା' ମାନଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କା ଦିଆଯାଉଛି ବୋଲି ପାଣ୍ଡିଆନ କହିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ କନ୍ଧମାଳ ଜିଲାର ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୯୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଜି. ଉଦୟଗିରି ନିର୍ବାଚନମଣ୍ଡଳୀରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬.୪୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଫୁଲବାଣୀ ନିର୍ବାଚନମଣ୍ଡଳୀରେ ୧୪ଟି ପ୍ରକଳ୍ପ ପାଇଁ ୩୫.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କନ୍ଧମାଳ ଜିଲାର ୩ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୩୯ଟି ପ୍ରକଳ୍ପ ପାଇଁ ୧୪୮.୩୭ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ସେହିପରି ଅନୁଗୋଳ ଜିଲାର ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ୧୨ଟି ପ୍ରକଳ୍ପ ପାଇଁ ୧୪୪.୮୮ କୋଟିଟଙ୍କା ମଞ୍ଜୁର କରାଯାଇଥିବା ବେଳେ ତାଳଚେର ନିର୍ବାଚନମଣ୍ଡଳୀରେ ୭ଟି ପ୍ରକଳ୍ପ ପାଇଁ ୧୭.୪୦ କୋଟି, ଅନୁଗୋଳ ନିର୍ବାଚନମଣ୍ଡଳୀରେ ୯ଟି ପ୍ରକଳ୍ପ ପାଇଁ ୯.୩୭ କୋଟି, ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୫.୯୩ କୋଟି ଏବଂ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ୧୦ଟି ପ୍ରକଳ୍ପ ପାଇଁ ୧୪.୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୪୬ଟି ପ୍ରକଳ୍ପ ପାଇଁ ୧୯୨.୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଅନୁରୂପ ଭାବେ ଗଜପତି ଜିଲାର ମୋହନା ନିର୍ବାଚନମଣ୍ଡଳୀରେ ୧୯ଟି ପ୍ରକଳ୍ପ ପାଇଁ ୪୫.୨୪ କୋଟି ଟଙ୍କା ମଞ୍ଜୁର କରାଯାଇ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୧୪ ପ୍ରକଳ୍ପ ସକାଶେ ୭୮.୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଏହିପରି ଗଜପତି ଜିଲାର ୨ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୩ ପ୍ରକଳ୍ପ ଲାଗି ୧୨୪.୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ୩ ଜିଲାରେ ସମୁଦାୟ ୧୧୮ ପ୍ରକଳ୍ପ ନିମନ୍ତେ ୪୬୪.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଏସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀ କାନ୍ତ ସିଂହ, ଏମ୍‌ପି ଚନ୍ଦ୍ରଶେଖର ସାହୁ, ମହେଶ ସାହୁ, ଅଚ୍ୟୁତ ସାମନ୍ତ, ବିଧାୟକ ଚକ୍ରମଣି କହଁର, ସାଲୁଗା ପ୍ରଧାନ, ଅଙ୍ଗଦ କହଁର, ବ୍ରଜ କିଶୋର ପ୍ରଧାନ, ମୁକେଶ ପାଲ୍, ସୁଶାନ୍ତ ବେହେରା, ରମେଶ ଚନ୍ଦ୍ର ସାଏଁଙ୍କ ସମେତ ଜିଲାପରିଷଦ ସଭାପତି ଓ ନିର୍ବାଚିତ ପ୍ରତିନିଧିମାନେ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମରେ ୩ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ପୌରାଧ୍ୟକ୍ଷା, ପୌରାଧ୍ୟକ୍ଷ ସଂଘ ସଭାପତି ହେଲେ ବସନ୍ତ


ସମର୍ଥକମାନଙ୍କ ଗହଣରେ ବସନ୍ତ ବିଶ୍ୱାଳ।

ପାରାଦୀପ, ୬।୧୧(ଶରତ ରାଉତ)

ରାଜ୍ୟର ସମସ୍ତ ୧୧୦ ପୌରପରିଷଦ ଓ ବିଜ୍ଞପିତ ପୌରାଧ୍ୟକ୍ଷା ପୌରାଧ୍ୟକ୍ଷ, ଉପାଧ୍ୟକ୍ଷା ଉପାଧ୍ୟକ୍ଷଙ୍କୁ ନେଇ ସଂଘ ଗଠନ କରାଯାଇଛି। ଏହାର ସଭାପତି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସୋମବାର ପାରାଦୀପର ଏକାଧିକ ସଙ୍ଗଠନ, ରାଜନୈତିକ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ, କର୍ମୀ ଓ ସମର୍ଥକମାନେ ଶୁଭେଚ୍ଛା ଜଣାଇଛନ୍ତି। ବସନ୍ତଙ୍କୁ ପାରାଦୀପ ପୌର ପ୍ରଶାସନିକ ଭବନ ଆଗରେ ଉଲ୍ଲାସ ବିଶ୍ୱାଳ, ବିଜେଡି ଜିଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା, କାଉନ୍‌ସିଲର ଜଗନ୍ନାଥ ରାଓଙ୍କ ସମେତ ଅନ୍ୟ କାଉନ୍‌ସିଲରମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ବସନ୍ତ ୩୦ ବର୍ଷ ହେବ ରାଜନୀତି କରୁଥିବାବେଳେ ପାରାଦୀପ ପୌରପରିଷଦରେ ୨ଥର କାଉନ୍‌ସିଲର, ଥରେ ଉପାଧ୍ୟକ୍ଷ ଓ ୨ଥର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ତାଙ୍କ ସମୟରେ ପୌରାଞ୍ଚଳରେ ଅନେକ ନୂତନ ପ୍ରକଳ୍ପ କରାଯାଇଛି। ଏପରିକି ପାରାଦୀପ ପୌରପରିଷଦ ୨ଥର ରାଷ୍ଟ୍ରପତି ପୁରସ୍କାର ପାଇଛି। ବସନ୍ତ ରାଜ୍ୟ ସଂଘ ସଭାପତି ହେବା ପରେ କହିଛନ୍ତି, ଆମର ୧୪ଟି ପ୍ରମୁଖ ଦାବି ରହିଛି। ପୌରାଧ୍ୟକ୍ଷା ପୌରାଧ୍ୟକ୍ଷମାନଙ୍କୁ ଭତ୍ତା ଦେବାପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଅନୁରୋଧ କରିବେ ବୋଲି କହିଛନ୍ତି।

# ଦୁର୍ନୀତିଗ୍ରସ୍ତ ଏଏସ୍ଆଇ ବହିଷ୍କୃତ

ଭୁବନେଶ୍ୱର,୬।୧୧(ସତ୍ୟଜିତ୍ ରାଉତ)

ଲାଞ୍ଚ ନେଇ ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦେବା ସହ ଦୁର୍ନୀତି ଅଭିଯୋଗରେ କଟକ ଜିଲା ଅବକାରୀ ଏଏସ୍ଆଇ ନିରଞ୍ଜନ ଖଟୁଆଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଭାରତୀୟ ସମ୍ବିଧାନର ଧାରା ୩୧୧(୨) (ଖ) ଅନୁଯାୟୀ ଜନସ୍ୱାର୍ଥ ଦୃଷ୍ଟିରୁ ତାଙ୍କ ବିରୋଧରେ ଅବକାରୀ କମିଶନର ନରସିଂହ ଭୋଳ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନେଇଥିବା ସୋମବାର ସୂଚନା ଦିଆଯାଇଛି। ନିରଞ୍ଜନଙ୍କ ବିରୋଧରେ ଏ ସଂକ୍ରାନ୍ତରେ ଅନେକ ଅଭିଯୋଗ ଆସିଥିଲା। ଆଇଟି ଆପ୍ଲିକେଶନ୍ ଜରିଆରେ ତଦନ୍ତରୁ ବେଆଇନ ମଦ କାରବାରରେ ମଦ ବେପାରିଙ୍କ ସହ ତାଙ୍କର ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଥିଲା। ଏହା ପୂର୍ବରୁ ଏକ ବିଦେଶୀ ମଦ ଦୋକାନରେ ମଦ ବେପାରିଙ୍କ ସହ ମଦ ପିଇବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ମାମଲାର ଏବେ ବିଭାଗୀୟ ତଦନ୍ତ ଜାରି ରହିଛି। ପୂର୍ବରୁ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବାବେଳେ ତାଙ୍କ ବାପାଙ୍କୁ କଟକ ଇଆଇ ଓ ଇବି ୟୁନିଟ୍-୧ ପକ୍ଷରୁ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ପାଞ୍ଚମାସ ମଧ୍ୟରେ ୫ଜଣ ଅବକାରୀ କର୍ମଚାରୀଙ୍କୁ ବେଆଇନ କାର୍ଯ୍ୟ ପାଇଁ ବହିଷ୍କାର କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ବିଶ୍ୱର ପ୍ରଥମ ଖେଳାଳି...

ତେବେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଥିବା ଭିଭିଏସ୍ ଲକ୍ଷ୍ମଣ ବାଥ୍‌ରୁମ୍‌ରେ ଥିବା ବେଳେ ସଚିନ୍ ୮ ମିନିଟ୍ ପୂର୍ବରୁ ବ୍ୟାଟିଂ କରିବାକୁ ଆସି ପାରିବେ ନାହିଁ ବୋଲି ଅମ୍ପାୟର ମନା କରିଥିଲେ। ଫଳରେ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବ୍ୟତୀତ ଭାରତ ନିକଟରେ ଆଉ କୌଣସି ବିକଳ୍ପ ନ ଥିଲା। ଟ୍ରାକ୍ ଶୁଟ୍‌ରେ ଛିଡ଼ା ହୋଇଥିବା ଗାଙ୍ଗୁଲି ତୁରନ୍ତ ପ୍ୟାଡ ଅପ୍ ହୋଇ ବାହାରିଥିଲେ। ଏପରି କି ପଡିଆରେ ପହଞ୍ଚିବା ବେଳକୁ ୬ ମିନିଟ ମଧ୍ୟ ହୋଇ ଯାଇଥିଲା। ସେ ସମୟରେ ଟାଇମ୍ ଆଉଟ୍‌ର ସମୟ ୩ ମିନିଟ ରହିଥିଲା। ଦକ୍ଷିଣ ଆଫ୍ରିକା ଖେଳାଳି ଆବେଦନ କରିଥିଲେ ବିଶ୍ୱର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବରେ ଗାଙ୍ଗୁଲି ଟାଇମ୍ ଆଉଟ୍‌ର ଶିକାର ହୋଇଥାନ୍ତେ। ତେବେ ସ୍ମିଥ୍ ଓ ଦକ୍ଷିଣ ଆଫ୍ରିକା ଦଳ ଖେଳୁଆଡ ମନୋଭାବ ପ୍ରଦର୍ଶନ କରିବା ସହିତ ଆଉଟ ପାଇଁ ଆବେଦନ କରି ନ ଥିଲେ। ଏହି ଇନିଂସରେ ଗାଙ୍ଗୁଲି ୪୬ ରନ୍ କରିଥିଲେ ମଧ୍ୟ ଭାରତ ଏହି ମ୍ୟାଚ୍ ହାରିବା ସହ ୨-୧ରେ ସିରିଜ୍ ହାରିଥିଲା।

### ଘରୋଇ କ୍ରିକେଟରେ ଓଡ଼ିଶା ପ୍ରଥମ

ଅନ୍ତର୍ଜାତୀୟ କ୍ରିକେଟରେ ସୋମବାର ପ୍ରଥମ ଥର ଟାଇମ୍ ଆଉଟ୍‌ରେ ଜଣେ ଖେଳାଳି ଆଉଟ ହୋଇଥିବା ବେଳେ ଘରୋଇ କ୍ରିକେଟରେ ୬ ଥର ଏଭଳି ଘଟଣା ଘଟି ସାରିଛି। ୨୬ ବର୍ଷ ତଳେ ପ୍ରଥମ ଦଳ ଭାବରେ ଓଡ଼ିଶା ଟାଇମ୍ ଆଉଟ୍ ଅପିଲ୍ କରିଥିଲା। ଐତିହାସିକ ବାରବାଟୀ ଷ୍ଟାଡିୟମରେ ୧୯୯୭ରେ ତ୍ରିପୁରା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଏହି ଘଟଣା ଘଟିଥିଲା। ତ୍ରିପୁରାର ହେମୁଲାଲ ଯାଦବ ବିଳମ୍ବରେ କ୍ରିଜ୍‌ରେ ପହଞ୍ଚିଥିବା ବେଳେ ଓଡ଼ିଆ ଖେଳାଳିଙ୍କ ଆବେଦନରେ ତାଙ୍କୁ ଆଉଟ ଘୋଷଣା କରାଯାଇଥିଲା।

## ରାତି ୧୦ରୁ ସକାଳ ୬...

ଫୁଟାଇବା ଉପରେ କଟକଣା ଜାରି କରାଯାଇଛି। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳର ୧୦୦ ମିଟର ମଧ୍ୟରେ କୌଣସି ପ୍ରକାର ଶବ୍ଦକୁ ବାରଣ କରାଯାଇଛି। ୧୨୫ ଡେସିବଲରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏଥିସହିତ ଅତି ଉଚ୍ଚ ଶବ୍ଦ କରୁଥିବା ଯନ୍ତ୍ରାଂଶ, ଡିଜେ ଆଦି ୬୫ ଡେସିବଲକୁ ଅତିକ୍ରମ ନ କରିବାକୁ ପରାମର୍ଶ ଦିଆଯାଇଛି। ଉପରୋକ୍ତ ଗାଇଡ୍ ଲାଇନ ଖିଲାପ କଲେ ଓଡ଼ିଶା (ଆତସବାଜି ଓ ଡାକବାଜି ଯନ୍ତ୍ର ପ୍ରବିଧାନ) ଆଇନ ୧୯୫୮ ଏବଂ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନ କରାଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି।

## ଫସଲ ବୀମା ନାଁରେ...

ସେମାନଙ୍କ ସହଯୋଗୀମାନେ ଚାଷୀଙ୍କ ଅଜାଣତରେ ଜମିପଟ୍ଟା ତଥ୍ୟ ବିଭିନ୍ନ ଲୋକଙ୍କୁ ଭାଗଚାଷୀ ଦର୍ଶାଇ ଅନ୍‌ଲାଇନ୍‌ରେ ଅପ୍‌ଲୋଡ କରିଥିଲେ। ଫସଲ ବୀମା କ୍ଷତିପୂରଣ ପାଇଁ ଚଳିତବର୍ଷ ଫସଲ ବୀମା ଗାଇଡ୍‌ଲାଇନ୍ ଅନୁଯାୟୀ ଆବଶ୍ୟକ ପ୍ରିମିୟମ୍ ଟଙ୍କା ମଧ୍ୟ ଜନସେବା କେନ୍ଦ୍ର ଗୁଡିକର ସ୍ୱତ୍ୱାଧିକାରୀମାନେ ଜମା କରିଥିଲେ। ଏନେଇ ତଦନ୍ତରେ ସ୍ପଷ୍ଟ ହେବା ପରେ ପୋଲିସ ୧୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଙ୍ଗୋମୁଣ୍ଡା ଥାନା ଭାଲୁମୁଣ୍ଡାର କୁବେର ମେହେର (୨୮), ହୀରାଧର ମେହେର (୪୨), ବିଦ୍ୟାଧର ମେହେର (୪୩), ଡୁମେରପଡାର ସାମନ୍ତ ମାଝି (୨୫), ସାନଗମଡାର ଚମ୍ପାରାମ କୁମ୍ଭାର (୪୧), ମୁରିବାହାଲ ଥାନା କନ୍ଧାଖାଲ ଗାଁର ବଳରାମ ବେହେରା (୩୩), ପତ୍ରାପାଲିର ପ୍ରବୀଣ ସାହୁ (୨୨), ସିନ୍ଧେକେଲା ଥାନା ଶ୍ରୀରାମର ବୁଡେଶ୍ୱର ବେହେରା (୪୧), ଶିଶିର ଭୁଏ (୩୨), କଣ୍ଟାବାଞ୍ଜିର କୁନାଲ ଜିନ୍ଦଲ (୨୪), ସଇଁତଲା ଥାନା ଅଞ୍ଚଳର ପୁରେନ୍ଦର ପୁଟେଲ (୪୩), ପାଟଣାଗଡ଼ ମେହେରପଡାର ସୁନିଲ ମେହେର (୨୯), ବଲାଙ୍ଗୀର ସଦର ଥାନା ବାଦୀମୁଣ୍ଡାର ରାହୁଲ ରଞ୍ଜନ ଦୀପ (୩୧) ଏବଂ କଳାହାଣ୍ଡି ଜିଲା କେଗାଁ ଥାନା କୁହୁରା ଗାଁର ଦୁର୍ଯ୍ୟୋଧନ ବାଗ (୨୫)। ଏଭଳି ଠକେଇ ଆହୁରି ହୋଇଥିବା ସନ୍ଦେହ କରାଯାଉଥିବାରୁ ଆଗକୁ ମଧ୍ୟ ତଦନ୍ତ ଜାରି ରହିବ ବୋଲି ଏସପି ଖିଲାରୀ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ଟିମ୍‌ରେ ଡିଆଇବି ଡିଏସ୍‌ପି ଯୋଗେଶ୍ୱର ପଣ୍ଡା, ସାଇବର ଥାନା ଆଇଆଇସି ଭାରତୀ ନାଏକ, ଟାଉନ୍ ଥାନା ଅତିରିକ୍ତ ଆଇଆଇସି ଅନିତା ପଟ୍ନିଆ, ବଙ୍ଗୋମୁଣ୍ଡା ଥାନା ଆଇଆଇସି ହରେବନ୍ଧୁ ଗଡ଼ତ୍ୟା, ଲାଠୋର ଥାନା ଆଇଆଇସି ଝସକେତନ ଭୋଇ, ଖପ୍ରାଖୋଲ ଥାନା ଆଇଆଇସି ରମାକାନ୍ତ ସାହୁ, ସାଇବର ଥାନା ସବ୍‌ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ ଏବଂ ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର ସୁଜ୍ଞାନ ବାରିକ ପ୍ରମୁଖ ସାମିଲ ଥିଲେ।


ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍‌ଲାଇନ୍ ଠକେଇରେ ଗିରଫ ହୋଇଥିବା ୧୪ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

## ଗାଜାକୁ ଦୁଇଭାଗ କଲା...

ଗାଜା ଜନସଂଖ୍ୟାର ୭୦ ପ୍ରତିଶତ ଅର୍ଥାତ୍ ୧୫ ଲକ୍ଷ ଲୋକେ ଘର ଛାଡ଼ି ପଳାଇଗଲେଣି। ଅନ୍ୟପକ୍ଷରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ରୁ ୧,୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ୨୪୦ ଜଣଙ୍କୁ ହମାସ ପଣବନ୍ଦୀ ରଖିଛି। ଉତ୍ତର ଗାଜାର ଲୋକମାନଙ୍କୁ ତୁରନ୍ତ ଦକ୍ଷିଣ ଭାଗକୁ ଚାଲିଯିବା ଲାଗି ଇସ୍ରାଏଲ୍ ବାରମ୍ବାର ଆହ୍ୱାନ ଦେଇଥିଲା। ଆକାଶମାର୍ଗରୁ ଲିଫ୍‌ଲେଟ୍ ପକାଯାଇ ଲୋକଙ୍କୁ ସତର୍କ କରାଯାଇଥିଲା। ଏବେ ଉତ୍ତର ଗାଜାରେ ୩.୫ ଲକ୍ଷ ଲୋକ ରହିଯାଇଥିବାବେଳେ ଏହା ଏବେ ସହରାଞ୍ଚଳ ୱାର୍ ଜୋନ୍‌ରେ ପରିଣତ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ଗରମ ମିଜାଜ୍‌ରେ କାମ କରିବାକୁ ପଡ଼ିବ। କୃତ୍ତିକା ନକ୍ଷତ୍ର କାର୍ଯ୍ୟ ହାସଲ କରିବାରେ ସଫଳ ହେବେ ନାହିଁ। ବନ୍ଧୁମାନଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** – ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ମୃଗଶିରା ନକ୍ଷତ୍ର ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ସାବଧାନତା ଅବଲମ୍ବନ କରିବା ଭଲ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ** – ଗତକାଲିର ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ବିବାଦୀୟ ଘଟଣାକୁ ନେଇ ମନ ଅସ୍ଥିର ରହିବ। ଆରଦ୍ରା ନକ୍ଷତ୍ର ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ବାଧବାଧକତାରେ କେତେକ କାମ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ସହମତିରେ କାମକଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ** – ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରି ଉତ୍ଫୁଲ୍ଲିତ ହେବେ। ବାଣିଜ୍ୟ, ବ୍ୟବସାୟରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର କିନ୍ତୁ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**ସିଂହ** – ଆଜି ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ମଘା ନକ୍ଷତ୍ର ସକାଶେ ଆଜିର ସକାଳ ସମୟଟି ପ୍ରାୟତଃ ଭଲ ରହିବ।

**କନ୍ୟା** – ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ସୁଯୋଗର ସଦ୍ ବ୍ୟବହାର କରିପାରିବେ ନାହିଁ। ଚିତ୍ରା ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅପରାହ୍ଣେ ଖୋଜୁଥିବା ଜିନିଷଟି ପାଇଯିବେ ଓ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳିନେବେ।

**ତୁଳା** – ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ସ୍ୱାତୀ ନକ୍ଷତ୍ର ଆଜିର ଫେରନ୍ତା ରାସ୍ତାରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ବିଛା** – ଆଜି ଯେଉଁ କାମରେ ହାତ ଦେବେ ସାହାଯ୍ୟର ଅଭାବ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ଜ୍ୟେଷ୍ଠା ନକ୍ଷତ୍ରର କୂଟନୈତିକ କାର୍ଯ୍ୟାନୁସରଣରେ ସାମାଜିକ ପ୍ରତିଷ୍ଠା ବଢ଼ିବ। ଉପସ୍ଥିତ ବୁଦ୍ଧ ଯୋଗୁ ବିପଦ ମୁକ୍ତ ହେବେ। ଉଚ୍ଚବର୍ଗଙ୍କ ସହାୟତା ପାଇ ଆଶ୍ୱସ୍ତି ଲାଭ କରିବେ।

**ଧନୁ** – ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍ଭାବ, ସହକର୍ମୀମାନଙ୍କ ସହଯୋଗ ପାଇ କାମ ହାସଲ କରିବାରେ ସମର୍ଥ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସମସ୍ୟା ଲାଗି ରହିବା କାରଣରୁ ସହଜରେ କାମ ହାସଲ ହେବା କଷ୍ଟକର ହୋଇପାରେ।

**ମକର** – ଗତକାଲିର ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସଭାସମିତି, ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ରର ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ। ବନ୍ଧୁମାନଙ୍କ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ।

**କୁମ୍ଭ** – ବିଭିନ୍ନ ପ୍ରକାର ପାରିବାରିକ ବିଷୟକୁ ନେଇ ମନ ଭାରାକ୍ରାନ୍ତ ରହିବ। ଶିକ୍ଷାକ୍ଷେତ୍ର, ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଶତଭିଷା ନକ୍ଷତ୍ରର ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମୀନ** – କର୍ମକ୍ଷେତ୍ରର ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପୂର୍ବଭାଦ୍ରପଦ ନକ୍ଷତ୍ର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ମଙ୍ଗଳବାର, ନଭେମ୍ବର ୭ ତାରିଖ, ବୈଜ୍ଞାନିକ ସି. ଭି. ରମଣଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୪ ଗତେ, ଘ.୦୬।୩୯ ମଧ୍ୟେ, ଘ.୦୮।୪୨ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୧୮ ଗତେ, ଘ. ୦୩।୪୨ ମଧ୍ୟେ ରାହୁକାଳ।

# ଚାଉଳ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ପାଇବେ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର, ୬।୧୧
(ଅସମାପିକା ସାହୁ)

ବିଶ୍ୱ ଚାଉଳ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ଡ. ସମରେନ୍ଦୁ ମହାନ୍ତିଙ୍କୁ 'ୱାର୍ଲଡ ରାଇସ୍ ଇଣ୍ଡଷ୍ଟ୍ରି ଗ୍ଲୋବାଲ ସର୍ଭିସ୍ ଆୱାର୍ଡ' ମିଳିବ। ଆସନ୍ତା ୨୮ରୁ ୩୦ ତାରିଖ ମଧ୍ୟରେ ଫିଲିପାଇନ୍ସର ସେବୁଠାରେ ହେବାକୁ ଥିବା ବିଶ୍ୱ ଚାଉଳ ସମ୍ମିଳନୀରେ ତାଙ୍କୁ ଏହି ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ। ଆନ୍ତର୍ଜାତିକ ଚାଉଳ ଗବେଷଣା ପ୍ରତିଷ୍ଠାନ(ଆଇଆର୍‌ଆର୍‌ଆଇ)ର ପୂର୍ବତନ ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ତଥା ପ୍ରୋଗ୍ରାମ ଲିଡର ସମରେନ୍ଦୁ ମହାନ୍ତି ବର୍ତ୍ତମାନ ଆନ୍ତର୍ଜାତିକ ଆଳୁ କେନ୍ଦ୍ର(ସିଆଇପି)ରେ


ଡ. ସମରେନ୍ଦୁ ମହାନ୍ତି

ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ବଜାରକୁ ସୁରୁଖୁରୁରେ ଚଳାଇବା ପାଇଁ ଠିକ୍ ତଥ୍ୟ ଆଣିବାରେ ସେ ସରକାର ଓ ଚାଉଳ ଶିଳ୍ପ ସହ ମିଶି କାମ କରୁଛନ୍ତି। ସେ ମଧ୍ୟ ଅନେକ ଏସୀୟ ଦେଶର କୃଷକଙ୍କ ସହ ମିଶି ନୂତନ ଜ୍ଞାନ କୌଶଳ ଗ୍ରହଣ, ବିହନ ପ୍ରଣାଳୀ ବିକାଶ ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ସେମାନଙ୍କ ଜୀବିକାରେ ଉନ୍ନତି ଆଣିବା ଦିଗରେ ପ୍ରମୁଖ ଭୂମିକା ନେଉଛନ୍ତି। ଧାନ ଓ ଆଳୁ ଫସଲ ପ୍ରଣାଳୀକୁ ନିରନ୍ତର ଭାବେ ବୃଦ୍ଧି କରିବା ଏବଂ କମ୍ ମୂଲ୍ୟର ଆଳୁ ମଞ୍ଜି ଉତ୍ପାଦନ ପ୍ରଯୁକ୍ତି ଆରମ୍ଭ ଓ ବୃଦ୍ଧି କରିବା ହେଉଛି ତାଙ୍କର ବର୍ତ୍ତମାନର ଲକ୍ଷ୍ୟ। ଡ. ମହାନ୍ତିଙ୍କ ପୈତୃକ ଘର ଯାଜପୁର ଜିଲା ବିଞ୍ଝାରପୁରରେ। ଦୀର୍ଘ ୩୨ବର୍ଷ ଧରି ଦେଶ ବାହାରେ ରହୁଥିଲେ ମଧ୍ୟ ଡ. ମହାନ୍ତି ଓଡ଼ିଶାରୁ ଆରମ୍ଭ ହୋଇଥିବା ସଫଳତାର ମୂଳଦୁଆକୁ ଭୁଲି ନାହାନ୍ତି। ଓଡ଼ିଶା ରାଜ୍ୟକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାରେ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହ କାର୍ଯ୍ୟ କରି ଆସୁଛନ୍ତି।


ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ସୋମବାର ଉଦ୍‌ଘାଟିତ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ମହକ ଓ ଉତ୍ସାହରେ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସହ ଛାତ୍ରୀମାନେ ନୃତ୍ୟ କରୁଛନ୍ତି।

# ଅସ୍ପୃଶ୍ୟତା: କେନ୍ଦ୍ର, ରାଜ୍ୟକୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ନୂଆଦିଲ୍ଲୀ,୬।୧୧(କୁଳଦୀପ ସିଂ)

ଓଡ଼ିଶାର 'ଚଣ୍ଡାଳ' ସମ୍ପ୍ରଦାୟର ଲୋକଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଏବଂ ରାଜ୍ୟ ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ଏହି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସେମାନେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଏବଂ ମୌଳିକ ସୁବିଧା ସୁଯୋଗ ପାଇବାରେ ଭେଦଭାବର ଶିକାର ହେବା ସହ ଅସ୍ପୃଶ୍ୟତାର ସମ୍ମୁଖୀନ ହେଉଥିବା ଆୟୋଗ ନିକଟରେ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ଆୟୋଗ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ସଚିବଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି।

ତ୍ରିପାଠୀ ଆୟୋଗଙ୍କୁ ଜଣାଇଛନ୍ତି ଯେ, ସମ୍ପ୍ରଦାୟର ନାମ 'ଚଣ୍ଡାଳ'କୁ ପରିବର୍ତ୍ତନ କରି 'ଆଦିଉତ୍କଳ' ଭାବେ ନାମିତ କରିବା ପାଇଁ ଏକ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ହରିଜନ କଲ୍ୟାଣ ପରାମର୍ଶଦାତା ବୋର୍ଡ ନିକଟରେ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକୁ ମଧ୍ୟ ପଠାଯାଇଥିଲା। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଏହା ଜାତି ପ୍ରମାଣପତ୍ର ବଣ୍ଟନରେ ଅସୁବିଧା ସୃଷ୍ଟି କରିବ। କାରଣ ଜମି ପଟ୍ଟା (ଆର୍‌ଓଆର୍)ରେ 'ଆଦିଉତ୍କଳ' ଜାତି ଭାବେ ଉଲ୍ଲେଖ ନାହିଁ। ଆବେଦନକାରୀ ଅନୁରୋଧ କରିଛନ୍ତି ଯେ, ଚଣ୍ଡାଳ ସମ୍ପ୍ରଦାୟର ମୋଟ ଜନସଂଖ୍ୟା କମ୍। ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକଙ୍କର ଜମିପଟ୍ଟା ରହିଛି। ଅନ୍ୟମାନେ ଅତ୍ୟନ୍ତ ଗରିବ। ତେଣୁ ଜାତି ପ୍ରମାଣପତ୍ର ପ୍ରଦାନ କରିବା କଷ୍ଟସାଧ୍ୟ ହେବ ନାହିଁ। ତ୍ରିପାଠୀ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ସମ୍ପ୍ରଦାୟର ଲୋକ ତଥା ସେମାନଙ୍କ ଭବିଷ୍ୟତ ପିଢ଼ିକୁ ସମ୍ମାନ ଏବଂ ଉପଶମ ଦେବା ନିମନ୍ତେ ଚଣ୍ଡାଳ ନାମ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଏନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଆୟୋଗ ଉପରୋକ୍ତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଡିଏକୁ ଉତ୍କଳର ଜମି ହସ୍ତାନ୍ତର ନେଇ ପ୍ରତିବାଦ

ଭୁବନେଶ୍ୱର,୬।୧୧
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ୨୦ ଏକର ଜମି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ହସ୍ତାନ୍ତର ନେଇ ବିଭିନ୍ନ ମହଲରୁ ବିରୋଧ କରାଯାଉଛି। ସୋମବାର ବିଶ୍ୱବିଦ୍ୟାଳୟର ଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଡିଏ ପକ୍ଷରୁ ଉକ୍ତ ଜମିରେ ପାନ୍ଥନିବାସ, ପାର୍କ, ଫୁଡ୍ ଷ୍ଟଲ ଆଦି କରାଯିବ ବୋଲି ସୂଚନା ମିଳିଛି। ତେବେ ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ଅବାଧ ପ୍ରବେଶ ସହ ଶୈକ୍ଷିକ ବାତାବରଣ ନଷ୍ଟ ହେବ ବୋଲି ଆନ୍ଦୋଳନରତ ଛାତ୍ରମାନେ ପ୍ରକାଶ କରିଛନ୍ତି। ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

**ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ**

# ମାଡ଼ଖାଇ ପାଚେରି ଡେଇଁ ପଳାଇଲେ ପ୍ରଧାନ ଶିକ୍ଷକ

ଭୋଗରାଇ,
୬।୧୧(ପ୍ରଦୀପ ଦାସ)

ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ପ୍ରଧାନଶିକ୍ଷକ। ବିଦ୍ୟାଳୟରେ ପଶି ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ମାଡ଼ ମାରିବା ଓ ଭୟରେ ପ୍ରଧାନଶିକ୍ଷକ ପାଚେରି ଡେଇଁ ପଳାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଅଧୀନ ଚଣ୍ଡୀପୁର-ମୁଣ୍ଡାବଣିଆ ନୋଡ଼ାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଗଣିତ ଓ ଜ୍ୟାମିତି ବୁଝାଇବା ବାହାନାରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚରଣ ଜେନା ବିଭିନ୍ନ ସମୟରେ ଛାତ୍ରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଅସଦାଚରଣ କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। କେତେକ ଛାତ୍ରୀ ଲଜ୍ଜାରେ ଘରେ କହୁ ନ ଥିବା ବେଳେ ଅନ୍ୟ କେତେକ ଛାତ୍ରୀ ଘରେ ଜଣାଇଥିଲେ। ଏନେଇ ବାରମ୍ବାର ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ପ୍ରଧାନଶିକ୍ଷକଙ୍କଠାରେ କୌଣସି ପରିବର୍ତ୍ତନ ଦେଖାଯାଇ ନ ଥିଲା। ସୋମବାର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ଅଶ୍ଲୀଳ ଇଙ୍ଗିତ ଦେଇ ନିଜ କାର୍ଯ୍ୟାଳୟ ପଛରେ ପଡିଥିବା ଖଟିଆକୁ ଡାକି ଅସଦାଚରଣ କରିବାକୁ ଉଦ୍ୟମ କରୁଥିବା ବେଳେ ଛାତ୍ରୀଜଣକ କୌଶଳକ୍ରମେ ସେଠାରୁ ଖସିଯାଇ କାନ୍ଦି କାନ୍ଦି ନିଜ ମା' ବାପାଙ୍କୁ ଜଣାଇଥିଲେ। ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଦୀର୍ଘ ସମୟ ତାଙ୍କ କାର୍ଯ୍ୟାଳୟରେ ଅଟକ ରଖି ପ୍ରବଳ ମାଡ଼ ମାରିଥିଲେ। ଖବରପାଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ କଖଡ଼ା ସିଆରସିସି ଲମ୍ବୋଦର ଜେନା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଶାନ୍ତ କରାଇଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ପ୍ରଧାନ ଶିକ୍ଷକ ପାଚେରି ଡେଇଁ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ବର୍ଷ ପୂର୍ବେ କଟିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଥିବା ବେଳେ ଏଭଳି ଅସଦାଚରଣ ଅଭିଯୋଗରେ ଗ୍ରାମବାସୀଙ୍କଠାରୁ ପ୍ରବଳ ମାଡ଼ ଖାଇଥିଲେ। କମର୍ଦ୍ଦା ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଭଳି ଘଟଣାର ପୁନରାବୃତ୍ତି ନେଇ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାର ସତ୍ୟତା ପ୍ରମାଣିତ ହେଲେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି।




# ପଞ୍ଚଭୂତରେ ବିଲୀନ ଶହୀଦ୍ ପ୍ରତାପଙ୍କ ପାର୍ଥିବ ଶରୀର

ଗୋପ, ୬।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

**ଦିଆଗଲା ଗାର୍ଡ ଅଫ୍ ଅନର, ଗାଁରେ ଶୋକାକୁଳ ପରିବେଶ**

ଦେଶ ପାଇଁ ନିଜକୁ ସମର୍ପିତ କରି ଶହୀଦ୍ ହୋଇଥିବା ପୁରୀ ଜିଲା ଗୋପ ବ୍ଲକ ବଡତରା ପଞ୍ଚାୟତ ଅନ୍ତର୍ଗତ ମଲ୍ଲଗ୍ରାମ ଗାଁର ପ୍ରତାପ ରଞ୍ଜନ ପରିଡ଼ାଙ୍କ ପାର୍ଥିବ ଶରୀର ସୋମବାର ପଞ୍ଚଭୂତରେ ବିଲୀନ ହୋଇଛି। ଅପରାହ୍ନରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କୁ ବିଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ ସହିତ ଗାର୍ଡ ଅଫ୍ ଅନର ପୂର୍ବକ ତୋପ ସଲାମି ଦିଆଯାଇଥିଲା। ପରେ ଶହୀଦ୍ ପ୍ରତାପଙ୍କ ୧୧ବର୍ଷ ବୟସର ଏକମାତ୍ର ପୁତ୍ର ପ୍ରତୀକ୍ ପରିଡ଼ା ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସମସ୍ତଙ୍କ ଆଖି ଲୁହ ଛଳଛଳ ହୋଇପଡ଼ିଥିବାବେଳେ ଶହୀଦ ପ୍ରତାପ ରଞ୍ଜନ ପରିଡ଼ା ଅମର ରହେ ଧ୍ୱନିରେ ମଲ୍ଲଗ୍ରାମ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

# ମୃଦୁପାନୀୟରେ ନିଶା ଦେଇ ମହିଳାଙ୍କୁ ଗଣବଳାତ୍କାର

ବଡ଼ବିଲ,୬।୧୧
(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ହୋଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ପୀଡ଼ିତା ନିଜ ଘର ଛପର ସଜାଡୁଥିବା ବେଳେ ୨ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଡାକି ମୃଦୁପାନୀୟ ପିଇବାକୁ ଦେଇଥିଲେ। ପାନୀୟ ପିଇସାରିବା ପରେ ମହିଳା ଜଣକ କିଛି ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ମହିଳା ଘରଠାରୁ କିଛି ଦୂର ବେଲକୁଣ୍ଡି ଅଞ୍ଚଳରେ ପଡ଼ିଥିବା ଲୋକେ ଦେଖିଥିଲେ। ଖବର ପାଇ ବିଳମ୍ବିତ ରାତିରେ ବଡ଼ବିଲ ଥାନାର ମହିଳା ପୋଲିସ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପରେ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିଥିଲା। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ବିଲ ଥାନାରେ ଏକ ମାମଲା( ନଂ. ୩୧୩/୨୦୨୩) ରୁଜୁ ହୋଇଛି। ମହିଳାଙ୍କ ଡାକ୍ତରୀ ଚିକିତ୍ସା କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।



ଭୁବନେଶ୍ୱର, ମଙ୍ଗଳବାର, ୭ ନଭେମ୍ବର, ୨୦୨୩

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା । ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ । ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ । –ଶ୍ରୀଅରବିନ୍ଦ



# କଥାରେ ଗୋମାତା

ସତୁରି ଦଶକରେ ନ୍ୟାଶନାଲ ଡେରୀ ଡେଭଲପ୍‌ମେଣ୍ଟ ବୋର୍ଡ ଦୁଗ୍ଧ ଚାଷକୁ ବ୍ୟାପକ କରିବା ଲାଗି ଅପରେଶନ ଫ୍ଲଡ୍ ଯୋଜନା ଆରମ୍ଭ କରିଥିଲା । ଏହା ଶ୍ୱେତ ବିପ୍ଳବର ଆରମ୍ଭ ଥିଲା ଓ ଏହାର ଜନକ ଥିଲେ ଡ.ଭର୍ଗିସ କୁରିଏନ । ସେହି ବିପ୍ଳବ ଆରମ୍ଭ ହେବାର ଅର୍ଦ୍ଧଶତାବ୍ଦୀ ପରେ ଓଡ଼ିଶାର ସ୍ଥିତି ଦୁର୍ବଳ ଥିବା ଜାଣି ସମସ୍ତେ ଦୁଃଖିତ ହୋଇଥିବେ । ନିକଟରେ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର ଆଣ୍ଡ୍ ରୁରାଲ ଡେଭଲପ୍‌ମେଣ୍ଟ (ନାବାର୍ଡ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ କମ୍ ରହିଛି । ଜାତୀୟ ସ୍ତରରେ ଏହା ଦିନକୁ ହାରାହାରି ୪୪୪ ଗ୍ରାମ୍ ଥିବାବେଳେ ରାଜ୍ୟରେ ୧୪୪ ଗ୍ରାମ୍ ବୋଲି ନାବାର୍ଡ ସ୍ପଷ୍ଟ କରିଛି । ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ଅନୁଯାୟୀ ପୌଷ୍ଟିକ ଆବଶ୍ୟକତା ପାଇଁ ଜଣେ ବ୍ୟକ୍ତିର ପୁଷ୍ଟି ସାଧନ ଲାଗି ଦୈନିକ ୩୦୦ ଗ୍ରାମ୍ ଦୁଗ୍ଧ ଦରକାର । ସେ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ଏହା ଅଧାରୁ କମ୍ । ନାବାର୍ଡର ତଥ୍ୟରୁ ବୁଝାପଡ଼େ ଯେ, ଏବକାର ଦୁଗ୍ଧ ଉତ୍ପାଦନ ହାର ଆବଶ୍ୟକ ଚାହିଦା ପୂରଣ କରିପାରିନାହିଁ । ଗାଈ ଗଣତିରେ ଦେଖିବାକୁ ଗଲେ ଜାତୀୟ ସ୍ତରରେ ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା । ବଡ଼ଦାଣ୍ଡଠାରୁ ଆରମ୍ଭ କରି କ୍ଷୁଦ୍ର ଗ୍ରାମାଞ୍ଚଳର ରାସ୍ତାରେ ଶୋଇଥିବା ଗାଈ ସମସ୍ତଙ୍କ ବାଟ ଅବରୋଧ କରିଥାନ୍ତି । ଏବେ ନିଜକୁ ହଠାତ୍ ଉତ୍ତରଭାରତୀୟଙ୍କ ଭଳି ଓଡ଼ିଆମାନେ ହିନ୍ଦୁ ପାଲଟିଯାଇ ନିଜର ଇତିହାସକୁ ଭୁଲିବାରେ ଲାଗିପଡ଼ିଥିବାବେଳେ ଗାଈକୁ ମଧ୍ୟ ଗୋମାତାର ଆଖ୍ୟା ଦେଉଛନ୍ତି । କଟକଠାରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ସବୁଆଡ଼େ ଗୋରୁ ଚାଲାଣକୁ ରୋକିବା ପାଇଁ ଏହି ନବଜାତ ହିନ୍ଦୁମାନେ ଆଗଭର ହୋଇ ଟ୍ରକ ଚାଳକଙ୍କ ଉପରେ ହିଂସା ଭିଆଇବାକୁ ଚାଲିଆସୁଛନ୍ତି । କିନ୍ତୁ ଓଡ଼ିଶାର ପୁରପଲ୍ଲୀରେ ପୂର୍ବରୁ ଥିବା ଦେଶୀ ଗାଈଙ୍କୁ ବିକ୍ରି କରିବା କାର୍ଯ୍ୟରେ ଗ୍ରାମାଞ୍ଚଳର ସବୁ ଚାଷୀ ସମ୍ପୃକ୍ତ ଥାଆନ୍ତି । ଦେଶୀଗାଈଙ୍କଠାରୁ କ୍ଷୀର ଉତ୍ପାଦନ ମାତ୍ରା ଯଥେଷ୍ଟ ନୁହଁ ବୋଲି ଚିନ୍ତା କରି କୃଷକମାନେ ହଲଷ୍ଟିନ, ଜର୍ସି ଭଳି ଅନେକ ବିଦେଶୀ ପ୍ରାଣୀକୁ ପ୍ରବେଶ କରାଇଦେଲେଣି । ଏହି ଗାଈଙ୍କଠାରୁ କ୍ଷୀର ଉତ୍ପାଦନ ଅଧିକ ହେଉଥିବା ସତ୍ତ୍ୱେ, ଦେଶୀ ଗାଈଙ୍କ ତୁଳନାରେ ଯଥେଷ୍ଟ ବେଶୀ ଔଷଧ ଏବଂ ଖାଦ୍ୟ ବାବଦରେ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଗିର୍ ଗାଈର କିଛି ମାତ୍ରାରେ ସ୍ଥାନୀୟ ପାଣିପବନ ସହିତ ଚଳାଚଳ କରିବାର ସକ୍ଷମତା ରହିଛି । ତତ୍କ୍ଷଣାତ୍ କ୍ଷୀର ବିକି ଲାଭବାନ ହେବା ଲକ୍ଷ୍ୟରେ ଯେଉଁ ଚାଷୀ କାମ କରୁଛି ତାହା ପାଇଁ ହଲଷ୍ଟିନ କିମ୍ବା ଗିର୍ ଭଳି ଗାଈ ଅଧିକ ଆକର୍ଷଣୀୟ ହେଉଛି । ଏହିସବୁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଉଦ୍ଦେଶ୍ୟ ରହୁଥିବାବେଳେ ପ୍ରଥମ ଶିକାର ହୋଇଯାଇଛି ଓଡ଼ିଶାର ଦେଶୀ ଗାଈ ।

> ହିନ୍ଦୀଭାଷୀ ଲୋକଙ୍କ ଭଳି ଗାଈର କେବଳ 'ଗୋମାତା'ଆଖ୍ୟା ଦେଇ ଭୋକିଲା ଛାଡ଼ିଦେଲେ ଭବିଷ୍ୟତରେ ସମସ୍ୟା ବୃଦ୍ଧି ପାଇବ। ଭେଟେରିନାରି ସେବାକୁ ସୁଦୃଢ଼ କରିବା ସହିତ ବିଦେଶୀ ଗାଈର ପ୍ରଚଳନକୁ ନିରୁତ୍ସାହିତ କରିବା ସହ ଦେଶୀ ଗାଈ ଉପରେ ଗବେଷଣା କରି ମାନ ବୃଦ୍ଧି କରିବାର ସମୟ ଆସିଲାଣି।

ବ୍ୟବସାୟିକ ମନୋଭାବ ରଖି ଗାଈ ପାଳିଥିବା ଚାଷୀ ଅନେକ କ୍ଷେତ୍ରରେ କ୍ଷତିର ମଧ୍ୟ ସମ୍ମୁଖୀନ ହେଉଛି । ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦକ୍ଷତାସମ୍ପନ୍ନ ଭେଟେରିନାରି ଡାକ୍ତରଙ୍କ ଅଭାବ ଯୋଗୁ ପ୍ରାଣୀ ପାଳନ କଷ୍ଟକର କାର୍ଯ୍ୟ । ଏଥି ସହିତ ଗତ ଦଶନ୍ଧି ମଧ୍ୟରେ ରାଜନୀତି ସହିତ ଧର୍ମର ମିଶ୍ରଣ ଫଳରେ କ୍ଷୀର ଦେଇପାରୁ ନ ଥିବା ବୁଢ଼ୀଗାଈକୁ ରକ୍ଷଣାବେକ୍ଷଣ କରିବା ପାଇଁ କେହି ନାହାନ୍ତି । ଯେଉଁ କେତୋଟି ଦେଖାଣିଆ ଗୋ–ଶାଳା ସୃଷ୍ଟି କରାଯାଇଛି ତାହା କେବଳ ଅତ୍ୟନ୍ତ ସୀମିତ ସଂଖ୍ୟକ ପ୍ରାଣୀ ରଖି ପାରୁଛନ୍ତି । ଫଳସ୍ୱରୂପ, ଅଦରକାରୀ ଗାଈ ଏବଂ ବୟସ୍କ ବଳଦଙ୍କୁ ମାଲିକମାନେ ଖାଦ୍ୟ ଦେବାରେ ସକ୍ଷମ ହେଉନାହାନ୍ତି । ସେଥିପାଇଁ ଗ୍ରାମାଞ୍ଚଳରେ ଅନେକ ଗୋରୁଙ୍କୁ ଖୋଲାରେ ଛାଡିଦେଉଛନ୍ତି ଏବଂ ସେମାନେ ବିଭିନ୍ନ ସମୟରେ ଚାଷ କାର୍ଯ୍ୟରେ ପ୍ରବଳ କ୍ଷତି ଘଟାଉଛନ୍ତି । ଆଜି ନାବାର୍ଡ ଯଦି ତାହାର ରିପୋର୍ଟରେ ଓଡ଼ିଶାକୁ ନିମ୍ନ କରିଦେଇଛି ତେବେ ସେଥିପାଇଁ ଆର୍ଥିକ ଲୋଭ ଏବଂ ଧର୍ମ ସହିତ ଜଡ଼ିତ ରାଜନୀତି ମୁଖ୍ୟତଃ ଦାୟୀ ।

ଏହି ପରିସ୍ଥିତିରେ ପ୍ରତିକାର କରିବାକୁ ହେଲେ ଓଡ଼ିଶାର ଦେଶୀ ଗାଈ ପ୍ରଜାତିକୁ ପୁନରୁଦ୍ଧାର କରିବା ଦରକାର । ହିନ୍ଦୀଭାଷୀ ଲୋକଙ୍କ ଭଳି ଗାଈର କେବଳ 'ଗୋମାତା'ଆଖ୍ୟା ଦେଇ ଭୋକିଲା ଛାଡ଼ିଦେଲେ ଭବିଷ୍ୟତରେ ସମସ୍ୟା ବୃଦ୍ଧି ପାଇବ । ଭେଟେରିନାରି ସେବାକୁ ସୁଦୃଢ଼ କରିବା ସହିତ ବିଦେଶୀ ଗାଈର ପ୍ରଚଳନକୁ ନିରୁତ୍ସାହିତ କରିବା ସହ ଦେଶୀ ଗାଈ ଉପରେ ଗବେଷଣା କରି ମାନ ବୃଦ୍ଧି କରିବାର ସମୟ ଆସିଲାଣି ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 9 | 5 | | | | | |
| 2 | | | | | | 5 | | 4 |
| | | | | | | 2 | 3 | |
| | | 8 | | | 6 | | 4 | |
| 1 | | | | | | 8 | | |
| | | | 3 | 5 | | | 2 | |
| | 8 | 6 | 7 | | | | | |
| | | 1 | | | | | 9 | 6 |
| | | | | 9 | | 3 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 7 | 9 | 2 | 1 | 5 | 8 |
| 2 | 1 | 9 | 4 | 8 | 5 | 3 | 6 | 7 |
| 8 | 5 | 7 | 6 | 1 | 3 | 4 | 9 | 2 |
| 3 | 8 | 5 | 9 | 7 | 1 | 6 | 2 | 4 |
| 1 | 9 | 4 | 3 | 2 | 6 | 7 | 8 | 5 |
| 7 | 2 | 6 | 5 | 4 | 8 | 9 | 1 | 3 |
| 9 | 6 | 8 | 2 | 3 | 7 | 5 | 4 | 1 |
| 4 | 7 | 2 | 1 | 5 | 9 | 8 | 3 | 6 |
| 5 | 3 | 1 | 8 | 6 | 4 | 2 | 7 | 9 |

ଗତକାଲିର ଉତ୍ତର

# ଇସ୍ରାଏଲ–ହମାସ ଯୁଦ୍ଧ ଓ ଗୁଟେରସ



ପ୍ରକାଶ ତ୍ରିପାଠୀ

ଇସ୍ରାଏଲ–ହମାସ ଯୁଦ୍ଧ ଅବସରରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ଭୂମିକାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି । ହମାସକୁ ଆତଙ୍କବାଦୀ ଗୋଷ୍ଠୀରେ ନ ରଖିବା ଓ ଗାଜାରେ ଯୁଦ୍ଧ ପ୍ରପୀଡ଼ିତ ଜନତାଙ୍କ ଉଦ୍ଦେଶ୍ୟରେ ଆସୁଥିବା ରିଲିଫ ସାମଗ୍ରୀ ହମାସ ଦ୍ୱାରା ହେଉଥିବା ଲୁଟ୍ ସମ୍ପର୍କରେ ଚୁପ୍ ରହିବା ତାଙ୍କର ଭୂମିକାକୁ ଅଧିକ ବିବାଦୀୟ କରିଛି । ଏପରିକି ଗୁଟେରସ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବାକୁ ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛି । ଗୁଟେରସ ଯୁଦ୍ଧର ଅଗ୍ନିକୁ ପାଣି ଢାଳି ଶାନ୍ତି କରିବା ବଦଳରେ ଇନ୍ଧନ ଢାଳି ଅଧିକ ଭୟାନକ କରୁଛନ୍ତି ବୋଲି ଅଭିଯୋଗ ଆସୁଛି । ବିଶେଷକରି ଗୁଟେରସଙ୍କ ଅଦୂରଦର୍ଶିତା କାରଣ ପାଇଁ ଗାଜାପଟ୍ଟିରେ ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବା ସହ ସେମାନଙ୍କ ପାଇଁ ବିଭିନ୍ନ ଦେଶରୁ ଯାଉଥିବା ରିଲିଫ ସାମଗ୍ରୀ ଠିକ୍‌ରେ ବଣ୍ଟନ ହୋଇପାରୁନାହିଁ । ଗୁଟେରସ ଜଣେ ପୋଖତ ରାଷ୍ଟ୍ରନୀତିଜ୍ଞ ଓ ଅନୁଭବୀ ରାଜନେତା । ଜାତିସଂଘ ମହାସଚିବ ହେବା ପୂର୍ବରୁ ସେ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଥିଲେ ଓ ଜାତିସଂଘର ଅନେକ ସଂସ୍ଥାରେ କାର୍ଯ୍ୟ ବି କରିଥିଲେ । ମିଳିତ ଜାତିସଂଘ ମହାସଚିବ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ । ଏହି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଅତ୍ୟନ୍ତ ନିରପେକ୍ଷ, ସ୍ୱାଧୀନ ଓ ଅନୁକରଣୀୟ । ଏହା ଉପରେ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ବିଶ୍ୱାସ ଓ ଭରସା ତିଷ୍ଠି ଥାଏ । କିନ୍ତୁ ଇସ୍ରାଏଲ–ହମାସ ଯୁଦ୍ଧରେ ଜାତିସଂଘର ଭୂମିକା ଯାହା ହେବା କଥା ତାହା ହୋଇନାହିଁ । ମହାସଚିବଙ୍କ ଅଦୂରଦର୍ଶିତା ତଥା ପକ୍ଷପାତି ନୀତି ପାଇଁ ଏଠାରେ ଶାନ୍ତି ପ୍ରତିଷ୍ଠା ବଦଳରେ ଯୁଦ୍ଧର ଘନାଘଟା ତୀବ୍ର ହେବାରେ ଲାଗିଛି ।

ପ୍ରଥମରୁ ହମାସର ପକ୍ଷ ନେଇ ଜାତିସଂଘ ମହାସଚିବ ଗୁଟେରସ ନିଜର ଅପାରଗପଣିଆ ପ୍ରଦର୍ଶନ କରିଛନ୍ତି । ହମାସ ପକ୍ଷରୁ ଇସ୍ରାଏଲ ଉପରେ ପ୍ରଥମେ ଆକ୍ରମଣକୁ ସେ ନିନ୍ଦା କରିବା ବଦଳରେ ଆକ୍ରମଣ ଅକାରଣ ହୋଇନାହିଁ ବୋଲି ମନ୍ତବ୍ୟ ଦେଇଛନ୍ତି । ହମାସର ଅଚାନକ ଆକ୍ରମଣ ଅତ୍ୟନ୍ତ ଅମାନବୀୟ ଓ ବର୍ବର ଥିଲା । ମହିଳାଙ୍କ ସହ ଛୋଟ ଛୋଟ ପିଲାମାନଙ୍କୁ ହତ୍ୟା କରିବା ସହ ମୃତ ମହିଳାଙ୍କୁ ବଳାତ୍କାର କରିବାକୁ ଭୁଲି ନ ଥିଲା ବର୍ବର ହମାସ ଆତଙ୍କଗୋଷ୍ଠୀ । ଏଭଳି ଭିଡିଓ ଦେଖି ସମଗ୍ର ବିଶ୍ୱ ସ୍ତବ୍ଧ ହେବା ସହ ହମାସ ସପକ୍ଷରେ ଥିବା ସାମାନ୍ୟ ସହାନୁଭୂତି ଶେଷ ହୋଇଯାଇଥିଲା । ହମାସ ରିଲିଫ ସାମଗ୍ରୀ ଲୁଟୁଛି ଓ ଏହାରି ଉପରେ ହିଁ ସେ ଆତଙ୍କିକାର୍ଯ୍ୟ କରିଚାଲିଛି । ଯୁଦ୍ଧ ପ୍ରପୀଡ଼ିତ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚି ପାରୁନାହିଁ କି ଏହା କିପରି ଭୋକିଲା ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚିବ ତାହା ଉପରେ କିଛି କାର୍ଯ୍ୟକ୍ରମ ବି ଜାତିସଂଘର ନାହିଁ । ହମାସର ଆତଙ୍କିକାର୍ଯ୍ୟକୁ ନିନ୍ଦା ନ କରି ଗୁଟେରସ ଜାତିସଂଘର ପ୍ରତିଷ୍ଠାରେ ଆଞ୍ଚ୍ ଆଣିଛନ୍ତି । ଏହାକୁ ଆଧାର କରି ସମ୍ପ୍ରତି ଇସ୍ରାଏଲ ଗୁଟେରସଙ୍କ



ବିରୋଧରେ ଲବି ଆରମ୍ଭ କରିଦେଇଛି । ଗତ କିଛି ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା ଯେ କୌଣସି ରାଷ୍ଟ୍ର ଜାତିସଂଘର ମହାସଚିବଙ୍କ ବିରୋଧରେ ମୋର୍ଚ୍ଚା ପ୍ରସ୍ତୁତ କରିବା ଓ ମହାସଚିବଙ୍କ କାର୍ଯ୍ୟକୁ ବର୍ବର କହିବା । ଏହା ସତ୍ୟ ଯେ ହମାସର ଆକ୍ରମଣ ଅତ୍ୟନ୍ତ ବର୍ବର ଥିଲା, କିନ୍ତୁ ଇସ୍ରାଏଲର ପାଲଟା ଜବାବକୁ ସମର୍ଥନ ଏତେଟା ମହତ୍ତ୍ୱପୂର୍ଣ୍ଣ ହୋଇ ନ ଥାନ୍ତା ଯଦି ମହାସଚିବ ଗୁଟେରସ ହମାସ ସପକ୍ଷରେ ନିଜର ମନ୍ତବ୍ୟ ଦେବା ପୂର୍ବରୁ ସଂଯମ ଆଚରଣ କରିଥାନ୍ତେ । ହମାସର ଆକ୍ରମଣକୁ ନିନ୍ଦା ସହ ଶାନ୍ତି ଆଚରଣ ପାଇଁ ପରାମର୍ଶ ଦେଇଥିଲେ ତାହା ଭିନ୍ନ ରୂପ ନେଇଥାନ୍ତା । ଗୁଟେରସ ହମାସ ସପକ୍ଷରେ କହିଥିଲେ ଯେ, ପାଲେଷ୍ଟିନୀୟମାନେ ଅନେକ ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି, ସେମାନଙ୍କର ବସତି କ୍ଷତିଗ୍ରସ୍ତ ହେବା ସହ କ୍ରମାଗତ ହିଂସା ଦ୍ୱାରା ସେମାନ ପୀଡ଼ିତ ହୋଇଆସୁଛନ୍ତି । ସେମାନଙ୍କ ଅର୍ଥନୀତି ଭୁଶୁଡିଛି ଓ ସେମାନେ ବିସ୍ଥାପିତ ଓ ବେଘର ହୋଇଛନ୍ତି । ରାଜନୈତିକ ଆଧାରରେ ସେମାନଙ୍କର ସଙ୍କଟର ସମାଧାନର ବାଟ ବନ୍ଦ ହୋଇଯାଉଛି ବୋଲି ଗୁଟେରସ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଯାହାକୁ କି ଇସ୍ରାଏଲ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଆତଙ୍କବାଦକୁ ସହ୍ୟ କରିବା ଅର୍ଥ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା । ଏହାଦ୍ୱାରା ଜାତିସଂଘ ସେକ୍ରେଟାରି ଜେନେରାଲ ନିଜର ନୈତିକତା ଓ ନିରପେକ୍ଷତା ହରାଇଛନ୍ତି । ହମାସ ପକ୍ଷରୁ ଶିଶୁମାନଙ୍କ ମୁଣ୍ଡ କଟାଗଲା, ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନ ପୋଡ଼ି ଦିଆଗଲା, ମହିଳାମାନଙ୍କୁ ବଳାତ୍କାର କରାଗଲା । ଆଉ କେତେ ବର୍ବରକାଣ୍ଡ ହମାସ ପକ୍ଷରୁ ହୋଇଥିଲେ ଗୁଟେରସ ଖୁସି ହୋଇଥାନ୍ତେ । ଏହା ସତ୍ତ୍ୱେ ବି ଇସ୍ରାଏଲକୁ ଦୋଷ ଦେବା ପରିତାପର ବିଷୟ ବୋଲି ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଇସ୍ରାଏଲ ନାଗରିକଙ୍କ ଦୁଃଖ ଗୁଟେରସଙ୍କୁ ଦେଖାଯାଉନାହିଁ । ମହାସଚିବ ଗୁଟେରସ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ଦେଇ ଜାତିସଂଘ କାର୍ଯ୍ୟାଳୟର ପବିତ୍ରତାକୁ ରକ୍ଷା କରିବାକୁ ଇସ୍ରାଏଲ ପକ୍ଷରୁ କୁହାଯାଇଛି ।

ଇସ୍ରାଏଲ ପକ୍ଷରୁ କେବଳ ଗୁଟେରସଙ୍କୁ ସମାଲୋଚନା କରାଯାଇନାହିଁ, ବରଂ ମିଳିତ ଜାତି ସଂଘର ସମ୍ପୂର୍ଣ୍ଣ ସଂରଚନା ଓ ନୀତିକୁ ମଧ୍ୟ ନିନ୍ଦା କରାଯାଇଛି । ଯୁଦ୍ଧ ସମୟରେ ମିଳିତ ଜାତିସଂଘର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ପ୍ରପୀଡ଼ିତ ଜନସାଧାରଣଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ । ମାନବିକ ଅଧିକାର ଓ ମାନବୀୟତା ରକ୍ଷା ହେଉଛି ଜାତିସଂଘର ଏକ ମୌଳିକ କାର୍ଯ୍ୟ । କିନ୍ତୁ ଗାଜାପଟ୍ଟିରେ ଜାତିସଂଘର ଉଦ୍ଧାରକାରୀ ଏଜେନ୍ସିକୁ ଉଦ୍ଧାର କାର୍ଯ୍ୟରେ ଓ ରିଲିଫ ସାମଗ୍ରୀ ବଣ୍ଟନରେ କୌଣସି ସହଯୋଗ ଓ ସହାୟତା ମିଳୁନାହିଁ । ମୋଟ ଉପରେ କହିବାକୁ ଗଲେ ଜାତିସଂଘର ବିଭିନ୍ନ ଏଜେନ୍ସି ଏଠାରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଇଛି । ପ୍ରକାଶଯୋଗ୍ୟ ଯେ, ଇହୁଦୀ ଏଜେନ୍ସିର ମୁଖ୍ୟ ଡେଭିଡ ବେନ୍–ଗୁରିଅନ ଇସ୍ରାଏଲ ରାଜ୍ୟ ପ୍ରତିଷ୍ଠା ୧୯୪୮ରେ ଘୋଷଣା କରିଥିଲେ, ଯାହାକୁ କି ସେହି ଦିନ ଆମେରିକା, ରୁଷିଆ ସମେତ ଅନେକ ରାଷ୍ଟ୍ର ସ୍ୱୀକୃତି ପ୍ରଦାନ କରିଥିଲେ । ଅର୍ଥାତ ମିଳିତ ଜାତିସଂଘର ପ୍ରତିଷ୍ଠା ପରେ ଇସ୍ରାଏଲର ଜନ୍ମ ହୋଇଥିଲା । କିନ୍ତୁ ପାଲେଷ୍ଟାଇନର ଆତଙ୍କି ସଂଗଠନ ନୂତନ ଇସ୍ରାଏଲ ଗଠନକୁ ଗ୍ରହଣ କରିପାରୁନାହାନ୍ତି । ପାଲେଷ୍ଟାଇନରେ ଇସ୍‌ଲାମ ପୂର୍ବରୁ ଇହୁଦୀ ଓ ଇସାଇମାନଙ୍କର ଆବାସ ଥିଲା । ଇହୁଦୀମାନଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ଓ ଦେଶଭକ୍ତି ଭାବ ଯୋଗୁ ଆଜି ଇସ୍ରାଏଲ ଏକ ପ୍ରମୁଖ ବିକାଶଶୀଳ ଦେଶ ଭାବେ ଦଣ୍ଡାୟମାନ ହୋଇପାରିଛି । ଆରବ ରାଷ୍ଟ୍ର ସମୂହ ଓ ଇସ୍ରାଏଲ ମଧ୍ୟରେ ବିବାଦ ଅତି ପୁରୁଣା ଓ ଧର୍ମ ଆଧାରରେ ହେଉଥିବା ଯୁଦ୍ଧର ଏକ ଜ୍ୱଳନ୍ତ ପ୍ରମାଣ । ଯେ ପର୍ଯ୍ୟନ୍ତ ହମାସ ଭଳି ଆତଙ୍କବାଦୀ ଗୋଷ୍ଠୀ ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରିବେ ନାହିଁ, ସେ ପର୍ଯ୍ୟନ୍ତ ପାଲେଷ୍ଟାଇନ ସଙ୍କଟ ସମାଧାନ ହେବନାହିଁ ।

ବିଶ୍ୱରେ ଯେବେବି କୌଣସି ବଡ଼ ସଙ୍କଟ ସୃଷ୍ଟି ହୁଏ, ସେତେବେଳେ ଏହାର ସମାଧାନ ନିମନ୍ତେ ବିଶ୍ୱବାସୀଙ୍କ ନଜର ପ୍ରଥମେ ଯାଇଥାଏ ମିଳିତ ଜାତିସଂଘ ଉପରକୁ । ଦେଶ ଦେଶ ମଧ୍ୟରେ ବିବାଦ, ଯୁଦ୍ଧ ଅବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଉ, ସାଧାରଣ ମଣିଷର ସୁରକ୍ଷା ପାଇଁ ଜାତିସଂଘର ଭୂମିକାକୁ ବିଶ୍ୱବାସୀ ଦେଖିଥାନ୍ତି । ମିଳିତ ଜାତିସଂଘ ହେଉଛି ବିଶ୍ୱର ସର୍ବବୃହତ ଆନ୍ତର୍ଜାତିକ ସଂଗଠନ, ଯେଉଁଥିରେ କି ବିଶ୍ୱର ସମସ୍ତ ରାଷ୍ଟ୍ର ସଦସ୍ୟ ଅଛନ୍ତି । ଏହାର ଅଧୀନ ପ୍ରତ୍ୟେକଟି ସଂସ୍ଥା ମାନବୀୟ ସଙ୍କଟ, ପ୍ରାକୃତିକ ବିପର୍ଯ୍ୟୟ ଭଳି ଦୁଃସମୟରେ ପ୍ରଥମେ ଆଗକୁ ଆସି ସହାୟତାର ହାତ ବଢ଼ାଇଥାଏ । ଦେଶ ଦେଶ ମଧ୍ୟରେ ଯୁଦ୍ଧ ସମୟରେ ଏହାର ଭୂମିକା ଓ ଦାୟିତ୍ୱ ଅଧିକ ବଢ଼ି ଯାଇଥାଏ । ଗୋଟିଏ ପଟେ ଯୁଦ୍ଧ ପ୍ରପୀଡ଼ିତ ମଣିଷକୁ ମାନବୀୟ ସହାୟତା ପହଞ୍ଚାଇବା ସହ ଯୁଦ୍ଧରତ ଦେଶ ମଧ୍ୟରେ ଯୁଦ୍ଧ ବିରାମ ଆଣିବା ଓ ସେମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନର ଗୁରୁଦାୟିତ୍ୱ ଜାତିସଂଘ ଉପରେ ଆସିଥାଏ । ଏହି ଦୁଇ କ୍ଷେତ୍ରରେ ଜାତିସଂଘର ଭୂମିକା କେତେଦୂର ସଫଳ ହେଉଛି ତାହା ଗତ କିଛି ଦଶକ ହେବ ସାରା ବିଶ୍ୱ ଦେଖୁଛି । ଜାତିସଂଘର ସାର୍ଥକତା, ଆବଶ୍ୟକତା, ନିରପେକ୍ଷତା ଓ ସକ୍ରିୟତାର ପ୍ରଶ୍ନ ଏବେ ସମଗ୍ର ବିଶ୍ୱବାସୀଙ୍କ ମନରେ ଉଙ୍କି ମାରୁଛି ।

ମୋ: ୯୪୩୭୨୩୨୪୬୩

# ସମ୍ପର୍କ ପରିଭାଷା



ହରେକୃଷ୍ଣ ଦାସ

ସବୁବେଳେ ହସ ହସ ଦିଶୁଥିବା ବନ୍ଧୁଙ୍କର ଅଚାନକ ବିଷଣ୍ଣ ବଦନର କାରଣ ପଚାରିବା ମାତ୍ରେ ତାଙ୍କ ଭିତରର ଦାର୍ଶନିକଟା ପ୍ରଗଳ୍ଭ ହୋଇଉଠିଲା, ''ବୁଝିଲ, ଆଜିକାଲିର ଅଧିକାଂଶ ମଣିଷ ଖୁବ୍ ମତଲବି । ଟିକିଏ ବିରକ୍ତ ହୋଇ ବନ୍ଧୁ କହିଲେ,''କୋଟେଶନ ଯୋଉଠୁ ଆଣେ ପଛେ, କଥାଟା ସତ ନା ନାହିଁ?'' ମୁଁ ପ୍ରତିବାଦ କରି କହିଲି, '' ହେଲେ ଆମ ସମ୍ପର୍କ ଭିତରେ ଫାଇଦାର ଚିହ୍ନବର୍ଣ୍ଣ ତ ଦିଶୁନି । ଆମେ ଦୁହେଁ ତ କେହି କାହାଠାରୁ କିଛି ଫାଇଦା ଉଠାଉନେ । '' ବନ୍ଧୁ ଟିକିଏ ବିରକ୍ତ ହୋଇ କହିଲେ,''ଆମ ସମ୍ପର୍କକୁ ଦୁନିଆ ଯାକର ଲୋକଙ୍କର ସମ୍ପର୍କର ମାନଦଣ୍ଡ ବୋଲି ଭାବନି । ଏ ପ୍ରସଙ୍ଗରେ ମୁଁ ଯୋଉ ପ୍ରକାର ଚିନ୍ତାକରି କଷ୍ଟ ଅନୁଭବ କରୁଛି, ତମେ ବି ସେଇ ପ୍ରକାର ଅଶାନ୍ତି ଭୋଗୁଥାଇପାର । କିନ୍ତୁ ତମେ କିଛି ବି କେବେ ନ ଘଟିଥିବାର ଛଳନା କରିପାର ଯାହା ।''

ଏକଥା ସତ ଯେ ଆମେ ସମସ୍ତେ ବିଭିନ୍ନ ପ୍ରକାର ଛଳନା ଭିତରେ ବଞ୍ଚୁଛେ । ଯେହେତୁ ମାତ୍ରାଧିକ ସତ୍ୟ ସବୁବେଳେ ବରଦାସ୍ତ କରିହୁଏନା କିମ୍ବା ପ୍ରକାଶ କରି ହୁଏନା, ଆମେମାନେ ବିଭିନ୍ନ ଛଳନା ଜରିଆରେ ନିଜକୁ ଭୁଲେଇବାକୁ ଚେଷ୍ଟାକରୁ । ଅନେକ ସମ୍ପର୍କ ଆମକୁ ଖୁବ୍ କଷ୍ଟ ଦିଏ, ଆମ ଶାନ୍ତି ନଷ୍ଟକରେ । କିନ୍ତୁ ବିଭିନ୍ନ କାରଣରୁ ଆମେ ସେସବୁ କାହା ଆଗରେ ପ୍ରକାଶ କରିପାରୁନା । ପାଦର ଆଙ୍ଗୁଠିକୁ ମୋଡ଼ି କ୍ଷତାକ୍ତ କରୁଥିବା ଅଥଚ ସୁନ୍ଦର ଦିଶୁଥିବା ଜୋତା ପରି ଆମେ ପ୍ରାୟତଃ ତାକୁ ସହ୍ୟ କରିନେଉ । କିନ୍ତୁ ସୁନ୍ଦର ଦିଶିବାର ଆତ୍ମପ୍ରବଞ୍ଚନାରୁ ନିଜକୁ ମୁକାଳିପାରିଲେ ଅଳ୍ପ ସମୟର ଦୁଃଖ ଆସେ ସିନା ମାତ୍ର ଦୀର୍ଘସ୍ଥାୟୀ ଶାନ୍ତି ମିଳିପାରେ ।

ଆଉ ଏକଥା ବି ସତ ଯେ ଅନେକ ଲୋକ ଛଳନାପୂର୍ଣ୍ଣ ସମ୍ପର୍କକୁ ନିଜ ଚରିତ୍ରର ଏକ ବୈଶିଷ୍ଟ୍ୟ କରିଦେଇଥାନ୍ତି । ସାମ୍ନାରେ ଅତ୍ୟନ୍ତ ମଧୁର କଥା କହି ,ଏକଦମ ଆତ୍ମୀୟ ତଥା ଶୁଭାକାଂକ୍ଷୀ ବୋଲି ଦେଖେଇବାକୁ ଚେଷ୍ଟା କରୁଥିବା ଅନେକ ଲୋକ ପ୍ରକୃତରେ ଆମକୁ ହଇରାଣ କରିବାକୁ ନାନା ଫନ୍ଦିଫିକର କରୁଥିବାର ଆମେ ଜାଣୁ, କିନ୍ତୁ ଆମେ ବି ଛଳନା କରିବାରେ ଏତେ ମାହିର ଯେ କେବେ ଜଣେଇ ଦେଉନା ତାଙ୍କ ଚରିତ୍ର ଓ ଯୋଜନା ଆମେ ଠିକ୍ ଠିକ୍ ପଢ଼ିପାରିଛୁ ବୋଲି ।

ଛଳନାର ଏ ସମ୍ପର୍କ ଏମିତି ଗୋଟେ ବ୍ୟାଧି ଯାହା ଘର ପରିବାରଠୁ ଆରମ୍ଭକରି ସମାଜ ପର୍ଯ୍ୟନ୍ତ ସବୁ ସ୍ତରକୁ ଆକ୍ରାନ୍ତ କରି ରଖିଛି । ଅନ୍ୟକୁ ହଇରାଣକରି ନିଜେ ଖୁସି ହେବା, ଅନ୍ୟର ଦୁଃଖକଷ୍ଟକୁ ଉପଭୋଗ



କରିବା, ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ନ ହେବା ତଥା ଅନ୍ୟର ସୁଖ ପ୍ରତି ଅସହିଷ୍ଣୁ ହୋଇଯିବାର ବିକୃତ ମାନସିକତା ଆମ ସବୁ ସମ୍ପର୍କକୁ କଳୁଷିତ କରିଦେଉଛି । ନିଜର ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ଆସିଲେ ଅତି ମଧୁର ସମ୍ପର୍କକୁ ତିକ୍ତତାରେ ବଦଳେଇଦେବାକୁ ଆମେ ଟିକିଏ ବି ଦ୍ୱିଧା କରୁନା । ଆହୁରି ବିଚିତ୍ର ସ୍ଥିତି ହେଲା ଯେ ବର୍ତ୍ତମାନ ମଣିଷ ନିଜ ଘର, ପରିବାର, ଆତ୍ମୀୟସ୍ୱଜନଙ୍କ ସହ ଭଲ ସମ୍ପର୍କ ରହିବା ନ ରହିବାକୁ ଖାତିର ନ କରି ଆଦୌ ଦେଖି ନ ଥିବା ଜାଣି ନ ଥିବା ଲୋକଙ୍କ ସହ ସୋସିଆଲ ମିଡିଆରେ ସମ୍ପର୍କ ବଢ଼େଇବାକୁ ଯତ୍ନଶୀଳ । ଏ ପ୍ରକାର ଅଧିକାଂଶ ସମ୍ପର୍କ କେବଳ ମିଛ ପ୍ରଶଂସା ଓ ଚାଟୁକାରିତାକୁ ନେଇ ବଞ୍ଚିରହିଥାଏ । ଆମ ଅହଂକାର ଓ ଅଭିମାନକୁ ବାଧା ନ ଆସିବା ଯାଏଁ ହିଁ ସବୁକିଛି ଠିକ୍‌ଠାକ୍ ଥାଏ , ଅଥଚ ଏଇ ମିଛ ସମ୍ପର୍କରୁ ଖୁସି ସାଉଁଟିବାକୁ ସମସ୍ତେ ତତ୍ପର ।

ଆଜି ଏତେ ଫିଲୋସଫିକାଲ ପାଲଟିଯିବାର ବିଶେଷ କାରଣ କ'ଣ ବୋଲି ପଚାରିବାରୁ ବନ୍ଧୁ କହିଲେ,''ଆମ ଅଫିସରେ ମଦନବାବୁଙ୍କ ସହ ମୋର ଘନିଷ୍ଠତା ବିଷୟରେ ତ ଜାଣିଛ । ଏମିତିରେ ବି ସେ ସମସ୍ତଙ୍କ ସହ ଖୁବ୍ ମଧୁର କଥାବାର୍ତ୍ତା କରି ହସଖୁସିଆ ଢଙ୍ଗରେ ମିଶନ୍ତି । କିନ୍ତୁ ସେ ଭିତରେ ଭିତରେ ମୋ ପ୍ରତି ଖୁବ୍ ଈର୍ଷାଳୁ ଓ ଅସହିଷ୍ଣୁ । ମୋ ପଛପଟେ ମୋ ନାଆଁରେ ଚୁଗୁଲି କରୁଥିବେ ଅଥଚ ସାମ୍ନାରେ ପଡ଼ିଲେ ମତେ ନିଜର ସବୁଠୁ ଅନ୍ତରଙ୍ଗ ବୋଲି ଦେଖେଇ ହେଉଥିବେ । ପ୍ରାୟ ସବୁ ଷ୍ଟାଫ୍‌ଙ୍କ ସହ ତାଙ୍କର ଏମିତିଆ ଚାଲବାଜିଆ ସମ୍ପର୍କ ।'' ଯଦି ସେ ଏ ପ୍ରକାର ବୋଲି ସମସ୍ତେ ଜାଣିଛନ୍ତି, ତା'ହେଲେ ତ କେହି ତାଙ୍କ ସହ ଭଲରେ ମିଶିପାରୁ ନ ଥିବେ ! ମୁଁ କହିଲି, '' ନା ନା , ପ୍ରକୃତରେ ସମସ୍ତେ ତାଙ୍କ ସହ ସେମିତି ଉପରଠାଉରିଆ ଭାବରେ ମିଶନ୍ତି । ସେ ବି କେବଳ ଫାଇଦା ଥିବାର ସମ୍ଭାବନା ଦେଖିଲେ ହିଁ କାହା ସହ ଭଲରେ ମିଶନ୍ତି । ତାଙ୍କ ପଛପଟେ ସମସ୍ତେ ତାଙ୍କୁ ଟାହିଟାପରା କଲେ ମଧ୍ୟ ବୟସ ଦୃଷ୍ଟିରୁ ସାମ୍ନାରେ କିଛି କହିହୁଏନି ।'' ସେ ପିଲା ସହ ଯଦି ଯାଙ୍କ ମାନସିକତା ମିଶିଯାଉଥିବ ତେବେ ସେମାନଙ୍କ ଅନ୍ତରଙ୍ଗତାରେ ଅସୁବିଧା କୋଉଠି ରହିଲା ? ମୁଁ ପଚାରିବାରୁ ବନ୍ଧୁ କହିଲେ, ''ଅନାବିଳ ଆତ୍ମୀୟତା ଥିଲେ କିଛି ଅସୁବିଧା ନାହିଁ । ମତଲବ ଲୁଚେଇ ରଖି ଅନ୍ତରଙ୍ଗ ଦେଖେଇ ହେଇ କେହି କ'ଣ ସତରେ କାହାର ପ୍ରିୟ ହୋଇପାରିବ ?

ଅଧ୍ୟାପକ, ଇଂରାଜୀ ବିଭାଗ

ନିଆଳି, କଟକ

ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଏମିତି ଗାଁ ଯେଉଁଠି ସମସ୍ତେ ଜଣେ ଜଣେ ୟୁଟ୍ୟୁବର । ଛତିଶଗଡ଼ର ଏହି ଗାଁର ନାଁ ତୁଳସୀ । ସେଠାରେ କେହି ସରକାରୀ ଚାକିରି ଖୋଜୁନାହାନ୍ତି କିମ୍ବା କୌଣସି ଘରୋଇ ସଂସ୍ଥାରେ ଚାକିରି କରିବାକୁ ଚାହାନ୍ତି ନାହିଁ । କେବଳ ୟୁଟ୍ୟୁବର ଭାବେ ସେମାନେ ଆତ୍ମନିର୍ଭର ହୋଇଛନ୍ତି । ଉକ୍ତ ଗାଁରେ ସମସ୍ତେ ସେମାନଙ୍କ ସ୍ମାର୍ଟ ଫୋନ୍‌ରେ ଭିଡିଓ ପ୍ରସ୍ତୁତ କରୁଛନ୍ତି । ୫ ବର୍ଷର ପିଲାଠାରୁ ଆରମ୍ଭକରି ୮୦ ବର୍ଷର ବ୍ୟକ୍ତି ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଜଡ଼ିତ । ଏମାନେ ଫ୍ରିଲାନ୍ସ କାମକରି ଭଲ ରୋଜଗାର କରୁଛନ୍ତି । ଏହି ଅଭିଯାନ ୨୦୧୮ରେ ଆରମ୍ଭ ହୋଇଥିଲା ଯେତେବେଳେ ଗାଁର ଜ୍ଞାନେନ୍ଦ୍ର ଓ ଜୟ ବର୍ମା ' ବିଙ୍ଗ୍ ଛତିଶଗଡ଼ିଆ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଛୋଟ ଛୋଟ ଘଟଣା, ପର୍ବପର୍ବାଣି ଓ କମେଡି ଭିଡିଓ କରି ଅପ୍‌ଲୋଡ୍ କରିବା ଆରମ୍ଭ କରିଥିଲେ । ଧୀରେଧୀରେ ଏହି ଭିଡିଓକୁ ଅନ୍ୟମାନେ ପସନ୍ଦ କରିବା ଦ୍ୱାରା ସେମାନେ ସେଥିରୁ ରୋଜଗାର କରିବାକୁ ଲାଗିଲେ । ଏବେ ସେହି ଗାଁରେ ୪୦ରୁ ଅଧିକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିସାରିଲାଣି । ଗାଁର ଲୋକେ କୌଣସି ପ୍ରଶିକ୍ଷଣ ବିନା ଭିଡିଓ ରେକର୍ଡିଂଠାରୁ ଆରମ୍ଭକରି ଆକ୍ଟିଂ ଓ ଏଡିଟିଂ କାର୍ଯ୍ୟ କରୁଛନ୍ତି । ଗ୍ରାମବାସୀଙ୍କ ଆଗ୍ରହକୁ ଦେଖି ସ୍ଥାନୀୟ ଜିଲାପାଳ 'ହମର ଫ୍ଲଇକସ'ନାମକ ଏକ ଷ୍ଟୁଡିଓ ନିର୍ମାଣ କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୮

- ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷିଭିତ୍ତିକ ଶିଳ୍ପ ପରିଚାଳନା ପାଇଁ କେନ୍ଦ୍ର କୃଷି ମନ୍ତ୍ରୀ ସୋମ ପାଲଙ୍କ ନେତୃତ୍ୱରେ ଉଚ୍ଚ ସ୍ତରୀୟ ଜାତୀୟ ଟାସ୍କ ଫୋର୍ସ ଗଠନ ।
- ଯୌନ ଉଦ୍ଦୀପକ ବଟିକା 'ଭାଏଗ୍ରା'ର ୬ ମାସ ପାଇଁ ପରୀକ୍ଷାମୂଳକ ଭାବେ ବିକ୍ରି ପାଇଁ ସିଙ୍ଗାପୁର ସରକାରଙ୍କ ଅନୁମତି ।

## ପାଠକ ଶ୍ରେଷ୍ଠ ବିଚାରକ

### ଅଚ୍ଛେ ଦିନ୍‌ର ପ୍ରତୀକ୍ଷାରେ

ମହାଶୟ,

ଅଚ୍ଛେ ଦିନ୍ ଆସିବ ବୋଲି ଆମେ ଅନେକ ଥର ଶୁଣିଆସିଛୁ । ଏହାର ମାନେ ହେଲା ଭଲଦିନ । ଭାଜପା ସରକାର ସାଧାରଣ ଜନତାଙ୍କ ଆସ୍ଥାଭାଜନ ଦେବା ପାଇଁ ଏହିପରି ଗୋଟିଏ ଶବ୍ଦର ବାରମ୍ବାର ପ୍ରଚାର କରିଛନ୍ତି । ସତରେ କ'ଣ ଜନତାଙ୍କ ପାଇଁ କିଛି ଭଲ ସମୟ ଆସିଛି । ଗୋଟିଏ ରାଜନୈତିକ ଦଳ ଭୋଟ ପାଇବା ପାଇଁ ଜନତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥାଏ । କିନ୍ତୁ ସବୁ ପ୍ରଲୋଭନଠାରୁ ବଡ଼ ହେଲା ସୁଖମୟ ଦିନ ବା ସୁଖମୟ ଜୀବନ । ଭାଜପା ସାଧାରଣ ଜନତାଙ୍କୁ ଯେଉଁ ଅଚ୍ଛେ ଦିନ୍‌ର ପ୍ରତିଶ୍ରୁତି ଦେଇଥିଲା ତାହା ଆଣିପାରିଲେ ନାହିଁ । ଦେଶରେ ଦରଦାମ ବୃଦ୍ଧି ସହ ବେରୋଜଗାର ବଢ଼ିଛି । ଧନୀ ଲୋକ ଆହୁରି ଧନୀ ହେଲେ । ଦେଶର ୪୦% ଧନ କେବଳ ୧% ଲୋକଙ୍କ ହାତକୁ ଚାଲିଗଲା ଏବଂ ୧୦% ଧନୀ ଲୋକ ଦେଶର ୭୭% ଧନର ମାଲିକ ହୋଇଗଲେ । ୯୦% ଲୋକ ବାକି ୨୩% ଧନକୁ ନେଇ ଚଳୁଛନ୍ତି । କୃଷକ ଆଜି ନିଜର ପରିଶ୍ରମର ମୂଲ୍ୟ ପାଉନାହିଁ । କୃଷି କାମ ଛାଡ଼ି ଦିନ ମଜୁରି କରିବା ପାଇଁ ଭିନ୍ନ ଭିନ୍ନ ଜାଗାକୁ ଯାଉଛି । ଗଛ, ମାଟିର ମୂଲ୍ୟ ସରକାରଙ୍କୁ ବୁଝିବାକୁ ହେବ ଏବଂ ପରିଶ୍ରମ କରୁଥିବା ଲୋକ ଯେମିତି ତା'ର ପ୍ରାପ୍ୟ ପାଇବ ସେଥିପାଇଁ କାମ କରିବାକୁ ପଡ଼ିବ । ବର୍ତ୍ତମାନ ଚାଷୀ ଆତ୍ମହତ୍ୟା ସବୁଆଡ଼େ ଶୁଣିବାକୁ ମିଳୁଛି । ଚାଷୀମାନଙ୍କ ଆୟ ଦୁଇଗୁଣ ହୋଇପାରିଲା ନାହିଁ । ସେମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁନାହାନ୍ତି । ସରକାରଙ୍କୁ ଏହା ଉପରେ କାମ କରିବାକୁ ପଡ଼ିବ ଏବଂ ଚିନ୍ତା ମଧ୍ୟ କରିବାକୁ ପଡ଼ିବ । ରାଜନୈତିକ ଦଳ କିପରି ଭୋଟ ପାଇବେ ସେଥିପାଇଁ ତତ୍ପର, କିନ୍ତୁ ଯଦି ସେମାନେ ଦେଶ ପାଇଁ ଓ ସାଧାରଣ ନାଗରିକଙ୍କ ସମସ୍ୟା ଉପରେ ଚିନ୍ତା କରନ୍ତେ ତା'ହେଲେ ଆମ ଦେଶର ବିକାଶ ନିଶ୍ଚୟ ହେଇପାରିବ । ଭୋଟବ୍ୟାଙ୍କ ରାଜନୀତି ଆମ ଦେଶର ପ୍ରଗତି ପଥରେ ସବୁଠାରୁ ବଡ଼ ଶତ୍ରୁ ।

–କାଳି ଦାସ, ବ୍ରହ୍ମପୁର, କଳିଙ୍ଗନଗର

## ଚିରନ୍ତନୀ

ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ ।
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ସିଆଇସି ଭାବେ ଶପଥ ନେଲେ ହୀରାଲାଲ୍ ସମରିୟା



**ନୂଆଦିଲ୍ଲୀ,୬।୧୧:** ଭାରତର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୀରାଲାଲ୍ ସମରିୟା ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୬୩ ବର୍ଷୀୟ ହୀରାଲାଲ୍‌ଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଆଇଏଏସ୍ ଅଫିସର ହୀରାଲାଲ୍ ଶ୍ରମ ଓ ନିୟୋଜନ ସଚିବ ଭାବେ ପୂର୍ବରୁ କାର୍ଯ୍ୟ କରିଥିଲେ। ଅକ୍ଟୋବର ୩ରେ ୱାଇ.କେ. ସିହ୍ନାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କେନ୍ଦ୍ରୀୟ ସୂଚନା ଆୟୋଗର ଶୀର୍ଷ ପଦ ଖାଲି ପଡ଼ିଥିଲା।

## ମହିଳା ଅଫିସର ହତ୍ୟା ମାମଲାରେ ଡ୍ରାଇଭର ଗିରଫ

**ବେଙ୍ଗାଲୁରୁ,୬।୧୧:** କର୍ଣ୍ଣାଟକ ଖଣି ବିଭାଗ ଉପନିର୍ଦ୍ଦେଶିକା ପ୍ରଥିମା କେ.ଏସ୍.ଙ୍କୁ ହତ୍ୟା ମାମଲାରେ ବେଙ୍ଗାଲୁରୁ ପୋଲିସ ତାଙ୍କ ଡ୍ରାଇଭରଙ୍କୁ ଗିରଫ କରିଛି। ୫ ବର୍ଷ ହେଲା ଠିକାରେ ନିଯୁକ୍ତି ପାଇଥିବା କିରଣ ନାମକ ଉକ୍ତ ଡ୍ରାଇଭରଙ୍କୁ ୭ରୁ ୧୦ ଦିନ ପୂର୍ବରୁ ଚାକିରିରୁ ବହିଷ୍କାର କରାଯାଇଥିଲା ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। ବହିଷ୍କାରର ପ୍ରତିଶୋଧ ନେବା ପାଇଁ କିରଣ ପ୍ରଥିମାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଶନିବାର ରାତିରେ ହତ୍ୟାକାଣ୍ଡ ଘଟାଇବା ପରେ ସେ ବେଙ୍ଗାଲୁରୁରୁ ୨୦୦ କିଲୋମିଟର ଦୂର ଚାମରାଜନଗରକୁ ଚାଲିଯାଇଥିଲେ।

## ନୂଆ ଆପରାଧିକ ଆଇନ ପାଇଁ ବିଲ୍ ଉପରେ ରିପୋର୍ଟ ସଂସଦୀୟ କମିଟିରେ ଗୃହୀତ

**ନୂଆଦିଲ୍ଲୀ,୬।୧୧:** ବର୍ତ୍ତମାନର ଆପରାଧିକ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ ବିଲ୍ ଉପରେ ୩ଟି ରିପୋର୍ଟ ସୋମବାର ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ କମିଟିରେ ଗୃହୀତ ହୋଇଛି। ତେବେ କମିଟିର କେତେଜଣ ବିରୋଧୀ ସଦସ୍ୟ ଭିନ୍ନ ମତ ଉପସ୍ଥାପନ କରିଥିଲେ ବୋଲି ଜଣାପଡ଼ିଛି। ତିଠା ରିପୋର୍ଟର ଅଧ୍ୟୟନ ପାଇଁ ସଦସ୍ୟମାନେ ଗତ ମାସରେ ଅଧିକ ସମୟ ଚାହିଁବାରୁ ୧୦ ଦିନ ପରେ ସୋମବାର ଭାଜପା ଏମ୍‌ପି ବ୍ରିଜ୍‌ଲାଲ୍‌ଙ୍କ ଅଧ୍ୟକ୍ଷତାରେ ସଂସଦୀୟ କମିଟି ବୈଠକ ବସିଥିଲା। ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଦଣ୍ଡ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ତଥ୍ୟ ପ୍ରମାଣ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ଗତ ଅଧିବେଶନରେ ୩ଟି ବିଲ୍ ଆଣିଥିଲେ। ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ।

# ରଣକ୍ଷେତ୍ରରେ ରିପୋର୍ଟିଂ ଚ୍ୟାଲେଞ୍ଜ

## ଜଣେ ଖବରଦାତାଙ୍କ ମୃତ୍ୟୁରେ ମରିଯାଏ ଲକ୍ଷାଧିକ ଲୋକଙ୍କ ଖବର




ଅକ୍ଟୋବର ୩୦ରେ ଅଲ୍-ଜଜିରାର ଗାଜା ଷ୍ଟ୍ରିପ୍ ରିପୋର୍ଟର ୟୋଉମ୍ନା ଏଲ୍-ସୟେଦଙ୍କ ସ୍ୱାମୀଙ୍କୁ 'ସ୍ଥାନ ଛାଡ଼ି ଚାଲିଯାଅ, ନଚେତ୍ ମର' ବୋଲି ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଧମକ ଦିଆଯାଇଥିଲା। ଦକ୍ଷିଣ ଗାଜାରେ ଇସ୍ରାଏଲ ତୁହାକୁ ତୁହା ବୋମାମାଡ଼ କରୁଥିବାବେଳେ ୟୋଉମ୍ନାଙ୍କ ପରିବାର ଲୋକେ ଆତଙ୍କିତ ହୋଇ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ।

**ତେଲ୍ ଆଭିଭ୍/ ଗାଜା ସିଟି, ୬।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ସାମ୍ବାଦିକତା ଏକ ବୃତ୍ତି ନୁହେଁ, ମିଶନ। ଏହି ଅଭିଯାନରେ ଥାଇ ଯୁଦ୍ଧ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ଅନୁଭୂତି ସ୍ୱତନ୍ତ୍ର। ଗାଜା ଭିତରେ ରହି ଯୁଦ୍ଧର ଘନଘଟା କଭର କରୁଥିବା ପାଲେଷ୍ଟିନୀୟ ଖବରଦାତାଙ୍କ ଦୃଷ୍ଟାନ୍ତ ବିଶ୍ୱରେ ବିରଳ। ସେମାନେ ଯୁଦ୍ଧର ବିବରଣୀ/ଦୃଶ୍ୟ ପାଠକ ବା ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ କୌଣସି ଅନ୍ୟ ଦେଶର ସୀମାକୁ ଯାଇନାହାନ୍ତି, ବରଂ ଯୁଦ୍ଧ ସେମାନଙ୍କ ଘରକୁ ଆସିଯାଇଛି। ସେମାନଙ୍କ ଛାତ ଉପରେ ବୋମା ବର୍ଷା ହେଉଛି। ଗାଜାରେ ଲୁଚିବା ପାଇଁ ସ୍ଥାନ ନାହିଁ। ସେଠାରୁ ପଳାୟନ ଲାଗି ପନ୍ଥା ନାହିଁ ଏବଂ ଗାଜାରେ ରହିବାର ମାନେ ହେଉଛି ମୃତ୍ୟୁ। ହେଲ୍‌ମେଟ ଓ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ କୌଣସି କାମକୁ ନୁହେଁ। ଏସବୁ ଜାଣି ସୁଦ୍ଧା ଖବରଦାତାମାନେ ଅଦ୍ୟାବଧି ଗାଜାଠାରୁ ରିପୋର୍ଟିଂ ବନ୍ଦ କରିନାହାନ୍ତି। ସେମାନଙ୍କ ଅନେକ ସାଥୀ ହତ୍ୟାର ଶିକାର ହେବା ପରେ ମଧ୍ୟ ରିପୋର୍ଟିଂ ଜାରି ରହିଛି। ଏହି ଖବରଦାତାମାନେ ଖବର ପାଇଁ ନିଜ ଜୀବନକୁ ବାଜି ଲଗାଇ ସାହସ ଓ ସାଧନର ସବୁ ଆହ୍ୱାନକୁ ନ୍ୟୂନ ପ୍ରମାଣିତ କରିଛନ୍ତି। ବିନା ଖାଦ୍ୟ, ପାନୀୟ ଓ ଦରମାରେ ରିପୋର୍ଟିଂ କରୁଥିବା ପାଲେଷ୍ଟିନୀୟ ରିପୋର୍ଟରମାନେ କର୍ମଭୂମି ଯୁଦ୍ଧଭୂଇଁରେ ମୃତ୍ୟୁକୁ ଆଦରିନେଉଛନ୍ତି। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଶକ୍ତିଶାଳୀ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ସେମାନଙ୍କୁ ଜାଣିଶୁଣି ଟାର୍ଗେଟ କରୁଥିବା ଅଭିଯୋଗ ହୋଇଛି।

ରଣକ୍ଷେତ୍ରରେ ରିପୋର୍ଟିଂ କଲାବେଳେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟର କୌଣସି ମୂଲ୍ୟ ନାହିଁ। ତେଣୁ ପ୍ରେସ୍ ଲେଖାଥିବା ସୁରକ୍ଷା କବଚକୁ ନିଜ ଦେହରୁ ଉତାରିଦେଇଛନ୍ତି ପାଲେଷ୍ଟିନୀୟ କର୍ତ୍ତୃପକ୍ଷଙ୍କ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ସଲମାନ୍ ଅଲ-ବସିର। କାରଣ ତାଙ୍କ ସହକର୍ମୀ ମୋହମେଦ୍ ଅବୁ ହତାବ୍ ଅଧଘଣ୍ଟା ପୂର୍ବରୁ ନାସେର ହସ୍ପିଟାଲରୁ ଲାଇଭ୍ ରିପୋର୍ଟିଂ କରିବା ସମୟରେ ଏପରି ଜ୍ୟାକେଟ୍ ପରିଧାନ କରିଥିଲେ। କିନ୍ତୁ ତାହା ତାଙ୍କୁ ସୁରକ୍ଷା ଦେଇପାରି ନ ଥିଲା। ଇସ୍ରାଏଲର ରକେଟ୍ ମାଡ଼ରେ ହତାବ୍ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନରୁ ରିପୋର୍ଟିଂ ବେଳେ ସଲମାନ୍ କାନ୍ଦି କାନ୍ଦି କହିଥିଲେ, ଆଉ ସହି ହେଉନାହିଁ। ଆମ ଦୁଇଜଣଙ୍କ ମଧ୍ୟରେ କେବଳ ଗୋଟିଏ ଫରକ୍ ରହିଛି। ତାହା ହେଉଛି, ମୃତ୍ୟୁ କାହାକୁ ପ୍ରଥମେ ଓ କାହାକୁ ପରେ କୋଳେଇ ନେବ। ଜଣେ ପରେ ଜଣେ ମରୁଛୁ। ଗାଜା ଉପରେ ଯେଉଁ ବିପତ୍ତି ମାଡ଼ିଆସିଛି, ତାକୁ କାହାରି ଖାତିର ନାହିଁ। ଆମେ ଲାଇଭ୍, ଅନ୍ ଏୟାର୍ ଭିକ୍ଟିମ୍। ଆମେ ସେହି ପୀଡ଼ିତ, ମରିବା ପାଇଁ ନିଜ ପାଳିକୁ ଅପେକ୍ଷା କରିବା ବ୍ୟତୀତ ଯାହାଙ୍କ ଅନ୍ୟ ଗତି ନାହିଁ। ଏସବୁ ଦେଖି ନ୍ୟୁଜ୍‌ରୁମ୍‌ରେ ଆଙ୍କରିଂ କରୁଥିବା ଉପସ୍ଥାପିକାଙ୍କ ଆଖିରେ ମଧ୍ୟ ଲୁହ ଆସିଯାଇଥିଲା।

## ଇସ୍ରାଏଲ-ଗାଜା ଯୁଦ୍ଧଭୂଇଁରେ ୩୬ ସାମ୍ବାଦିକ ନିହତ

ଗାଜାରେ ଖବରଦାତାମାନେ ଯୁଦ୍ଧର ରିପୋର୍ଟିଂ ବେଳେ ବହୁ ବିପଦ ଓ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ଦେଇ ଗତି କରୁଛନ୍ତି। ବିଶେଷକରି ଇସ୍ରାଏଲୀ ବଳ ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପରେ ସ୍ଥଳଭାଗରେ ଗାଜା ସିଟିକୁ ଟାର୍ଗେଟ କରି ଯୋଗାଯୋଗ ଭିତ୍ତିଭୂମିକୁ ନଷ୍ଟଭ୍ରଷ୍ଟ କରିଦେଇଥିବାରୁ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଏହାସତ୍ତ୍ୱେ ସେମାନେ ହାର ନ ମାନି ବିଶ୍ୱବାସୀଙ୍କ ନିକଟରେ ଖବର ପହଞ୍ଚାଇବା ମିଶନ ଜାରି ରଖିଛନ୍ତି।

ଅକ୍ଟୋବର ୭ରେ ହମାସ୍‌ର ଅଭୂତପୂର୍ବ ଆକ୍ରମଣ ପରେ ଇସ୍ରାଏଲ-ଗାଜା ଯୁଦ୍ଧରେ ଅନେକ ଖବରଦାତାଙ୍କ ଜୀବନ ଗଲାଣି। ସେବେଠୁ ନିହତ, ଆହତ, ନିଖୋଜ ଓ ଗିରଫ ସାମ୍ବାଦିକ ତଥା ଗଣମାଧ୍ୟମ କର୍ମୀଙ୍କ ସମ୍ପର୍କରେ କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ପକ୍ଷରୁ ତଦନ୍ତ ଚାଲିଛି। ସିପିଜେର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ନଭେମ୍ବର ୫ ସୁଦ୍ଧା:

- ➩୩୬ ଖବରଦାତା ଓ ମିଡିଆ ୱାର୍କର୍ସଙ୍କ ମୃତ୍ୟୁ ଘଟିଛି।
- ➩ମୃତ ରିପୋର୍ଟର୍ସଙ୍କ ମଧ୍ୟରୁ ୩୧ ପାଲେଷ୍ଟିନୀୟ, ୪ ଇସ୍ରାଏଲୀ ଓ ଜଣେ ଲେବାନନ୍ ନାଗରିକ।
- ➩୮ ଖବରଦାତା ଆହତ ଓ ୩ ନିଖୋଜ।
- ➩ଅନ୍ୟ ୮ ଖବରଦାତା ଗିରଫ।
- ➩ଅନେକ ଜର୍ନାଲିଷ୍ଟ ନିଜ ପରିବାରକୁ ହରାଇଛନ୍ତି।
- ➩ଖବରଦାତାମାନଙ୍କ ପାଖରେ ବ୍ୟକ୍ତିଗତ ସୁରକ୍ଷାତ୍ମକ ଉପକରଣ (ପିପିଇ) ନାହିଁ।
- ➩ଯୁଦ୍ଧ ଆରମ୍ଭରୁ ଇସ୍ରାଏଲୀ ପୋଲିସ ଓ ସେନା ବିବିସି, ଅଲ୍-ଜଜିରା, ଆର୍‌ଟି ଆରବିକ୍, ଅଲ୍-ଆରବୀ ଟିଭି ଭଳି ଆଉଟ୍‌ଲେଟ୍‌ର ଖବରଦାତାମାନଙ୍କୁ ରିପୋର୍ଟିଂରେ ବାଧା ସୃଷ୍ଟି କରୁଛନ୍ତି।




ପାଲେଷ୍ଟାଇନ୍ ଟିଭି ଖବରଦାତା ମୋହମେଦ ଅବୁ ହତାବ୍।




ଅବୁ ହତାବ୍‌ଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।



❝ ଗାଜାରେ ଖବରଦାତାମାନଙ୍କ ମୃତ୍ୟୁ ଘଟଣାକୁ ଆମେ ଅଣଦେଖା କରିପାରିବା ନାହିଁ। ଏହି ମୃତ ଖବରଦାତାଙ୍କ ସଂଖ୍ୟା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମୃତ୍ୟୁକୁ ଟପିଯାଇଛି। ଯାହା ଘଟୁଛି, ତାହା ଅବିଶ୍ୱସନୀୟ ଭାବେ ଆଚମ୍ବିତ କରିଦେବା ଭଳି। ଗାଜାରେ ବର୍ତ୍ତମାନର ମିଡିଆ ବ୍ଲାକ୍‌ଆଉଟ୍ ସ୍ଥିତିରେ ଖବରଦାତାମାନେ ରିପୋର୍ଟିଂ କରିବା ଅସମ୍ଭବ ହୋଇଯାଇଛି।

**-ଖ୍ରୀଷ୍ଟୋଫର ଡେଲୋଇରେ, ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ମହାସଚିବ**



❝ ଯୁଦ୍ଧ ସମୟରେ ଭୁଲ୍ ସୂଚନା ଓ ଗୁଜବ ରୋକିବା ଖବରଦାତାଙ୍କ ଦାୟିତ୍ୱ। ସେମାନଙ୍କୁ ବାଦ୍‌ଦେଇ ଲଢ଼ାଯାଉଥିବା ଯୁଦ୍ଧ କେବଳ ଏକ ୱାର୍ ପ୍ରୋପାଗଣ୍ଡା। ତେଣୁ ଜର୍ନାଲିଷ୍ଟଙ୍କ ଉପରେ ଆକ୍ରମଣ ବନ୍ଦ ହେଉ।

**-ଶେରିଫ୍ ମନ୍‌ସୋଉର୍, ସିପିଜେର ମଧ୍ୟପ୍ରାଚ୍ୟ ପ୍ରୋଗ୍ରାମ୍ ଡାଇରେକ୍ଟର**




ସଲମାନ୍ ଅଲ୍-ବସିର ରିପୋର୍ଟିଂ କରୁଥିବାବେଳେ ଟିଭି ଉପସ୍ଥାପିକା କାନ୍ଦି ପକାଉଛନ୍ତି।

## ସବୁଠୁ ଘାତକ ସମୟ

➲ନଭେମ୍ବର ୨ରେ ପାଲେଷ୍ଟିନୀୟ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ମୋହମେଦ୍ ଅବୁ ହତାବ୍ ଓ ତାଙ୍କ ପରିବାରର ୧୧ ସଦସ୍ୟଙ୍କୁ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରରେ ବୋମାମାଡ଼ କରି ହତ୍ୟା କରାଯାଇଥିଲା।

➲ଅକ୍ଟୋବର ୧୩ରେ ରଏଟର୍ସ ଖବରଦାତା ଇସାମ୍ ଅବ୍‌ଦାଲହଙ୍କୁ ଇସ୍ରାଏଲ ସୀମାରେ ଆଇଡିଏଫ୍ ସୈନ୍ୟ ଟାର୍ଗେଟ କରି ହତ୍ୟା କରିଥିବା ଗଣମାଧ୍ୟମ ଜଗୁଆଳି ସଂସ୍ଥା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ତଦନ୍ତରୁ ଜାଣିବାକୁ ପାଇଥିଲା।

➲ରଏଟର୍ସକୁ ଇସ୍ରାଏଲୀ ସେନା ଲେଖିଥିବା ଏକ ପତ୍ରରେ ଉଲ୍ଲେଖ କରିଛି ଯେ, ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲର ସାମରିକ ଅଭିଯାନକୁ ନାଗରିକ ଓ ଖବରଦାତାଙ୍କ ନିକଟକୁ ଟାଣିନେଇଥିବାରୁ ରିପୋର୍ଟରମାନଙ୍କ ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇପାରିବ ନାହିଁ।



➲୧୯୯୨ରୁ ଯୁଦ୍ଧର ଟ୍ରାକିଂ କରୁଥିବା ସିପିଜେ କହିଛି, ସଦ୍ୟ ସଂଘର୍ଷର ପ୍ରଥମ କିଛି ସପ୍ତାହ ଅନେକ ଦଶନ୍ଧି ଭିତରେ ଖବରଦାତାମାନଙ୍କ ପାଇଁ ସବୁଠୁ ଘାତକ ସମୟ।

➲ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି) ପାଲେଷ୍ଟିନୀୟ ଖବରଦାତାମାନଙ୍କ ମୃତ୍ୟୁର ତଦନ୍ତ କରିବା ଉଚିତ। ଯୁଦ୍ଧ ଆରମ୍ଭରୁ ଗାଜାରେ ୫୦ ଗଣମାଧ୍ୟମ ସଂସ୍ଥା ଅଫିସକୁ ଟାର୍ଗେଟ କରାଯାଇଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ପକ୍ଷରୁ ଦାବି କରାଯାଇଛି।

➲ଅନ୍ୟପକ୍ଷେ ଆଇସିସିର ୧୨୩ ସଦସ୍ୟ ରାଷ୍ଟ୍ର ମଧ୍ୟରେ ନ ଥିବା ଇସ୍ରାଏଲ କହିଛି, ଏହି ଯୁଦ୍ଧକୁ ନେଇ ତଦନ୍ତ କରିବା ଆଇସିସିର କ୍ଷମତା ପରିସରଭୁକ୍ତ ନୁହେଁ।

# ନେପାଳରେ ପୁଣି ଭୂକମ୍ପ

### ଦିଲ୍ଲୀ ସମେତ ଉତ୍ତର ଭାରତରେ ଝଟକା

**କାଠମାଣ୍ଡୁ/ନୂଆଦିଲ୍ଲୀ,୬।୧୧**

ନେପାଳରେ ୩ ଦିନ ମଧ୍ୟରେ ଦ୍ୱିତୀୟ ଭୂକମ୍ପ ସୋମବାର ଅପରାହ୍ନ ୪ଟା ୧୪ ମିନିଟ୍‌ରେ ହୋଇଛି। ଭୂକମ୍ପର ତୀବ୍ରତା ୫.୬ ଥିଲା। ଏହାର ପ୍ରଭାବରେ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତରେ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଛି। ଗତ ଶୁକ୍ରବାର ରାତିରେ ଏହି ପାର୍ବତ୍ୟାଞ୍ଚଳ ଦେଶରେ ୬.୪ ତୀବ୍ରତାର ଭୂକମ୍ପ ୧୫୭ ଲୋକଙ୍କ ଜୀବନ ନେଇଥିବାବେଳେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଶକ୍ତିଶାଳୀ ଭୂକମ୍ପ ଯୋଗୁ ଶହ ଶହ ଘର ମାଟିରେ ମିଶିଯାଇଛି। ଏହାର କେନ୍ଦ୍ରସ୍ଥଳ ରାଜଧାନୀ କାଠମାଣ୍ଡୁଠାରୁ ୫୦୦ କିଲୋମିଟର ପଶ୍ଚିମରେ ବୋଲି ଜଣାପଡ଼ିଥିଲା। ସୋମବାର ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ହୋଇଥିବା ଜାତୀୟ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ନେପାଳ ସବୁଠୁ ସକ୍ରିୟ ଟେକ୍ଟୋନିକ୍ ଜୋନ୍ ୪ ଓ ୫ ମଧ୍ୟରେ ରହୁଥିବାରୁ ଏଠାରେ ଭୂକମ୍ପ ଅତ୍ୟଧିକ କ୍ଷତିକାରକ ହୋଇଥାଏ। ନେପାଳରେ ଭୂକମ୍ପ ହେଲେ ଭାରତର ଗାଙ୍ଗେୟ ସମତଳ ଭୂମି ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଶୁକ୍ରବାର ଭୂକମ୍ପରେ ଘରଦ୍ୱାର ହରାଇଥିବା ହଜାର ହଜାର ଲୋକେ ପ୍ରବଳ ଶୀତରେ ଖୋଲା ଆକାଶ ତଳେ ପଡ଼ିରହି ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ ଆବଶ୍ୟକ ରିଲିଫ ସହାୟତା ପହଞ୍ଚିପାରି ନାହିଁ। ସେମାନେ ଖାଦ୍ୟ, ପୋଷାକ ଓ ଔଷଧ ବିନା ବାହାରେ ପଡ଼ିରହିଛନ୍ତି। ଆମର ସବୁକିଛି ଘରର ଭଗ୍ନାବଶେଷ ତଳେ ରହିଯାଇଛି ବୋଲି ଜଣେ ବିପନ୍ନ କହିଛନ୍ତି। ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ଶେଷକୃତ୍ୟ ରବିବାର ତାଙ୍କ ଆତ୍ମୀୟ ସ୍ୱଜନମାନେ କରିଥିଲେ।



ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଭୂକମ୍ପ ଯୋଗୁ ବିଧ୍ୱସ୍ତ ଏକ ଘର।

# ପୋଲିଂ ପାର୍ଟିକୁ ମାଓବାଦୀଙ୍କ ଟାର୍ଗେଟ

### ବିସ୍ଫୋରଣରେ ଜଣେ ଯବାନ, ୨ ପୋଲିଂ କର୍ମଚାରୀ ଆହତ

**ରାୟପୁର,୬।୧୧**

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ମତଦାନର ଦିନକ ପୂର୍ବରୁ କଙ୍କେର୍ ଜିଲାରେ ପୋଲିଂ ପାର୍ଟିକୁ ଟାର୍ଗେଟ କରି ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ କନ୍‌ଷ୍ଟେବଲ ଏବଂ ଦୁଇଜଣ ପୋଲିଂ କର୍ମଚାରୀ ଆହତ ହୋଇଛନ୍ତି। ଆହତ କନ୍‌ଷ୍ଟେବଲ ପ୍ରକାଶ ଚାନ୍ଦଙ୍କ ଦୁଇ ଗୋଡ଼ରେ କ୍ଷତ ହୋଇଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଛୋଟେପେଠିୟା ନିଆଯାଇଛି। ପୋଲିଂ କର୍ମଚାରୀ ଦୁଇଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବିଏସ୍‌ଏଫ୍ ଏବଂ ଡିଷ୍ଟ୍ରିକ୍ଟ ଫୋର୍ସ କଙ୍କେର୍ ଜିଲାର ଛୋଟେବେଟିୟା ଥାନାରୁ ୪ଟି ପୋଲିଂ ଟିମ୍‌କୁ ନେଇ ରେଙ୍ଗାଘାଟି ରେଙ୍ଗାଗୋଣ୍ଡି ବୁଥ୍‌କୁ ନେଉଥିବାବେଳେ ବିସ୍ଫୋରଣ ଘଟିଥିଲା।

## ଆଜି ଛତିଶଗଡ଼, ମିଜୋରାମରେ ଭୋଟ

**ନୂଆଦିଲ୍ଲୀ,୬।୧୧**

ଛତିଶଗଡ଼ ଓ ମିଜୋରାମ ବିଧାନସଭା ନିର୍ବାଚନ ଲାଗି ମଙ୍ଗଳବାର ମତଦାନ ହେବାକୁ ଯାଉଛି। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୨୦ଟି ଆସନରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ଭୋଟ ନିଆଯିବ। ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକ ମାଓବାଦୀ ପ୍ରବଣ ବସ୍ତର ଓ ଜଗଦଲପୁର ଜିଲାରେ ରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ୬୦,୦୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ପୋଲିଂ କର୍ମଚାରୀମାନେ ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଛନ୍ତି। ରବିବାର ପ୍ରଚାର ଶେଷ ହୋଇଥିବାବେଳେ ବିଭିନ୍ନ ଦଳର ନେତା ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଚୂଡ଼ାନ୍ତ ଉଦ୍ୟମ କରିଥିଲେ। ମହାଦେବ ବେଟିଂ ଆପ୍ ସହ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମ୍ପୃକ୍ତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ ଭାଜପା ବିରୋଧୀ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା। କଂଗ୍ରେସ ବିଦାୟୀ ମୁଖ୍ୟମନ୍ତ୍ରୀ ବଘେଲଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିବାବେଳେ ଭାଜପା ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ନିର୍ବାଚନ ମଇଦାନକୁ ଓହ୍ଲାଇଛି। ୪୦ ଆସନ ବିଶିଷ୍ଟ ମିଜୋରାମ ବିଧାନସଭା ପାଇଁ ୧,୨୭୬ ଭୋଟଦାନ କେନ୍ଦ୍ର ମଧ୍ୟରୁ ୧୪୯ଟି ଦୁର୍ଗମ ଅଞ୍ଚଳରେ, ୩୦ଟି ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସୀମାରେ ରହିଛି। ରାଜ୍ୟ ସୀମା ଓ ବାଂଲାଦେଶ, ମ୍ୟାନ୍‌ମାର ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ୩,୦୦୦ ପୋଲିସ ଏବଂ ୫,୪୦୦ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।




ମିଜୋରାମ ଭୋଟ ପାଇଁ ପୋଲିଂ କର୍ମଚାରୀମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### ଦଳ ବିରୋଧୀ କାର୍ଯ୍ୟ: କଳାହାଣ୍ଡି ବିଜେଡିର ୩ ନିଲମ୍ବିତ

ଭବାନୀପାଟଣା,୬।୧୧(ଉତ୍ତମ କୁମାର ଦାଶ)
ଦଳ ବିରୋଧୀ କାର୍ଯ୍ୟ କଳାପ ପାଇଁ କଳାହାଣ୍ଡି ବିଜେଡିର ୩ଜଣଙ୍କୁ ସୋମବାର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଲମ୍ବିତ କରିଛନ୍ତି। ଏ ନେଇ ଏକ ପତ୍ର ମାଧ୍ୟମରେ ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି। ସେମାନେ ହେଲେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିବା ଜୟନ୍ତ କୁମାର ନାଏକ, ବର୍ତ୍ତମାନ କାର୍ଯ୍ୟରତ ବିଜୁ ଯୁବ ଜନତା ଦଳର ବଲାଙ୍ଗୀର ଜୋନ୍ ସଭାପତି ମନିନ୍ଦ୍ର ମହାନ୍ତି ଓ ଭବାନୀପାଟଣା ପୌରପାଳିକାର ୭ ନଂ. ୱାର୍ଡ କାଉନସିଲର ଶିବା ସାହୁ। ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ଏପରି କାର୍ଯ୍ୟାନୁଷ୍ଠାନ ସାଧାରଣରେ ଏବେ ଚର୍ଚ୍ଚାର ବିଷୟ ହୋଇଛି।

### କେନାଲରେ ଭାସି ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

କୋକସରା,୬।୧୧
(ଦୁଷ୍ମନ୍ତ କୁମାର ପାଇଯୋଶୀ)
ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରେ ରବିବାର ଅପରାହ୍ନରେ ଭାସି ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହ ସୋମବାର ସକାଳୁ କେନାଲର କିଛି ଦୂରରେ ଠାବ ହୋଇଛି। ସୂଚନା ମତେ ଜୟପାଟଣା ବ୍ଲକ ଉଛୁଳା ପଞ୍ଚାୟତ ଖଇରଭା ଗ୍ରାମର ଭିକାରୀ ରାଉତ (୫୦) ରବିବାର ନିଜ ଚାଷଜମି ନିକଟରେ ଗୋରୁ ଚରାଇ ଆସିଥିବା ସମୟରେ କେନାଲକୁ ଗୋଧଇବାକୁ ଯାଇଥିବା ବେଳେ ଭାସି ଯାଇଥିଲେ। ଚାଷଜମି ନିକଟରେ ଥିବା କିଛି ସ୍ଥାନୀୟ ଲୋକେ ଏହା ଦେଖି କୋକସରା ଦମକଳ କର୍ମଚାରୀଙ୍କୁ ଖବର ଦେଇଥିଲେ। ଦମକଳ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରଖିଥିଲେ। ରାତି ହେବାରୁ ସୋମବାର ସକାଳୁ ଖୋଜାଖୋଜି କରିବା ପରେ କେନାଲର କିଛି ଦୂରରେ ମୃତଦେହ ଠାବ ହୋଇଛି। ଜୟପାଟଣା ପୋଲିସ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

କେସିଙ୍ଗା,୬।୧୧(ତୁମେଶ୍ୱର ସାହୁ)
କଳାହାଣ୍ଡି ଜିଲା କେସିଙ୍ଗା ସହରର ଜଗନ୍ନାଥ ପଡ଼ା ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ୪୩ତମ ବର୍ଷ ହୋଇଥିବା ବେଳେ ୯ଦିନ ଧରି ମା'ଙ୍କ ପୂଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆକର୍ଷଣୀୟ ତୋରଣ ସାଙ୍ଗକୁ ଲାଇଟ ସାଜସଜା ଭକ୍ତଗଣଙ୍କୁ ଆନନ୍ଦିତ କରୁଥିବା ବେଳେ ମୀନା ବଜାର ସମସ୍ତଙ୍କୁ ମନମୋହୁଥିଲା। ପୂଜା କମିଟି ସଭାପତି ଶିଲୁ ପରିଡାଙ୍କ ନେତୃତ୍ୱରେ ଗଜଲକ୍ଷ୍ମୀ ଏକ ବିରାଟ ଶୋଭା ଯାତ୍ରାରେ ଜଗନ୍ନାଥ ମନ୍ଦିର ପୂଜାମଣ୍ଡପରୁ ସନ୍ଧ୍ୟା ୫ଟାରେ ହଜାର ହଜାର ଭକ୍ତଙ୍କ ସହିତ ବାହାରି ଗଜଲକ୍ଷ୍ମୀଙ୍କ ସହର ପରିକ୍ରମା କରିବା ପରେ ନିକଟସ୍ଥ ତେଲ ନଦୀରେ ଭାସାଣି କରାଯାଇଥିଲା। ଚଳିତବର୍ଷ ଶୋଭାଯାତ୍ରାରେ ଆକର୍ଷଣୀୟ ଡିଜେ ସହିତ ଅଞ୍ଚଳର ଆଦିବାସୀ ନୃତ୍ୟ ଓ ପ୍ରସିଦ୍ଧ ଘଣ୍ଟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ସ୍ଥାନୀୟ ଯୁବ ଗୋଷ୍ଠୀ ସହିତ କମିଟି ସଦସ୍ୟମାନେ ମସଗୁଲ ହୋଇଯାଇଥିଲେ।

# ୫ କି.ମି. ବୁହା ହେଲେ, ଅଧବାଟରେ ଶିଶୁପୁତ୍ର ଜନ୍ମ



ଗର୍ଭବତୀଙ୍କୁ ଖଟିଆରେ ବୋହି ନିଆଯାଉଛି।

**ଭଗବାନଙ୍କ ଭରସାରେ ଜନନୀ**
■କଳାହାଣ୍ଡିରେ ଏମିତି ଚାଲିଛି ଜନନୀ ସୁରକ୍ଷା ଯୋଜନା

ଭବାନୀପାଟଣା,୬।୧୧(ଉତ୍ତମ କୁମାର ଦାଶ)
ଭଗବାନ ଭରସାରେ ଜନନୀ। ୫ କି.ମି. ପାହାଡିଆ ରାସ୍ତା ଦେଇ ଖଟିଆରେ ବୁହା ହେବା ପରେ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ଜଣେ ଗର୍ଭବତୀ। ଭାଗ୍ୟକୁ ମା' ପୁଅ ସୁରକ୍ଷିତ ଥିବା ବେଳେ ଜନନୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତ ନଳାଚୁଆଁ ଗାଁରେ। ସୋମବାର ସକାଳେ ଗାଁର ଶୁକ୍ରୀ ଯାନୀ (୩୦)ଙ୍କୁ ପ୍ରସବପୀଡା ହୋଇଥିଲା। ସମ୍ପର୍କୀୟମାନେ ଜନନୀ ସୁରକ୍ଷା ଗାଡିକୁ ଖବର ଦେଇଥିଲେ। ଗାଁକୁ ରାସ୍ତା ନ ଥିବାରୁ ୫ କି.ମି. ଦୂର ବାଙ୍ଗଟିସାଦ ଗାଁ ପାଖରେ ଅଟକି ରହିଥିଲା ଜନନୀ ସୁରକ୍ଷା ଗାଡି। ଶେଷରେ କୌଣସି ଉପାୟ ନ ପାଇ ସମ୍ପର୍କୀୟ ଓ ଶୁକ୍ରୀଙ୍କ ସ୍ୱାମୀ ସୀତାରାମ ଖଟିଆରେ ବୋହି ତାଙ୍କୁ ଆଣୁଥିବା ବେଳେ ଅଧ ବାଟରେ ଶୁକ୍ରୀଙ୍କ ଅଧିକ ପ୍ରସବ ପୀଡା ହେବା ସହ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଖବର ପାଇ ଧନସୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସିଂ ଅଫିସର ତୁସୁମ କୁମାର, ଏନଏମ ଚନ୍ଦ୍ରକାନ୍ତି ମାଝି ଓ ଆଶା କର୍ମୀ ତୁଳସା ନାଏକ ଘଟଣାସ୍ଥଳରେ ପହଞ୍ଚି ମା' ପୁଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତେବେ ମା' ପୁଅ ସୁରକ୍ଷିତ ଥିବା ଜଣାପଡ଼ିଛି। ପୁଅ ଜନ୍ମ ହେବା ପରେ ଡାକ୍ତରଖାନାକୁ ଯିବାକୁ ଶୁକ୍ରୀଙ୍କ ପରିବାର ଅନିଚ୍ଛୁକ ଥିବା ବେଳେ ନର୍ସିଂ ଅଫିସର ତୁସମୀ ପ୍ରାଥମିକ ଚିକିତ୍ସା ପରେ ମା'ପୁଅଙ୍କୁ ସୁରକ୍ଷା ପାଇଁ ଡାକ୍ତରଖାନାକୁ ନେବାକୁ ବୁଝାଇଥିଲେ। ଫଳରେ ମା' ପୁଅକୁ ଜନନୀ ସୁରକ୍ଷା ଗାଡ଼ିରେ ନେଇ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଛି। ଗୋଟିଏ ପଟେ ସରକାର ଜନନୀ ସୁରକ୍ଷା ତଥା ଦୁର୍ଗମ ଅଞ୍ଚଳ ଗୁଡିକ ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନଙ୍କ ଅବହେଳା ଯୋଗୁ ସବୁ ଯୋଜନା ଓ ବ୍ୟବସ୍ଥା ବାଟବଣା ହେଉଥିବା ଅଭିଯୋଗ ହେଉଛି। ଜୟପାଟଣା ବ୍ଲକରେ ଗତ ଦିନରେ ବିଭିନ୍ନ ଅନୁଦାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଅଞ୍ଚଳ ପାଇଁ ଆଖି ବନ୍ଦ କରି ଦେଇଛନ୍ତି ଜନପ୍ରତିନିଧି। ତେବେ କେବେ ଏହି ଅଞ୍ଚଳକୁ ବିକାଶ ପହଞ୍ଚିବ ଓ କେବେ ଏଠାକାର ଜନନୀ ସୁରକ୍ଷା ପାଇବେ ତାହା ହିଁ ବଡ଼ ପ୍ରଶ୍ନ।

# ସ୍ୱେଚ୍ଛାଗ୍ରାହୀ ସଂଘ ପକ୍ଷରୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋକସରା,୬।୧୧
(ଦୁଷ୍ମନ୍ତ କୁମାର ପାଇଯୋଶୀ)
କଳାହାଣ୍ଡି ଜିଲା କୋକସରା ବ୍ଲକରେ ସ୍ୱଚ୍ଛ ଭାରତ ମିଶନରେ କାର୍ଯ୍ୟ କରି ଆସୁଥିବା ସ୍ୱେଚ୍ଛାଗ୍ରାହୀ ସଂଘ କର୍ମଚାରୀମାନେ ଦୀର୍ଘ ବର୍ଷରୁ ଏହି ଯୋଜନାରେ କାର୍ଯ୍ୟ କରି ପ୍ରତି ପଞ୍ଚାୟତରେ ଲୋକଙ୍କୁ ସଚେତନ କରି ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି। ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ସେମାନଙ୍କ ଦାବି ନେଇ ପ୍ରଶାସନକୁ ଅବଗତ କରାଇଛନ୍ତି। ହେଲେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଜିଲା ସଂଘ ନିଷ୍ପତ୍ତିକ୍ରମେ ସୋମବାର କୋକସରା ବିଡିଓ ସ୍ନେହାପ୍ରଭା ମାଝିଙ୍କୁ ଭେଟି କର୍ମକର୍ତ୍ତାମାନେ ୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ସମସ୍ତ ସ୍ୱେଚ୍ଛାଗ୍ରାହୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସ୍ୱଚ୍ଛ ଭାରତ ମିଶନ ସମସ୍ତ କାର୍ଯ୍ୟକ୍ରମରେ ସାମିଲ କରିବା, ସ୍ୱେଚ୍ଛାଗ୍ରାହୀଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ, ପରିଚୟପତ୍ର ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଏ ନେଇ ସ୍ୱେଚ୍ଛାଗ୍ରାହୀ ସଂଘ ବ୍ଲକ ପକ୍ଷରୁ ସଭାପତି ଖଗେଶ୍ୱର ନାଏକ, ଜିଲା ସଭାପତି ତେଜରାଜ ଦୁରିଆ, ସମ୍ପାଦକ ଧନବଲ ନାଏକ, ପ୍ରଦୀପ ଭରାଶଗଡ଼ିଆ, ଗଣପତି ପୂଝାରୀ, ବଳରାମ ନାଏକ, ସୁଶାନ୍ତ ବାଗ, ଗୋବର୍ଦ୍ଧନ ଘି, ଦୁର୍ଯ୍ୟୋଧନ ଚଣ୍ଡି, ମଣି ରାମ ଛତ୍ରୀଆ, ଜୟନ୍ତୀ କର, ବୈଦେହୀ ମହାନନ୍ଦ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଆୟୋଜିତ ଜନଶୁଣାଣି ଶିବିର।

ପଲମ,୬।୧୧(ଭିକାରି ଗଉଡ)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ରାଜିବଗାନ୍ଧୀ ସେବା କେନ୍ଦ୍ରଠାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଲମ ସରପଞ୍ଚ ହେମକିଶୋର ନାଗଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିରରେ ମୁଖ୍ୟଅତିଥି ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏନ ଯୋଗୁଜିବନ ଚୌଧୁରୀ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ନର୍ଲା ତହସିଲଦାର ବିଶ୍ୱରନ କହଁର, ଜିପିଇଓ ଖିତିଶ ଚନ୍ଦ୍ର ନାଏକ, ଏବିଡିଓ ଦେବେନ୍ଦ୍ର କୁମାର ସାମଲ, ପଲମ ପିଇଓ ମଧୁସୁଦନ ନାଏକ ଅତିଥି ଭାବେ ଯୋଗଦାନ ଦେଇଥିବା ବେଳେ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ, ନର୍ଲା ଯୋଗାଣ ନିରିକ୍ଷକ ଶିବପ୍ରସାଦ ମହାନ୍ତି, ଯୋଗେଶ ଚନ୍ଦ୍ର ନାଏକ, ସନତ କୁମାର ସାହୁ, ସୁରେନ୍ଦ୍ର ସୁନାନୀ, ନର୍ଲା ଏଏଫଓ ବ୍ରହ୍ମା ପ୍ରସାଦ ପୃଷ୍ଟି, ପଲମ ଆରଆଇ, ରୁପ୍ରା ପିଇଓ ରୋହିତ ପ୍ରଧାନ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶିବିରରେ ମୋଟ ୩୨ଟି ଅଭିଯୋଗପତ୍ର ଦାଖଲ ହୋଇଥିବା ବେଳେ କେତୋଟି ସମସ୍ୟା ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ପଲମ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗଦାନ ଦେଇଥିଲେ।

# କାମରେ ଆସୁନି ବନରକ୍ଷୀ କାର୍ଯ୍ୟାଳୟ

ଖଡ଼ିଆଳ,୬।୧୧(ସୁଜିତ୍ କୁମାର ପ୍ରଧାନ)
ନୂଆପଡା ଜିଲା ଖଡ଼ିଆଳ ବନଖଣ୍ଡ ଅଧୀନ ଖଡ଼ିଆଳ ବନାଞ୍ଚଳର ବନରକ୍ଷୀଙ୍କ କାର୍ଯ୍ୟାଳୟ ଲଛିପୁର ଛାଡି ରାଣୀପୁରଠାରେ ନିର୍ମାଣ ହୋଇ ଦୀର୍ଘ ଦିନ ହେଲା କାମରେ ନ ଆସି ଭୁତ କୋଠି ପାଲଟିଛି। ଲଛିପୁର ବିଟରେ ଥିବା ଜଙ୍ଗଲ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଜଣେ ବନରକ୍ଷୀଙ୍କୁ ନିଯୁକ୍ତି ଦେଇଛନ୍ତି ଓ ତାଙ୍କ ରହିବା ପାଇଁ ଏକ ନିବାସ ଓ କାର୍ଯ୍ୟାଳୟ କରାଯାଇଛି। କିନ୍ତୁ ଏହି ବିଟ ପାଇଁ ଥିବା ବନରକ୍ଷୀଙ୍କ ନିବାସ ଓ କାର୍ଯ୍ୟାଳୟ ଲଛିପୁର ଠାରେ ନିର୍ମାଣ ନ ହୋଇ ଖଡ଼ିଆଳ ସହର ତଳି ଅଞ୍ଚଳ ରାଣୀପୁର ଗ୍ରାମଠାରେ ନିର୍ମାଣ ହୋଇଥିବାରୁ ଲଛିପୁର ଜଙ୍ଗଲ ଅଞ୍ଚଳ ଖାଲି ପଡ଼ିଛି। ଫଳରେ ଲଛିପୁର୍ ବିଟରେ ରହିଥିବା ପିଲା ଡଙ୍ଗରି ଓ ବୁନ୍ଦିଆ ଡଙ୍ଗର ଏହି ଦୁଇଟି ଜଙ୍ଗଲରେ ବନ ବିଭାଗ ପକ୍ଷରୁ ବିଭିନ୍ନ ଚାରା ରୋପଣ କରାଯାଇଥିବା ବେଳେ ବର୍ତ୍ତମାନ ଏହା ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି। ଉଭୟ ଜଙ୍ଗଲର ସୁରକ୍ଷା ଠିକ ଭାବେ ହେଉ ନ ଥିବାରୁ ଜଙ୍ଗଲ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ଜଙ୍ଗଲରୁ ମୂଲ୍ୟବାନ ଗଛସବୁ କାଟି ସ୍ଥାନୀୟ ଲୋକେ ଘର ତିଆରି ଓ ଜାଳେଣି କାଠ ପାଇଁ କାଟି ନେଉଥିବା ଅଭିଯୋଗ କରିଛନ୍ତି। ରାଣୀପୁରଠାରେ ଦୀର୍ଘ ବର୍ଷ ପୂର୍ବରୁ ବନରଖିଙ୍କ ନିବାସ ନିର୍ମାଣ ହୋଇଛି ହେଲେ ସେଥିରେ କେହି ରହୁ ନ ଥିବାରୁ ଏହା ଏବେ ଭୁତକୋଠିରେ ପରିଣତ ହୋଇଛି। ଅନ୍ୟପକ୍ଷରେ ନିଜ ବିଟ ଲଛିପୁରରେ ନିବାସ ଓ କାର୍ଯ୍ୟାଳୟ ନ ଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ସମୟ ମିଳିଲେ ନିଜ ବିଟକୁ ବୁଲି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଜଙ୍ଗଲ ନଷ୍ଟ ହେଉଥିବା ଚର୍ଚ୍ଚା ହେଉଛି।



# ରଣମେଳା, ସଚେତନତା କାର୍ଯ୍ୟକ୍ରମ

ଖଡ଼ିଆଳ,୬।୧୧(ସୁଜିତ୍ କୁମାର ପ୍ରଧାନ)
ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବରଗାଁଠାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବରଗାଁ ପକ୍ଷରୁ ଆର୍ଥିକ ସାମାଜିକ ସାକ୍ଷ୍ୟାରତା ସଚେତନତା କାର୍ଯ୍ୟକ୍ରମ ଓ ରଣ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମେନେଜର ଗୀତା ମଞ୍ଜୁରୀ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ଲିଡ଼ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପରାମର୍ଶ ଦାତା ରମେଶ କୁମାର ଠାକୁର, ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଖଡ଼ିଆଳ ଶାଖାର ବ୍ୟାଙ୍କ ମେନେଜର ସ୍ମୃତି ରଞ୍ଜନ ମିଶ୍ର, ଏଫଓ ଦିଗବିଜୟ ରାଉତ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ଉପରେ ଆଲୋଚନା କରିଥିଲେ । ପ୍ରତ୍ୟେକ ବ୍ୟକ୍ତି ବ୍ୟାଙ୍କରେ ନିଶ୍ଚିନ୍ତ ଖୋଲିବା ଦରକାର, ଯାହାଦ୍ୱାରା ସରକାରୀ ସୁବିଧା ସୁଯୋଗ ମିଳିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଯୌତି, ବୀମା ଯୋଜନା, ଅଟଲ ପେନସନ ଯୋଜନା ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷ ବୁଝାଇବା ସହିତ ସମସ୍ତ ବ୍ୟକ୍ତି ଏହାର ସୁଯୋଗ ଉଠେଇବା ପାଇଁ ଆହ୍ୱାନ କରିଥିଲେ। ବ୍ୟାଙ୍କ ଅସ୍ଥାୟୀ ମେସେଞ୍ଜର ଅଭିମନ୍ୟୁ ସରାଫ ଓ କ୍ୟାସିଅର ପ୍ରିୟଦର୍ଶିନୀ ସିଂ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାସମାନେ ଯୋଗଦେଇଥିଲେ।

# ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଦଶରା ମହୋତ୍ସବ



କୋକସରା,୬।୧୧
(ଦୁଷ୍ମନ୍ତ କୁମାର ପାଇଯୋଶୀ)
କଳାହାଣ୍ଡି ଜିଲା କୋକସରା ବ୍ଲକ ଦଣ୍ଡପାଟ ଅଞ୍ଚଳର ଗୋଟୋମୁଣ୍ଡାଠାରେ ଘାଟି ମୁଣ୍ଡିଆଣି ମା' ସର୍ବମଙ୍ଗଳାଙ୍କ ବାର୍ଷିକ ଦଶରା ଆରମ୍ଭ ହୋଇଛି। ଦଶରା ଯାତ୍ରା ୩ଦିନ ଧରି ମହାସମାରୋହରେ ପାଳନ କରାଯିବା ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ରବିବାର ମା' ଘାଟି ମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ପୀଠରେ ଖଣ୍ଡାଧୁଆ ପରମ୍ପରା ରୀତିନୀତିରେ ସମାପନ ହୋଇଛି। ଗ୍ରାମର ପୂଝାରୀ ମନୋହର ପୂଝାରୀ ନିକଟସ୍ଥ ପୋଖରୀରୁ ମା'ଙ୍କ ଖଣ୍ଡାକୁ ବିଧି ମୁତାବକ ମାର୍ଜନା ପୂଜାର୍ଚ୍ଚନା ପରେ ପୋଖରୀ ପାଣିରେ ଧୋଇ ଅଣାଯାଏ। ଖଣ୍ଡାଧୁଆ ପଟୁଆରରେ ଘଣ୍ଟଦଳ, ଘୁମୁରା ଦଳ ସମେତ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ବିଭିନ୍ନ ପ୍ରକାର ଆଦିବାସୀ ପରମ୍ପରା ବେଶଭୁଷାରେ ମା'ଙ୍କ ଖଣ୍ଡାକୁ ମୁଖ୍ୟ ମନ୍ଦିରକୁ ଅଣାଯାଏ। ଏହା ପରେ ଖଣ୍ଡା ସ୍ଥାପନ ହୋଇଥାଏ। ଚଳିତବର୍ଷ ମଧ୍ୟ ଏହିସବୁ କାର୍ଯ୍ୟ ପରମ୍ପରା ଓ ରୀତିନୀତି ମୁତାବକ ସମାପନ ହୋଇଛି। ଖଣ୍ଡାଧୁଆ ଉତ୍ସରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ଓମଫେଡ଼ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଧର୍ମଗଡ଼ ବିଧାନସଭା ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଆଦିବାସୀ ଯୁବନେତା ରତୁରାଜ ମାଝି, ଅର୍ଜୁନ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପୂଝାର, ନାଏବ ସରପଞ୍ଚ ପାର୍ଥବ ମାଝି ପ୍ରମୁଖ ସାମିଲ ହୋଇଥିଲେ। ପରେ ଦଶରା ସାଂସ୍କୃତିକ ମଞ୍ଚ ଅତିଥିମାନେ ଉଦଘାଟନ କରିଥିଲେ। ଏହି ଅବସରରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପୂଜା କମିଟି ପକ୍ଷରୁ କୁହାଯାଇଛି। ପୂଜା କମିଟି ସଭାପତି ହେମନ୍ତ ମାଝି, ପୁର୍ଣ୍ଣଚନ୍ଦ୍ର ନାଏକ, ବଳିଆର ସିଂ ମୋରେଇ, ତୁଳାରାମ ଗୋପାଳ, ଉପେନ୍ଦ୍ର ବାଗ, ପିଣ୍ଟୁ ନନ୍ଦ ମାଝି, ମୁକୁନ୍ଦ ନାଗେଶ, ନିରଞ୍ଜନ ବାଗ, ଭରତ ପୂଝାରୀ, ଭାରତ ଦୁର୍ଗା, ପାର୍ଥବ ମାଝି, ବଳରାମ ମାଝି, ଉପେନ୍ଦ୍ର ବାଗ, ରୋମାଞ୍ଚଳ ପୂଝାରୀ, ସୁବାସ ଖର୍ସେଲ ପ୍ରମୁଖ ଦଶରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା, ୨ ସଦସ୍ୟଙ୍କ ଦାୟିତ୍ୱ ଗ୍ରହଣ



ଜିଲାପାଳଙ୍କୁ ସାକ୍ଷାତ କରି ଦାୟିତ୍ୱ ଗ୍ରହଣ କରୁଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଓ ୨ ନୂତନ ସଦସ୍ୟ।

ଭବାନୀପାଟଣା,୬।୧୧
(ଉତ୍ତମ କୁମାର ଦାଶ)
କଳାହାଣ୍ଡି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଓ ଏହାର ପ୍ରଥମ ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ଶିବାଜୀ ମାଝିଙ୍କୁ ମନୋନୀତ କରାଯିବା ପରେ ଏବେ ପରିଷଦର ଉପାଧ୍ୟକ୍ଷା ଓ ୨ଜଣ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ପରିଷଦର ଉପାଧ୍ୟକ୍ଷା ଭାବେ ସ୍ୱର୍ଣ୍ଣଚମ୍ପା ମାଝି, ୨ଜଣ ସଦସ୍ୟ ଭାବେ ଇଂ ସୁଶୀଲ କୁମାର ଶବର ଓ ଜନ୍ମେଜୟ ମାଝି ମନୋନୀତ ହୋଇଛନ୍ତି। ସୋମବାର ନୂତନ ଉପାଧ୍ୟକ୍ଷା ମାଝି ଓ ୨ଜଣ ସଦସ୍ୟ କଳାହାଣ୍ଡି ଜିଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଦାୟିତ୍ୱ ଗ୍ରହଣ ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝିଙ୍କ ଉପସ୍ଥିତିରେ ଉପାଧ୍ୟକ୍ଷା ଓ ଦୁଇଜଣ ସଦସ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ପରେ ପରିଷଦର ଅଧ୍ୟକ୍ଷ ମାଝି ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହିତ ଜିଲାର ବିକାଶ ଦିଗରେ ପରିଷଦ ପକ୍ଷରୁ ସମ୍ମିଳିତ ଉଦ୍ୟମ ଉପରେ ଗୁରୁତ୍ୱରୋପ କରାଯିବ ବୋଲି ସେ କହିଛନ୍ତି।

# ୧୪ ଫୁଟ୍‌ବଲ ଖେଳାଳିଙ୍କ ତାଳଚେର ଗସ୍ତ

**ଡିଏଭି ଜାତୀୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା**

ଲାଞ୍ଜିଗଡ଼,୬।୧୧(ରମେଶ ଚନ୍ଦ୍ର ନାୟକ)
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୧୪ଜଣ ଫୁଟବଲ ପ୍ରତିଯୋଗୀଙ୍କ ତାଳଚେର ଗସ୍ତ କରିଛନ୍ତି। ଅନୁଗୋଳ ଜିଲା ତାଳଚେର ଡେରା ଡିଏଭି ପବ୍ଲିକ ସ୍କୁଲଠାରେ ନଭେମ୍ବର ୬ରୁ ୭ ତାରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ହେବାକୁ ଥିବା ଡିଏଭି ଜାତୀୟ ଖେଳ ଜୋନାଲସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ରବିବାର ତାଳଚେର ଗସ୍ତ କରିଛନ୍ତି। ରବିବାର ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ଓ ଶିକ୍ଷକ ଜିତେନ୍ଦ୍ର କୁମାର ବାରିକଙ୍କ ସହିତ ଏହି ପ୍ରତିଯୋଗୀମାନେ ଜାତୀୟସ୍ତରୀୟ ପାଇଁ ଗସ୍ତ କରିଛନ୍ତି। ସେମାନେ ଡିଏଭି ପ୍ରତିଯୋଗୀ ପାଇଁ ଗସ୍ତ କରିଥିବା ବେଳେ ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ସିଏସଆର ଏବଂ ବାହ୍ୟବ୍ୟାପାର ମୁଖ୍ୟ ଭୂଦେନ୍ଦୁ ପଣ୍ଡା, ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତା ଓ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।



ତାଳଚେରେ ଗସ୍ତ କରିଥିବା ୧୪ଜଣ ଖେଳାଳି ଏବଂ ଅନ୍ୟମାନେ।

# ଜିଲାସ୍ତରୀୟ ସୁରଭି, ମିଲେଟ୍‌ସ ଉଦ୍‌ଯାପିତ

ନୂଆପଡ଼ା,୬।୧୧(ମକାରୁ ବେମାଲ)
ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ, ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ଜିତେନ୍ଦ୍ର ସେଠ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ଅଧ୍ୟକ୍ଷ ବିକ୍ରମାଦିତ୍ୟ ସିଂ ବରିହା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲାର ପ୍ରତ୍ୟେକ ବ୍ଲକରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଉଦ୍‌ଯାପନୀରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ଓ କଳା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରି ଉନ୍ନତି କରିବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷା ସଂଯୋଜକ କମଳ କୁମ୍ଭାର, ହେମନ୍ତ ଭୋଇ, ପ୍ରତାପ ପାତ୍ର, ପବିତ୍ର କୁମାର ନାହାକ, ଶିବ ସ୍ୱାଇଁ, ଅବିନାଶ ମିଶ୍ର, କିଶୋର ମହଲା, ଉପେନ୍ଦ୍ର ସାମଲ, କାର୍ତ୍ତିକ ବିଶ୍ୱାଳ, ସେକ ୱାସିଫ, ମନୋଜ ପାତ୍ର, ଶ୍ରୀକାନ୍ତ ପୁରୋହିତ, ଫାଲଗୁନି ସାହୁ, କିଶୋର ପ୍ରଧାନ, କିଶୋର ପରି କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ। ଜିଲା ବିଜ୍ଞାନ ନିରିକ୍ଷକ ଗିରିଧାରି ସା ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚାସୀନ ଅତିଥିବୃନ୍ଦ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ପୀତାମ୍ବର ପଧାନ ମେମୋରିଆଲ: ଚଗୁଲୁ ସ୍ପୋର୍ଟିଂ ଚାମ୍ପିୟନ

**ବିନିକା,୬।୧୧( ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଫୁଟବଲ ତାରକା ସ୍ୱର୍ଗତ ପୀତାମ୍ବର ପ୍ରଧାନଙ୍କ ସ୍ମୃତିରେ ରବିବାର ବିନିକା ବ୍ଲକ ଶଙ୍କରା ୟଙ୍ଗଷ୍ଟାର ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଖେଳପଡିଆଠାରେ ୧୧ତମ ପୀତାମ୍ବର ମେମୋରିଆଲ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ବଶିଷ୍ଟ ଭରାସାଗର ମୁଖ୍ୟଅତିଥି , ସମ୍ମାନିତ ଅତିଥି ଭାବେ ଶଙ୍କରା ବ୍ରଜବିହାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶଶୀଭୂଷଣ ଶତପଥୀ, ଶିକ୍ଷାବିତ ଧ୍ରୁବଚରଣ ନାଏକ, ପୂର୍ବତନ ସମିତି ସଭ୍ୟ ଦାଶରଥି ନନ୍ଦ, ସ୍ୱେଚ୍ଛାସେବୀ ସରୋଜ ଦାସ, ଶଙ୍କରା ପାକ୍ସ ସଭାପତି ଧର୍ମରାଜ ପଣ୍ଡା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ଖେଳରେ ମେଘେଲା ଦଳକୁ ହରାଇ ଚଗୁଲୁ ସ୍ପୋଟିଙ୍ଗ ଚାମ୍ପିୟନ ହୋଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ । ଖେଳକୁ ନରସିଂହ ସେଠୀ, ବାବୁଲାଲ ସାହୁ, ଅଜିତ ଠେଲା , ଆନନ୍ଦ ବଢାଇ, ଜିତେନ୍ଦ୍ର ଥନାପତି, ସବ୍ୟସାଚୀ ମିଶ୍ର ପରିଚାଳନା କରିଥିଲେ । ମ୍ୟାଚର ଧାରା ବିବରଣୀ ପରମାନନ୍ଦ ପ୍ରଧାନ ଓ ସଞ୍ଜୟ ପଟ୍ଟନାୟକ ଦେଇଥିଲେ । ଖେଳର ଉଦ୍‌ଯାପନୀ ଉତ୍ସବରେ ସ୍ୱର୍ଗତ ପୀତାମ୍ବର ପଧାନଙ୍କ ପୁତ୍ର ତଥା ସରକାରୀ ଓକିଲ ଜୟ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସମ୍ମାନିତ ଅତିଥ ଭାବେ ଆଇନଜୀବୀ ଅଦ୍ୱୈତ ପଣ୍ଡା ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ଚଗୁଲୁ ସ୍ପୋଟିଙ୍ଗର କରନ ଓ ମ୍ୟାନ ଅଫ ଦି ସିରିଜ ଭାବେ ମେଘେଲା ଦଳର ବାଲେଶ୍ୱର ଦିପଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ୟଙ୍ଗଷ୍ଟାର ଫୁଟବଲ ଆସୋସିଏଶନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ୩୯ ଲିଟର ମଦ ଜବତ

**ଡୁଙ୍ଗୁରିପାଲି,୬।୧୧ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଅଞ୍ଚଳରେ ସୋମବାର ଜିଲା ଅବକାରୀ ମୋବାଇଲ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୯ ଲିଟର ମଦ ଜବତ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗାଁର ଅଙ୍ଗନଦୀ ତଟରେ ଚଢାଉ କରି ଗାଁର ବିଜୁ ସାହୁଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ଚେରୁପାଲି ପଞ୍ଚାୟତ କୁଶାମାଲ ଗାଁର ଗୌର ଘିବେଲାଙ୍କଠାରୁ ୧୪ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ଇଚ୍ଛାପୁର ପଞ୍ଚାୟତ କନ୍ଧୁମୁଣ୍ଡା ଗାଁର ଇନ୍ଦ୍ରମଣି ସାହୁଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ସୋନପୁର ଅବକାରୀ ବିଭାଗ ମୋବାଇଲ ଟିମ୍‌ର ଆଇଆଇସି ପ୍ରକାଶ କୁମାର ସା ସୂଚନା ଦେଇଛନ୍ତି । ଏହି ଚଢାଉ ବେଳେ ଆଇଆଇସି ସାଙ୍କ ସମେତ ଏଏସଆଇ ପୃଥିରାଜ କୁଅଁର, ଡୋଲାମଣି ପ୍ରଧାନ,ଆକାଶ ସାହୁ, ନମିତା ବାଦୀ , ମମତା ବାଗ, ପ୍ରଭାସ ସାହୁ, ବିକାଶ ପାଲିଆ ସାମିଲ ଥିଲେ।

# ସଞ୍ଜୁକ୍ତାଙ୍କ ଉପରେ ୪ ପିଲାଙ୍କ ବୋଝ

**ସୋନପୁର,୬।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଗଡଡକେଲା ଗ୍ରାମର ସଞ୍ଜୁକ୍ତା ବଗର୍ତ୍ତି(୨୫)ଙ୍କ ମୁଣ୍ଡ ଉପରେ ଏବେ ୪ ଝିଅଙ୍କ ବୋଝ। କମ ବୟସରେ ପରିବାର ଲୋକେ ତାଙ୍କୁ ବିବାହ କରି ଦେଇଥିଲେ। ରୋଗରେ ପଡି ସ୍ୱାମୀ ସୁମନ୍ତଙ୍କ ଅସମୟରେ ମୃତ୍ୟୁ ହେବା ପରେ ସେ ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଛନ୍ତି। ଜମିବାଡି ବୋଲି କିଛି ନାହିଁ। ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ। ଛୋଟ ଛୋଟ ଝିଅଙ୍କ ଖାଇବା ଓ ପାଠପଢା ଖର୍ଚ୍ଚ କେଉଁଠୁ ପାଇବେ ଏବେ ସେ ସେହି ଚିନ୍ତାରେ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ସ୍ୱାମୀଙ୍କ ମୃତ୍ୟୁ ପରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ତାଙ୍କୁ ସହାୟତା ମିଳିନି। ବିଧବା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଓ ଝିଅଙ୍କ ପାଠପଢା ପାଇଁ ଶିଶୁ ସୁରକ୍ଷା ବିଭାଗର



ଛୋଟ ଝିଅମାନଙ୍କ ସହିତ ସଞ୍ଜୁକ୍ତା।

ଆର୍ଥିକ ସହାୟତା ଭଳି ସରକାରୀ ଯୋଜନା ସତେ ଯେମିତି ସଞ୍ଜୁକ୍ତାଙ୍କ ପାଇଁ ସାତ ସପନ ପାଲଟିଛି। ସଞ୍ଜୁକ୍ତାଙ୍କ କହିବା ଅନୁଯାୟୀ, ସରକାରୀ ସହାୟତା ଭାବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଉଫୁଲା ପଞ୍ଚାୟତରୁ ମାସିକ ୧୫ କିଲୋ ଚାଉଳ ମିଳୁଛି। କିନ୍ତୁ ଅନ୍ୟ କୌଣସି ରୋଜଗାର ନ ଥିବାରୁ ୫ ପ୍ରାଣୀ କୁଟୁମ୍ବ

### ଆବାସ ଯୋଜନାରେ ଘର, ବିଧବା ଭତ୍ତା ସାତ ସପନ

କିଭଳି ଚଳିବେ ସେହି ଚିନ୍ତା ତାଙ୍କୁ ଘାରିଛି। ସଞ୍ଜୁକ୍ତାଙ୍କ ବଡ ଝିଅ ନିହାରିକା(୧୦)। ସେ କମଲପୁର ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଦ୍ୱିତୀୟ ଝିଅ ଆଶିକା(୭)। ସେ ଗାଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଛନ୍ତି। ତୃତୀୟ ଝିଅ ଆଂଶିକା(୩) ଗାଁର ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି। ସେହିପରି ସାନ ଝିଅ ଅସ୍ମିତା ମାତ୍ର ୧୦ ମାସର। ଛୋଟ ଝିଅଙ୍କୁ କୋଳରେ ଧରି ସଞ୍ଜୁକ୍ତା କାମ କରିବାକୁ ଯାଇ ପାରୁନାହାନ୍ତି। ଦେଢଶ୍ୱଶୁରଙ୍କ ଘରେ ରହୁଛନ୍ତି। ଏଭଳି ସ୍ଥିତିରେ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡିଛି। ପ୍ରଶାସନ ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତୀରନ୍ଦାଜରେ ବୌଦ୍ଧ ଖେଳାଳିଙ୍କ କୃତିତ୍ୱ




ବୌଦ୍ଧର ଦୁଇ କୃତି ତୀରନ୍ଦାଜ ଖେଳାଳି।

**ବୌଦ୍ଧ,୬।୧୧(ଅଜିତ କୁମାର ବାରିକ)**

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ହାଇଦ୍ରାବାଦରେ ୫୨ତମ ଜାତୀୟ ଓ ଆଞ୍ଚଳିକ ଖେଳ ପ୍ରତିଯୋଗିତା ୨୦୨୩-୨୪ ହୋଇଥିଲା। ଏଥିରେ ତୀରନ୍ଦାଜ ଖେଳରେ(ବାଳକ ବିଭାଗ) ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ସୁରଜ କୁମାର ମେହେର ୪୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ପୁନେଠାରେ ଆୟୋଜିତ ତୀରନ୍ଦାଜ ବାଳିକା ବିଭାଗ ଖେଳରେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସୁଶ୍ରୀ କ୍ରିଷ୍ଣାମୟୀ ମହାକୁଡ ୩୦ ମିଟରରେ ସ୍ୱର୍ଣ୍ଣ ଓ ୫୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୁରଜ ବୌଦ୍ଧ ବୁଟୁପାଲିର ସରିତା ମେହେର ଓ ନିରଞ୍ଜନ ମେହେରଙ୍କ ପୁଅ। କ୍ରିଷ୍ଣାମୟୀ ବୌଦ୍ଧ ରେଭେନ୍ୟୁ କଲୋନୀର କଳ୍ପନା ମହାକୁଡ ଓ ବୌଦ୍ଧ ସୂଚନା ଏବଂ ଲୋକସଂପର୍କ ବିଭାଗର ଲାଇବ୍ରେରିଆନ ଅକ୍ଷୟ କୁମାର ମହାକୁଡଙ୍କ ଝିଅ । ଉଭୟ ଖେଳାଳି ପ୍ରଶିକ୍ଷକ ସୁଧନ୍ୟ ପ୍ରଧାନଙ୍କ ଅଧୀନରେ ତୀରନ୍ଦାଜ ପ୍ରଶିକ୍ଷଣ ଜାରି ରଖିଥିଲେ। ଉଭୟ ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱରେ ବୌଦ୍ଧ ଜିଲା ତୀରନ୍ଦାଜ ସଂଘ, ବୁଟୁପାଲି ଗଙ୍ଗାଧର ସ୍ୱେଚ୍ଛାସେବୀ ସମିତି, ଜିଲା କ୍ରୀଡା ସଂଘ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବିଷ୍ଣୁଙ୍କ ହସ୍ତେ ମୁରାସୁର ବଧ

**ମୁରାସୁର ଦରବାରର ନବମ ସନ୍ଧ୍ୟା**



ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି,୬।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡିରେ ଗଜଲକ୍ଷ୍ମୀ ପୂଜା ଅବସରରେ ହେଉଥିବା ମୁରାସୁର ଦରବାର ଉଦ୍‌ଯାପିତ ହୋଇଯାଇଛି। ମୁରାସୁର ବଧ ସହିତ ସମ୍ପୂର୍ଣ୍ଣ ହୋଇଛି ମୁରାସୁର ଦରବାର। ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିବା ଲୀଳା ନାଟକର ଅଷ୍ଟମ ସନ୍ଧ୍ୟାରେ ପୁତ୍ର ନାତି ବିନାଶ ଶୁଣି ମୁରାସୁରର ଶୋକ, କ୍ରୋଧିତ ହୋଇ ଦାରୁଣାସୁର କାଳ, ମହାକାଳଙ୍କୁ ପ୍ରେରଣ ପରିବେଷଣ ହୋଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ, ବିଇଓ ଶାନ୍ତନୁ କୁମ୍ଭକାର, ଯୁଗଳ କିଶୋର ମିଶ୍ର, କିଶୋର ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନବମ ସନ୍ଧ୍ୟାରେ ଲୀଳା ନାଟକରେ ଦାରୁଣାସୁର କାଳ,ମହାକାଳ ବିଷ୍ଣୁଙ୍କ ହସ୍ତେ ନିହତ ଶୁଣି ମୁରାସୁର ମର୍ମାହତ, ମୁରାସୁର ଓ ବିଷ୍ଣୁଙ୍କ ଯୁଦ୍ଧ ଓ ମୁରାସୁର ବଧ ଆଦି ପରିବେଷଣ ହୋଇଥିଲା। ମୁରାସୁର ର ନିମନ୍ତ୍ରଣ କ୍ରମେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ତଥା ବିଜେପୁର ବିଧାୟିକା ରୀତା ସାହୁ, ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତିବାସ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଉପଢ଼ୌକନ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁରାସୁର ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିଥିଲେ । ଜଗନ୍ନାଥ ସାହୁ, ସୁନିଲ ରାଓ, ଲକ୍ଷିନ୍ଦ୍ର ଭୁଏ, କିରଟୀ ମିଶ୍ର, ଦେବାନନ୍ଦ ଭୋଇ, ଅନନ୍ତ ପ୍ରଧାନ, ବାବୁଲାଲ ଭୋଇ, ସୌଦାମିନୀ ବାରିକ, ସୁବାସ ମହକୁର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ।

### ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ: ୪ ଗୁରୁତର

**ବଘିଆପଡା,୬।୧୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ବଘିଆପଡା ଅଞ୍ଚଳରେ ସୋମବାର ଦିନ ଏକ ସଡକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ପରିବାରର ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, କାର୍ତ୍ତିକ ମାସ ସୋମବାର ଥିବାରୁ ବଘିଆପଡା ଫାଣ୍ଡି ଅନ୍ତର୍ଗତ ସାଲେଇସିଙ୍ଗ ଗ୍ରାମର ସୁଶିଳ ପ୍ରଧାନ ଓ ସୁନିଲ ପ୍ରଧାନଙ୍କ ପରିବାରର ୯ ଜଣ ସଦସ୍ୟ ଏକ ଅଟୋରେ (ନଂ ଓଡି- ୨୭- ୨୦୭୩) ଜହ୍ନାପଙ୍କସ୍ଥିତ ଜଗତିଠାରେ ଥିବା ଶିବ ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯାଉଥିଲେ। ଅଟୋଟି ବଘିଆପଡା -ଜହ୍ନାପଙ୍ଗ ରାସ୍ତାରେ



ଦୁର୍ଘଟଣାରେ ଆହତ ବ୍ୟକ୍ତି।

ଯାଉଥିବା ବେଳେ ତାଳଗିରିଠାରେ ବିପରୀତ ଦିଗରୁ ଆସୁଥିବା ଏକ ମୋଟର ସାଇକେଲ ( ନଂ ଓଡି- ୧୫ ଜି - ୯୩୦୩) ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ମୋଟର ସାଇକେଲରେ ଯାଉଥିବା ଟିକରପଡା ପଞ୍ଚାୟତ ବୁରଗୁରା ଗ୍ରାମର ବବୁଲ ଖଟୁଆ (୨୨) ଓ ଅଟୋର ବସିଥିବା ସମସ୍ତ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲକୁ ପଠାଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବାଇକ୍ ଚାଳକ ବବୁଲ ଖଟୁଆଙ୍କ ମୃତ୍ୟୁ ଘଟିଥିଲା। ଏ. ପ୍ରଧାନ(୮) , ପ୍ରୀତି ପ୍ରଧାନ (୧୧), ଲିପିକା ପ୍ରଧାନ (୩୦) ଓ ରୁକ୍ମଣୀ ପ୍ରଧାନ (୫୦)ଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ବୌଦ୍ଧ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ସୁବର୍ଣ୍ଣପୁରରେ ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ସୋନପୁର,୬।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ବିମଳେନ୍ଦୁ ରାୟ ଓ ଏସ୍‌ପି ଅମରେଶ ପଣ୍ଡା ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୯ ଗୋଟି ପଞ୍ଜୀକୃତ ଅଭିଯୋଗର ଶୁଣାଣି କରିଥିଲେ । ପଞ୍ଜୀକୃତ ଦରଖାସ୍ତ ମଧ୍ୟରୁ ୨୦ ଗୋଟି ବ୍ୟକ୍ତିଗତ ଓ ୯ ଟି ସାମୁହିକ ଥିଲା । ସମସ୍ତ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ବିଶ୍ୱନାଥ ବାରିକ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସନତ ନାୟକ, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ସୋନପୁର ତହସିଲଦାର ଡ଼ ସୌମ୍ୟା ରୂପା ରଥ, ଡା.ଦୁର୍ଗାଦତ୍ତ ଦାଶ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ସିଡିଭିଓ ଡା. ଅନନ୍ତ ରାଉତ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବି ନରେନ କିଶନ ରେଡ୍ଡୀ, ନିର୍ବାହୀ ଯନ୍ତ୍ରୀ ଟିପିଓଡବ୍ଲୁଡିଏଲ ଅଶୋକ ମିଶ୍ର, ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ ବେହେରା, ଡିଏଲଓ ଡିଲେଶ୍ୱର ଖାଖା, ସୁବର୍ଣ୍ଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲ ।

# ଗଡ଼ିଲା ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ରଥ

**ସୋନପୁର,୬।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ଶ୍ରମ ଆଇନରେ ଥିବା ଅଧିକାର ଏବଂ ସୁବିଧା-ସୁଯୋଗ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି । ଉଭୟ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ତରଫରୁ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିଥିବା ସାମ୍ବିଧାନିକ ଅଧିକାର ସହ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ଉପରେ ଲୋକଙ୍କୁ ସଚେତନ କରାଯିବ । ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପ୍ରଚାର ରଥକୁ ଜିଲାପାଳ ବିମଳେନ୍ଦୁ ରାୟ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ସବୁଜ



ଜିଲାପାଳ ଓ ଏସ୍‌ପି ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ବିଶ୍ୱନାଥ ବାରିକ, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲଦାର ଡ. ସୌମ୍ୟାରୁପା ରଥ ପ୍ରମୁଖ ଉପସ୍ଥିତ ଥିଲେ । ଏହି ରଥ ଜିଲାର ୬ଟି ବ୍ଲକର ପ୍ରମୁଖ ସ୍ଥାନକୁ ପରିକ୍ରମା କରିବା ସହ ଲୋକଙ୍କୁ ପ୍ରବାସୀ ଶ୍ରମ ଆଇନ ଉପରେ ସଚେତନ କରିବ ବୋଲି ଜିଲା ଶ୍ରମ ଅଧିକାରୀ ଖାଖା ସୂଚନା ଦେଇଛନ୍ତି।

# ଚୋରି କରୁଥିବା ବେଳେ ଧରାପଡ଼ିଲେ ନାବାଳକ

### ମାଡ଼ ମାରି ବାନ୍ଧିଲେ ଲୋକେ

**ବୌଦ୍ଧ,୬।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଖୁଣ୍ଟିଆପଡା ଗ୍ରାମରେ ଗତ ରବିବାର ରାତିରେ ଚୋରି କରୁଥିବା ବେଳେ ଜଣେ ନାବାଳକଙ୍କୁ ଗ୍ରାମବାସୀ ଧରି ମାଡ଼ ମାରିବା ସହ ବାନ୍ଧି ପକାଇଥିବା ଜଣାପଡିଛି। ପ୍ରକାଶ ଯେ, ବାହାର ଜିଲାର କେତେଜଣ ବ୍ୟକ୍ତି ଦିନ ବେଳା ଗାଁ ଗାଁ ବୁଲି ମହୁ ବିକ୍ରି କରିଥାନ୍ତି। କିନ୍ତୁ ଏମାନଙ୍କ କାମ ହେଲା ଦିନବେଳା ମହୁ ବିକ୍ରି କରିବା ଓ ରାତିରେ ଚୋରି କରିବା। ଗତ ରବିବାର ରାତିରେ ୪ ଜଣ ଚୋର ଖୁଣ୍ଟିଆପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର କବାଟ ଭାଙ୍ଗି ପଶିବା ବେଳେ ଶବ୍ଦ ଶୁଣି ଘର ମାଲିକ ଉଠି ପଡିଥିଲେ । ଫଳରେ ୩ ଜଣ ଫେରାର ହୋଇଯାଇଥିବା ବେଳେ ସେମାନଙ୍କ ସହ ଥିବା ନାବାଳକ ଜଣକ ଧରା ପଡି ଯାଇଥିଲେ । ପରେ ଗ୍ରାମବାସୀ ସମ୍ପୃକ୍ତ ନାବାଳକଙ୍କୁ ଧରି ମାଡ ମାରିବା ସହ ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ନାବାଳକଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା କରୁଥିବା ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ଓବିସି ମଞ୍ଚର କମିଟି ଗଠିତ

**ତରଭା,୬।୧୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଦୁବୁଲା ଗ୍ରାମର ଭାଗବତ ମନ୍ଦିର ପରିସରରେ ବ୍ଲକ ସଂଯୋଜକ ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଦୁବୁଲା ପଞ୍ଚାୟତସ୍ତରୀୟ ଓବିସି ମଞ୍ଚର କମିଟି ଗଠିତ ହୋଇଯାଇଛି । ଓବିସି ବର୍ଗର ବିଭିନ୍ନ ଜାତିର ବ୍ୟକ୍ତି ବିଶେଷଙ୍କୁ ଏକତ୍ରିତ କରିବା, ଅବହେଳିତ ପଛୁଆ ବର୍ଗଙ୍କୁ ରାଜନୀତି, ଶିକ୍ଷା, ଚାକିରି କ୍ଷେତ୍ରରେ ସଂରକ୍ଷଣ ମିଳିବା ଆଦି ବିଷୟରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଦେବାର୍ଚ୍ଚନ ଚାଉଳିଆ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରିୟବ୍ରତ ସାହୁ, ବ୍ଲକ ସହ ସଂଯୋଜକ ପରୀକ୍ଷିତ ସା ମଞ୍ଚସୀନ ଥିଲେ । ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଓବିସି ବର୍ଗର ବିଭିନ୍ନ ଜାତିର ନେତୃବର୍ଗ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବସମ୍ମତି କ୍ରମେ ଚନ୍ଦ୍ରଶେଖର ବଗର୍ତ୍ତିଙ୍କୁ ସଭାପତି , କାର୍ଯ୍ୟକାରୀ ସଭାପତି ଭାବେ ସୁଶାନ୍ତ ଷାଣ୍ଢ, ଉପ ସଭାପତି ଭାବେ ବଳଭଦ୍ର ସାହୁ, ସୁରଥ ଡାଙ୍ଗ, ବିଶେଶ୍ୱର ସାହୁ, ପ୍ରସାଦି ବଗର୍ତ୍ତି, ରାସନନ୍ଦ ନାଏକ, ସମ୍ପାଦକ ଭାବେ ମୁରଲୀ ସାହୁ, କୋଷାଧକ୍ଷ ରମେଶ ସାହୁ ଓ ପରାମର୍ଶଦାତା ଭାବେ ସରପଞ୍ଚ ଆର୍ତ୍ତତ୍ରାଣ ବଗର୍ତିଙ୍କୁ ମନୋନୀତ କରାଯାଇଥିଲା । ସେହିପରି ବଡଭଇଁରୋ ପଞ୍ଚାୟତର ମେଟାକାନି ଛକଠାରେ ବ୍ଲକ ସଂଯୋଜକ ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଓବିସି ମଞ୍ଚ ଗଠିତ ହୋଇ ସର୍ବସମ୍ମତି କ୍ରମେ ସଭାପତି ରୂପେ ଉମେଶ ମନହିରା, ଉପ ସଭାପତି ରତନ ସାହୁ, ଉଦ୍ଧବ କବାଟ, କଙ୍ଗାଲୁ ବରାଳ, ଦିନେଶ ସାହୁ, ଓମ୍ ପ୍ରକାଶ ମେହେର, ବିଦ୍ଧୁର ପ୍ରଧାନ, ବିଘ୍ନରାଜ ବିଶି ଓ ସମ୍ପାଦକ ଭାବେ ଜଗଦୀଶ ମନହିରାଙ୍କୁ ମନୋନୀତ କରାଯାଇଥିଲା। ମରାଡୁଗୁଛା ପଞ୍ଚାୟତରେ ସଭାପତି ଭାବେ ଶିବ ନାଏକ, କାର୍ଯ୍ୟକାରୀ ସଭାପତି ଅଭୟ ସାହୁ, ଉପ ସଭାପତି ମାନସ ସାହୁ ଓ ସମ୍ପାଦକ ରୂପେ ରାଜେଶ ନାଏକଙ୍କୁ ମନୋନୀତ କରାଯାଇଥିଲା।



ଦୁବୁଲା ଗ୍ରାମରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଓବିସି ମଞ୍ଚର କାର୍ଯ୍ୟକର୍ତ୍ତା।

# ମନମୁଣ୍ଡାକୁ ହରାଇ କଳାପଥର ଚାମ୍ପିୟନ

### ୪ର୍ଥ ଜୟ ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟ

**ଅମରପାଲି,୬।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ସୁଲିଆଦାଦର ଓ ବୁଟୁଖମନରେ ଦୀର୍ଘ ୫ ଦିନ ଧରି ହେଉଥିବା ୪ର୍ଥ ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମନମୁଣ୍ଡାକୁ ହରାଇ କଳାପଥର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ରେ ମନମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ଟି ଉଇକେଟ ହରାଇ ୮୮ରନ କରିଥିଲା। ଜବାବରେ କଳାପଥର ଦଳ ୫.୨ ଓଭରରେ ୮୯ ରନ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ତେଲିପାଲିକୁ ହରାଇ ମନମୁଣ୍ଡା ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲରେ ଉଫୁଲାକୁ ହରାଇ କଳାପଥର ଦଳ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜକ ସଭାପତି ନାରାୟଣ ପ୍ରସାଦଙ୍କ ପୌରୋହିତ୍ୟରେ



କଳାପଥର ଦଳକୁ ପୁରସ୍କୃତ କରାଯାଉଛି।

ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ସଂଗ୍ରାମପୁର ସମିତି ସଭ୍ୟ ସ୍ୱପ୍ନ କର୍ମୀ, ବହଳପଦର ସେବା ସମବାୟ ସମିତିର ସଂପାଦକ ପ୍ରଫୁଲ୍ଲ ଦନ୍ତା,କମିରା ସରପଞ୍ଚ ପ୍ରତିନିଧି ସପନ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ,ଶିକ୍ଷାବିତ ବ୍ରଜବିହାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳାପଥରର ଲଳିତ ବନଛୋରଙ୍କୁ ମ୍ୟାନ ଅଫ ଦି ଫାଇନାଲ, ବିଷ୍ଣୁ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା । ଏଥିସହିତ ଚାମ୍ପିୟନ କଳାପଥର ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ଓ ଉପବିଜେତା ମନମୁଣ୍ଡା ଦଳକୁ ଟ୍ରଫି ସହିତ ୧୨ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ରାଧାକାନ୍ତ ପ୍ରଧାନ ଓ ସଞ୍ଜୀବ ପ୍ରଧାନ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ବିକାଶ କୁମାର ପ୍ରଧାନ ସ୍କୋରର ଏବଂ ଶ୍ରୀନିବାସ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଦେବେନ୍ଦ୍ର ପ୍ରଧାନ, ଅନିଲ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଭରତ ପାତ୍ର, ନରେଶ ପ୍ରଧାନ, ରଞ୍ଜନ ପ୍ରଧାନ, ବିମଳ ସାହୁ,ହରିହର ପ୍ରଧାନ,ପ୍ରଦୀପ ପ୍ରଧାନ ଓ ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

**ଶୀତକାଳୀନ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ**

**ବ୍ରଜରାଜନଗର (ବିଜୟ ବରାଡ଼):** ଶୀତକାଳିନ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୋମବାର ବ୍ରଜରାଜନଗର ମହାନଦୀ କୋଇଲା ଖଣି ଓରିଏଣ୍ଟ କ୍ଷେତ୍ରର ଷ୍ଟାଫ କ୍ଲବ ଏମ୍ଆର୍ଏସ୍ କଲୋନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓରିଏଣ୍ଟ ଏରିଆ ପର୍ସନାଲ ମ୍ୟାନେଜର ରାଜେଶ କୁମାର କର ମୁଖ୍ୟଅତିଥି, ଓରିଏଣ୍ଟ ଏରିଆ ଫାଇନାନ୍ସ ମ୍ୟାନେଜର ଦୀନକୃଷ୍ଣ ସାହୁ, ଖବରଦାତା ଉପନଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାଧବ ସଙ୍ଗୀତ ବିଦ୍ୟାଳୟ ମୁଖ୍ୟ ମାଧବ ଚନ୍ଦ୍ର ପଲେଇଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା।

## ସଂକ୍ଷେପରେ

### କାର ଭିତରୁ ୧୭ କିଲୋ ଗଞ୍ଜେଇ ଜବତ

**ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ସାହାଜବାହାଲ ଗ୍ରାମରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଏକ କାର୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ କାରକୁ ଜବତ କରି ଥାନାକୁ ଆଣିଥିଲା। କାର ଭିତରୁ ୧୭ଟି ଗଞ୍ଜେଇ ପ୍ୟାକେଟ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୬ ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି କାର ନମ୍ବର ଭୁବନେଶ୍ୱରର ହୋଇଥିବା ଜଣାପଡିଛି। ବଡ଼ଗାଁ ଅଞ୍ଚଳର ଜଣେ ବ୍ୟକ୍ତି ଏହି କାରବାରରେ ସଂପୃକ୍ତ ଥିବା ଗ୍ରାମବାସୀଙ୍କ ଠାରୁ ଜଣାପଡିବା ବେଳେ ଏହି ରାସ୍ତା ଚୋରା ଗଞ୍ଜେଇ ଓ କାଠ ବେପାରୀଙ୍କ ପାଇଁ ଅବାଧ ହୋଇଛି।

### ବିଜେଡିରୁ ନିଲମ୍ବନ ହେଲେ ସୁରେନ୍ଦ୍ର

**ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ):** ଦଳ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଇ ବିଜେଡି ଜିଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ଭିତ୍ରୀୟାଙ୍କୁ ଦଳରୁ ସସ୍‌ପେଣ୍ଡ କରାଯାଇଛି। ସଭାପତି ବିନୟ ଟପ୍ପୋଙ୍କ ପତ୍ର ସଂଖ୍ୟା ୩୧ରେ ସୁରେନ୍ଦ୍ରଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ସସ୍‌ପେଣ୍ଡ କରାଯାଇଥିବା ଉଲ୍ଲେଖ କରାଯାଇଛି। ଏନେଇ ଜିଲା ସଭାପତି ଟପ୍ପୋଙ୍କୁ ପଚାରିବାରୁ ଦଳରେ ରହି ଦଳ ବିରୋଧରେ କାର୍ଯ୍ୟ କରିଥିବାରୁ ତାଙ୍କୁ ସସ୍‌ପେଣ୍ଡ କରାଯାଇଥିବା କହିଛନ୍ତି। ସୂଚନା ଅନୁଯାୟୀ, ସୁରେନ୍ଦ୍ର କିଛି ବର୍ଷ ପୂର୍ବେ ଭାଜପା ଛାଡ଼ି ବିଜୁ ଜନତା ଦଳରେ ଯୋଗଦେଇଥିଲେ।

### ପ୍ରସ୍ତୁତି ତଦାରଖ କଲେ ଏସ୍‌ଡିସି ଅଧକ୍ଷ

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

**ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁରେ ଆସନ୍ତା ୮ରେ ହେବାକୁଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ସୋମବାର ଏହି ପ୍ରସ୍ତୁତି କାର୍ଯ୍ୟ ପରିଦର୍ଶନ କରିଛନ୍ତି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ତଥା ବିଜେଡ ଜିଲା ସଭାପତି ବିନୟ ଟପ୍ପୋ ଓ ବିଡିଓ ସୁମତି ପଣ୍ଡା। ସୋମବାର ପୂର୍ବାହ୍ନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଟପ୍ପୋ, ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦର ଏକ୍ସପର୍ଟ ମେମ୍ବର ବୈକୁଣ୍ଠ ନାଏକ, ଜିଲା ସାଧାରଣ ସମ୍ପାଦକ ଅରୁଣ କୁମାର ଦିକ୍ଷୀତ, ଜିଲା ସମ୍ପାଦକ ଅଜୟ ପାଣିଗ୍ରାହୀ, ଦେବାଶିଷ ପୁରୋହିତ, ବ୍ଲକ ସଭାପତି ଦେବାଶିଷ ମିଶ୍ର, ବ୍ଲକ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଦଳର ବରିଷ୍ଠ ନେତା ବସନ୍ତ ସାହୁ, ବଡ଼ଗାଁ ସମିତି ମେମ୍ବର ସାରିକା କେରକେଟା, ଦଳୀୟ କର୍ମୀ ଓ କର୍ମକର୍ତ୍ତା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିଲେ। ଏ ନେଇ ବିଡିଓ ପଣ୍ଡାଙ୍କ ସହିତ ବିଜେଡି କର୍ମକର୍ତ୍ତା ଆଲୋଚନା କରିଥିଲେ।

### କୁଆଁରମୁଣ୍ଡାରେ ନୂତନ ତହସିଲଦାରଙ୍କ ଯୋଗଦାନ

**କୁଆଁରମୁଣ୍ଡା,୬।୧୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡାରେ ସ୍ଥାପିତ ପାନପୋଷ ତହସିଲରେ ନୂତନ ତହସିଲଦାରଭାବେ ଚନ୍ଦ୍ରଜିତ ବେହେରା ଯୋଗଦେଇଛନ୍ତି। ସୋମବାର ତହସିଲଦାର ବେହେରାଙ୍କୁ ଗଣମାଧ୍ୟମ ପ୍ରତିନିଧି ପକ୍ଷରୁ ସାକ୍ଷାତ କରାଯାଇ ତହସିଲ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ତହସିଲଦାର ବେହେରା ତହସିଲର ବିଭିନ୍ନ ସମସ୍ୟା ଉପରେ ଅବଗତ ହେବା ସହ କର୍ମଚାରୀଙ୍କ ସମୟାନୁବର୍ତିତା, ଷ୍ଟାଫ କ୍ୱାର୍ଟର ନିର୍ମାଣ, ଜବରଦଖଲ ସମସ୍ୟା ସମାଧାନ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ।

### ନୂତନ ବିଡିଓଙ୍କୁ ସ୍ୱାଗତ ଜଣାଇଲା ସରପଞ୍ଚ ସଂଘ

**ବଡ଼ଗାଁ,୬।୧୧( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକରେ ସୋମବାର ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ବିଡିଓ ସୁମତି ପଣ୍ଡା। ତାଙ୍କୁ ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିଷାନ, ଡୁଡାଲଗା ସରପଞ୍ଚ ସୁଦୀପ ବାଡା, ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋଙ୍କ ସହିତ ସଂଘ କର୍ମକର୍ତ୍ତା ଓ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ସାକ୍ଷାତ କରି ସ୍ୱାଗତ ଜଣାଇଥିଲେ। ବିଡିଓ ପଣ୍ଡା ୨୦୧୩ରେ ଓଡ଼ିଶା ରେଭିନ୍ୟୁ ସର୍ଭିସ ପାଇଲାପରେ ବରଗଡ଼ ଜିଲାରେ ଡେପୁଟି କଲେକ୍ଟର ଭାବେ ଅବସ୍ଥାପିତ ହୋଇଥିଲେ।

# ସଶସ୍ତ୍ର ଡକାୟତି, ଲୁଟ୍ ଘଟଣାରେ ୩ କୋର୍ଟ ଚାଲାଣ

**୫୦ ହଜାର ଟଙ୍କା, ୩ ଦେଶୀ ବନ୍ଧୁକ, ୩ ବାଇକ୍ ଜବତ**

**ରାଜଗାଙ୍ଗପୁର, ୬।୧୧(ଅଶୋକ ପାଣି)**

ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ରାଜଗାଙ୍ଗପୁର ପୋଲିସ। ଗତ କିଛି ଦିନ ହେବ ଏହି ଗ୍ୟାଙ୍ଗ ପୋଲିସ ଆଖିରେ ଧୂଳି ଦେଇ ରାଜଗାଙ୍ଗପୁର ତଥା କୁତ୍ରା ଓ ଅନ୍ୟ ସ୍ଥାନରେ ଡକାୟତି ଓ ଲୁଟପାଟ କରୁଥିଲେ। ଏହି ସଂକ୍ରାନ୍ତରେ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ସୋମବାର ଏକ ପ୍ରେସ୍‌ମିଟ କରି ପ୍ରକାଶ କରିଛନ୍ତି ଯେ, ନଭେମ୍ବର ୨ରେ ରାଜଗାଙ୍ଗପୁର ସାଗଜୋର ଠାରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ରରୁ ବନ୍ଧୁକ ମୁନରେ ୩୦ ହଜାର ଟଙ୍କା ଲୁଟ କରି ଫେରାର ମାରୁଥିବା ସମୟରେ ରାଜଗାଙ୍ଗପୁର ପୋଲିସ ଓ କାଂଶବାହାଲ ପୋଲିସ ତଥା ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଲାଖୁଆପଡା ଘାଟି ଜଙ୍ଗଲରୁ ଝୁନୁମୁରୁ ଗ୍ରାମର ସନ୍ଦୀପ ବେକଙ୍କୁ ଗିରଫ କରାଯାଇଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୯୨୦୦ ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ ସହ ୨ଟି ବାଇକ୍ ଜବତ ହୋଇଥିଲା। ଏହାପରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ରାଜଗାଙ୍ଗପୁର ଥାନାଧିକାରି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କାର୍ଡ ଗଠନ କରାଯାଇଥିଲା। ସୋମବାର ସକାଳେ ବିଷେଶ ସୂତ୍ରରୁ ଖବର ପାଇ ସ୍ପେଶାଲ ସ୍କାର୍ଡର ଟିମ୍ ରାଉରକେଲାର ପାନପୋଷ ଠାରେ ଥିବା ଏକ ଭଡାଘରେ ଚଢାଉ କରି ସେଠାରୁ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ନୂଆଗାଁ ଥାନା ତଳସରାର ବିଜୟ ଖାଲଖୋ, ଝୁନୁମୁରୁ ଥାନା ରାଏବଗାର ସାମୁଏଲ ଏକ୍କା, ଜାମଡିହି ଥାନା ରାଏବଗାର ବିକ୍ରମ କୁଜୁର। ତଦନ୍ତ ପରେ ପୋଲିସ ଜାଣିବାକୁ ପାଇଥିଲା ଯେ, ଅକ୍ଟୋବର ୧୫ରେ ରାଜଗାଙ୍ଗପୁରର ମଦଦୋକନ କର୍ମଚାରୀଙ୍କ ଠାରୁ ଆଇଟି କଲୋନୀ ନିକଟରେ ବନ୍ଧୁକ ମୁନରେ ୧ ଲକ୍ଷ ୫୦ ଟଙ୍କା ଲୁଟ କରିଥିଲେ। ସେହିପରି ୧୬ତାରିଖରେ କୁତ୍ରା ଅଞ୍ଚଳର ଭିମ ମିଞ୍ଜଙ୍କ ଗୋଡକୁ ଗୁଳି ମାରି ୧୦ ହଜାର ଟଙ୍କା ଓ ଏକ କ୍ୟାମେରା ଲୁଟ କରିଥିଲେ ଅଭିଯୁକ୍ତ। ୨୮ ରେ ଘୋଘର ଠାରୁ ଏକ ବାଇକ୍ ଚୋରି, ନଭେମ୍ବର ୧ରେ କୁତ୍ରାର ପୁରକାପାଲିଠାରେ ଥିବା ଏକ ଜନସେବା କେନ୍ଦ୍ରରୁ ୨ ଲକ୍ଷ ଟଙ୍କାର ଡକାୟତି ଓ ଲୁଟ ଘଟଣାରେ ସଂଶ୍ଲିଷ୍ଟ ରହିଥିଲେ। ଏହି ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ଟି ଦେଶୀ ବନ୍ଧୁକ, ଗୋଟିଏ ବାଇକ୍, ୩୯,୫୦୦ ଟଙ୍କା ସହ ଡକାୟତି ଓ ଲୁଟ ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ବିକ୍ରମ କୁଜୁର ବାଇକ୍ ଚୋରି କରି ଡକାୟତ ଓ ଲୁଟେରାଙ୍କୁ ଯୋଗାଉଥିଲେ। ସୂଚନା ଯୋଗ୍ୟ ଯେ, ଏହି ଘଟଣାରେ ସଂଶ୍ଳିଷ୍ଟ ଆଉ ଏକ ଅଭିଯୁକ୍ତ ଫେରାର ରହିଛି।

## ମୁଖ୍ୟ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଗ୍ରାହକ ସେବା କେନ୍ଦ୍ର ଲୁଟ ଘଟଣା**

**କୁତ୍ରା,୬।୧୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଏବଂ ରାଜଗାଙ୍ଗପୁର ଥାନା ଅଞ୍ଚଳରେ ବିଭିନ୍ନ ଗ୍ରାହକ ସେବା କେନ୍ଦ୍ର ଗୁଡ଼ିକରୁ ଲୁଟ କରୁଥିବା ମୁଖ୍ୟ ଅଭିଯୁକ୍ତଙ୍କ ଟେର ପାଉନାହିଁ ପୋଲିସ। ପୋଲିସକୁ ବାରମ୍ବାର ଚକମା ଦେଇ ଫେରାର ହେବାରେ ସଫଳ ହେଉଛନ୍ତି ଲୁଟେରା। ସୂଚନାଯୋଗ୍ୟ, ଏହି ଲୁଟେରାମାନେ ପ୍ରଥମେ ଏଲଗା ଜଙ୍ଗଲରେ ବାମରା ଆସୁଥିବା ଗ୍ରାହକ ସେବା କେନ୍ଦ୍ରର ମାଲିକଙ୍କୁ ଅଟକାଇ ବନ୍ଧୁକ ମୁନରେ ଲୁଟ ଉଦ୍ୟମ କରିଥିଲେ। ହେଲେ ଲୁଟର ଶିକାର ହେବା ଆଗରୁ ତାଙ୍କୁ ଚକମା ଦେଇ ସେ ଖସି ଯାଇଥିଲେ। ପରେ ଗତ ମାସ ୧୬ ତାରିଖ କୁତ୍ରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାହକ ସେବା କେନ୍ଦ୍ର ଦେଇଥିବା ଲିଟିବେଡା ଗ୍ରାମର ଭିମ ଚରଣ ମିଞ୍ଜ ସନ୍ଧ୍ୟାରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଧାଙ୍ଗରିଧୁକା ଠାରେ ପ୍ରଥମେ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଗୋଡ଼ରେ ଗୁଳି କରି ଟଙ୍କା ସହିତ ମୂଲ୍ୟବାନ କ୍ୟାମେରା ଲୁଟ କରି ନେଇଥିଲେ। ପରେ ଚଳିତ ମାସ ୧ ତାରିଖରେ ପୁରକାପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଗ୍ରାହକ ସେବା କେନ୍ଦ୍ରଠାରୁ ବନ୍ଧୁକ ମନରେ ୨ ଲକ୍ଷ ୧୦ ହଜାର ଟଙ୍କା ଲୁଟ କରି ନେଇଥିଲେ। ପରେ ରାଜଗାଙ୍ଗପୁର ଅଞ୍ଚଳରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ର ଠାରୁ ଲୁଟ କରିଥିଲେ। ରାଜଗାଙ୍ଗପୁର ଓ କୁତ୍ରା ପୋଲିସ ପକ୍ଷରୁ ଚଢ଼ାଉ କରି ଜଣକୁ ଗିରଫ କରୁବାରେ ସଫଳ ହୋଇଥିଲେ। ସୋମବାର ପୁଣି ଆଉ ୨ଜଣ ଲୁଟେରାଙ୍କୁ ଗିରଫ କରିଛି ପୋଲିସ। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ମାଷ୍ଟର ମାଇଣ୍ଡକୁ ପୋଲିସ ଗିରଫ କରିବାରେ ଅସଫଳ ହୋଇଛି। ଯାହାଫଳରେ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ଗ୍ରାହକ ସେବା କେନ୍ଦ୍ର ତଥା ବ୍ୟାଙ୍କକୁ ଟଙ୍କା ନେଣଦେଣ ପାଇଁ ଲୋକେ ଆସିବାକୁ ଭୟ କରୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଯେତେ ଜରୁରୀ କାର୍ଯ୍ୟ ଥିଲେ ମଧ ଘରୁ ବାହାରିବାକୁ ଭୟ କରୁଛନ୍ତି ଲୋକେ। ଏହାକୁ ନେଇ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିସିଙ୍କୁ ପଚାରିବାରୁ, ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା ଜାରି ରହିଛି। ଖୁବ ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେବେ ବୋଲି କହିଛନ୍ତି।

### ଲୁହାପଥର ଗୁଣ୍ଡ ଚାଲାଣ ଘଟଣା, ୨ କୋର୍ଟଚାଲାଣ

**ଲହୁଣୀପଡ଼ା,୬।୧୧(ଦାଶରଥି ପଣ୍ଡା)**

ଲୁହାପଥର ଗୁଣ୍ଡ ଚୋରା ଚାଲାଣ କରାଯାଉଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କେ ବଲାଙ୍ଗ ଥାନା ଚୋରଧରା ଗ୍ରାମର ଭଜ ପଲେଇ (୩୨) ଏବଂ କେନ୍ଦୁଝର ଜିଲା ନୟାକୋଟ ଥାନା ଉପର କାଦପଡା ଗ୍ରାମର ନିଳାମ୍ବର ଘଣା(୫୫)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧ତାରିଖ ରାତିରେ କୋଇଡା ଖଣି ଅଞ୍ଚଳରୁ ଓଡି ୧୪ଜେଡ -୪୩୪୩ ହାଇୱା ଓ ଓଡି - ୦୯ୟୁ -୭୩୨୪ ଟ୍ରକ ଲୁହାପଥର ଗୁଣ୍ଡ ବୋଝେଇ କରି କେନ୍ଦୁଝର ଜିଲା ବାଁଶପାଣି ଅଞ୍ଚଳକୁ ଯିବାର ଥିଲା। ହେଲେ ଗାଡି ୨ଟି କୋଇଡା ଅଞ୍ଚଳରୁ ୫୨୦ ନମ୍ବର ଜାତୀୟ ରାଜପଥରେ କେ.ବଲାଙ୍ଗ ଦେଇ ରାଉରକେଲାକୁ ଯାଉଥିବା କୌଣସି ସୂତ୍ରରୁ କେ. ବଲାଙ୍ଗ ପୋଲିସ ସୂଚନା ପାଇଥିଲା। କେ ବଲାଙ୍ଗ ଅଞ୍ଚଳରେ ଗାଡି ୨ଟିକୁ ଅଟକାଇ ପୋଲିସ କାଗଜ ପତ୍ର ଯାଞ୍ଚ କରିଥିଲା। ହେଲେ ସେମାନେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ ଏବଂ ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ପୋଲିସ ଗାଡି ୨ ଟିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିଲା। ଲୁହାପଥର ଗୁଣ୍ଡ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ନିକଟରେ ଅଭିଯୁକ୍ତ ଦ୍ୱୟ ସ୍ୱୀକାର କରିଥିଲେ।

## ସ୍ନେହା ଆଣ୍ଡ ସ୍ନେହା ଦଳ ଚାମ୍ପିୟନ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

**ଟେନ୍‌ସା,୬।୧୧(ସମୀର କୁମାର ପାଢୀ)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଗଣୁଆଠାରେ ସ୍ପୋର୍ଟିଂ କ୍ଲବ ଗଣୁଆ ପକ୍ଷରୁ ଆୟୋଜିତ ୧୪ତମ ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ମିନି ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ତଥା ସମ୍ମାନିତ ଅତିଥିଭାବେ ଉପଜିଲାପାଳ ସୁରଞ୍ଜନ ସାହୁ ଯୋଗଦେଇ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଏମ୍‌ଜିଏମ୍ ମିନେରାଲ୍ସ ଅଧିକାରୀ ସତ୍ୟଜିତ ପଣ୍ଡା, ଅମେଶ ପଣ୍ଡା, ଶ୍ରୀ ମଣ୍ଡଳ, ସ୍ଥାନୀୟ ସରପଞ୍ଚ ସୁରୁବାଲି ପାତ୍ର, ବଲଦା ସରପଞ୍ଚ ବରୁଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଭାଗ ନେଇଥିଲେ। ଏହାର ଫାଇନାଲ ମ୍ୟାଚ ସୋ ସୋ ବସ୍ତି ସିଲଯୋଡା ଓ ସ୍ନେହା ଆଣ୍ଡ ସ୍ନେହା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ନେହା ଆଣ୍ଡ ସ୍ନେହା ଦଳ ସିଲଯୋଡା ଦଳକୁ ୧-୦ ଗୋଲରେ ହରାଇ ଚାମ୍ପିୟନ୍ ହୋଇଥିଲା। ସେହିପରି ୪ଟି ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଫୁଟ୍‌ବଲ ଫାଇନାଲରେ ନୂଆମୁଣ୍ଡି ମହିଳା ଦଳକୁ ହରାଇ ଜେଏସଡବ୍ଲ୍ୟୁ ଜଜାଙ୍ଗ ମହିଳା ଦଳ ଚାମ୍ପିୟନ୍ ହୋଇଥିଲା। ଶେଷରେ ପୁରସ୍କାର ବିତରଣ ସଭାରେ ଅତିଥିମାନେ ବିଜେତା ଦଳକୁ ୧,୫୦,୦୦୦ ନଗଦ ସହ ଟ୍ରଫି, ଉପ ବିଜେତା ଦଳକୁ ୧,୦୦,୦୦୦ ନଗଦ ସହ ଟ୍ରଫି, ସେମି ଫାଇନାଲରେ ଉଭୟ ଦଳକୁ ୫୦ ହଜାର ନଗଦ ପ୍ରଦାନ ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିସହିତ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଡିଫେଣ୍ଡର, ଗୋଲକିପରକୁ ୫ ହଜାର ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମହିଳା ବିଜେତା ଦଳକୁ ୧୫ ହଜାର ନଗଦ ସହ ଟ୍ରଫି ଓ ଉପବିଜେତା ଦଳକୁ ୧୦ ହଜାର ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। ସ୍ପୋର୍ଟିଂ କ୍ଲବ ଗଣୁଆ ପକ୍ଷରୁ ସଭାପତି ତପନ କୁମାର ପାତ୍ର, ଉପ ସଭାପତି ଦିବାକର ନାଏକ, ସମ୍ପାଦକ ରଞ୍ଜିତ ନାଏକ, କୋଷାଧକ୍ଷ ବିଜୁ ପାତ୍ର, ଟିକେଶ୍ୱର ପାତ୍ର, ଯୋଗେଶ୍ୱର ପାତ୍ର, ବାଦଲ ବାରିକ ପ୍ରମୁଖଙ୍କ ସହ କ୍ଲବର ଅନ୍ୟାନ୍ୟ ସଦସ୍ୟ ଆୟୋଜନ କରିଥିଲେ। ମୁଖ୍ୟ ଆକର୍ଷଣ ଭାବେ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ରିୟା ଦେ ଯୋଗଦେଇଥିଲେ।

### ଠେଙ୍ଗାରେ ପିଟି ବାପକୁ ହତ୍ୟା କଲା ପୁଅ

**ଲହୁଣୀପଡ଼ା,୬।୧୧(ଦାଶରଥି ପଣ୍ଡା)**

ବାପାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲା ପୁଅ। ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଫୁଲଝର ଗ୍ରାମର ଚାଳା ସାହିରେ। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ସାହିର ପଦୁ ମୁଣ୍ଡା(୫୮)ଙ୍କ ପୁଅ ରବିବାର ମଧ୍ୟାହ୍ନରେ ଖାଇବା ପାଇଁ ଘରକୁ ଯାଇଥିଲେ। ଖାଇବାକୁ ଦେବାରେ ବିଳମ୍ବ ହେବାରୁ ସେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଏହାକୁ କାକି ବିରୋଧ କରିବାରୁ ସେ ତାଙ୍କୁ ମାଡ ମାରିଥିଲେ। ସନ୍ଧ୍ୟାରେ ପୁଣି ଝଗଡା କରିଥିଲେ। ପଦୁ ଏହାକୁ ବିରୋଧ କରିବାରୁ ବାପ ପୁଅଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ପୁଅ ରାଗି ଯାଇ ପାଖରେ ପଡିଥିବା ଏକ ଠେଙ୍ଗାରେ ବାପାଙ୍କ ମୁଣ୍ଡରେ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ପଦୁଙ୍କ ମୃତ୍ୟୁ ଘଟିଥିଲା। ପୁଅ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ମହୁଲପଦା ଥାନାକୁ ଜଣାଇଥିଲେ। ପୋଲିସ ଓ ରାଉରକେଲା ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଣେଇଁ ଡାକ୍ତରଖାନାକୁ ପଠାଇବା ସହିତ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ଖୋ ଖୋ ପ୍ରତିଯୋଗିତା: ସମ୍ବଲପୁର ଚାମ୍ପିୟନ

**ବ୍ରଜରାଜନଗର,୬।୧୧(ବିଜୟ ବରାଡ଼)**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଲୋଇସିଂହ ଗ୍ରାମପଞ୍ଚାୟତ ଖେଳପଡ଼ିଆରେ ସୋମବାର ୧୭ବର୍ଷରୁ ଉର୍ଦ୍ଧ୍ୱ ବାଳକଙ୍କ ମଧ୍ୟରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ପଡୋଶୀ ଜିଲାରୁ ମୋଟ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼ ଓ ଲୋଇସିଂହ ପଞ୍ଚାୟତ ଦଳ ମଧ୍ୟରେ ହେଇଥିଲା। ଏଥିରେ ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼ ଦଳ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଥିଲା। ଦ୍ୱିତୀୟ ମ୍ୟାଚ କିଞ୍ଜିରିମା ଓ ସମ୍ବଲପୁର ମଧ୍ୟରେ ହୋଇଥିବା ବେଳେ ସମ୍ବଲପୁର ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ସମ୍ବଲପୁର ଦଳ ସୁନ୍ଦରଗଡ଼ ମହାବିଦ୍ୟାଳୟକୁ ପରାଜିତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଖୋଖୋ ଆସୋସିଏଶନର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଓ ସମ୍ମାନିତ ଅତିଥି ଭାବରେ ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ, କୋଷାଧକ୍ଷ ଗଣେଶ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଖେଳକୁ ଆଦିତ୍ୟ ପ୍ରସାଦ ମେହେର, ବଂଶୀଧର ପଶାୟତ, ଅମିୟ କୁମାର ଷଣ୍ଢ, ଯଶୋବନ୍ତ ଭୋଇ, ଶମ୍ଭୁନାଥ ସୁଧାକର ପରିଚାଳନା କରିଥିଲେ।

### ଜିଲା ସ୍ତରୀୟ କଳା ଉତ୍ସବ, ମିଲେଟ ମିଶନ



**ସୁନ୍ଦରଗଡ,୬।୧୧(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଜିଲା ସଂସ୍କୃତି ଭବନ ଏବଂ ରଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜିଲାସ୍ତରୀୟ କଳା ଉତ୍ସବ ଓ ମିଲେଟ ମିଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସମସ୍ତ ବ୍ଲକରୁ ଆସିଥିବା ପ୍ରତିଯୋଗୀମାନେ ଏହି ଜିଲା ସ୍ତରୀୟ ଉତ୍ସବରେ ଭାଗ ନେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଜିଲାର ୧୭ଟି ବ୍ଲକର ପ୍ରତିଯୋଗୀ ଭାଗ ନେଇଥିଲେ। ମିଲେଟ ମିଶନ ପ୍ରତିଯୋଗିତାରେ ଜିଲାର ପ୍ରଥମ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ବେଳେ କଳା ଉତ୍ସବର ପ୍ରଥମ ପ୍ରତିଯୋଗୀମାନେ ଜୋନାଲ ସ୍ତର ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ କଳା ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ,ବିଶିଷ୍ଠ ଗାଳ୍ପିକ, ଲେଖକ, ଶିକ୍ଷାବିତ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା କୃଷି ଅଧିକାରୀ ହରିହର ନାୟକ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ସମଗ୍ର ଶିକ୍ଷାର ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରିଶେଷରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜ୍ୟରେ ଭାଜପା ଦାୟିତ୍ୱବାନ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି

**ସୁନ୍ଦରଗଡ଼,୬।୧୧(ଜୟ ନାରାୟଣ ମେଣ୍ଟୁଲି)**



୨୦୦୯ ମାର୍ଚ୍ଚ୪ ତାରିଖ ଠାରୁ ବିଜେଡି ଭାଜପା ସହିତ ମେଣ୍ଟ ଭାଙ୍ଗିଦେଇଛି। ସେହିଦିନଠାରୁ ଗତ ୧୫ବର୍ଷ ହେବ ଭାଜପା ରାଜ୍ୟରେ ଏକ ଦାୟିତ୍ୱବାନ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋମବାର ସୁନ୍ଦରଗଡ ଠାରେ ଆୟୋଜିତ ଏକ ଖବର ଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଲୋକଙ୍କ ଦାବୀ, ସ୍ଥାନୀୟ ସମସ୍ୟା ଓ ଦୁର୍ନୀତିକୁ ନେଇ ଆଗାମୀ ୧୪ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ଘେରାଉ କରି ଭାଜପା ଆନ୍ଦୋଳନ କରିବ ବୋଲି ସେ ପ୍ରକାଶ କରିଥିଲେ। ସୁନ୍ଦରଗଡ ଜିଲାରେ ଡିଏମଏଫ ପାଣ୍ଠି ଖର୍ଚ୍ଚକରା ନ ଯାଇ ପକାଇ ରଖି ସ୍ଥାନୀୟ ଲୋକଙ୍କୁ ପ୍ରତାରିତ କରାଯାଉଛି ବୋଲି ସେ କହିଛନ୍ତି। ପୂର୍ବରୁ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ସହ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ, ପୌରାଧକ୍ଷା ତନୟା ମିଶ୍ର, ବଟ କିଶୋର ମିଶ୍ର, ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଶଙ୍କରା କଲ୍ୟାଣ ମଣ୍ଡପ ଠାରେ ଏକ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଆଭିମୁଖ୍ୟକୁ ବିରୋଧ କରିଥିଲେ।

### କୁଆଁରମୁଣ୍ଡା ପାଇଁ ଗର୍ବ ଆଣିଲେ ୫ ମହିଳା ଫୁଟ୍‌ବଲ ଖେଳାଳି

**କୁଆଁରମୁଣ୍ଡା, ୬।୧୧(ମହେନ୍ଦ୍ର କୁମାର ସାହୁ)**

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ରବିବାର ଓଡ଼ିଶା ମହିଳା ଫୁଟ୍‌ବଲ ଟିମ୍ ଚାମ୍ପିୟନ ଘୋଷିତ ହୋଇଛି। ମଣିପୁର ଦଳକୁ ଟ୍ରାଇବ୍ରେକର ୪-୨ ଗୋଲରେ ହରାଇ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ପ୍ୟାରୀ ଖାଖାଙ୍କ ପ୍ରଥମ ଗୋଲ ମଣିପୁର ଦଳକୁ ଅଡୁଆରେ ପକାଇଥିଲା। ଓଡ଼ିଶା ଦଳରୁ ପ୍ୟାରୀ ଖାଖାଙ୍କ ସମେତ ଜୁଲି କିଷନ, ସୋନିଆ ଏକ୍କା, ମୋନିକା ମିଞ୍ଜ, ପ୍ରଜ୍ଞା କିଷାନ ପ୍ରମୁଖଙ୍କ ସହ ଅନ୍ୟମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ। ଏହି ୫ ମହିଳା ଫୁଟ୍‌ବଲ ଖେଳାଳି କୁଆଁରମୁଣ୍ଡା ପାଇଁ ଗର୍ବ ଆଣିଛନ୍ତି।



ପ୍ୟାରୀଙ୍କ ସମେତ ଅନ୍ୟ ୪ ମହିଳା ଫୁଟବଲ ଖେଳାଳି।

## ରାଜ୍ୟର ବିକାଶରେ ଭାଜପା ଏକ ମାତ୍ର ବିକଳ୍ପ

**ରାଜ୍ୟ ଭାଜପା ସଭାପତିଙ୍କ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଗସ୍ତ**

**ନୂଆଗାଁ,୬।୧୨(ବିଜୟ ତ୍ରିପାଠୀ)**



୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ପ୍ରୟାସ ଆରମ୍ଭ କରିଛି। ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଉଛି। ରବିବାର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ବୀରମିତ୍ରପୁର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଖୁଣ୍ଟଗାଁ, ନୂଆଗାଁ, ପୁରୁଣାପାଣି ଅଞ୍ଚଳ ଗସ୍ତକରି କର୍ମୀଙ୍କୁ ଉତ୍ସାହିତ କରିଥିଲେ। ରବିବାର ପୂର୍ବାହ୍ନ ୧୧ଟାରେ ସଭାପତି ସାମଲ ପ୍ରଥମେ ଖୁଣ୍ଟଗାଁରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଶତାଧିକ କର୍ମୀ ସ୍ୱାଗତ କରିବା ସହ ଗ୍ରାମ ପରିକ୍ରମା କରାଇଥିଲେ। ସେଠାରୁ ଭାଜପା କର୍ମୀଙ୍କ ଏକ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ଥିଲା। କର୍ମୀମାନେ ସଭାପତିଙ୍କୁ ନୂଆଗାଁ ନେଇଥିଲେ। ସେଠାରେ ଥିବା ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ସଭାପତି ସାମଲ ମାଲ୍ୟାର୍ପଣ କରିଥିଲେ। ପରେ ଏକ ପଦଯାତ୍ରା ନୂଆଗାଁ ପଞ୍ଚାୟତଠାରୁ ହନୁମାନ ଛକ ପର୍ଯ୍ୟନ୍ତ ଯାଇଥିଲା। ଅପରାହ୍ନ ୧ଟାରେ ପୁରୁଣାପାଣିରେ ପହଞ୍ଚି ଶତାଧିକ କର୍ମୀଙ୍କୁ ଉତ୍ସାହିତ କରିଥିଲେ। କର୍ମୀମାନେ ସାମଲଙ୍କୁ ଯାହାଡି ଟୋଲୀ ଛକରୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ପୁରୁଣା ପାଣି କମ୍ୟୁନିଟି ସେଣ୍ଟରକୁ ପାଛୋଟି ନେଇଥିଲେ। ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ। ଉକ୍ତ ସମ୍ମିଳନୀରେ ଏମ୍‌ପି ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ବିଧାୟିକା କୁସୁମ ଟେଟେ, ରାଜ୍ୟ ମୁଖ ପାତ୍ର ଧୀରେନ ସେନାପତି, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟା, ବ୍ଲକ ଉପାଧକ୍ଷ ଇଦ୍ରୀଶ କୁଲା, ଜିଲା ପରିଷଦ ସଭ୍ୟା ସଞ୍ଜିତା କିସ୍‌ପଟା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିକାଶରେ ଭାଜପା ହିଁ ଏକ ମାତ୍ର ବିକଳ୍ପ। ତେଣୁ ରାଜ୍ୟରେ ଭାଜପା ସରକାର ଗଠନ ଦିଗରେ ତୃଣମୂଳ ସ୍ତରୀୟ କର୍ମୀଙ୍କ ପ୍ରଚେଷ୍ଟା ଏକାନ୍ତ ଆବଶ୍ୟକ ବୋଲି ସଭାପତି ସାମଲ କହିଥିଲେ। ବିଧାୟକ ଶଙ୍କର ଓରାମ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ଯଥା, ନୂଆଗାଁ ବ୍ଲକରେ ତାହସିଲ କାର୍ଯ୍ୟାଳୟ, ନୂଆଗାଁ ଫାଣ୍ଡିକୁ ଥାନାର ମାନ୍ୟତା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଧାୟିକା ଟେଟେ ମୋଦି ସରକାରଙ୍କ ବିକାଶ ମୂଳକ ଯୋଜନା ସମ୍ପର୍କରେ କହିଥିଲେ। ସେହିପରି ଏମ୍‌ପି ଓରାମ ଆଗାମୀ ନିର୍ବାଚନରେ ଭାଜପା ନିଶ୍ଚିତ ରାଜ୍ୟରେ ସରକାର ଗଠନ କରିବ ବୋଲି ଦୃଢ଼ ପ୍ରକାଶ କରିଥିଲେ। ଏହି ଅବସରରେ ରାଏବଗା, କୁଆଁରମୁଣ୍ଡା, ହାତିବାରୀ, ପୁରୁଣାପାଣି ଅଞ୍ଚଳରୁ ପ୍ରାୟ ୪୦୦ରୁ ଅଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୁଣାପାଣି ଅଞ୍ଚଳର ସୁଧୀର ବଡାଇକ, ପ୍ରକାଶ ଦାସ, ଓମକାର ଶର୍ମା, ଆକାଶ ଲାକ୍ରା, ଗୋବିନ୍ଦ ରଣା, ନାରାୟଣ ରାୟଙ୍କ ନେତୃତ୍ୱରେ ବିଭିନ୍ନ ଦଳର କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଶେଷରେ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଶିବିରରେ ୨୭ ଅଭିଯୋଗର ଶୁଣାଣି

ଦେବଗଡ଼, (ଶଶାଙ୍କ ଶେଖର ଝାଙ୍କର) :ଜିଲାପାଳ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୨୭ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ୧୯ଟି ବ୍ୟକ୍ତିଗତ ସମସ୍ୟା ଏବଂ ୮ ସାମୂହିକ ସମସ୍ୟା ରହିଥିଲା। ଶିବିରରେ ଜଙ୍ଗଲ ଜମି ପଟା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, କାଳିଆ ଯୋଜନା ଓ ରାଜସ୍ୱ ଗ୍ରାମ ଜନସାଧାରଣମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ସଂକ୍ଷେପରେ**

## ସହାୟକ ଉପକରଣ ବଣ୍ଟନ ଶିବିର

ଜମନକିରା,୬।୧୧(ରବୀନ୍ଦ୍ର ପ୍ରସାଦ ଦାନି):

ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ବିଇଓ ରୁକ୍ମନ ପଧାନଙ୍କ ତତ୍ତ୍ୱାବଧାନରେ ସହାୟକ ଉପକରଣ ବଣ୍ଟନ ଓ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୦ ଜଣ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ତନମଧ୍ୟରୁ ୭ଜଣଙ୍କୁ ସିପି ଚେୟାର, ୫ଜଣଙ୍କୁ ହୁଇଲ ଚେୟାର, ୭ଜଣଙ୍କୁ ରୋଲେଟର ଓ ୬ଜଣଙ୍କୁ ଏମ୍ଏସ୍ଆଇ ଇଡି କିଟ୍ ବଣ୍ଟନ କରାଯାଇଥିଲା। ଏହାସହ ଆଉ ୩୯ ଜଣ ଛାତ୍ରୀଛାତ୍ରଙ୍କୁ ଦିବ୍ୟାଙ୍ଗ ଚିହ୍ନଟ କରାଯାଇଥିଲା। ଏମାନଙ୍କୁ ଆଗାମୀ ଦିନରେ ଉପକରଣ ଦିଆଯିବ ବୋଲି ବିଇଓ ପଧାନ ପ୍ରକାଶ କରିଛନ୍ତି। ଅନିଲ କୁମାର, ରାମ କୁମାର ସିଂ ଓ ପଜଲ ମିଶ୍ରଙ୍କ ଦ୍ୱାରା ଦିବ୍ୟାଙ୍ଗ ଚିହ୍ନଟ କରାଯାଇଥିଲା। ଏବିଇଓ ଦେବକୀ ନାୟକ, ଚିତ୍ତରଞ୍ଜନ ବାରିକ, ଆନନ୍ଦ କୁମାର ସାହୁ ଏବଂ ଅଜିତ କୁମାର ତିର୍କୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ହୀରାଖଣ୍ଡ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର,୬।୧୧(ପ୍ରମୋଦ ବହିଦାର):

ସ୍ଥାନୀୟ ସାଂସ୍କୃତିକ ସମାଜ ଭବନରେ ସୋମବାର ହୀରାଖଣ୍ଡ ନାଗରିକ ପରିଷଦର ୩୩ତମ ପ୍ରତିଷ୍ଠା ଦିବସ ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥିଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ଗୌରୀ ଶଙ୍କର ପ୍ରଧାନ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅବହେଳିତ ଅବସ୍ଥାରେ କାଳାତିପାତ କରୁଥିବା ବରିଷ୍ଠ ନାଗରିକଙ୍କୁ ସହାୟତାର ହାତ ବଢ଼ାଇ ସେମାନଙ୍କ ମୁହଁରେ ହସ ଫୁଟାଇବାକୁ ବରିଷ୍ଠ ନାଗରିକ ପରିଷଦର ପ୍ରୟାସ ପ୍ରଶଂସନୀୟ ଅତିଥିମାନେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ନିର୍ମଳ ମାଇତି ପ୍ରାରମ୍ଭିକ ସୂଚନା ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ବରିଷ୍ଠ ସଦସ୍ୟ ଡା. ଜୟଦେବ ମେହେର, ନନ୍ଦ କିଶୋର ଦେବତା ତଥା ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସମ୍ବଳ' ଅନୁଷ୍ଠାନକୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ଧନେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଘେନୁପାଲି ଦୁଗ୍ଧ ସମବାୟ ସମିତିକୁ ସାହାଯ୍ୟ ଦାବି

ସମ୍ବଲପୁର,୬।୧୧(ବି.ଶଙ୍କର)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକର ଘେନୁପାଲି ଦୁଗ୍ଧ ସମବାୟ ସମିତିର କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ମୁଖ୍ୟମନ୍ତ୍ରୀ କୃଷି ଯୋଜନାରେ ଗାଈ ଋଣ କରିବାକୁ ଘେନୁପାଲି ଦୁଗ୍ଧ ସମବାୟ ସମିତିକୁ ଆବଶ୍ୟକ ସାହାଯ୍ୟ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଉଲ୍ଲେଖ କରାଯାଇଛି।

# ଆବଶ୍ୟକ ପଦକ୍ଷେପ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ଏସ୍‌ୟୁ ପୂର୍ବତନ କୁଳପତିଙ୍କ ବିରୋଧରେ ଏତଲା ପ୍ରସଙ୍ଗ

ସମ୍ବଲପୁର,୬।୧୧(ପ୍ରମୋଦ ବହିଦାର):

ସମ୍ବଲପୁରସ୍ଥିତ ଲାଲା ଲଜପତ୍ ରାୟ ଆଇନ ମହାବିଦ୍ୟାଳୟ ପାଣ୍ଠିରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପାଣ୍ଠିକୁ ପ୍ରେରଣ ହୋଇଥିବା ରାଶିକୁ ନେଇ ପୁରାତନ ଛାତ୍ରସଂଘର ଏତଲା ଆଧାରରେ ଆବଶ୍ୟକ ପଦକ୍ଷେପ ନେବାକୁ ଓଡ଼ିଶା ହାଇକୋର୍ଟ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରାତନ ଛାତ୍ର ସଂଘର ଅଭିଯୋଗ କ୍ରମେ ଆଇନ ମହାବିଦ୍ୟାଳୟର ନିୟମିତ ଅଧ୍ୟକ୍ଷ ବିଜୟାନନ୍ଦ ବେହେରାଙ୍କୁ ଅପସାରଣ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ପ୍ରଫେସର ଗିରିଜା ଶଙ୍କର ଶର୍ମାଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ନିଯୁକ୍ତ କରିଥିଲେ। ପ୍ରଫେସର ଶର୍ମା ଅଧ୍ୟକ୍ଷ ଭାବେ କ୍ଷମତାପ୍ରାପ୍ତ ହେବା ପରେ ଆଇନ ମହାବଦ୍ୟାଳୟ ପାଣ୍ଠିରୁ ୬୨ ଲକ୍ଷ ୬୭ ହଜାର ଟଙ୍କା ବିଶ୍ୱବିଦ୍ୟାଳୟ ପାଣ୍ଠିକୁ ସ୍ଥାନାନ୍ତର କରିଥିଲେ। ଏହାକୁ ଆଇନ ମହାବିଦ୍ୟାଳୟର ପୁରାତନ ଛାତ୍ରସଂଘ ଦୃଢ଼ ବିରୋଧ କରି ସମ୍ବଲପୁର ଧନୁପାଲି ଥାନାରେ ଗତ ୨୦୨୨ ମେ ୫ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତିଙ୍କ ସହିତ ରେଜିଷ୍ଟ୍ରାର ଓ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ବିରୋଧରେ ଏତଲା ଦେଇଥିଲା। ମାତ୍ର ପୋଲିସ ଧନୁପାଲି ଥାନାରେ କେବଳ ଏକ ଷ୍ଟେସନ ଡାଏରି କରି ଦୀର୍ଘଦିନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ କରି ନ ଥିଲା। ତେଣୁ ପରିବର୍ତ୍ତୀ କାଳରେ ଏହାକୁ ନେଇ ପୁରାତନ ଛାତ୍ର ସଂଘ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାକୁ ନେଇ ସଂଘ ପକ୍ଷରୁ ହାଇକୋର୍ଟରେ ୨୦୨୨ ଜୁଲାଇ ୧୯ରେ ପିଟିସନ୍ ଦାଏର କରାଯାଇଥିଲା। ଏହାର ରାୟ ପ୍ରକାଶ କରି ଗତ ଅକ୍ଟୋବର ୧୮ରେ ହାଇକୋର୍ଟ ଉତ୍ତରପ୍ରଦେଶ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ଲଳିତା କୁମାରୀଙ୍କ ମାମଲାର ଉଦାହରଣ ଦେଇ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ସହ ଧନୁପାଲି ଥାନା ଅଧିକାରୀଙ୍କୁ ଆଇନ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ହୋଇଥିବା ଏତଲା ଉପରେ ୪ ସପ୍ତାହ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଦୀପ ସାହୁଙ୍କୁ ପଚାରିବାରୁ ଏ ନେଇ ତାଙ୍କ ନିକଟରେ ଠିକ୍ ଖବର ନ ଥିବା ପ୍ରକାଶ କରିଥିଲେ।

## ପୁଅ ଥାଇ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଦମ୍ପତି


ପୋଷ୍ୟସନ୍ତାନ ଗ୍ରହଣ କରୁଥିବା କର୍ମକାର ଦମ୍ପତି।

ସମ୍ବଲପୁର,୬।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଛଞ୍ଚାନପାଲିସ୍ଥିତ ରୁକ୍ମିଣୀଲାଠ ବାଲ ନିକେତନରେ ରହୁଥିବା ୭ ବର୍ଷର ଶିଶୁ କନ୍ୟାକୁ ପଶ୍ଚିମବଙ୍ଗର ଏକ ଦମ୍ପତି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଏ ନେଇ ସମ୍ପୃକ୍ତ ପରିବାର ପକ୍ଷରୁ ପୂର୍ବରୁ ଆବେଦନ କରାଯାଇଥିଲା। ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ସୋମବାର ଜିଲାପାଳ ଅନନ୍ୟା ଦାସଙ୍କ ଉପସ୍ଥିତିରେ ଶିଶୁ କନ୍ୟାକୁ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦିପଙ୍କର କର୍ମକାର ଓ ତାଙ୍କ ସ୍ତ୍ରୀ ସ୍ମିତା କର୍ମକାର ପେଷାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ। ପୁଅଟିଏ ରହିଥିବା ସତ୍ତ୍ୱେ ସେମାନେ ଏକ କନ୍ୟାସନ୍ତାନ ପାଇଁ ଆଶା ରଖିଥିଲେ। ଏଥିପାଇଁ ବାଲନିକେତନର ଶିଶୁଗୃହରୁ ପୋଷ୍ୟ ସନ୍ତାନ ଲାଗି ଆବେଦନ କରିଥିଲେ। କନ୍ୟା ସନ୍ତାନ ମିଳିବା ପରେ ଦୀର୍ଘଦିନର ଆଶା ପୂରଣ ହୋଇଛି ଏବଂ ପରିବାର ସମ୍ପୂର୍ଣ୍ଣ ହୋଇଛି ବୋଲି ଦମ୍ପତି କହିଛନ୍ତି। ଝିଅ ଭବିଷ୍ୟତରେ କିଭଳି ଉନ୍ନତି କରିବ ସେଥିପାଇଁ ଉଭୟେ ଦାୟିତ୍ୱ ନେବେ ବୋଲି ପ୍ରକାଶ କରିଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଗତ କିଛିବର୍ଷ ଭିତରେ ସମ୍ବଲପୁରରୁ ଦେଶ ଓ ଦେଶ ବାହାରୁ ଅନେକ ଦମ୍ପତି ପୋଷ୍ୟ ସନ୍ତାନ ପାଇଁ ଆବେଦନ କରି ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ କରିସାରିଛନ୍ତି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଖେଳପଡ଼ିଆ ଜମି ଯୋଗାଇବାକୁ ତହସିଲଦାରଙ୍କୁ ଦାବିପତ୍ର

ନାକଟିଦେଉଳ,୬।୧୧(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରା.ପ. ଅନ୍ତର୍ଗତ କଞ୍ଚନପୁର ଗ୍ରାମରେ ଖେଳପଡ଼ିଆ ପାଇଁ ଜମି ଯୋଗାଇଦେବାକୁ ଓମ୍ ସାଇ ଯୁବକ ସଂଘର ସଦସ୍ୟମାନେ ସୋମବାର ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁବକ ସଂଘର ଅଭିଯୋଗ ଅନୁଯାୟୀ, କଞ୍ଚନପୁର ଗ୍ରାମରେ ପ୍ରାୟ ୨୨୦ ପରିବାରର ୮ଶହ ଲୋକ ବସବାସ କରିଆସୁଛନ୍ତି। ହେଲେ ଖେଳପଡିଆ ନ ଥିବାରୁ ଯୁବକ ସଂଘ ସଦସ୍ୟମାନେ ଗ୍ରାମର କିଛି ବ୍ୟକ୍ତିଙ୍କ ରେକର୍ଡ଼ଭୁକ୍ତ ଜମିରେ କ୍ରିକେଟ, ଫୁଟ୍‌ବଲ, ହକି ଆଦି ଖେଳ ଖେଳୁଛନ୍ତି।


ଦାବିପତ୍ର ଦେବାକୁ ଆସିଥିବା ଯୁବକ ସଂଘ କର୍ମକର୍ତ୍ତା।

କିନ୍ତୁ ଉକ୍ତ ଜମିରେ ଚଳିତବର୍ଷ ରାଶି, ସୋରିଷ ଆଦି ଚାଷ ହୋଇଥିବାରୁ ଖେଳ ପ୍ରତିଯୋଗିତା ଆୟୋଜନ ନେଇ ସମସ୍ୟା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ଥାୟୀ ଖେଳପଡ଼ିଆ ନିମନ୍ତେ ସରକାରୀ ଜମି ଯୋଗାଇଦେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଯୁବକ ସଂଘ ସଭାପତି ସୁଜିତ କୁମାର ପ୍ରଧାନ, ସମ୍ପାଦକ ତପନ କୁମାର ବିଶି, ସଦସ୍ୟ ରମାକାନ୍ତ ସାହୁ, ଗୋକୁଳା ବିଶି, କୁମାର ପ୍ରଧାନ, ପ୍ରସନ୍ନ ସାହୁ, ଅନନ୍ତ ବିଶି, ସୁଶୀଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ସାଙ୍ଗଠନିକ ବୈଠକ, ମିଶ୍ରଣ ପର୍ବ

କୁଚିଣ୍ଡା,୬।୧୧(ବିରଞ୍ଚି ଦର୍ଜୀ):

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମାରେ ରବିବାର ବିଜେଡିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବକ୍ସମା ପଞ୍ଚାୟତ ବିଜେଡି ସଭାପତି ବିକାଶ ପୃଷ୍ଟେଠଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜୋନ ପର୍ଯ୍ୟବେକ୍ଷକ ପୂର୍ଣ୍ଣଚନ୍ଦ୍ର କିଷାନ, ପଞ୍ଚାୟତ ପର୍ଯ୍ୟବେକ୍ଷକ ବିରବଲ ରୋହିଦାସ, ସରପଞ୍ଚ ସରସ୍ୱତୀ ଠାକୁର, ସମିତିସଭ୍ୟା ରଶ୍ମି କୁସୁମ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାଏକ ସରକାରଙ୍କ ଯୋଜନା ବାବଦରେ କର୍ମୀ ମାନେ ଜନସାଧାରଣଙ୍କୁ ଅବଗତ କରାଇବାକୁ କହିଥିଲେ। ଏହି ଅବସରରେ ଅନ୍ୟ ଦଳର ପ୍ରାୟ ୫୦ ଜଣ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ।

## ଚାଣକ୍ୟ ଫୁଟ୍‌ବଲ କ୍ଲବ ଚାମ୍ପିୟନ

ଦେବଗଡ,୬।୧୧(ଶଶାଙ୍କ ଶେଖର ଝାଙ୍କର )

ଗଜଲକ୍ଷ୍ମୀ ପୂଜା ଅବସରରେ ବାରକୋଟ ବ୍ଲକ କଣ୍ଢଳ ପଞ୍ଚାୟତ ସଦର ମହକୁମାରେ ପୂଜା କମିଟି ଓ ଅଗ୍ରଗତି ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଇବ୍ରେକର ଜରିଆରେ ଡଁରା ମହାବୀର କ୍ଲବକୁ ୫-୩ ଗୋଲରେ ପରାସ୍ତ କରି ରେଙ୍ଗାଲବାହାଲ ଚାଣକ୍ୟ ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ପଦ୍ମଚରଣ ଗୁରୁ, ସୁଜିତ ବାରିକ, ଚମରା କିଷାନ, ସଂଗ୍ରାମ ପଟେଲ ଓ ପିଙ୍କୁ ସିଂ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା, କୃଷ୍ଣଚନ୍ଦ୍ର ନାୟକ ଓ ପୌଲସ୍ତ୍ରୀ ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ସନ୍ଧ୍ୟାରେ ଆୟୋଜକ କମିଟି ସଭାପତି ଦୈତାରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କମିଟିର ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ପୂର୍ବତନ ସମ୍ପାଦକ ଯୋଗେନ୍ଦ୍ର ଷଣ୍ଢ ଓ ପୂର୍ବତନ ସରପଞ୍ଚ ବିରଞ୍ଚି ବେହେରା ଯୋଗଦେଇ ଚାମ୍ପିୟନ ଚାଣକ୍ୟ ଫୁଟ୍‌ବଲ କ୍ଲବ ଓ ମହାବୀର କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଜ୍ୟୋତି ବେହେରା ଓ ସଚ୍ଚିନ ବେହେରାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଗୁଲସନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳ ଆସିଲେନି, ଏଡିଏମ୍ ଶୁଣିଲେ ଅଭିଯୋଗ

ରେଢାଖୋଲ,୬।୧୧(ଅଚ୍ୟୁତାନନ୍ଦ ପୁରୋହିତ):

ରେଢାଖୋଲ ବ୍ଲକ ସଭାଗୃହଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଆୟୋଜନ କରାଯାଇଥିଲା। ହେଲେ ଜିଲାପାଳ କିମ୍ବା ଏସ୍‌ପି ଆସି ନ ପାରିବାରୁ ସମ୍ବଲପୁର ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ଅତିରିକ୍ତ ଏସ୍‌ପି ଅଲଭିନସ କେରକେଟା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ବ୍ୟକ୍ତିଗତ ୩୪ ଓ ଗୋଷ୍ଠୀଗତ ୧୩ ଅଭିଯୋଗ ଶୁଣାଣି ହୋଇଥିଲା। ଚାରମାଳ ପଞ୍ଚାୟତର ବରିହାସାହିର ମିନି ବିଞ୍ଝାଲ ଗତ ଏପ୍ରିଲ ୪ରେ ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ତେବେ ବନବିଭାଗ କ୍ଷତିପୂରଣ ପ୍ରଦାନ କରି ନ ଥିବା ସେ ଅଭିଯୋଗ କରିଥିଲେ। ଲୁହାପଙ୍କ ରାଜସ୍ୱ ନିରୀକ୍ଷକ ତାଙ୍କ କାର୍ଯ୍ୟାଳୟକୁ ନିୟମିତ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଆସୁ ନ ଥିବା ଯୋଗୁ ଲୋକେ ହଇରାଣ ହେଉଥିବା ନେଇ ସରପଞ୍ଚ ଚିନ୍ମୟୀ ପ୍ରଧାନ ଅଭିଯୋଗ କରି ତାଙ୍କ ବଦଳି ଦାବି କରିଥିଲେ। ରେଢ଼ାଖୋଲ ବସ୍‌ଷ୍ଟାଣ୍ଡରେ ଏନ୍‌ଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଭେଣ୍ଡିଂଜୋନ ବଣ୍ଟନରେ ଅନିୟମିତତା ହୋଇଥିବା ବ୍ୟବସାୟୀମାନେ ଅଭିଯୋଗ କରିଥିଲେ। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବଡବାହାଳସ୍ଥିତ ପଞ୍ଚଖଣ୍ଡା ହାଇସ୍କୁଲରେ ନିର୍ମାଣାଧୀନ ନୂତନ ସ୍କୁଲକୋଠାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସତ୍ୟନାରାୟଣ ସାହୁ ଅଭିଯୋଗ କରିଥିଲେ। ହେଲେ ଗୋଟିଏ ବି ଅଭିଯୋଗର ସମାଧାନ ହୋଇ ନ ଥିବା ଜଣାପଡିଛି। ଶିବିରରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ଉପଜିଲାପାଳ ରଶ୍ମିରଞ୍ଜନ ଭଞ୍ଜ, ତହସିଲଦାର ଦେବାଶିଷ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାହାସ ଯାତ୍ରା ପାଇଁ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ଼,୬।୧୧(ଶଶାଙ୍କ ଶେଖର ଝାଙ୍କର )

ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଥିବା ପବିତ୍ର ରାହାସ ଯାତ୍ରା ନିମନ୍ତେ ଦେବଗଡ ପୌରାଞ୍ଚଳ ଭିତିରିଆସାହି ଗୋପୀକିଶୋର ଆସୋସିଏଶନ୍ ପକ୍ଷରୁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଆସୋସିଏଶନର ସଭାପତି ବିବେକାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସଦସ୍ୟ ତଥା ଡା. ଅଂଶୁ ପ୍ରକାଶ ନାୟକ ଯୋଗଦେଇ ଫିତା କାଟି ଉକ୍ତ ଅସ୍ଥାୟୀ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆସୋସିଏଶନର ଉପଦେଷ୍ଟା ବିରେନ କୁମାର ନାୟକ, ଉପସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ବିକାଶ ନାୟକ, ସହ ସମ୍ପାଦକ ବାଦଲ ଦାସ, କୋଷାଧ୍ୟକ୍ଷ ସିକୁନ ନାୟକ, ସହ କୋଷାଧ୍ୟକ୍ଷ ଆଲୋକ କୁମାର ପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରଭାତ କୁମାର ସାହୁ, ସହ ସାଂସ୍କୃତିକ ସମ୍ପାଦକ ମୋହନ ଦେହୁରୀ, ପୂଜା ମଣ୍ଡପ ସମ୍ପାଦକ ଅହିଂସା ନାୟକ ଓ ସଂକୀର୍ତନ ସମ୍ପାଦକ ଲିଟନ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିରେନ କୁମାର ନାୟକ, କିଶୋର କୁମାର ଦାସ, ସୁବାସ ଚନ୍ଦ୍ର ଭୋଇ, ଉଦୀପ୍ତ ନାୟକ ଓ ଅଜିତ ମୋଦି, ସମ୍ଭୁନାଥ ଗୋଏଲ, ଗୋକୁଳ ଚନ୍ଦ୍ର ଦାସ ଓ ବ୍ରହ୍ମାନନ୍ଦ ଅଗ୍ରୱାଲାଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଭେରୁବଣୀ ଫୁଟ୍‌ବଲ ଦଳ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳି।

ଦେବଗଡ଼, ୬।୧୧(ଶଶାଙ୍କ ଶେଖର ଝାଙ୍କର )

ତିଲେଇବଣି ବ୍ଲକ ତାଳକୁଣ୍ଡି ପଞ୍ଚାୟତ ସଦର ମହକୁମାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଶବରପାଲି(ପ୍ରଧାନସାହି) ଫୁଟ୍‌ବଲ ଦଳକୁ ଟାଇବ୍ରେକର ଜରିଆରେ ୪-୦ ଗୋଲରେ ପରାସ୍ତ କରି ଭେରୁବଣୀ ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଛି। ମ୍ୟାଚ ଗୁଡିକୁ ରେଫରୀ ଭାବେ ଇନ୍ଦ୍ରମଣୀ ସାହୁ, ସୁବାସ ନାୟକ, ସିପୁନ ନାୟକ, ଜୟପ୍ରକାଶ ଭୋଇ, ଅଭିଷେକ ପାତ୍ର ଓ ଆକାଶ ଭୋଇ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରକାଶ ପ୍ରଧାନ ଓ ପିନୁ କାରିଗର ମ୍ୟାଚ ଗୁଡିକର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିୟନ ଭେରୁବଣୀ ଫୁଟ୍‌ବଲ ଦଳ ଓ ରନର୍ସ ଅପ୍ ଶବରପାଲି ଫୁଟ୍‌ବଲ ଦଳକୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଗ୍ରାମର ଉପେନ୍ଦ୍ର ସାହୁ, ସିପୁନ ସାହୁ, ଦିଲ୍ଲୀପ ସାହୁ, ଆଲୋକ ସାହୁ, ଆକାଶ ପ୍ରଧାନ ଓ ଅକ୍ଷୟ ସ୍ୱାଇଁଙ୍କ ସମେତ ବହୁ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

## ଆୟକର ବିଭାଗର ସ୍କାନରରେ ରିହାତି ଲାଭ ଉଠାଉଥିବା ବେତନଭୋଗୀ

ସମ୍ବଲପୁର,୬।୧୧ (ଭବାନୀ ଶଙ୍କର ଭୋଇ)

ଭୁଲ ତଥ୍ୟ ଦେଇ ନିର୍ଦ୍ଧାରିତ ଆୟକର ଛାଡର ସୁବିଧା ନେଉଥିବା ସରକାରୀ ଚାକିରିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ମିଳିଥିବା ସୂଚନା ଅନୁସାରେ ଅନେକ ବେତନଭୋଗୀ ଆୟକରଦାତା ଜମା କରାଯାଇଥିବା ଟିଡିଏସ୍‌ରୁ ୫୦ହଜାର ଟଙ୍କାରୁ ଅଧିକ ଫେରସ୍ତ ଦାବି କରିଥିବା ଜଣାପଡିଥିଲା। ସେମାନଙ୍କ ମଧ୍ୟରୁ ଅନେକ ଏଥିପାଇଁ ହକଦାର ନ ଥାଇ ରିହାତି ପାଇବା ନେଇ ଭୁଲ ତଥ୍ୟ ଦେଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଥିବା ଆୟକର ବିଭାଗ ପକ୍ଷରୁ କୁହାଯାଇଛି। କର୍ମଚାରୀମାନେ ଯେଉଁ ରିହାତି ଦାବି କରୁଛନ୍ତି ତାହା ସେମାନଙ୍କ ବିଭାଗୀୟ କର୍ତ୍ତୃପକ୍ଷ (ଡିଡିଓ)ଙ୍କ ଦ୍ୱାରା ଜାରି କରାଯାଇଥିବା ଫର୍ମ ନଂ୧୬ ଏବଂ ଫିଡ୍‌ବ୍ୟାକ ରିଟର୍ଣ୍ଣ ଫର୍ମ ୨୬ ଏସ୍ ସହିତ ମେଳ ଖାଉ ନ ଥିବା ଜଣାପଡିଛି। ଯାହା ଫଳରେ କୋଟି କୋଟି ଟଙ୍କା ସମ୍ପୃକ୍ତ ବେତନଭୋଗୀମାନଙ୍କୁ ଫେରସ୍ତ କରାଯାଇଛି। ସେମାନଙ୍କର ବିବରଣୀ ଆୟକର ବିଭାଗ ପ୍ରାଥମିକ ତଦନ୍ତରୁ ହାସଲ କରିଛି। ଆୟକର ବିଭାଗ ସୋମବାର ବିଭିନ୍ନ ବିଭାଗର ଡିଡିଓ, ଫାଇନାନ୍ସ ଓ ଆକାଉଣ୍ଟ୍ସ ଅଫିସରମାନଙ୍କୁ ସଚେତନ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ କରିଛି। ଆୟକର ରିଟର୍ଣ୍ଣରେ ଭୁଲ ତଥ୍ୟ ଦେଇ ସଂଶୋଧନ ପାଇଁ ଆବେଦନ କରିଥିବା କର୍ମଚାରୀଙ୍କୁ ଠିକ ତଥ୍ୟ ଦେଇ ନିଜର ଆୟକର ଜମା କରିବାକୁ ସୂଚନା ଦେବେ। ଯେଉଁମାନେ ନିର୍ଦ୍ଧାରିତ ସମୟ ଭିତରେ ଫେରସ୍ତ ଟଙ୍କା ଜମା ନ କରିବେ ସେମାନଙ୍କ ବିରୋଧରେ ବିଭାଗ ଦ୍ୱାରା ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଜଣାଇ ଦିଆଯାଇଛି।

### ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେ ବାତିଲ, ଡାକ୍ତର ପଦବୀ ପୂରଣ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଦେବଗଡ଼,୬।୧୧(ଶଶାଙ୍କ ଶେଖର ଝାଙ୍କର )

ତୃଟୀପୂର୍ଣ୍ଣ ହାଇଟେକ ସର୍ଭେକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରିବା ଓ ଜିଲାରେ ଖାଲି ପଡିଥିବା ୧୪୭ ଡାକ୍ତର ପଦବୀ ପୂରଣ ଦାବିରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦାନ କରାଯାଇଛି। ଆଗାମୀ ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଉପ ସଭାପତି ସୁବାସ ଚନ୍ଦ୍ର ଭୋଇ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ରମେଶ ପାତ୍ର, ଜିଲା କଂଗ୍ରେସ କୃଷକ ସେଲ ସଭାପତି ସନ୍ତୋଷ କୁମାର ସାହୁ, ମହିଳା ସେଲ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ରେବତୀ ମୋହନ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସର ବିକ୍ଷୋଭ ।

ପଟ୍ଟନାୟକ, ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ , ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ବାରକୋଟ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ସାହୁ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ମିଶ୍ର, ବିନୋଦ କୁମାର ନାୟକ, ମଞ୍ଜୁଳ କୁମାର ନାଏକ, ଦୀପକ କୁମାର ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମା ହେନେଜଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଅବସରରେ ଧାରଣାରତ କଂଗ୍ରେସ ନେତା ଜିଲାକୁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଅବହେଳା ପ୍ରଦର୍ଶନ କରୁଥିବା ଦର୍ଶାଇ ବିକ୍ଷୋଭ ପ୍ରଦର୍ଶନ କରିବାସହ ଜିଲାରେ ଖାଲି ପଡିଥିବା ୧୪୭ ଡାକ୍ତର ପଦବୀ ପୂରଣ ଏବଂ ସରକାରଙ୍କ ଦ୍ୱାରା କରାଯାଇଥିବା ସର୍ଭେକୁ ବାତିଲ କରିବାକୁ ଦାବି ଜଣାଇଥିଲେ।

## ଜିଲା ସ୍ତରୀୟ ନାରୀ କବି ସମ୍ମିଳନୀ

ଦେବଗଡ଼,୬।୧୧(ଶଶାଙ୍କ ଶେଖର ଝାଙ୍କର )

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ସେଣ୍ଟର ଫର କଲଚର କଲ୍ୟାଣ ମଣ୍ଡପଠାରେ ଜିଲା ସ୍ତରୀୟ ନାରୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ତଥା ଓଡିଆ ସାହିତ୍ୟ ଏକାଡେମୀର ସଦସ୍ୟ ଡା. ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥି ସାହିତ୍ୟ ସଂସଦ ଉପଦେଷ୍ଟା ଡା. ପଦ୍ମନାଭ ସାହୁ, ସୁଧିର କୁମାର କପରଦାର ଓ ଡା. ସନ୍ତୋଷ କୁମାର ଦେବତା, ମୁଖ୍ୟ ବକ୍ତା ଭାବେ ବରଗଡ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡା. ସଂଘମିତ୍ରା ମିଶ୍ର ଓ ସମ୍ମାନିତ ବକ୍ତା ଭାବେ ମହିଳା ସ୍ନାତକ ମହାବିଦ୍ୟାଳୟର


ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଅଧ୍ୟାପିକା ଡା. ତନ୍ମୟୀ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଓଡିଆ ସାହିତ୍ୟର ବିକାଶ କ୍ଷେତ୍ରରେ ମହିଳାଙ୍କ ସ୍ଥିତି ଓ ପ୍ରଗତି ସମ୍ପର୍କରେ ନିଜର ନିଜର ବକ୍ତବ୍ୟ ଉପସ୍ଥାପନ କରିବାସହ ନାରୀ କବିସମ୍ମିଳନୀ ଆୟୋଜନ ପାଇଁ ସାହିତ୍ୟ ସଂସଦର ଭୂୟସୀ ପ୍ରଶଂସା କରିଥିଲେ। ସଭା ପ୍ରାରମ୍ଭରେ ସାହିତ୍ୟ ସଂସଦର ସମ୍ପାଦକ ଅଧ୍ୟାପକ ଚିରଞ୍ଜନ ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟ ସାଧିକା ଭାବେ କବୟିତ୍ରୀ ରୁବି ଦାଶ, ଚନ୍ଦ୍ରକାନ୍ତୀ ସ୍ୱାଇଁ, ସୁମିତ୍ରା ପୁରୋହିତ, ଅଞ୍ଜନା ନାୟକ, ପଦ୍ମିନୀ ଦାଶ ମହାପାତ୍ର ଓ ଡା. ସଂଘମିତ୍ରା ମିଶ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ସଂସଦର ଉପ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ସମ୍ମାନିତ ଅତିଥି ଭାବେ କବୟିତ୍ରୀ ରୁବି ଦାଶ, ସୁମିତ୍ରା ପୁରୋହିତ, ଚନ୍ଦ୍ରକାନ୍ତୀ ସ୍ୱାଇଁ ଓ ଅଞ୍ଜନା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବୟିତ୍ରୀ ପଦ୍ମିନୀ ଦାଶ ମହାପାତ୍ର ଓ ପଦ୍ମିନୀ ସାହୁଙ୍କ ସଂଯୋଜନାରେ ଏକ ନାରୀ କବି ସମ୍ମିଳନୀ ଓ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ୩୫ ଜଣରୁ ଊର୍ଦ୍ଧ୍ୱ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଶିକ୍ଷାବିତ ତଥା ସାହିତ୍ୟିକ ସ୍ୱର୍ଗତଃ ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଡିଲେଶ୍ୱର ପ୍ରଧାନ, ଚିତରଞ୍ଜନ ନାୟକ,ଭାନୁ ଶଙ୍କର ନନ୍ଦ, କୁନା ବିଶ୍ୱାଳ ଓ ଭରବଙ୍କନଶ୍ୱର ସାହୁ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ କବି ଭୋଳେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଉତ୍କଳ କନ୍ଧସମାଜ ଗଁହକା ପ୍ରଗଣା ନୂତନ କର୍ମକର୍ତ୍ତା

ଟିଟିଲାଗଡ଼, ୬।୧୧(ଶରତ ମିଶ୍ର) ଉତ୍କଳ କନ୍ଧ ସମାଜ ଟିଟିଲାଗଡ଼ ବ୍ଲକ ତରାସିଙ୍ଗା ଗ୍ରାମଠାରେ ଗଁହକା ପ୍ରଗଣାର ନୂତନ କମିଟି ଗଠନ ହୋଇଛି। ଏଥିରେ ଛଅଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜେପୁର, ବାଞ୍ଜିପଦର, ଲୁଥୁରବନ୍ଧ, ଭାଲେଗାଁ, କତରକେଲା, ବିନେକେଲାକୁ ନେଇ ଗଁହକା ପ୍ରଗଣାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପୃଥ୍ୱୀରାଜ ମାଝି, ଉପସଭାପତି ଜଗନ୍ନାଥ ମାଝି, ସମ୍ପାଦକ ଚୂଡ଼ାମଣି ମାଝି, ସହସମ୍ପାଦକ ରୋହିତ ଝାଙ୍କର, କୋଷାଧ୍ୟକ୍ଷ ଲକ୍ଷ୍ମଣ ମାଝି, ଉପଦେଷ୍ଟାଭାବେ କ୍ଷୀରସିନ୍ଧୁ ମାଝି, ବିଭୀଷଣ ମାଝି, ସୁବାସ ଭୋଇ, ଡୋଳାମଣି ଝାଙ୍କର, ବୈଲୋଚନ ମାଝି, ପରମା ଝାଙ୍କର, ପ୍ରସନ୍ନ ମାଝି, ଡିଙ୍ଗର ଭୋଇ ସର୍ବ ସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଜାତି ସମାଜର ଉନ୍ନତି ଉପରେ କାର୍ଯ୍ୟ କରିବେବୋଲି ନିର୍ବାଚିତ କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ।

### ଧର୍ମପରାୟଣ ଭକ୍ତଚରଣ ବେହେରାଙ୍କ ପରଲୋକ

ଦେଓଗାଁ, ୬।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ) ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ଦେଓଗାଁର ଧର୍ମପରାୟଣ ବ୍ୟକ୍ତି ଭକ୍ତ ଚରଣ ବେହେରା(୭୩)ଙ୍କ ସୋମବାର



ପରଲୋକ ହୋଇଛି। ଅସୁସ୍ଥତା ହେତୁ ସେ ବିଶାଖାପାଟଣାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ପରଲୋକ ହୋଇଥିଲା। ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନସହ ଜଡିତ ଥିଲେ। ଗାଁରେ ମୃତଦେହ ପହଞ୍ଚିବା ପରେ ସ୍ଥାନୀୟ ସୋନଗଡ ନଦୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଜିତେନ୍ଦ୍ର ବେହେରା ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ସାନପୁଅ ଦେବେନ୍ଦ୍ର, ବଡଝିଅ ତଥା ପୂର୍ବତନ ସରପଞ୍ଚ ଗୀତାଞ୍ଜଳି କର୍ତ୍ତି, ସାନଝିଅ ରୀତାଞ୍ଜଳି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

### ଚକଡ଼ା କ୍ଷତିଗ୍ରସ୍ତ ଜମି ପରିଦର୍ଶନ କଲେ କୃଷି କର୍ମଚାରୀ

ଲୋଇସିଂହା,୬।୧୧(ସୁଶାନ୍ତ ବାରିକ) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡାରେ ଧାନ ଫସଲ ଅମଳ ବେଳେ ଚକଡ଼ା ରୋଗ ପ୍ରାଦୁର୍ଭାବ ଦେଖାଦେଇଛି। ଚାଷୀଙ୍କଠାରୁ ଅଭିଯୋଗ ପାଇ ଗ୍ରାମ୍ୟ କୃଷି କର୍ମଚାରୀ ସୋମବାର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିଲେ। ଯୋଗୀସର୍ଡ଼ା ପଞ୍ଚାୟତ ସଦର ଗ୍ରାମର ତାଲପାଟି, ଖୁଣ୍ଟିଆମୁଣ୍ଡା ସମେତ ବିଭିନ୍ନ ଭାଗରେ ଥିବା ନୃପରାଜ ପଧାନ, ଅକ୍ରୁର ପଧାନ, ଗୋପୀନାଥ ପଧାନ, ମହାଦେବ ପଧାନ, ସଦାନନ୍ଦ ତ୍ରିପାଠୀ, ଜଗଦୀଶ ତ୍ରିପାଠୀ, ରିବୁ ପଣ୍ଡା, ବାଙ୍କବିହାରୀ ମିଶ୍ର, ନରେନ୍ଦ୍ର ପଧାନ ଓ ରାଜେନ୍ଦ୍ର ତ୍ରିପାଠୀ ପ୍ରମୁଖ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ହେଲା କୃଷି ବିଭାଗ ପକ୍ଷରୁ ଔଷଧ ନ ମିଳିବାରୁ ପ୍ରତିକାର ପାଇଁ ବଜାର କୀଟନାଶକ ଆଣି ପ୍ରୟୋଗ କରିଥିଲେ ସୁଦ୍ଧା କୌଣସି କାମରେ ଆସି ନ ଥିଲା। ବଜାରରେ ମିଳୁଥିବା ଔଷଧ ନକଲି ବୋଲି ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି।

# ସଚେତନ ହୋଇ ଯୋଜନାରୁ ଲାଭାନ୍ୱିତ ହୁଅ




ଉପସ୍ଥିତ ଶ୍ରମିକଙ୍କୁ ମନ୍ତ୍ରୀ ଟୁକୁନୀ ସାହୁ ସମ୍ବୋଧନ କରୁଛନ୍ତି।

## ଶ୍ରମିକ ଅଧିକାର ସଚେତନତା ଶିବିର

ଟିଟିଲାଗଡ, ୬।୧୧ (ଶରତ ମିଶ୍ର) ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସାମ୍ବିଧାନିକ, ମାନବିକ ଅଧିକାର, ମହିଳା ପୁରୁଷ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଯୋଜନା, ଶ୍ରମିକ ଓ ନିର୍ମାଣ କୋଠାବାଡି ଆଇନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ, ଗୋତି ପ୍ରଥା ଆଦି ନେଇ ଏକ୍ସନ ଏଡ ସଂଗଠନ ପକ୍ଷରୁ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ସମସ୍ତ ସଂଗଠିତ ତଥା ଅଣସଂଗଠିତ ଶ୍ରମିକ ପରିବାରବର୍ଗଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଆଇନରେ ଶ୍ରମିକ ପରିବାରଙ୍କ ସନ୍ତାନଙ୍କ ପାଠପଢାରୁ ଆରମ୍ଭ କରି ଝିଅ ବାହା, ମୃତ୍ୟୁକାଳୀନ ସହାୟତା, ପେନସନ ବ୍ୟବସ୍ଥା ରହିଛି। ଶ୍ରମିକ ପରିବାର ସଚେତନ ହୋଇ ଯୋଜନାରୁ ଲାଭାନ୍ୱିତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମଞ୍ଚାସୀନ ସମ୍ମାନୀତ ଅତିଥି ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଉପାଧ୍ୟକ୍ଷ ଜଗତରାମ ରଣା, ବିଡିଓ ସୁଶାନ୍ତ ରଣା, ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇଂଲିଶ ଅଧ୍ୟାପକ ଜୟଦେବ କର, ବିଏସଏସଓ ହେମଲତା ମାଝି ସରକାରଙ୍କ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ନେଇ ଆଲୋକପାତ କରିଥିଲେ। ସଙ୍ଗଠନର କେନ୍ଦ୍ରୀୟ ସଂଯୋଜକ ମୁରଲି ଦାଶ ସଭା ପରିଚାଳନା, ସିଏଫ ରମାନନ୍ଦ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଟିଟିଲାଗଡ ଏବଂ ମୁରିବାହାଲ ବ୍ଲକ ଅନ୍ତର୍ଗତ ୮ଟି ପଞ୍ଚାୟତର ୬୩ଟି ଗ୍ରାମରେ ଶ୍ରମିକଙ୍କ ସହାୟତା ନେଇ ନିଯୁକ୍ତ ଗୋଷ୍ଠୀ ସ୍ୱେଚ୍ଛାସେବୀ, ଶ୍ରମିକ ପରିବାର ଯୋଗ ଦେଇଥିଲେ। ସଙ୍ଗଠନର ଦୁଲଣୀ ଛୁରା, ସସ୍ମିତା ବାଗ, ସୋନାଲିକା ନନ୍ଦ, ସସ୍ମିତା ବାଗ, ସଞ୍ଜିବ ରଣା, ଭାଗ୍ୟବତି ଗଡତିଆ, ଜୟନ୍ତି ବିଭାର ସହାୟତା କରିଥିଲେ।

## ଦୋକାନ ପୋଡ଼ି ଘଟଣା: ବାପ,ପୁଅ ଜେଲଗଲେ




ଗିରଫ ବାପ, ପୁଅ।

ବେଲପଡା, ୬।୧୧ (ମନୋଜ କୁମାର ମିଶ୍ର) ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ କପାଣି ବସ୍‌ଷ୍ଟାଣ୍ଡରେ ଥିବା ଉତ୍ତମ କପଡା ଓ ଚପଲ ଦୋକାନକୁ ଗତ ରବିବାର ବିଳମ୍ବିତ ରାତିରେ କେହି ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଦୋକାନ ମାଲିକ ଥବିର ମେହେର ଙ୍କ ଅଭିଯୋଗ ଆଧାରରେ ବେଲପଡ଼ା ଥାନାରେ ପୋଲିସ କପାଣିର ଚନ୍ଦ୍ର ମେହେର ଓ ତାଙ୍କ ପୁଅ ଇନ୍ଦ୍ର ମେହେରଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ପାଟଣାଗଡ଼ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ ଗତ ୧ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଇନ୍ଦ୍ର ମେହେର ଥବିର ମେହେରଙ୍କ ଦୋକାନକୁ ଆସି ୨ଶହ ଟଙ୍କା ମାଗିଥିଲେ। ଥବୀର ଟଙ୍କା ଦେବାକୁ ମନା କରିବାରୁ ଇନ୍ଦ୍ର ତାଙ୍କୁ ଗାଳିଗୁଲଜ କରିଥିଲେ। ସେତେବେଳେ ସେ କୁଆଡେ ଥବିରଙ୍କ ଦୋକାନ ପୋଡ଼ି ଦେବା ପାଇଁ ଧମକ ଦେଇଥିଲେ। ଏହାର ୪ଦିନ ପରେ ରବିବାର ରାତି ପ୍ରାୟ ୧ଟା ବେଳେ ଇନ୍ଦ୍ର ଓ ଚନ୍ଦ୍ର ରାଗରେ ଦୋକାନ ପୋଡି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ପୋଡ଼ି ଯାଇଥିବା କପଡା ଓ ଚପଲର ମୂଲ୍ୟ ପ୍ରାୟ ୨୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି।

## ଉତ୍ଥାପନ କରିବାକୁ ପ୍ରସଙ୍ଗ ଆହ୍ୱାନ କଲେ ବିଧାୟକ

### ୨୧ରୁ ବିଧାନ ସଭା ଶୀତ ଅଧିବେଶନ

ଲୋଇସିଂହା, ୬।୧୧(ସୁଶାନ୍ତ ବାରିକ) ଆଗାମୀ ନଭେମ୍ବର ୨୧ରୁ ଓଡ଼ିଶା ବିଧାନ ସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏଥିରେ ତାଙ୍କ ଦ୍ୱାରା ଗୃହରେ ଉତ୍ଥାପିତ ହେବାକୁ ଥିବା ମୁଖ୍ୟ ପ୍ରସଙ୍ଗ ଗୁଡିକ କ'ଣ ହେବା ଉଚିତ ତାହା ସୋସିଆଲ ମିଡିଆରେ ଜଣାଇବାକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଆହ୍ୱାନ କରିଛନ୍ତି। ଲୋଇସିଂହା ନିର୍ବାଚନ ମଣ୍ଡଳୀ, ବଲାଙ୍ଗୀର ଜିଲା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଅଧିବେଶନ ପୂର୍ବରୁ ମିଳି ପାରିଲେ ବିଧାନ ସଭାରେ ସରକାରଙ୍କୁ ପ୍ରଶ୍ନ କରି ପାରିବି ବୋଲି ଅଢେଇ ମିନିଟର ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି। ଏଥିରେ ସେ ଆହୁରି କହିଛନ୍ତି ଯେ, ଏବେ ରାଜ୍ୟ ସରକାରଙ୍କ ନୂଆ କାର୍ଯ୍ୟକ୍ରମ ଆମ ଓଡିଶା, ନବୀନ ଓଡ଼ିଶା। ଶାସକ ଦଳ କରଦାତାଙ୍କ ଟଙ୍କାରେ ଦଳୀୟ ଚିହ୍ନ ବ୍ୟବହାର କରି ପ୍ରଚାର ପ୍ରସାର କରୁଛି।



ମୁକେଶ ମହାଲିଙ୍ଗ।

ଏହାକୁ ଭାଜପା ବିରୋଧ କରୁଛି ଏବଂ ଏହି ସମସ୍ୟାକୁ ବିଧାନ ସଭାରେ ଉପସ୍ଥାପନା କରାଯିବ। ଏହାବ୍ୟତୀତ ସ୍କୁଲରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ଅଭାବ, ମଣ୍ଡିରେ ଧାନ ବିକ୍ରିର ଅବ୍ୟବସ୍ଥା ପ୍ରସଙ୍ଗ ଉଠିବ ବୋଲି ସେ କହିଛନ୍ତି। ୨୦୨୩ ଖରିଫ ଧାନ ଅମଳ ଆରମ୍ଭ ହୋଇଛି, ହେଲେ ଅଦ୍ୟାବଧି ମଣ୍ଡି ଖୋଲିନାହିଁ। ପଶ୍ଚିମ ଓଡ଼ିଶାରେ ଧାନର ଅଭାବି ବିକ୍ରି ଆରମ୍ଭ ହୋଇଗଲାଣି ବୋଲି ଭିଡିଓ ବାର୍ତ୍ତାରେ ବିଧାୟକ ମହାଲିଙ୍ଗ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ୩ଦିନ ହେଲା ପାଇପ ଜଳଯୋଗାଣ ବ୍ୟାହତ

ଖପ୍ରାଖୋଲ ୬।୧୧(ଅଭୟ ତ୍ରିପାଠୀ) ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ୩ଦିନ ହେଲା ପାନୀୟ ଜଳଯୋଗାଣ ବ୍ୟାହତ ହୋଇଛି। ଜଳ ପ୍ରକଳ୍ପର ବିଦ୍ୟୁତ୍ ଦେୟ ପୈଠ ହୋଇ ନ ଥିବାରୁ ସଂଯୋଗ କଟାଯାଇଥିବା ଜଣାପଡିଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଜଳ ପ୍ରକଳ୍ପ ପରିଚାଳନା ଗ୍ରାମ ପଞ୍ଚାୟତରେ ରହିଛି। ଏରିଅର ଥିବାରୁ ଏଭଳି ସମସ୍ୟା ହୋଇଥିବା କହିଛନ୍ତି। ସେହିପରି ପାଟଣାଗଡ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଦେବଦତ୍ତ ମହାପାତ୍ରଙ୍କୁ ପଚାରିବାରୁ ବର୍ଷ ବର୍ଷ ଧରି ବିଦ୍ୟୁତ୍ ଦେୟ ପ୍ରଦାନ କରାଯାଇ ନ ଥିବାରୁ ବିଭାଗ ବାଧ ହୋଇ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏନେଇ ବିଡ଼ିଓ ଆକାଶ ରଞ୍ଜନ ସାହୁଙ୍କୁ ପଚାରିବାରୁ ସମସ୍ୟା ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଗାଁର ଜନସଂଖ୍ୟା ତିନି ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଜଳ ପ୍ରକଳ୍ପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ତିନିଦିନ ହେଲା ବିଦ୍ୟୁତ୍ ବିଛିନ୍ନ ଯୋଗୁ ଜଳ ଯୋଗାଣ ବନ୍ଦ ରହିଛି।

## ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ



ଧାରଣାରେ ଅଭିଭାବକ ଓ ଛାତ୍ରୀଛାତ୍ର ବସିଛନ୍ତି ।

- ୮ ଶ୍ରେଣୀକୁ ୨ଜଣ ଶିକ୍ଷକ
- ଜଣେ ଶିକ୍ଷକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ମିଳିଲା

ସଇଁତଳା, ୬।୧୧ (ରାଖାଲ ପ୍ରସାଦ ଶତପଥି) ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବିବିନା ପଞ୍ଚାୟତର ଜାମପଦର ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଛି। ମୋଟ ୧୦୧ଜଣ ଛାତ୍ରୀଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକଙ୍କୁ ମିଶାଇ ମାତ୍ର ୨ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ପ୍ରଧାନଶିକ୍ଷକ ଅଫିସ କାମରେ ବହୁ ସମୟ ବ୍ୟସ୍ତ ରହୁଥିବାରୁ ଜଣେ ମାତ୍ର ଶିକ୍ଷକ ୮ଟି ଶ୍ରେଣୀର ପିଲାଙ୍କୁ ପାଠପଢା ସମ୍ଭବ ହେଉନାହିଁ। ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦ କରି ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ସେମାନଙ୍କ ସହ ପିଲାମାନେ ବିଦ୍ୟାଳୟ ମୁଖ୍ୟଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଧାରଣାର ୩ଘଣ୍ଟ ପରେ ସିଆରସିସି ମନୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ପରେ ଘଟଣା ବିଷୟରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇଙ୍କୁ ଫୋନ ଯୋଗେ ଜଣାଇଥିଲେ। ମଙ୍ଗଳବାର ଜଣେ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ବିଇଓଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁ ଭାଟି, ମହେନ୍ଦ୍ର ଭାଟି, ୱାର୍ଡ଼ସଭ୍ୟ ବୈଷ୍ଣବ ସାଗର, ମାଳତୀ ସାଗର, ପଦ୍ମା ଦୀପ, ସାବିତ୍ରୀ ସାଗର, ଅଞ୍ଜଳି ବାଗ, ତରୁଣ ସାଗର, ଶଶିକାନ୍ତ ସିଂଭୋଇ, ସୁବାଷ ଭୋଇ, ସୁମନ୍ତ ସାଗରଙ୍କ ସହ ଗ୍ରାମବାସୀ ସାମିଲ ହୋଇଥିଲେ।

# ଅଣଦେଖା ବିରୋଧରେ ଜାଗ୍ରତ ହେବା ବେଳ ଆସିଛି

ଟିଟିଲାଗଡ଼, ୬।୧୧(ଶରତ ମିଶ୍ର) କୋଶଲର ସଂସ୍କୃତି, କଳା, ପରମ୍ପରା, ଭାତୃଭାବ ସର୍ବଶ୍ରେଷ୍ଠ। ସେହି ମା'ର ସନ୍ତାନ ଆଜି ଅବହେଳାର ଶିକାର ହୋଇଚାଲିଛି। ମା', ମାତୃଭାଷାର ସମ୍ମାନରେ ଆଞ୍ଚ ଆଣିବା ପାଇଁ ଉଦ୍ୟମ କରାଯାଉଛି । କେବଳ ମନୋଜ ମିଶ୍ର ନୁହେଁ କୋଶଲାଞ୍ଚଳର ଅନେକ କିର୍ତ୍ତିରାଜିକୁ ଅଣଦେଖା, ଅନେକ ପ୍ରତିଭାକୁ ହତାଦର କରାଯାଉଛି। ତେଣୁ କୋଶଲ ସନ୍ତାନ ଜାଗ୍ରତ ହେବାର ବେଳ ଆସିଛି ବୋଲି ସ୍ଥାନୀୟ କୋଶଲି ସାଂସ୍କୃତିକ ମହାଜୋଟ, ଟିଟିଲାଗଡ଼ ନୂଆଁଖାଇ ଏବଂ ଦଶହରା ଭେଟ୍‌ଘାଟରେ ଉପସ୍ଥିତ ବ୍ୟକ୍ତିମାନେ ମତ ରଖିଛନ୍ତି। କୋଶଲ ଚଳଚିତ୍ର ଭୁକା, ଆଦିମ ବିଚାର ଆଦିର ପ୍ରସିଦ୍ଧି କେତେକଙ୍କ ପାଇଁ ଅସହ୍ୟ ହୋଇଛି । ଏଭଳି ଭେଦଭାବ



କୋଶଲି ସାଂସ୍କୃତିକ ମହାଜୋଟ, ଦଶହରା ଭେଟ୍‌ଘାଟରେ ଉପସ୍ଥିତ ଅତିଥି।

ବିରୋଧରେ ସ୍ୱର ଉଠାଇବାକୁ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ପ୍ରଭାବତୀ ସ୍କୁଲ ପରିସରରେ ସଙ୍ଗଠନ ସଭାପତି ଟିକେଲାଲ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହାଜୋଟରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଘନଶ୍ୟାମ ଜୈନ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ବିଶିଷ୍ଟ ସାହିତ୍ୟିକ ସେବକ ଚରଣ ଦାଶ, କଳାକାର ଯୁଗଳ ସାହୁ, ଗରିବ ସେନା ସଭାପତି ଆଇନଜୀବୀ ବୀରେନ୍ଦ୍ର ବାଗ, ବିକାଶ ସେନା ସଭାପତି ଇଂ.ଅମ୍ଳାନ ଷଡ଼ଙ୍ଗୀ ପ୍ରମୁଖ ମତରଖିଥିଲେ। ସଭାରେ ସ୍ୱର୍ଗତ କବି ମଧୁ ମହାନନ୍ଦଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ନିରାକାର ସାହୁ ଭଜନ ପରିବେଷଣ କରିଥିଲେ । ଶେଷରେ ଗୁରୁ ଭାଗିରଥି ଭୋଇ ଘୁଗୁରପଲାଙ୍କ ଡକାବାଦ୍ୟ ଦଳ ସମଲେଶ୍ୱରୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଯୁବ କୋଶଲି କଳାକାର ପ୍ରେମ ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ଉପଦେଷ୍ଟା ନୀଳମଣି ସାହୁ, ବିଶିଷ୍ଟ କବି ସଞ୍ଜୟ ଅଗସ୍ତି, ଜ୍ୟୋତିପ୍ରକାଶ ଗଡତିଆ, ବୃନ୍ଦାବନ କୁମ୍ଭାର, ଦ୍ରୁବ ହରପାଲ, ଲକ୍ଷ୍ମୀ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ।

## ମନ୍ଥରଗତିରେ ଚାଲିଛି ରାସ୍ତାକାମ

### ଗାର୍ଡୱାଲ ନ ହେଲେ ଜମି ନଷ୍ଟହେବା ଆଶଙ୍କାରେ ଚାଷୀ

ଦେଓଗାଁ, ୬।୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ) ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ କୁକୁରଖାଇ ଛକରୁ ଗୁଡଭେଲା ବ୍ଲକ ରୁଷୁଡା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ କାମ ମନ୍ଥରଗତିରେ ଚାଲିଛି। ପୁନଶ୍ଚ ଯାହା ବି କାମ ହେଉଛି ରାସ୍ତାରେ ପାଣି ପକା ଯାଉ ନ ଥିବାରୁ ଲୋକେ ଯାଆସ କରିବା ସମୟରେ ଆଖିରେ ଧୂଳି ପଶି ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଏହାସହ ଗାଁର କେତେକ ଚାଷୀଙ୍କ ଜମି ପାର୍ଶ୍ୱଦେଇ ରାସ୍ତା ନିର୍ମାଣ ହେଉଥିବା ବେଳେ ଗାର୍ଡୱାଲ କରାଯାଉନାହିଁ। ଫଳରେ ସେମାନଙ୍କ ଜମି ନଷ୍ଟ ହେବା ଆଶଙ୍କାରେ ରହିଥିବା ଚାଷୀ ରୂପାଧର ଭୋଇ, ଜୟ ଭାରତ ପରୁଆ, କଳାକାହ୍ନୁ ପୋଢ଼, ରୂପାଧର ବାଗ, ପ୍ରସନ୍ନ ପରୁଆ, ଡମ୍ବରୁଧର ନନ୍ଦ, ଶୁକଦେବ ମିର୍ଦ୍ଧା, ଈଶ୍ୱର ଗହିର ଆଶଙ୍କାବ୍ୟକ୍ତ କରିଛନ୍ତି । ତେବେ ଗାଁ ମୁଣ୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟ ନିକଟରେ ମା' ଦୁର୍ଗାଙ୍କ ପୀଠକୁ ଲାଗି ମାଟି ନ ପକାଇବା ଓ ସେଠାରେ ଗାର୍ଡୱାଲ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ ହେଁ ସମ୍ପୃକ୍ତ ଠିକାଦାର କର୍ଣ୍ଣପାତ କରୁ ନ ଥିବା ନେଇ ସତ୍ୟନାରାୟଣ ମହଲା ଅଭିଯୋଗ କରିଛନ୍ତି। ଏନେଇ ଆରଡି ବିଭାଗ ଏସଡିଓ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ରାସ୍ତା କାମର ଚୁକ୍ତିନାମା ଅନୁଯାୟୀ ଡିସେମ୍ବର ମାସ ସୁଦ୍ଧା କାମ ସରିବ। ବର୍ଷା ପାଇଁ କାମରେ ବିଳମ୍ବ ହୋଇଛି ବୋଲି କହିଥିଲେ ।

## ମୃତପୁଅଙ୍କ ଚକ୍ଷୁ ଦାନ କଲେ ବାପା

### ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟିଥିଲା



ସୌରଭ ଦୀପ।

ଦେଓଗାଁ, ୬।୧୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ) ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭଞ୍ଜପଡାର ସୌରଭ ଦୀପ(୨୫)ଙ୍କର ସୋମବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ହେଲେ ପୁଅର ମୃତ୍ୟୁ ପରେ ମ୍ରିୟମାଣ ପିତା ଅରୁଣ ଦୀପ ଏକ ମହତ୍ କାମ କରିଛନ୍ତି। ପୁଅର ଆଖିରେ ଆଉ ଜଣେ କେହି ଏ ଦୁନିଆ ଦେଖୁ ଚିନ୍ତା କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଚକ୍ଷୁ ଦାନ କରିଦେଇଛନ୍ତି। ଏଥିପୂର୍ବରୁ ଅରୁଣଙ୍କ ନିଷ୍ପତ୍ତି ଅନୁସାରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆବଶ୍ୟକ କାଗଜପତ୍ର ସ୍ୱାକ୍ଷରିତ ହୋଇଥିଲା।

ସୂଚନାନୁସାରେ, ସୌରଭ ସୋମବାର ସକାଳେ ଏକ ବାଇକ୍‌ରେ କୌଣସି କାମରେ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ରତାଖଣ୍ଡି ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହାଇୱା ଚାଳକ ଗାଡିକୁ ସ୍ଥାନୀୟ ଅସୁରମୁଣ୍ଡାସ୍ଥିତ ଏକ କ୍ରଶର ନିକଟରେ ରଖିଦେଇ ଫେରାର ହୋଇଯାଇଥିଲେ। ବଲାଙ୍ଗୀର ସଦର ଥାନା ପିସିଆର ଟିମ୍ ମୃତଦେହ ଜବତ କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ଦେଓଗାଁରେ ପହଞ୍ଚିଥିଲା। ଏକ ଶୋକାକୁଳ ପରିବେଶରେ ସୋନଗଡ ନଦୀକୂଳ ଶ୍ମଶାନରେ ସୌରଭଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ସାନଭାଇ ଗୌରବ ମୁଖାଗ୍ନି ଦେଇଥିଲେ।

## ପଞ୍ଚାୟତ ସମିତି ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା

ମୁରିବାହାଲ, ୬।୧୧( ଶ୍ରୀବତ୍ସ ବେହେରା) ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ସୋମବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୋଭେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ ଉପସ୍ଥିତ ରହି ଶିକ୍ଷା ସହ କ୍ରୀଡାର ଆବଶ୍ୟକତା ଥିବା କହିଥିଲେ। ସମ୍ମାନୀତ ଅତିଥି ଭାବେ ଅନୁଷ୍ଠାନ ସଭାପତି ଦିବାକର ମେହେର, ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଙ୍ଗୋମୁଣ୍ଡା ଅଧ୍ୟକ୍ଷ ଗରୁଡଧ୍ୱଜ ବେହେରା, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ହୁଲେଶ୍ୱର ହଂସ ଅତିଥି ଭାବେ ଯୋଗ ଦେଇଥିଲେ। ୧୦୦,୨୦୦, ୪୦୦, ୮୦୦ ମିଟର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ, ଜାଭଲିନ, ଡିସକସ୍ ଆଦି ଇଭେଣ୍ଟରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିକ୍ଷାର ଅଭିବୃଦ୍ଧିରେ ସମାଜର ବିକାଶ

### ଲକ୍ଷେଘରିଆ ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ୍




ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

ମୁରିବାହାଲ, ୬।୧୧(ଶ୍ରୀବତ୍ସ ବେହେରା) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଲକ୍ଷେଘରିଆ ଗଣ୍ଡା ସମାଜର ୧୦ତମ ନୂଆଁଖାଇ ଭେଟ୍‌ଘାଟ ହଳଦୀ ହାଇସ୍କୁଲ ଖେଳ ପଡିଆରେ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ଭେଟ୍‌ଘାଟ ଆୟୋଜକ କମିଟି ସଭାପତି ମଦନ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଲକ୍ଷେଘର ଗଣ୍ଡା ସମାଜର ବିକାଶ କରିବାକୁ ହେଲେ ଶିକ୍ଷାର ଅଭିବୃଦ୍ଧି ବିଶେଷ କରି ନାରୀମାନଙ୍କୁ ଶିକ୍ଷିତ କରିବାକୁ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷ ଭରତ ତାଣ୍ଡି, ସାମାଜିକ କର୍ମୀ ସୁଗ୍ରୀବ ଦୀପ, ବୀରେନ୍ଦ୍ର ବାଗ, ପ୍ରଦୀପ ତାଣ୍ଡି, ଗୋବିନ୍ଦ ତାଣ୍ଡି, ରତିନ୍ଦ୍ର ରାୟ, ହେମନ୍ତ ବାଗ ଗଣ୍ଡା, ଚୈତନ୍ୟ ମହାନନ୍ଦ ସମାଜର ଐତିହ, ପରମ୍ପରା ଉପରେ କହିଥିଲେ। ମୁଖ୍ୟବକ୍ତା ମୁରିବାହାଲ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ଭୀମରାଓ ଆମ୍ବେଡ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଗଠନ କାର୍ଯ୍ୟ କରିବା ଉପରେ ଜୋର ଦେଇଥିଲେ। ସରପଞ୍ଚ ସଦାନନ୍ଦ ଦୀପ, ସୁନିତା ବିଭାର, ଗିରିଧାରୀ ମହାନନ୍ଦ, ସମିତି ସଭ୍ୟ ଭୀମସେନ ବାଗ, ତୋଫାନ ନାଗ, କରିସ୍ମା ସୁନା, ପୁଣ୍ୟ ହରପାଲ, ଚୁନାମଣି ମହାନନ୍ଦ ମଞ୍ଚାସୀନ ଥିଲେ । ଏହି ଅବସରରେ ସମାଜର ଉନ୍ନତିକଳ୍ପେ କାର୍ଯ୍ୟ କରିଥିବା ଉର୍ମିଳା ମହାନନ୍ଦ ଓ ସବିତା ଜଗଦଲାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷେଘରିଆ ଗଣ୍ଡା ସମାଜ ସାଧାରଣ ସମ୍ପାଦକ, ଦୀପକ ରଞ୍ଜନ ବାଗ ସଂଯୋଜନା କରିଥିଲେ। ବ୍ଲକ ଉପସଭାପତି ବିଭୀଷଣ ମହାନନ୍ଦ, ଦାସ ଲୁହା, ମହେଶ୍ୱର ଜାଲ, ସାଧୁ କୁମ୍ଭାର ପ୍ରମୁଖଙ୍କ ନେତୃତ୍ୱରେ ବ୍ଲକ ଅଧୀନ ୨୨ପଞ୍ଚାୟତର ଗଣ୍ଡା ସମାଜର ସଦସ୍ୟ ଉପସ୍ଥିତ ଥିଲେ। ଗୋପାଳକୃଷ୍ଣ ଦୀପ ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଦୁର୍ବୃତ୍ତ ଲୁଟିନେଲେ ୯୯ ହଜାର ଟଙ୍କା

ପାଇକମାଲ,୬।୧୧(ବଡ ଶତପଥୀ): ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ଗ୍ରାମର ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସୋମବାର ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ବାଟରେ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସୁଷମା ହରିପାଲ, ସଦସ୍ୟା ବେଦମତି ତାଣ୍ଡି ଏବଂ ସିଆର୍‌ପି ମୀନାକ୍ଷୀ ହରିପାଲ ସୋମବାର ଅପରାହ୍ନ ୨ଟା ସମୟରେ ପାଇକମାଲ ଷ୍ଟେଟବ୍ୟାଙ୍କରୁ ୯୯ ହଜାର ଟଙ୍କା ଉଠାଇଥିଲେ। ସେମାନେ ଉକ୍ତ ଟଙ୍କାକୁ ଏକ ବ୍ୟାଗ୍‌ରେ ପୂରାଇ ଘରକୁ ଫେରୁଥିବା ବେଳେ ବ୍ୟାଙ୍କଠାରୁ ମାତ୍ର ୫୦ ମିଟର ଦୂର ପଶୁ ଡାକ୍ତରଖାନା ସାମ୍ନାରେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ମହିଳାଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡାଇ ନେଇ ନୂଆପଡା ରାସ୍ତାରେ ଦ୍ରୁତଗତିରେ ପଳାଇଥିଲେ। ଉକ୍ତ ମହିଳାମାନେ ପାଇକମାଲକୁ ଯାଇ ଏ ନେଇ ଏତଲା ଦେଇଥିଲେ। ତେବେ ଏହି ଲୁଟ୍ ଘଟଣାର ତଦନ୍ତ ଚାଲିଛି ବୋଲି ପାଇକମାଲ ଥାନା ଆଇଆଇସି ସୁଶାନ୍ତ ବଡେଇ କହିଛନ୍ତି।

### ଭାଗବତ ସପ୍ତାହ ପାଇଁ କଳସ ଯାତ୍ରା

ଭେଡେନ,୬।୧୧(ସୁଦନ ମହାକୁର): ବରଗଡ଼ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଚିହିକିପାଲି ଗ୍ରାମରେ ହେବାକୁ ଥିବା ଭାଗବତ ସପ୍ତାହ ପାଇଁ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୋଖରୀରୁ ୧୦୮ ଜଳପୂର୍ଣ୍ଣ କଳସକୁ ଶୋଭାଯାତ୍ରାରେ ନେଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ସୁଶିଲ ନାଏକ ପୂଜାର୍ଚ୍ଚନା କରିଥିବା ବେଳେ ବ୍ୟାସ ରୋଶନ କୁମାର ପୁରୋହିତ ଭାଗବତ ପାରାୟଣ କରିଥିଲେ।

### ହିନ୍ଦୀ ଶିକ୍ଷକ ନିଯୁକ୍ତି ଦାବି

ପଦ୍ମପୁର,୬।୧୧(ପ୍ରଦୀପ୍ତ ଦାଶ): ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲରେ ଦୀର୍ଘ ୬ ବର୍ଷ ହେବ ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ପିଲାମାନଙ୍କ ପାଠପଢାରେ ଅସୁବିଧା ହେଉଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ତୁରନ୍ତ ଏହି ପଦବୀ ପୂରଣ କରିବାକୁ ସ୍କୁଲ କମିଟି ସଭାପତି ସୁଶାନ୍ତ ସାହୁ, କିଶୋର ନନ୍ଦିଘୋଷ, ଉଦ୍ଧବ ଖରସେଲ, ଜୟନ୍ତୀ ଜେନା, କେଶବ ପଧାନ ପ୍ରମୁଖ ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

### କାଳୀ ମଣ୍ଡପରେ ଭାଗବତ ସପ୍ତାହ

ପଦ୍ମପୁର,୬।୧୧(ପ୍ରଦୀପ୍ତ ଦାଶ): ହନୁମାନପଡା ମହିଳା ଭାଗବତ କମିଟି ଆୟୋଜନ କ୍ରମେ ପଦ୍ମପୁର କାଳୀ ମଣ୍ଡପରେ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଛି। ସାନସାହାଜବାହାଲର ବ୍ୟାସକାର ଗଙ୍ଗାଧର ଉଦ୍‌ଗାତା ଓ ସାଥୀ କଳାକାରଙ୍କ ଦ୍ୱାରା ପ୍ରତିଦିନ ପ୍ରସଙ୍ଗଭିତ୍ତିକ ପ୍ରବଚନ ପରିବେଷଣ କରାଯାଉଛି। ଏହି ଅବସରରେ କଳସ ଯାତ୍ରା, ଶ୍ରୀକୃଷ୍ଣ ଜନ୍ମ, ରୁକ୍ମିଣୀ ବିବାହ, ବରାନୁଗମନ ଆଦି ଅନୁଷ୍ଠିତ ହୋଇଥିଲା। ରୁକ୍ମିଣୀ ବିବାହରେ ଭାରତୀ ପଟ୍ଟନାୟକ ଓ ହରିହର ପଟ୍ଟନାୟକ ବରପକ୍ଷ ଥିବାବେଳେ ସଞ୍ଜୁକ୍ତା ଦାଶ ଓ ରବିନ୍ଦ୍ର ଦାଶ କନ୍ୟାପକ୍ଷ ଥିଲେ। ପ୍ରତ୍ୟହ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ୧୦୦ରୁ ଊର୍ଦ୍ଧ୍ୱଙ୍କ ନାଁରେ ମାମଲା, ୬ ଗିରଫ

**ଅମ୍ଭାଭୋନା ଥାନା ଭଙ୍ଗାରୁଜା ଘଟଣା**
- ସିସିଟିଭି ଫୁଟେଜ୍‌କୁ ନେଇ ତଦନ୍ତ
- ସୋହେଲା ଓ ଭଟଲିରେ ରାସ୍ତାରୋକୋ
- ବିଧାୟକ ସୁଶାନ୍ତ ସିଂଙ୍କ ସମ୍ପୃକ୍ତି ଥିବା କହିଲା ଭାଜପା


ସୋହେଲା ମୁଖ୍ୟଛକରେ ରାସ୍ତାରୋକୋ କରାଯାଇଛି।

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ଭାଭୋନା ଥାନା ଭଙ୍ଗାରୁଜା ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ଏହି ଘଟଣାରେ ପୋଲିସ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଭିଯୁକ୍ତ ଦର୍ଶାଇଥିବା ବେଳେ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମ୍ଭାଭୋନା ଥାନା ବଡ଼ଦର୍ଲିପାଲି ଗ୍ରାମର ପରେଶ ମହାନନ୍ଦ, ମହାପାଲିର କ୍ଷେତ୍ରବ୍ରତ ସାହୁ, ଭୁଲ୍ତାର ଗୌରୀଶଙ୍କର ଅଗ୍ରୱାଲ ଏବଂ ଭୈନାତୋରାର ନ୍ୟୁମେରୀ ଦେହେରୀ। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକ ମାମଲା (ନଂ.୨୩୫/୨୩) ରୁଜୁ ହୋଇଛି। ତେବେ ମାମଲା ରୁଜୁ ହେବା ପରେ ଜିଲାର ସୋହେଲା ଏବଂ ଭଟଲିରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଅମ୍ଭାଭୋନା ଥାନା ପୋଲିସ ଅଯଥାରେ ସୋହେଲା ଏବଂ ଭଟଲି ଅଞ୍ଚଳର ଲୋକଙ୍କୁ ବଦନାମ କରୁଥିବା ଅଭିଯୋଗ କରି ସୋମବାର ଅପରାହ୍ନ ସାଢ଼େ ୪ଟାରୁ ରାସ୍ତାରୋକୋ କରାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା) ସୋହେଲା ଏବଂ ଭଟଲି ମୁଖ୍ୟ ଛକରେ ଆନ୍ଦୋଳନ ଚାଲିଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଉଭୟ ରାସ୍ତାରେ ଯାତାୟାତ ବନ୍ଦ ରହିଛି।

ଅନ୍ୟପକ୍ଷେ ଏହି ଘଟଣାରେ ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ଭାଜପା ଟାର୍ଗେଟ କରିଛି। ବରଗଡ଼ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ ଅଭିଯୋଗ କରି କହିଛନ୍ତି, ଥାନାରେ ଭଙ୍ଗାରୁଜା ଘଟଣାରେ ଭଟଲି ବିଧାୟକଙ୍କ ସମର୍ଥକମାନଙ୍କ ସମ୍ପୃକ୍ତି ରହିଛି। ଯେତେବେଳେ ଘଟଣା ଘଟିଲା, ସେତେବେଳେ ବିଧାୟକ ସିଂ ନିଜେ ଅମ୍ଭାଭୋନାରେ ଉପସ୍ଥିତ ଥିଲେ। ତେଣୁ ଏହି ଘଟଣାରେ ତାଙ୍କୁ ଗିରଫ କରାଯାଉ। ନଚେତ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଇରାସିସ୍ ଦାବି କରିଛନ୍ତି। ତେବେ ଭାଜପାର ଅଭିଯୋଗ ଉପରେ ବିଧାୟକ ସିଂଙ୍କ ମତାମତ ମିଳିପାରିନାହିଁ।

ଏ ସମ୍ପର୍କରେ ବରଗଡ଼ ଏସ୍‌ପି ପି.ଏସ୍ ମୀନା କହିଛନ୍ତି, ରବିବାର ଏକ ଗାଡ଼ି ଯୋଗେ ବରଗଡ଼ରୁ ଭଟଲି ଓ ଅମ୍ଭାଭୋନା ପଟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅମ୍ଭାଭୋନା ଥାନା ଆଇଆଇସିଙ୍କୁ ସୂଚନା ମିଳିଥିଲା। ଫଳରେ ସେ ସମ୍ପୃକ୍ତ ଗାଡ଼ିକୁ ପିଛା କରି ତାମଦେଇରେ ଅଟକାଇ ଯାଞ୍ଚ କରିଥିଲେ। ତେବେ ସେହି ଗାଡ଼ିରୁ କିଛି ମିଳି ନ ଥିଲା। ସେହି ଘଟଣାକୁ ନେଇ କେତେଜଣ ଲୋକ ଅମ୍ଭାଭୋନା ଥାନାକୁ ଆସି ଭଙ୍ଗାରୁଜା କରିଥିଲେ। ଏ ନେଇ ଏକ ମାମଲା ରୁଜୁ ସହିତ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚାଲିଛି। ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମୀନା କହିଛନ୍ତି ।

ପ୍ରକାଶଥାଉକି, ରବିବାର ସନ୍ଧ୍ୟାରେ ଶତାଧିକ ଲୋକ ଅତର୍କିତ ଭାବେ ଅମ୍ଭାଭୋନା ଥାନା ଭିତରକୁ ପଶିଥିଲେ ଏବଂ ଥାନା ଭିତରେ ଥିବା ଚୌକି, ଟେବୁଲ, କମ୍ପ୍ୟୁଟର, ସିସିଟିଭି ଆଦି ଭଙ୍ଗାରୁଜା କରିଥିଲେ। ଲୋକଙ୍କ ଏଭଳି ସଂଘବଦ୍ଧ ତୁମୁଳକାଣ୍ଡରେ ଉପସ୍ଥିତ ପୋଲିସ ନିରୂପାୟ ହୋଇପଡ଼ିଥିଲା। ଖବର ପାଇ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ସଦଳବଳ ଥାନାରେ ପହଞ୍ଚିଥିଲେ। ଏହାପୂର୍ବରୁ ଥାନା ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା, କର୍ମୀଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଫଳରେ ଅମ୍ଭାଭୋନା ସମେତ ସୋହେଲା ଏବଂ ଭଟଲିରେ ବ୍ୟାପକ ପୋଲିସ ମୁତୟନ ରହି ସ୍ଥିତି ଉପରେ ନଜର ରଖିଛନ୍ତି।

## ଗର୍ଭଣା ୪-୩ ଗୋଲରେ ବିଜୟୀ

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମ୍ୟାଚରେ ଗର୍ଭଣା ଦଳ ବିଜୟୀ ହୋଇଛି। ଗର୍ଭଣାର ଜୟ ଦୁର୍ଗା କ୍ଲବ ଏବଂ ସିମେଣ୍ଟ ନଗର ଆମ୍ବେଦକର କ୍ଲବ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗର୍ଭଣା ପ୍ରତିପକ୍ଷକୁ ୪-୩ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ପଞ୍ଚାନନ ପାତ୍ର ଖେଳ ପରିଚାଳନା କରିଥିବାବେଳେ ସଚିନ ଭୁଏ, ଦୀପେଶ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ଶୁଭମ ପାତ୍ର ଚତୁର୍ଥ ରେଫେରି ଥିବାବେଳେ ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱ ତୁଲାଉଛନ୍ତି। ଜିଲା କ୍ରୀଡ଼ା ସଂସଦର ଆଜୀବନ ସଦସ୍ୟ ଅଶୋକ ଦାଶ ଏବଂ ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗର୍ଭଣା ଦଳର ନିଲେଶ ମୁକ୍ତିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆୟୋଜକ କ୍ଲବ ସଭାପତି ପ୍ରେମନାଥ ଗିରି, ପ୍ରାକ୍ତନ ଖେଳାଳି ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଲୋଇସିରା ଏବଂ ଘୁଲିପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଆଜି ବିଶାଳ ଚାଷୀ ସମାବେଶ

ପଦ୍ମପୁର,୬।୧୧ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ମଙ୍ଗଳବାର ବିରାଟ କୃଷକ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ବିଦ୍ୟୁତ ସମସ୍ୟା, ଇନ୍‌ପୁଟ ସବ୍‌ସିଡି, ୨୦୨୧ ବୀମା ଓ ମରୁଡି ସହାୟତା, ତୁରନ୍ତ ମଣ୍ଡି ଖୋଲିବା, କଟ୍‌ନୀ ଛଟ୍‌ନୀ ବନ୍ଦ, ବିସ୍ଥାପନ ବିହୀନ ଜଳସେଚନ ସୁବିଧା, ୩ଶହ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ, ଧାନ ମଣ୍ଡି ସହ ଅନ୍ୟ ଲଘୁଜାତ ଫସଲରେ ମଣ୍ଡି ବ୍ୟବସ୍ଥା, କୋଶଳ ରାଜ୍ୟ ଘୋଷଣା ସହ ପଦ୍ମପୁରକୁ ଜିଲା ମାନ୍ୟତା ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରାଯିବ। ଡିସେମ୍ବର ଶେଷ ସୁଦ୍ଧା ପଦ୍ମପୁର ଜିଲା ଘୋଷଣା ପ୍ରତିଶ୍ରୁତି ପୂରଣ ନ ହେଲେ ଜାନୁୟାରୀ ୧ରୁ ସମସ୍ତ ସୂଚନା ଫଳକରେ ବରଗଡ ଜିଲା ପରିବର୍ତ୍ତେ ପଦ୍ମପୁର ଜିଲା ଲେଖାଯିବ ବୋଲି ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୃଷକ ସଙ୍ଗଠନ ଘୋଷଣା କରିଛି। ଏଥିରେ ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଚାଷୀନେତା ଲିଙ୍ଗରାଜ ପ୍ରଧାନ, ରମେଶ ମହାପାତ୍ର, ରୋହିତ ପ୍ରଧାନ, ଦହିତ ସାହୁ, ଅରବିନ୍ଦ ପଣ୍ଡାଙ୍କ ସମେତ ବହୁ ଚାଷୀ ପ୍ରତିନିଧି ଯୋଗଦାନ କରିଥିଲେ।



ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ଫୁଟବଲ: କାଇଁଶିର ଚାମ୍ପିୟନ

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଉଲବାଠାରେ ଗ୍ରାମଦେବୀ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। କାଇଁଶିର ଏବଂ ବରଗାଁ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କାଇଁଶିର ଦଳ ପ୍ରତିପକ୍ଷ ବରଗାଁ ଦଳକୁ ୫-୪ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ରମାକାନ୍ତ ସେଟଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମିତିସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ଚୂଡ଼ାମଣି ବାରିକ, ଜମିଦାର ସାହୁ, ବଲ୍ଲଭ ସାହୁ, ୱାର୍ଡସଭ୍ୟ ଚୂଡ଼ାମଣି ବାରିକ ପ୍ରମୁଖ ସହଯୋଗ କରିଥିଲେ। ଯୋଗିନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଉଲବାରେ ଫୁଟବଲ ପ୍ରତିଯୋଗିତାର କୃତୀ ଫୁଟବଲ ଦଳକୁ ପୁରସ୍କୃତ କରାଯାଉଛି।

# ବିଦ୍ୟୁତ କାଟ୍ ପ୍ରତିବାଦରେ ଧାରଣା


ବିଦ୍ୟୁତ କାଟ୍ ପ୍ରତିବାଦରେ ଧାରଣା ଦିଆଯାଇଛି।

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକରେ ବିଦ୍ୟୁତ କାଟ୍ ଯୋଗୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ଚାଷୀମାନେ ବିଦ୍ୟୁତ ବିଭାଗର ସେକ୍ସନ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଭଟଲି ବ୍ଲକ ଅନ୍ତର୍ଗତ ଟେମରେନ, ବାଞ୍ଜିପାଲି ଗ୍ରାମରେ ତୁରନ୍ତ ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବାକୁ ସେମାନେ ଦାବି କରିଥିଲେ। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆଁ, ଭଟଲି ବ୍ଲକ ଶାଖା ସମ୍ପାଦକ ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ଅନନ୍ତ ସାହୁ, ସତ୍ୟବାନ ନାୟକ, ଅକ୍ଷୟ ପ୍ରଧାନ, ଆଶିଷ ମାଝୀ, ସୁଦାମ ପାତ୍ରଙ୍କ ସମେତ ଶତାଧିକ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

## କଫ୍ ସିରପ୍ ଜବତ, ୨ ଗିରଫ

ପଦ୍ମପୁର, ୬।୧୧ (ପ୍ରଦୀପ୍ତ ଦାଶ): ଭେଉଁରିଆ ବୁଧାପାଲି ରାସ୍ତାପାର୍ଶ୍ୱରେ ବେଆଇନ ଭାବେ କଫ ସିରପ୍ ବିକ୍ରି କରୁଥିବା ବେଳେ ପଦ୍ମପୁର ଆଦର୍ଶ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କପସିଲା ଗ୍ରାମର ବାବା ଓରଫ୍ ରୁକ୍ମଣ କୁମ୍ଭାର ଓ ଭେଉଁରିଆ ଗ୍ରାମର ଲକ୍ଷ୍ମୀ ପ୍ରସାଦ ବାଗ। ଉଭୟଙ୍କଠାରୁ ୫ଲିଟର କଫ ସିରପ୍ ମିଶ୍ରଣ,୨୦ ବୋତଲ କଫ ସିରପ୍, ୫ ଷ୍ଟ୍ରିପ ଲାଇଟ୍ରୋସନ ଟେନ ଟାବଲେଟ ଓ ବାଇକ (ନଂ.ଓଡି୧୭ୱାଇ/୨୨୧୨)କୁ ଜବତ କରାଯାଇଛି। ପଦ୍ମପୁର ଥାନାରେ ଏ ନେଇ ଏକ ମାମଲା (ନଂ.୩୦୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଆହ୍ୱାନ

ବରଗଡ଼/ବରପାଲି,୬।୧୧
(ପ୍ରେମାନନ୍ଦ ଖମାରୀ/ଚିତ୍ତରଞ୍ଜନ ସାହୁ)

ଈଶ୍ୱର ପ୍ରାପ୍ତି ନିମନ୍ତେ ଭାବ, ଭକ୍ତିର ଆବଶ୍ୟକତା ରହିଛି। ସଂକୀର୍ତ୍ତନ ହେଉଛି ଭାବ, ଭକ୍ତି ରୂପକ ଉଦ୍ୟାନର ସୁଗନ୍ଧ ପୁଷ୍ପ ବୋଲି ବରଗଡ଼ ଜିଲା ବରପାଲି ବ୍ଲକ ବାନ୍ଧୁମୁଣ୍ଡାଠାରେ ଆୟୋଜିତ ବ୍ଲକସ୍ତରୀୟ ସଂକୀର୍ତ୍ତନ ମହୋତ୍ସବରେ ମତପ୍ରକାଶ ପାଇଛି। ଜିଲା ସଂକୀର୍ତ୍ତନ ପରିଷଦ ଏବଂ ସନ୍ଥକବି ଭୀମଭୋଇ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ଆୟୋଜିତ ଏକଦିବସୀୟ ସଂକୀର୍ତ୍ତନ କର୍ମଶାଳା ଓ ମହୋତ୍ସବରେ ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବରେ ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତିଲେଇମାଲ ସରପଞ୍ଚ ସରୋଜିନୀ ମିଶ୍ର, ଗୌନ୍ତିଆ ହେମରାଜ ସା, ଲଳିତ ମୋହନ ପଣ୍ଡା, ରାମଚନ୍ଦ୍ର ସାହୁ, ପଞ୍ଚାନନ ବାଗ, ସୁଶିଲ ଠାକୁର, ନିଲ ଦେବତା, ବାଙ୍କାବିହାରୀ ସାହୁ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିବାବେଳେ ସଭାପତି ଗୋପାଳ ମିଶ୍ର, ରାମଚନ୍ଦ୍ର ସାହୁ ଉଦଣ୍ଡ ସଂକୀର୍ତ୍ତନ ପରିବେଷଣ କରି ଉପସ୍ଥିତ ସଂକୀର୍ତ୍ତନ କଳାକାରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦର ସଂଯୋଜକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ସଂକୀର୍ତ୍ତନ ମହୋତ୍ସବ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ତେଲିପାଲି, ଆଗଲପୁର, ତିଲେଇମାଲ, ସାଧୁପାଲି, ବାନ୍ଧୁମୁଣ୍ଡା, ଦଳପେଟପାଲି ସଂକୀର୍ତ୍ତନ ମଣ୍ଡଳୀ, ପଟେଇପାଲି ଭଜନ ମଣ୍ଡଳୀ ଅଂଶଗ୍ରହଣ କରି ଭଜନ, ସଂକୀର୍ତ୍ତନ ପରିବେଷଣ କରିଥିଲେ। ସେହିପରି ଖଞ୍ଜଣି ଭଜନ ମଣ୍ଡଳୀଙ୍କ ଭଜନ ଆକର୍ଷଣୀୟ ଥିଲା। ମହୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାରଙ୍କୁ ସଂକୀର୍ତ୍ତନ ପରିଷଦ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ସଂକୀର୍ତ୍ତନ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସଂସ୍କୃତ ଅଧ୍ୟୟନ ଜୀବନକୁ ଶୃଙ୍ଖଳିତ କରେ

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କୁଲତାପାଲି ଗ୍ରାମରେ ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ସଂସ୍କୃତ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସଂସ୍କୃତ ଜୀବନ ସାର୍ଥକ ଜୀବନ' ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଭାଗର ମୁଖ୍ୟ ଡ. ସୁନେଲି ଦେଇ, ଆସିଷ୍ଟାଣ୍ଟ ପ୍ରଫେସର ସସ୍ମିତା ପତି, ପ୍ରାଧ୍ୟାପକ ପ୍ରଣତୀ ବଡ଼େଇଙ୍କ ନେତୃତ୍ୱରେ ସଂସ୍କୃତ ଅଧ୍ୟୟନରତ ଏକ ପ୍ରତିନିଧି ମଣ୍ଡଳୀ କୁଲତାପାଲି ଗ୍ରାମ ପରିଦର୍ଶନ ସହିତ ସଂସ୍କୃତ ଜାଗରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନଙ୍କୁ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମର ମୁଖ୍ୟ ଭାଗିରଥି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଂସ୍କୃତ ଭାରତୀ ଜନପଦ ଅଧ୍ୟକ୍ଷ ରାଜୀବ ସାହୁ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ଦେଇ ସଂସ୍କୃତ ଅଧ୍ୟୟନ କିଭଳି ଜୀବନକୁ ସାର୍ଥକ କରେ ସେ ବିଷୟରେ ଆଲୋଚନା କରି ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ପତି, ସଂସ୍କୃତ ଭାରତୀ ପ୍ରାନ୍ତୀୟ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଆନନ୍ଦ ପ୍ରଧାନ, ସନ୍ଧ୍ୟା ସାହୁ, ସାବିତ୍ରୀ ବଢ଼େଇ, ଭୀମସେନ ସାହୁ, କୁମର ପଚ୍ଛୁଆ ପ୍ରମୁଖ ଯୋଗଦେଇ ଗ୍ରାମର ସଂସ୍କୃତମୟ ପରିବେଶକୁ ପ୍ରଶଂସା କରିଥିଲେ। ଗାୟତ୍ରୀ ସଂକ୍ରାନ୍ତି ସଂସ୍ଥାନର ଅଧ୍ୟକ୍ଷ ଗିରିଧାରୀ ବାରିକ ପ୍ରତ୍ୟହ ରାମାୟଣ, ଭାଗବତ ଏବଂ ସଂସ୍କୃତ ଉଚ୍ଚାରଣ କିଭଳି ଆଚରଣକୁ ପ୍ରଭାବିତ କରେ ତାହା ଉଲ୍ଲେଖ କରିଥିଲେ। ଏହି ଅବସରରେ ସଂସ୍କୃତ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚନ୍ଦନ କୁମାର ଦାଶ ଗୋସ୍ୱାମୀ, ଚିରଞ୍ଜୀବୀ ପରିଡ଼ା, କାଦମ୍ବିନୀ ପୃଷ୍ଟି, ଜିନା ବଢ଼େଇ, ସୀମାଞ୍ଜଳି ଭୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂସ୍କୃତ ଭାରତୀ ଜିଲା ସଂଯୋଜକ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ୧୫ରେ ମଣ୍ଡି ନ ଖୋଲିଲେ ଜବରଦସ୍ତ ଧାନ ରଖିବେ ଚାଷୀ

ସରଣ୍ଡା,୬।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ଚାଷୀଙ୍କ ଖରିଫ ଧାନ ଅମଳ ଆରମ୍ଭ ହୋଇଗଲାଣି। ଆଉ ଗୋଟିଏ ସପ୍ତାହ ମଧରେ ଅଞ୍ଚଳର ୨୦ରୁ ୩୦ ପ୍ରତିଶତ ଧାନ ଅମଳ ହୋଇଯିବ। ତେବେ ବରଗଡ଼ ଜିଲା ପ୍ରଶାସନ ଆସନ୍ତା ୨୧ ତାରିଖରେ ଧାନ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଥିବାରୁ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପ୍ରତିବାଦ କରିଛି। ଆସନ୍ତା ୧୫ ତାରିଖରେ ମଣ୍ଡି ଖୋଲିବାକୁ ସଙ୍ଗଠନ ଦାବି କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ଅତାବିରା କୃଷି କାର୍ଯ୍ୟାଳୟରୁ ତହସିଲ ଅଫିସ ଯାଏଁ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ବରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ବ୍ରଜକିଶୋର ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୧୫ ତାରିଖରେ ମଣ୍ଡି ନ ଖୋଲିଲେ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ ଜୋର୍‌ଜବରଦସ୍ତ ମଣ୍ଡିରେ ଧାନ ପୂରାଇବ ବୋଲି ସଙ୍ଗଠନ ଚେତାବନୀ ଦେଇଛି। ସୂଚନା ଅନୁସାରେ, ବରଗଡ଼ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ ବୈଠକରେ କେଉଁ ତାରିଖରୁ ଧାନ ସଂଗ୍ରହ କରାଯିବ ନିଷ୍ପତ୍ତି ହୋଇ ପାରି ନ ଥିଲା। ସେଠାରେ ଉପସ୍ଥିତ କୃଷକ ସଙ୍ଗଠନଗୁଡ଼ିକ ଭିନ୍ନ ମତପୋଷଣ କରିଥିଲେ। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ନଭେମ୍ବର ୧୫ରେ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲା। ଜିଲାପାଳ ଅନ୍ୟ ଏକ ବୈଠକରେ ନଭେମ୍ବର ୨୧ରେ ମଣ୍ଡି ଖୋଲିବାକୁ ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ସଙ୍ଗଠନର ଅତାବିରା ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ରେଙ୍ଗାଲି କ୍ୟାମ୍ପଠାରେ ରବିବାର ରାତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୧୫ରେ ମଣ୍ଡି ଖୋଲା ନ ଗଲେ ମଣ୍ଡିରେ ଜବରଦସ୍ତି ଧାନ ପୁରାଇ ସଙ୍ଗଠନ ପକ୍ଷରୁ ଅନୁଷ୍ଠାନିକ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଦିଆଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଚାଷୀ ସଙ୍ଗଠନର ଦାବି ପରେ ଜିଲା ପ୍ରଶାସନ କଣ ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ବାକି ରହିଲା।


ଚାଷୀମାନେ ଅତାବିରା ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।




## ସଂକ୍ଷେପରେ

### ଗୁଳିମାଡ଼ ଘଟଣା: ଜଣେ ଗିରଫ, ପିସ୍ତଲ ଜବତ

**ରାଉରକେଲା,୬ା୧୧(ସଙ୍ଗୀତା ଜେନା):** ଗତ ୪ ତାରିଖରେ ବିଶ୍ରା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ଗୁଳିମାଡ଼ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜୁନେଦ ଆଲାମ। ତାଙ୍କଠାରୁ ଗୋଟିଏ ପିସ୍ତଲ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଡିଏସ୍‌ପି ଅନୀଲ ପ୍ରଧାନ ସୂଚନା ଦେଇଛନ୍ତି। ଗୁଳିମାଡ଼ର ଶିକାର ହୋଇଥିବା ଏମ୍‌ଡ଼ି ଇରଫାନ୍ ରାଜା ବର୍ତ୍ତମାନ ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ତଳେ ବିଶ୍ରା ଆଇଟିଆଇ ନିକଟରେ ଇରଫାନ୍ ଯାଉଥିବା ବେଳେ ୨ଜଣ ମୁଖାଧାରୀ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା। ଇରଫାନ୍ ଓ ଜୁନେଦ ଉଭୟ ପେଶାରେ ଡ୍ରାଇଭର। ଉଭୟ ଜଣେ ବ୍ୟକ୍ତିଙ୍କ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ଚଳାଉଥିଲେ। ଘଟଣାଦିନ ଗାଡ଼ି ମାଲିକଙ୍କ ବିଶ୍ରାମାଗାରରେ କୌଣସି ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜୁନେଦ ପିସ୍ତଲରୁ ଗୁଳି ଚଳାଇଥିଲେ। ହେଲେ ମାମଲାକୁ ଅନ୍ୟ ରୂପ ଦେବା ପାଇଁ ଇରଫାନ୍‌ଙ୍କ ଭାଇ ଥାନାରେ ମିଥ୍ୟା ଏତଲା ଦେଇଥିବା ପୋଲିସ କହିଛି। ସବୁ ଦିଗରୁ ତଦନ୍ତ କରି ଜୁନେଦଙ୍କୁ ଗିରଫ କରାଯାଇଛି ବୋଲି ଡିଏସ୍‌ପି ପ୍ରଧାନ କହିଛନ୍ତି।

### ଲକ୍ଷ୍ମୀ ମାର୍କେଟରେ ସିରିଜ ଚୋରି

**ରାଉରକେଲା,୬ା୧୧(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ଲକ୍ଷ୍ମୀ ମାର୍କେଟରେ ରବିବାର ବିଳମ୍ବିତ ରାତିରେ ଓମଫେଡ୍, ଫର୍ଣ୍ଣିଚର, ପାନଦୋକାନ, ହୋଲସେଲ୍ ଦୋକାନ ସମେତ ୪ଟି ଦୋକାନରୁ ସିରିଜ୍ ଚୋରି ହୋଇଥିବା ସୂଚନା ମିଳିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ଦୋକାନ ତାଲା ଭାଙ୍ଗି ଚୋରି କରିଥିବା ଜଣାପଡ଼ିଛି। ଦୋକାନୀ ସାହିବ ସାହୁ, ଅମର ଆପଟ୍ଟ, ରବି ସ୍ୱାଇଁ ପ୍ରମୁଖ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

### ଦଣ୍ଡିଆପାଲି ଅଞ୍ଚଳରୁ ଚୋରି, ଜଣେ ଗିରଫ

**ବେଦବ୍ୟାସ,୬ା୧୧(ଆଲୋକ ସ୍ୱାଇଁ):** ବ୍ରାହ୍ମଣୀ ତରଙ୍ଗ ଥାନା ଦଣ୍ଡିଆପାଲି ନିବାସୀ ଉପେନ୍ଦ୍ର ନାଥ ସିଂହଙ୍କ ଘରୁ ଚୋରି ଘଟଣାରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ତରକେରା ଗୁଡ଼ିଆଟୋଲାର ସିଦ୍ଧି ଲୋହାର (୫୦)। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୧ରେ ଅଭିଯୁକ୍ତ ଉପେନ୍ଦ୍ରଙ୍କ ଘର ତାଲା ଭାଙ୍ଗି ସୁନା ଗହଣା ଓ ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।


୨୬ତମ ବେଦବ୍ୟାସ ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୩ ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଜାତୀୟ କଳା, ସଂସ୍କୃତିର ବାର୍ତ୍ତାବହ

**ରାଉରକେଲା,୬ା୧୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ଶିଳ୍ପାଞ୍ଚଳ ଅନ୍ତର୍ଗତ ଭଞ୍ଜ ଭବନ ପ୍ରଦର୍ଶନୀ ପଡିଆରେ ଚାଲିଥିବା ୨୬ତମ ବେଦବ୍ୟାସ ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୩ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ଭଞ୍ଜ କଳାକେନ୍ଦ୍ର ସୌଜନ୍ୟରୁ ରାଜ୍ୟ ସଂସ୍କୃତି ବିଭାଗ, ଆର୍‌ଏସ୍‌ପି ଓ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ସହଯୋଗରେ ୫ଦିନ ବ୍ୟାପୀ ଏହି ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ବେଦବ୍ୟାସ ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟୋତ୍ସବ ଜାତୀୟ କଳା ସଂସ୍କୃତିର ବାର୍ତ୍ତାବହ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଶିଳ୍ପାଞ୍ଚଳର ସାମାଜିକ ଜୀବନରେ କଳା ଓ ସଂସ୍କୃତି ଭିତ୍ତିକ ନବଚେତନା ଭରିଥାଏ। ଏଭଳି ପ୍ରୟାସକୁ ଆର୍‌ଏସ୍‌ପି ବଳବତ୍ତର ରଖିବା ସହ ଜାତୀୟ ସଂସ୍କୃତି ଓ ସଭ୍ୟତାକୁ ଗୌରବାନ୍ୱିତ କରିବା ପାଇଁ ଉଦ୍ୟମ ଜାରି ରଖିବ ବୋଲି ଭୌମିକ କହିଥିଲେ। ଏହାପରେ ଗୁରୁ ବୀଣାପାଣି ରଥଙ୍କ ନିର୍ଦ୍ଦେଶନାରେ ଭଞ୍ଜ କଳାକେନ୍ଦ୍ରର ବିଦ୍ୟାର୍ଥୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଙ୍କ କରକମଳରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ହାଇଦ୍ରାବାଦର ବିଶିଷ୍ଟ କୁଚିପୁଡି ନୃତ୍ୟଗୁରୁ ପଦ୍ମଶ୍ରୀ ପଦ୍ମଜା ରେଡ୍ଡୀ ଓ ତାଙ୍କ ପ୍ରଣବ କୁଚିପୁଡି ପ୍ରଶିକ୍ଷଣ ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ମୟୂରଭଞ୍ଜର ଛଉ ଲୋକନୃତ୍ୟ ଓ ପାଲା ପରିବେଷଣ କରାଯାଇଥିଲା। ସଭା ପରିଚାଳନା କରିଥିଲେ ଅନୁଷ୍ଠାନ ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଆର୍‌ଏମ୍‌ଏଚ୍‌ପି ବିଭାଗର ସିଜିଏମ୍ ତଥା ଭଞ୍ଜ କଳାକେନ୍ଦ୍ର ସଭାପତି ଶୁଭଶଙ୍କର ରାୟ ଚୌଧୁରୀ। ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ଓ ସୁଶ୍ରୀ କୋଏନା ଦସ୍ତିଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପଦେଷ୍ଟା ଅସୀମ ବେହେରା, ଉପସଭାପତି ଆଲୋକ ବେହେରା, କର୍ମକର୍ତ୍ତା ବିବେକାନନ୍ଦ ପରିଡା, ବସନ୍ତ ସାହୁ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ସନ୍ତୋଷ ରଥ, ଗଜେନ୍ଦ୍ର ମୁର୍ମୁ, ରସାନନ୍ଦ ମହାନ୍ତ, କନକଲତା ମିଶ୍ର ଏବଂ ପ୍ରବୀଣ ପାତ୍ର ସହଯୋଗ କରିଥିଲେ।


ହାଇଦ୍ରାବାଦର କଳାକାର କୁଚିପୁଡି ନୃତ୍ୟ ପରିବେଷଣ କରୁଛନ୍ତି।

**ବେଦବ୍ୟାସ ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟୋତ୍ସବ**

### ଭାଟି କର୍ମଚାରୀଙ୍କୁ ବାନ୍ଧି ମାଡ଼ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**ରାଉରକେଲା, ୬ା୧୧(ସଙ୍ଗୀତା ଜେନା)**

ଝିରପାଣି ଥାନା ଅନ୍ତର୍ଗତ ମସଜିଦ ଗଳିରେ ଗତ ଅଗଷ୍ଟ ମାସରେ ଭାଟି କର୍ମଚାରୀଙ୍କୁ ବାନ୍ଧି ମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜାକିର ମିଆଁ। ଏ ନେଇ ପୋଲିସ ଏକ ମାମଲା (ନଂ.୭୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଛି। ସୂଚନା ଅନୁସାରେ, ଅଗଷ୍ଟ ୨୫ ତାରିଖ ଭୋର ସମୟରେ ଝିରପାଣି ମସଜିଦ୍ ଗଳିରେ ଥିବା ଏକ ଦେଶୀ ମଦଭାଟି କର୍ମଚାରୀମାନେ ବେଆଇନ ମଦ କାରବାର କରୁଥିବା ଜଣେ ଲୋକଙ୍କ ପିଛା କରୁଥିଲେ। ସେମାନେ ଏକ କାର୍‌ରେ ଫେରାର ହୋଇଯାଇଥିଲେ। ମାତ୍ର ଉକ୍ତ ଦେଶୀମଦ ଭାଟିର କର୍ମଚାରୀ ପପୁ ଯାଦବ ଓ ଜୟପ୍ରକାଶ ଯାଦବଙ୍କ ସମେତ ଅନ୍ୟମାନେ ମସଜିଦ ଗଳିର ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଉକ୍ତ ଭାଟି କର୍ମଚାରୀଙ୍କୁ ହକି, ଚାପଡ଼ ଓ ମାରଣାସ୍ତ୍ରରେ ସ୍ଥାନୀୟ ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ପପୁ ଓ ଜୟଙ୍କୁ ଗଛରେ ବାନ୍ଧି ପ୍ରବଳ ମାଡ଼ ମାରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହି ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି ମାମଲା ରୁଜୁ କରି ତଦନ୍ତ କରୁଥିଲା।

### କ୍ରୀଡ଼ା, ସଂସ୍କୃତି ଉତ୍ସବ ଉଦ୍‌ଘାଟିତ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା,୬ା୧୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲାର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ୩୭ତମ କ୍ରୀଡ଼ା ଓ ସଂସ୍କୃତି ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ସ୍ୱାମୀ ନକୁଳଦେବଜୀ ଏହି ଚତୁର୍ଦ୍ଦିବସୀୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଡାକ୍ତର ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ଅରବିନ୍ଦ ପାଣ୍ଡେ ମୁଖ୍ୟଅତିଥି ଏବଂ ନେହେରୁ ଯୁବକେନ୍ଦ୍ର ନିର୍ଦ୍ଦେଶକ ଅମୂଲ୍ୟ କୁମାର ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଓ ସଂସ୍କୃତି ହେଉଛି ଶିକ୍ଷାର ଅବିଚ୍ଛିନ୍ନ ଅଙ୍ଗ। ଏଣୁ ଯୁବପିଢି କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ଦକ୍ଷ ହେଲେ ରାଷ୍ଟ୍ରୀୟ କ୍ରୀଡ଼ା ଓ ସଂସ୍କୃତିର ଉତ୍‌ଥାନ ସୁନିଶ୍ଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଯଶପାଲ ସିଂ, ପ୍ରେମାନନ୍ଦ ମହାପାତ୍ର, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଶରତ ଚନ୍ଦ୍ର ଦେହୁରି କ୍ରୀଡ଼ା ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପରମେଶ୍ୱର ଶତପଥି ବେଦପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ୟାମାମାଳା ଦାସ, ଉଦ୍ଧବ ପ୍ରଧାନ, ଡ. କେଦାର ନାଥ ପାଢୀ, ଡ. କାଳୀକିଙ୍କର ପଣ୍ଡା, ସନ୍ତୋଷ ଲେଙ୍କା, ବିଜୟ ବାଲା ଏବଂ ବାସନ୍ତୀ ଧରୁଆ ସହଯୋଗ କରିଥିଲେ। ୧୩ଟି ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି।

### ବାଳିକା ବର୍ଗରେ ନିଶ୍ଚୁ ଶର୍ମା, ବାଳକରେ ଓମ୍ ପାତ୍ର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନଶିପ୍‌ର କୃତୀ ପ୍ରତିଭା।

**ରାଉରକେଲା,୬ା୧୧(ବିପ୍ଲବ ରଞ୍ଜନ ଦାଶ)**

ଗୁରୁଦ୍ୱାରା ଗୁରୁସିଂହ ସଭା ଏବଂ ଲିଭ୍ ଇନ୍ ଫିଟ୍ ଯୋଗାସନ ଆସୋସିଏଶନ କଲିକତା ସହଯୋଗରେ ରାଉରକେଲା ରେଲୱେ କଲୋନୀ ସ୍ଥିତ ଓମ୍ ଯୋଗ କେନ୍ଦ୍ରରେ ସୋମବାର ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଯୋଗାସନ ଚାମ୍ପିୟନଶିପ୍-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଚାମ୍ପିୟନଶିପ୍‌ରେ କଲିକତାର ନିତୁ ଶର୍ମା ବାଳିକା ବର୍ଗରେ ଏବଂ ଭୁବନେଶ୍ୱରର ଓମ୍ କୁମାର ପାତ୍ର ବାଳକ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ନିତୁଙ୍କୁ ବିମଳାଦେବୀ ମୋମୋରିଆଲ ଜାତୀୟ ପୁରସ୍କାର ଭାବେ ଟ୍ରଫି ଏବଂ ଓମ୍‌ଙ୍କୁ ପ୍ରଜାମିତ୍ର ଆର୍ଯ୍ୟ ଜାତୀୟ ପୁରସ୍କାର ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ବିଭିନ୍ନ ଗ୍ରୁପ୍‌ର ବିଜେତା, ବିଚାରକ, ପ୍ରଶିକ୍ଷକ ଓ ଅଫିସିଆଲମାନଙ୍କୁ ସମ୍ମାନୀତ କରିଥିଲେ। ଏହାସହ ନିତୁଙ୍କୁ ଚାମ୍ପିୟନ ଅଫ୍ ଚାମ୍ପିୟନ ଭାବେ ଧନଞ୍ଜୟ ମହତୋ ମେମୋରିଆଲ ଚାମ୍ପିୟନ ଟ୍ରଫି ପ୍ରଦାନ କରିବା ସହ ଓମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିୟନଶିପ୍‌ରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶରୁ ୩ଶହରୁ ଊର୍ଦ୍ଧ୍ୱ ସହଭାଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ସୁନୀଲ କଯ଼ାଲ, ହରିୟାଣା ନାଗରିକ ସଂଘ ଅଧ୍ୟକ୍ଷ ନରେଶ ଅଗ୍ରୱାଲା ଉପସ୍ଥିତ ଥିଲେ।

**ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଯୋଗାସନ ଚାମ୍ପିୟନଶିପ୍**

### ନଦୀରେ ନାବାଳକ ନିଖୋଜ, ତଦନ୍ତ ପାଇଁ ଥାନାରେ ଧାରଣା

**ରାଉରକେଲା,୬ା୧୧(ସଙ୍ଗୀତା ଜେନା)**

ସେକ୍ଟର-୧୯ ଥାନା କୋଏଲ ନଦୀର ହମିରପୁର ଘାଟକୁ ରବିବାର ଅପରାହ୍ନରେ ଗାଧୋଇବାକୁ ଯାଇ ନିଖୋଜ ଏଯାଏ ଉଦ୍ଧାର ହୋଇପାରି ନ ଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପୋଲିସ ଓ ଓଡ୍ରାଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ନିଖୋଜଙ୍କ ପତ୍ତା ମିଳିପାରିନାହିଁ। ନିଖୋଜନ ନାବାଳକ ହେଲେ ପ୍ଲାଣ୍ଟସାଇଟ୍ ଥାନା ଗୋପବନ୍ଧୁପାଲିର ରବି ସାହୁ(୯)। ରବିବାର ଉକ୍ତ ବସ୍ତିର ପ୍ରାୟ ୫ ଜଣ ନାବାଳକ ଉକ୍ତ ଘାଟକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସମସ୍ତେ ପାଣିରେ ଭାସି ଯାଉଥିବା ବେଳେ ସ୍ଥାନୀୟ ଲୋକେ ୪ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ରବି ନିଖୋଜ ଥିଲେ। ଅନ୍ୟପକ୍ଷେ ଏହି ମାମଲାରେ ଠିକ୍ ଭାବେ ତଦନ୍ତ କରିବା ଦାବିରେ ଗୋପବନ୍ଧୁପାଲି ବସ୍ତିର ମହିଳାମାନେ ସୋମବାର ଥାନାରେ ଧାରଣା ଦେଇଥିଲେ।

### ରାଉରକେଲାରେ ଭାଜପାର ମିଶ୍ରଣ ପର୍ବ


ରାଜ୍ୟ ସଭାପତି ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି।

**ରାଉରକେଲା,୬ା୧୧(ଦିନେଶ ମିଶ୍ର)**

ସେକ୍ଟର-୨ ସ୍ଥିତ ସେହନାଇ ମଣ୍ଡପରେ ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଅତିଥି ଭାବେ ଯୋଗ ଦେଇଥିଲେ। ଷ୍ଟିଲ ଟାଉନଶିପ୍ ପଶ୍ଚିମ ମଣ୍ଡଳ ସଭାପତି ବସନ୍ତ ସାମଲ ଭାଜପାରେ ଯୋଗଦାନ କରିବାକୁ ଆସିଥିବା କର୍ମୀଙ୍କ ନାମ ଘୋଷଣା କରିଥିଲେ। ରାଜ୍ୟ ସଭାପତି ସାମଲ ସେମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେବା ସହିତ ସ୍ୱାଗତ କରିଥିଲେ। ଏଥିରେ ସେକ୍ଟର-୧୬ ପିଏଚ କଲୋନୀ ୟଙ୍ଗ ଉତ୍କଳ କ୍ଲବର ସଭାପତି କେ. ପି. ରାଜେଶଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିବାବେଳେ ସେକ୍ଟର-୭ ଅଞ୍ଚଳରୁ ବହୁ ଯୁବକର୍ମୀ ଭାଜପାରେ ମିଶିଥିଲେ। ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟ୍ଟା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଗଙ୍ଗାଧର ଦାଶ, ବଟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସଂସ୍କାର, ସଂସ୍କୃତିକୁ ଆପଣାଇବା ଦରକାର

**ରାଉରକେଲା,୬ା୧୧(ଦିନେଶ ମିଶ୍ର)**

**ନାଗ୍ରା ତନ୍ତୀ ସମାଜର ନୂଆଁଖାଇ ଭେଟ୍‌ଘାଟ୍**

ସେକ୍ଟର-୫ ସ୍ଥିତ ଭଞ୍ଜଭବନରେ ନାଗ୍ରା ତନ୍ତୀ ସମାଜ ସଭାପତି ଭଗବତିଆ ତନ୍ତୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ନୂଆଁଖାଇ ଭେଟଘାଟ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନାଗ୍ରା ତନ୍ତୀ ସମାଜର କିଭଳି ଉନ୍ନତି ହୋଇପାରିବ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସମାଜସେବୀ ହରିହର ରାଉତରାୟ, ପୂର୍ବତନ ସିଆରପିଏଫ୍ ଡିଆଇଜି ଦୟାନିଧି ତନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଂସ୍କାର ଓ ସଂସ୍କୃତି ବଞ୍ଚିରହିଲେ ସେଥିରୁ ସମାଜର ପରିଚୟ ମିଳିଥାଏ। ତେଣୁ ସମାଜକୁ ବଞ୍ଚାଇବାକୁ ହେଲେ ପ୍ରଥମେ ସଂସ୍କାର ଓ ସଂସ୍କୃତିକୁ ଆପଣାଇବା ଦରକାର ବୋଲି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରଫୁଲ୍ଲ ସୁନାନି ଯୋଗଦେଇ ମତପ୍ରକାଶ କରିଥିଲେ। ଏହି ଅବସରରେ ନାଗ୍ରା ତନ୍ତୀ ସମାଜର ୨୦ ଜଣ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସମାଜ ପକ୍ଷରୁ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ରସରକେଲି ଗୋ, ଡାଲଖାଇ, ମାଦଳ ନୃତ୍ୟ ସାଙ୍ଗକୁ ନୂଆଁଖାଇ ଉପରେ ନାଟକ ପରିବେଷଣ କରାଯାଇଥିଲା। ସମାଜର ଉପଦେଷ୍ଟା ଉପେନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ସନ୍ତୋଷ ତନ୍ତୀ, ସାଧାରଣ ସମ୍ପାଦକ ସୁନିଲ କୁମାର ବାଙ୍କ୍ରା, ବିନୋଦ କୁମାର ଦାସ, ଉପେନ୍ଦ୍ର କୁମାର ତନ୍ତୀ, ରତନ ତନ୍ତୀ, କିଷ୍ଟୋ ତନ୍ତୀ, ଗଙ୍ଗାଧର ବୀର, ବିଜୟ କୁମାର ତନ୍ତୀ, ଗୋବିନ୍ଦ ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ଉଚ୍ଛବ କୁମାର ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।


ଭେଟ୍‌ଘାଟ୍ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ରେଳଲାଇନ୍ ସମ୍ପ୍ରସାରଣକୁ ବିରୋଧ କରି ଗଣଧାରଣା

**ରାଉରକେଲା, ୬ା୧୧(ସଙ୍ଗୀତା ଜେନା)**

ବନ୍ଧମୁଣ୍ଡା ରେଲୱେ ଏଆରଏମ୍ ଅଧୀନ ୪ର୍ଥ ଲାଇନ୍ ସମ୍ପ୍ରସାରଣକୁ ବିରୋଧ କରି ଉଦିତନଗର ସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ରେଳବାଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି। ପୂର୍ବତନ ବିଧାୟକ ତଥା ଆଦିବାସୀ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଶତାଧିକ ଲୋକ ଉକ୍ତ ଗଣଧାରଣାରେ ସାମିଲ ହୋଇ ତାଙ୍କ ପୂର୍ବପୁରୁଷ ଜମିକୁ ଫେରସ୍ତ ଦାବି କରିବା ସହ ଆଗାମୀ ଦିନରେ ମୁମ୍ବାଇ-ହାଓଡ଼ା ମେନ୍ ଲାଇନକୁ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ। ପରେ ଏ ନେଇ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ୧୯୯୪ରେ ରାଜ୍ୟ ସରକାର ତତ୍କାଳୀନ ହିନ୍ଦୁସ୍ଥାନ ଷ୍ଟିଲ ଲିମିଟେଡ (ବର୍ତ୍ତମାନ ସେଲ୍ ନାମରେ ପରିଚିତ) ପାଇଁ ସ୍ଥାନୀୟ ଲୋକଙ୍କଠାରୁ ଜମି ନେଇଥିଲେ। ହେଲେ ସେଥିରେ କୌଣସି କାର୍ଯ୍ୟ ହୋଇପାରିଲା ନାହିଁ। ତେଣୁ ଉକ୍ତ ଜମିକୁ ଫେରସ୍ତ କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ୨୦୦୬ରେ ତତ୍କାଳୀନ ସମ୍ବଲପୁର ଆରଡ଼ିସି ଅଶୋକ ଦଲୱାଇଙ୍କ ଅଧ୍ୟକ୍ଷତା ଏବଂ ରାଉରକେଲା ବିସ୍ଥାପିତ ସଂଘ, ବନ୍ଧମୁଣ୍ଡା ଆଞ୍ଚଳିକ ସୁରକ୍ଷା କମିଟି, ଆରଏସ୍‌ପି (ସେଲ୍), ରେଳବାଇ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବଳକା ଜମି ଫେରସ୍ତ ପାଇଁ ଚୁକ୍ତି କରାଯାଇଥିଲା। ଏହାସତ୍ତ୍ୱେ ଏହି ବିବାଦ ସମାଧାନ ହେବା ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡୁଛି। ଏହି ବଳକା ଜମି ଉପରେ ରେଲୱେର କୌଣସି ଅଧିକାର ନ ଥାଇ ମଧ୍ୟ ସେଥିରେ ୪ର୍ଥ ରେଳ ଲାଇନ୍ ଜୋର୍‌ଜବରଦସ୍ତ ନିର୍ମାଣ କରାଯାଉଛି। ବନ୍ଧମୁଣ୍ଡା, କୁକୁଡ଼ା ଗେଟ, ସେକ୍ଟର-୨୧, ବରକାନୀ, ଉଡ଼ସୁ, ଆର୍‌ଏସ୍ କଲୋନୀ ସମେତ ହଜାର ହଜାର ଏକର ଜମି ଉପରେ ସମ୍ପ୍ରତି ରେଳବାଇ କର୍ତ୍ତୃପକ୍ଷ କବ୍‌ଜା କରିଛନ୍ତି। ଏଠାରେ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ସାତପୁରୁଷର ଭିଟାମାଟି ହରାଇଥିବା ସ୍ଥାନୀୟ ଲୋକେ ବିରୋଧ କରିବା ବେଳେ ଆକ୍ରମଣର ଶିକାର ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ଦାବିରେ ସୋମବାର ଗଣଧାରଣା ଦିଆଯାଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ମହାଦେବ ମୁଣ୍ଡାରୀ, ପ୍ରକାଶ କିଷାନ, ଚରଣ ଲୋହାର, ସୁଲକା ଓରାମ, କୁମାର ବିଜୟ ଓରାମ, ବାନ୍ଦେ ଓରାମ, ମହେଶ୍ୱର ତନ୍ତୀ, ଅନୀତା ଓରାମ, ମାର୍କସ କିଷାନ, ମାଙ୍ଗି ଓରାମ, ଦେୱା କେର୍କେଟା, ଦିଲୀପ ଲାହିରୀଙ୍କ ସମେତ ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ।


ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### କଟା ଭିତରୁ ମୃତଦେହ ଜବତ

**ନାକଟିଦେଉଳ,୬।୧୧(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ଥାନା ଅନ୍ତର୍ଗତ ସାଲେଭଟା ଗ୍ରା.ପ. ପ୍ରତାପପୁର ଗ୍ରାମ କଟାରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ପ୍ରତାପପୁର ଗ୍ରାମର କୁମୁଦ ବୋଇତା(୪୬)। ସୂଚନା ଅନୁସାରେ କୁମୁଦ ଦିନ ମଜୁରିଆ ଭାବେ ରବିବାର କ୍ଷେତକୁ ଧାନ କାଟିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟା ସମୟରେ ଘରକୁ ଭାତ ଖାଇବାକୁ ଯାଉଛି କହି ଚାଲିଯାଇଥିଲେ। ତେବେ ଦୀର୍ଘ ସମୟ ଧରି କ୍ଷେତକୁ ନ ଆସିବାରୁ ଧାନ କାଟୁଥିବା ଅନ୍ୟମାନେ ଖୋଜାଖୋଜି କରିଥିଲେ। ଏପରିସ୍ଥଳେ ସୋମବାର ପରିବାର ଲୋକେ ଗାଁ ମୁଣ୍ଡରେ ଥିବା କଟା ହୁଡ଼ାରେ କୁମୁଦଙ୍କ ଚପଲ ଥିବା ଦେଖି ସନ୍ଦେହରେ ନାକଟିଦେଉଳ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ପାଣି ଭିତରେ ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗାଧୋଇବା ବେଳେ ସେ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଇଛି। ନାକଟିଦେଉଳ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୧୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଜମନକିରା,୬।୧୧(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ ସଦର ମହକୁମାରେ ସୋମବାର ପ୍ରଥମ ଦିନରେ ହ୍ୟୁମାନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଶିବିରରେ ଶହେରୁ ଅଧିକ ସଂଖ୍ୟକ ରୋଗୀଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ହାଇଦ୍ରାବାଦସ୍ଥିତ ହ୍ୟୁମାନ କେୟାର ଫାଉଣ୍ଡେଶନ ପକ୍ଷରୁ ଆଧୁନିକ ପଦ୍ଧତିରେ ଶରୀରର ପ୍ରାୟ ୩୬ ପ୍ରକାର ପରୀକ୍ଷା କରାଯାଉଛି। ଏଥିରେ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ଦଳାଇ, ଡା. ରାଜେଶ କୋଠାରୀ ରୋଗୀଙ୍କ ପରୀକ୍ଷା ନିରୀକ୍ଷା କରିଥିବା ବେଳେ ରୁପେଶ କୁମାର, ସୁନିଲ ଗିଟେ, ଟି ଭି ରାଜୁ ସହଯୋଗ କରୁଛନ୍ତି। ଏହି ଶିବିର ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।

### ଶ୍ରୀରାମ କବାଡ଼ି: ସମଲେଶ୍ୱରୀ କ୍ଲବ ଚାମ୍ପିୟନ

**ରେଙ୍ଗାଲି,୬।୧୧(ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ରେଙ୍ଗାଲି ମହାବୀର ଛକ ନିକଟରେ ଦୁଇଦିନିଆ ରାତ୍ରକାଳୀନ ଶ୍ରୀରାମ କବାଡି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଧାନପାଲି ସମଲେଶ୍ୱରୀ କ୍ଲବ ରେଙ୍ଗାଲି ରାମସେନା କବାଡି ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ୭ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ରାମସେନା ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଓ ଭାଜପା ଯୁବନେତା ଉତ୍ତମ ବିଶ୍ୱାଳ, ନବୀନ ପଧାନ, ଖବରଦାତା ନରେଶ ମାହାଣା, ସୁବ୍ରତ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଙ୍ଗାଲି ରାମ ସେନା ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ରାମସେନାର ସଭାପତି ନୀତିଶ ଅଗ୍ରୱାଲଙ୍କ ସହ ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ତ୍ରିରଙ୍ଗା କ୍ଲବ ଚାମ୍ପିୟନ

**କୁଚିଣ୍ଡା,୬।୧୧ (ବିରଞ୍ଚି ଦର୍ଜୀ):** ବାମରା ବ୍ଲକ କିନାବଗା ପଞ୍ଚାୟତର ଦଲକିବାହାଲରେ ଫୌଜି କ୍ଲବ ପକ୍ଷରୁ ୫ଦିନ ଧରି ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ ଟିମ୍ ଭାଗ ନେଇଥିବାବେଳେ କିଷାନ ଆଣ୍ଡ କିଷାନ କ୍ଲବ ଓ ତ୍ରିରଙ୍ଗା କ୍ଲବ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ତ୍ରିରଙ୍ଗା କ୍ଲବ ଚାମ୍ପିୟନ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓଡିଶା କେନ୍ଦୁପତ୍ର କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତି ମୁଖ୍ୟଅତିଥି, ଓଡ଼ିଶା ପର୍ଯ୍ୟଟନ ବିଭାଗ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ମୁଖ୍ୟବକ୍ତା, ଆମ ଓଡ଼ିଶା ନବୀନ ଓଡ଼ିଶା ବାମରା ବ୍ଲକ ପର୍ଯ୍ୟବେକ୍ଷକ ମିଳନ ଖୁଣ୍ଟିଆ, ଜିଲାପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସମିତି ସଭ୍ୟା ବିଶାଖା ମାଝି, ରାଜଗାଙ୍ଗପୁର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଇର୍ଫାନ, ବିଜେଡି ଯୁବନେତା ସୁଶିଲ ପ୍ରସାଦ, ବିଜୁ ଯୁବ ଜନତା ଦଳ ଜୋନ ସମ୍ପାଦକ ବିକାଶ ସାହୁ, ବିଜୁ ଜନତା ଛାତ୍ର ଉପସଭାପତି ସୁମିତ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ଅତିଥିଗଣ କରିଥିଲେ।

# ଏତଲା କପି ପୋଡ଼ିଲା କୃଷକ ସଙ୍ଗଠନ

**ଚାଷୀ ଆନ୍ଦୋଳନକାରୀଙ୍କ ବିରୋଧରେ ମିଛ ମାମଲା ପ୍ରତ୍ୟାହାର ଦାବି**

**ସମ୍ବଲପୁର,୬।୧୧(ପ୍ରମୋଦ ବହିଦାର)**

୨୦୨୦-୨୧ରେ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ନୀତି ବିରୋଧରେ ହୋଇଥିବା ଚାଷୀ ଆନ୍ଦୋଳନରେ ମିଛ ମାମଲାରେ ଗିରଫ ଚାଷୀଙ୍କୁ ତୁରନ୍ତ ଖଲାସ କରିବାକୁ ସମ୍ବଲପୁରର ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ନେଲସନ୍ ମଣ୍ଡେଲା ଛକରେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି, ଜିଲା କୃଷକ ସୁରକ୍ଷା ସଙ୍ଗଠନ ଆଦି ଚାଷୀ ସଂଗଠନ ଏକାଠି ହୋଇ ଆନ୍ଦୋଳନରେ ସାମିଲ ଚାଷୀଙ୍କ ବିରୋଧରେ ରୁଜୁ ମିଛ ମାମଲା ପ୍ରତ୍ୟାହାର ଦାବି ସହ ଉକ୍ତ ଏତଲା କପିଗୁଡ଼ିକୁ ପୋଡ଼ିଥିଲେ।

ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ସଂଯୋଜକ ବ୍ୟୋମକେଶ ଠାକୁର କହିଛନ୍ତି, ବିଗତ ଦିନରେ କେନ୍ଦ୍ର ସରକାରଙ୍କ ଉକ୍ତ ଚାଷୀ ବିରୋଧୀ କୃଷି ବିଲ୍‌କୁ ଦେଶସାରା ବିରୋଧ



ଏତଲା କପି ପୋଡୁଛନ୍ତି ସଂଗଠନ କର୍ମକର୍ତ୍ତା।

କରାଯାଇଥିଲା। କେନ୍ଦ୍ର ସରକାର ଚାଷୀଙ୍କ ସହିତ ଆଲୋଚନା କରି ସମାଧାନର ବାଟ ବାହାର କରିବା ପରିବର୍ତ୍ତେ ଚାଷୀଙ୍କ ବିରୋଧରେ ମିଛ ମାମଲା ରୁଜୁ କରି ସେମାନଙ୍କୁ ଜେଲ୍‌ରେ ପୂରାଇ ଦେଇଥିଲେ। ଏପରି କି ଖବର ପ୍ରସାରଣ କରିଥିବା ଗଣମାଧ୍ୟମ ପ୍ରତିନିଧି, ସମର୍ଥନ କରିଥିବା ଶ୍ରମିକ ତଥା ସଧାରଣ ଜନତାଙ୍କ ବିରୋଧରେ ଦେଶଦ୍ରୋହ ଭଳି ମିଥ୍ୟା ଅଭିଯୋଗରେ ଜେଲ୍‌କୁ ପଠାଇ ଦିଆଯାଇଥିଲା। ଏହା ବିରୋଧରେ ଦେଶ ତଥା ରାଜ୍ୟର ସମସ୍ତ ଜିଲା ସଦର ମହକୁମାରେ ବିଭିନ୍ନ ଚାଷୀ ସଙ୍ଗଠନ ଏହି ଆନ୍ଦୋଳନ ସହ ଏତଲା କପି ପୋଡ଼ି କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପର ପ୍ରତିବାଦ କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲା ଚାଷୀ ସୁରକ୍ଷା ସମିତି ସଭାପତି ଉମେଶ ମିଶ୍ର, ଚାଷୀ ସୁରକ୍ଷା ସମିତର ପୂର୍ବତନ ସଭାପତି ମୁରାରୀ ପୁରୋହିତ, ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମିତି ଉପସଭାପତି ସୁଶାନ୍ତ ପଣ୍ଡା ଓ ବିପିନ ଭୋଏ, ଜିଲା ଚାଷୀ ସମନ୍ୱୟ ସମିତି ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶା ଚାଷୀ ସମନ୍ୱୟ ସମିତି ସଂଯୋଜକ ବ୍ୟୋମକେଶ ଠାକୁରଙ୍କ ସମେତ ଭୈରବ ପ୍ରଧାନ, ବିଭୁ ପଟ୍ଟନାୟକ, ଅଶ୍ୱିନୀ ହୋତା, ଯୋଗେଶ ଭୋଇ ପ୍ରମୁଖ ବହୁ ଚାଷୀ ଯୋଗ ଦେଇଥିଲେ।

### ଗିରିଶ ପଟେଲ ପୁଣିଥରେ ଭାଜପା ଜିଲା ସଭାପତି ନିଯୁକ୍ତ

**ସମ୍ବଲପୁର,୬।୧୧ (ଭବାନୀ ଶଙ୍କର ଭୋଇ)**

ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ବିଭିନ୍ନ ଜିଲାର ନୂତନ ଜିଲା ସଭାପତିଙ୍କ ତାଲିକା ପ୍ରକାଶ କରାଯାଇଛି। ଗିରିଶ ପଟେଲଙ୍କୁ ପୁଣିଥରେ ସମ୍ବଲପୁର ଜିଲା ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଗତ ୪ ବର୍ଷ ହେବ ସେ ଦଳର ଜିଲା ସଭାପତି ଭାବରେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦଳ ତାଙ୍କ ଉପରେ ପୁଣିଥରେ ଆସ୍ଥା ପ୍ରକଟ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି। ଦଳକୁ ଆହୁରି ସଙ୍ଗଠିତ କରି ଜିଲାର ୪ ବିଧାନସଭା ଓ ସମ୍ବଲପୁର ଲୋକ ସଭାରେ କିଭଳି ବିଜୟ ଲାଭ କରିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଉଛି। ଆଗାମୀ ଦିନରେ ସବୁ ମତାନ୍ତରକୁ ଦୂରକରି ସମସ୍ତଙ୍କୁ ନେଇ ସଙ୍ଗଠନକୁ ମଜବୁତ କରାଯିବ ବୋଲି ପଟେଲ କହିଛନ୍ତି।

## ଭାଗନେଲେ ୧ହଜାର ପ୍ରତିଯୋଗୀ

**ବିକାଶରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ**

**ସମ୍ବଲପୁର,୬।୧୧(ବି.ଶଙ୍କର)**

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଖେଳପଡ଼ିଆରେ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଆଇସିଆଇସିଆଇ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଅରିନ୍ଦମ ବାନର୍ଜି ମୁଖ୍ୟଅତିଥି ଭାବରେ ଯୋଗଦେଇ ମଶାଲ ନିର୍ବାପିତ କରିଥିଲେ। କ୍ରୀଡା ସଂଗଠକ ରଞ୍ଜିତ ମିଶ୍ର ସମ୍ମାନିତ ଅତିଥି ଥିଲେ। ବିକାଶ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ସମ୍ବଲପୁର ବିକାଶ ଗ୍ରୁପ ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ଗୀତିକା ଚୌଧୁରୀ, ଡ. ଚନ୍ଦ୍ର ଶେଖର ଖୁଣ୍ଟିଆ ଯୋଗଦେଇ ଛାତ୍ର ଜୀବନରେ ଖେଳର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ଅତିଥି ପରିଚୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ସ୍ୱାଗତ ଭାଷଣ ଦେଇଥଲେ। ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଭିନ୍ନ ଇଭେଣ୍ଟରେ କୃତିତ୍ୱ ହାସଲ କରିଥିବା ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରେମରାଜ ବଘାର, ବଦ୍ରିନାରାୟଣ ପୁରୋହିତ, ରାଜେନ୍ଦ୍ର କୁମାର ବେହେରା, ସୁଥାମ ବିଶ୍ୱାସ, ଶୁଭମ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସଂଗୀତ ଶିକ୍ଷକ ଲବ ଭୂୟାଁ ଓ ନବ କୁମାର ଦାସ, ନୃତ୍ୟ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ପ୍ରୀତମ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାଙ୍କ କ୍ରୀଡ଼ା କୌଶଳ ପ୍ରଦର୍ଶନ।

### ସିଦ୍ଧେଶ୍ୱରୀ ଧର୍ମ ସଂସଦର କର୍ମକର୍ତ୍ତା ନିର୍ବାଚନ

**ସମ୍ବଲପୁର, ୬।୧୧ (ବି.ଶଙ୍କର):** ସମ୍ବଲପୁର ସିଦ୍ଧେଶ୍ୱରୀ ଧର୍ମ ସଂସଦର କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା ଡା. ରାଜାରାମ ଷଡ଼ଙ୍ଗୀଙ୍କ ପରିଚାଳନାରେ ନିର୍ବାଚନ ପ୍ରକ୍ରିୟା ହୋଇଥିଲା। ସଭାପତି ଭାବେ ଗୋପୀନାଥ ଷଡ଼ଙ୍ଗୀ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ଓ ଅମିୟ ପାଣି, ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ସହ ସମ୍ପାଦିକା ସବିତା ମିଶ୍ର, କାର୍ଯ୍ୟକାରୀ କମିଟିରେ ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ଶଙ୍କର୍ଷଣ ଆଚାର୍ଯ୍ୟ, ଦୁଷ୍ମନ୍ତ ସାହୁ, ଜନ୍ମେଜୟ ବାବୁ ରହିଛନ୍ତି।

### ଆଦର୍ଶ ବିଦ୍ୟାଳୟକୁ ବସ୍ ଯୋଗାଇବା ଦାବି

**ସମ୍ବଲପୁର,୬।୧୧(ବି.ଶଙ୍କର)**

ସମ୍ବଲପୁର ଜିଲାର ପରମାଣପୁର ନୂଆମୁଣ୍ଡାଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ବସ୍ ଯୋଗାଇଦେବାକୁ ଦାବି ହୋଇଛି। ଏ ନେଇ ଠେମରା, ମଠପାଲି, ସିନ୍ଦୂରପଙ୍କ, ମାନେଶ୍ୱରର ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ, ପରମାଣପୁର ନୂଆମୁଣ୍ଡାଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ଉକ୍ତ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ପାଠ ପଢିବାକୁ ଯିବାପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଆଉ ଗୋଟିଏ ବସ୍ ସେବା ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ନିର୍ମାଣାଧୀନ ରାସ୍ତା ତଦାରଖ କଲେ ଅଧିକାରୀ

**ସମ୍ବଲପୁର,୬।୧୧(ବି.ଶଙ୍କର):** ଯୁଯୁମୁରା ବ୍ଲକ ଟାମ୍ପରଗଡ଼ ଗ୍ରାମପଞ୍ଚାୟତର ଟାମ୍ପରଗଡ଼ -ବଲାରମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣାଧୀନ ରହିଛି। ୭କିମି ଦୈର୍ଘ୍ୟ ଏହି ରାସ୍ତାକୁ ସୋମବାର ସମ୍ବଲପୁର ଜିଲା ଆରଡ଼ି କାର୍ଯ୍ୟାଳୟର ଏସ୍‌ଡିଓ ରାଜକୁମାର ମେହେର ପରିଦର୍ଶନ କରି କାର୍ଯ୍ୟର ମାନ ଯାଞ୍ଚ କରିଥିଲେ। ଏହି ସମୟରେ ଟାମ୍ପରଗଡ ଗ୍ରାମପଞ୍ଚାୟତ ସରପଞ୍ଚ କ୍ଷିରୋଦ ରାଉଳ ଉପସ୍ଥିତ ଥିଲେ।

## ସଂସ୍କୃତ ଭାଷା ଦ୍ୱାରା ମାନବ ସମାଜର ବିକାଶ ସମ୍ଭବ

**ଜିଏମ୍‌ୟୁ ସଂସ୍କୃତ ବିଭାଗର ଅଗ୍ରଗାମୀ କାର୍ଯ୍ୟକ୍ରମ**

**ସମ୍ବଲପୁର,୬।୧୧(ବି.ଶଙ୍କର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସଂସ୍କୃତ ବିଭାଗର ଅଗ୍ରଗାମୀ କାର୍ଯ୍ୟକ୍ରମ ବରଗଡ ଜିଲାର କୁଲତାପାଲି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଜିଏମ୍‌ୟୁର ୭୦ ଜଣ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଛାତ୍ରୀଛାତ୍ର କୁଲତାପାଲି ଗ୍ରାମରେ ପହଞ୍ଚିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଡ. ସୁନେଲୀ ଦେଈ, ଆସିଷ୍ଟାଣ୍ଟ ପ୍ରଫେସର ସସ୍ମିତା ପତି, ଅତିଥି ଅଧ୍ୟାପିକା ପ୍ରଣତି ବଡେଇ, ସଂସ୍କୃତ ଭାରତୀର ଅଧ୍ୟକ୍ଷ ବୃନ୍ଦ ଏବଂ ଗ୍ରାମର ଅଧ୍ୟକ୍ଷଙ୍କ ନେତୃତ୍ୱରେ ଗ୍ରାମରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ସଂସ୍କୃତ ଜୀବନ ସାର୍ଥକ ଜୀବନ ବିଷୟ ଆଧାରରେ ଗ୍ରାମର ଅଧ୍ୟକ୍ଷ ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସଂସ୍କୃତ ଭାରତୀର ବରଗଡ ଜନପଦ ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମା’ ଗାୟତ୍ରୀ ସଂକ୍ରାନ୍ତି ସଂସ୍ଥାନର ଅଧ୍ୟକ୍ଷ ଗିରିଧାରୀ ବାରିକ ବେଦ, ଭାଗବତ, ପୁରାଣ, ଶ୍ରୀମଦ୍ ଭଗବତ ଗୀତାର ମହତ୍ତ୍ୱ ପ୍ରକାଶ କରିଥିଲେ। ସଂସ୍କୃତ ଭାଷା ଦ୍ୱାରା ମାନବ ସମାଜର ବିକାଶ ସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ଭାରତୀର ଉତ୍କଳ ପ୍ରାନ୍ତର ଅଧ୍ୟକ୍ଷ ଆୟୁଷ୍ମାନ ଷଡଙ୍ଗୀ, ଗ୍ରାମ କମିଟି ଉପାଧ୍ୟକ୍ଷ ଆନନ୍ଦ ପ୍ରଧାନ ବକ୍ତବ୍ୟ ରଖିଥିଲେ। କୁଲତାପାଲିର ସନ୍ଧ୍ୟା ସାହୁ, ଗୋପାଳପୁରର ସାବିତ୍ରୀ ବଡେଇ, ଭୁମାଲପାଲିର ଭୀମସେନ ବାରିକଙ୍କ ସମେତ ସଂସ୍କୃତ ଭାରତୀର ସଭ୍ୟମାନେ ଉପସ୍ଥିତ ଥିଲେ।

## ତଣ୍ଡାବିରା ପ୍ରଗଣା ଚଷା ମହାସଭା ବୈଠକ



ବୈଠକରେ ଉପସ୍ଥିତ ଚଷା ମହାସଭା ସଦସ୍ୟମାନେ।

**ନାକଟିଦେଉଳ,୬।୧୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ତଣ୍ଡାବିରା ପ୍ରଗଣା ଚଷା ମହାସଭାର ଏକ ବୈଠକେ ରବିବାର ଶିମିଳିପାଳ ପଞ୍ଚାୟତ କାଉଁଶୀପାଳ ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଭା ସଭାପତି ମୁଳିଆ ରାଉଳ ଅଧ୍ୟକ୍ଷତା କରିଥିଲେ। ଚଷା ସମାଜର ସାମାଜିକ ଚଳଣି ଓ ରୀତିନୀତି ଉପରେ ଆଲୋଚନା କରାଯାଇଥିଲା। ଚଷା ପରିବାରର ମହିଳାମାନଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଉଥିବା ହେତୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ ମହାସଭାର ସଂଗଠନକୁ ସୁଦୃଢ କରାଯିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଯତିନ୍ଦ୍ର ପ୍ରଧାନ, ବାସୁଦେବ ସ୍ୱାଇଁ, ନିମାଇଁ ଚରଣ ରାଉଳ, ରାକେଶ ପ୍ରଧାନ, ପୁଲିନ କୁମାର ସାହୁ, ବିଶ୍ୱନାଥ ସାହୁ, ବିଶ୍ୱାମିତ୍ର ପ୍ରଧାନ, ପୁରୁଷୋତ୍ତମ ପ୍ରଧାନଙ୍କ ସମେତ ପ୍ରଗଣା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ସଭ୍ୟ ଯୋଗଦେଇଥିଲେ।

## ହାତୀ ଉପଦ୍ରବ: କ୍ଷତିଗ୍ରସ୍ତଙ୍କୁ ଆବାସ ଯୋଜନାରେ ସାମିଲ ଦାବି

**ସମ୍ବଲପୁର,୬।୧୧(ବି.ଶଙ୍କର)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତରେ ବଣୁଆ ହାତୀ ଉପଦ୍ରବରେ ଗରିବ ଲୋକମାନଙ୍କ ଘର ଭାଙ୍ଗୁଛି। କ୍ଷତିଗ୍ରସ୍ତ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ତିଆରି ପାଇଁ ସୁଯୋଗ ଦେବାକୁ ସୋମବାର ସମ୍ବଲପୁର ଜିଲାପାଳଙ୍କଠାରେ ଦାବି କରାଯାଇଛି । ଝାଙ୍କରପାଲି ପଞ୍ଚାୟତର ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ମିର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି କହିଛନ୍ତି ଯେ, ଏକବର୍ଷ ମଧ୍ୟରେ ବଣୁଆ ହାତୀ ଉପଦ୍ରବରେ ଝାଙ୍କରପାଲି ପଞ୍ଚାୟତର ଠରଲି, ତୂରିପଡା, ଭବାନିପାଲି, ରୁଗୁଡିପଡା, ଡାହାରୁପଡାରେ ୧୦ ଜଣଙ୍କ ଘର ଭାଙ୍ଗିଛି। ଏହି ସମସ୍ତ ଲୋକ ଗରିବ ଶ୍ରେଣୀର ହୋଇଥିବାରୁ ଏମାନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ।

## ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ ସମନ୍ୱୟ କମିଟି ବୈଠକ

**କୁଚିଣ୍ଡା,୬।୧୧(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲାର କୁନ୍ତରାଠାରେ ରବିବାର କଂଗ୍ରେସ ପକ୍ଷରୁ କୁଚିଣ୍ଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଖଡୁନାଥ ପିଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଦିଲିପ କିଷାନ, ଏଲ୍‌ଡିଏମ୍ କୋଅର୍ଡିନେଟର ବିରେନ୍ଦ୍ର ମହାକୁଳ, କୁଚିଣ୍ଡା ବ୍ଲକ ସଭାପତି ଲବଣୀଧର ନାଏକ, ଜମନକିରା ବ୍ଲକ ସଭାପତି କେଦାରନାଥ ବରିହା, ବାମରା ଟାଉନ ସଭାପତି ପ୍ରଶାନ୍ତ ଶତପଥି, କୁଚିଣ୍ଡା ନଗର ସଭାପତି ଅଖିଳ ପ୍ରତାପ ସିଂ, ଜିଲା ସେବାଦଳ ପ୍ରମୁଖ କିଶୋର ନାଏକ, ଛାତ୍ର କଂଗ୍ରେସ ସଭାପତି ଆଶିଷ ସିଂ, ବରିଷ୍ଠ ନେତା ନବୀନ ଚନ୍ଦ୍ର ନାଏକ, ସିଦ୍ଧେଶ୍ୱର ପଣ୍ଡା, ଯଦୁମଣି ମହାକୁଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ କରି ଆଗାମୀ ନିର୍ବାଚନରେ ଦଳର ଉତ୍ତମ ପ୍ରଦର୍ଶନ କରିବାକୁ ଆଲୋଚନା ହୋଇଥିଲା।



ବୈଠକରେ ଦଳୀୟ ନେତୃବୃନ୍ଦ।

## ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ

**ଗୁହାଳ ପାଇଁ ୧୯୧ଚାଷୀଙ୍କୁ କାର୍ଯ୍ୟାଦେଶ**

**କୁଚିଣ୍ଡା,୬।୧୧(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦନ ସମବାୟ ସଂଘ ଲିଃ ପକ୍ଷରୁ କୁଚିଣ୍ଡା ବ୍ଲକ ବକ୍ସମା ରାଜୀବ ଭବନଠାରେ ତିନିଦିନ ଧରି ଚାଲିଥିବା ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୁଗ୍ଧ ଉତ୍ପାଦନ ମହିଳା ସମବାୟ ସମିତି ସାଧାରଣ ପରିଚାଳକ ସରୋଜ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡିଓ ଆରୁଗୁଲା ସ୍ନେହା (ଆଇଏଏସ୍),ଏବିଡିଓ ସହଦେବ ନନ୍ଦ, କୁଚିଣ୍ଡା ଏସ୍‌ଡିଭିଓ ଡା. ମୋହନ ମାଣିଆ, ବିଭିଓ ସବିତା ଲାକ୍ରା, କୁଚିଣ୍ଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକ, ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ଦୁଗ୍ଧ ଉତ୍ପାଦନ ସମବାୟ ସଂଘ ଡାଇରେକ୍ଟର ଉର୍ମିଳା ଠାକୁର, ପଦ୍ମାବତୀ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ଗୁହାଳ ପାଇଁ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗାଈ ଋଣ ନେଇ କିଭଳି ଚାଷୀମାନେ ଉପକୃତ ହୋଇପାରିବେ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହାସହ ଚାଷୀମାନେ ଅଧିକ ଗୋପାଳନ କରି ଦୁଗ୍ଧ ସମବାୟ ସମିତିକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଚିଣ୍ଡା ବ୍ଲକ ଦୁଗ୍ଧ ଉତ୍ପାଦନ ମହିଳା ସମବାୟ ସମିତିର ୧୯୧ଜଣ ଚାଷୀଙ୍କୁ ଗୁହାଳଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବକ୍ସମା ଦୁଗ୍ଧ ଉତ୍ପାଦନ ମହିଳା ସମବାୟ ସମିତି ଅଧୀନସ୍ଥ କୁଚିଣ୍ଡା ଓ ଜମନକିରା ବ୍ଲକର ୨୫ଗୋଟି ସମିତିର ୪୫୦ଜଣ କର୍ମକର୍ତ୍ତା ଯୋଗଦେଇଥିଲେ। ଶନିବାର କାର୍ଯ୍ୟକ୍ରମରେ ବକ୍ସମା ସୁପରଭାଇଜର ରାଜେନ୍ଦ୍ର ସାହୁ ଓ ସରୋଜିନୀ ବାରିକ, ନାକଟିଦେଉଳ ସୁପରଭାଇଜର ଅମୂଲ୍ୟ ଓଝା ପ୍ରମୁଖ ଯୋଗଦେଇ ୭୦ଜଣ ସଭ୍ୟାଙ୍କୁ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଉପରେ ତାଲିମ ପ୍ରଦାନ କରିଥିଲେ। ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଭିଓ ସବିତା ଲାକ୍ରା, ଦୁଗ୍ଧ ଉତ୍ପାଦନ ସମବାୟ ସଂଘ ଡାଇରେକ୍ଟର ଉର୍ମିଳା ଠାକୁର, ଡିପୁପଡା ସୁପରଭାଇଜର ସନ୍ତୋଷ ଦେହୁରି, ମାଲିଡିହି ସୁପରଭାଇଜର ବିଷ୍ଣୁ ପ୍ରସାଦ ଗନ୍ଧା ଓ ବକ୍ସମା ସୁପରଭାଇଜର ସରୋଜିନୀ ବାରିକ ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇଥିଲେ। କୁଚିଣ୍ଡା ବିଭିଓ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଠାକୁରନିକ୍ରିମାଲ ଗ୍ରାମରେ ଏକ ଗୋବନ୍ଧ୍ୟା ସେବା ଓ ନିରାକରଣ ଶିବିର ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଦୁଇ ଶାବକ ସହ ବୁଲୁଛି ବାଘୁଣୀ, ଲୋକେ ଆତଙ୍କିତ

ନୂଆପଡ଼ା,୬ା୧୧(ମକାରୁ ବେମାଲ) ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଓ ଭରୁଅମୁଣ୍ଡା ଅଞ୍ଚଳର ବିଭିନ୍ନ ଗାଁରେ ବାଘ ଆତଙ୍କ ଦେଖାଦେଇଛି। ଗୋଟିଏ ନୁହେଁ ବାଘୁଣୀ ସହ ଦୁଇ ଶାବକ ବୁଲୁଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ଦୁଇ ଦିନ ତଳେ ଅଣ୍ଡିରା ବାଘକୁ ବନ ବିଭାଗ କାବୁ କରିଥିବା ବେଳେ ବାଘୁଣୀ ଏକା ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ସୋମବାର ରାତିରେ କୋଡୋପାଲି, ଧରମାବନ୍ଧା ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ଦ୍ୱରା ପରିଚାଳିତ ଉଚ୍ଚ ବିଦ୍ୟାଳୟ ଅଞ୍ଚଳରେ ମା' ସହ ଦୁଇ ଶାବକ ବୁଲୁଥିବା ଲୋକେ ଦେଖି ଆତଙ୍କିତ ହୋଇ ପଡିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ଅନୁଧାନ କରୁଛନ୍ତି। କୌଣସି ଏକ ଅଘଟଣ ଘଟିବା ପୂର୍ବରୁ ବନ ବିଭାଗ ସହ ଜିଲା ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଦାବି ହେଉଛି।

### ନୂଆପଡ଼ା-ଛତିଶଗଡ଼ ପୋଲିସ ପକ୍ଷରୁ ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

ନୂଆପଡ଼ା,୬ା୧୧(ମକାରୁ ବେମାଲ) ଛତିଶଗଡର ବିଧାନସଭା ନିର୍ବାଚନ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ରାସ୍ତାରେ ଯାଞ୍ଚ କଡାକଡ଼ି କରାଯାଉଛି। ନୂଆପଡା ଛତିଶଗଡର ପଡୋଶୀ ଜିଲା ହୋଇଥିବାରୁ ଏକ ମୁକ୍ତ ଓ ନିରପେକ୍ଷ ମୁକ୍ତ ନିର୍ବାଚନ ହୋଇ ପରିଚାଳନାରେ କୌଣସି ବାଧା ସୃଷ୍ଟି ନ ହୁଏ ବୋଲି ଛତିଶଗଡ ଓ ନୂଆପଡା ଜିଲା ପୋଲିସଙ୍କ ମିଳିତ ଉଦ୍ୟମରେ ଏସବୁ ପଦକ୍ଷେପ ନିଆଯାଇଛି ବୋଲି ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ନିର୍ବାଚନ ସମୟରେ ବାମପନ୍ଥୀ ଉଗ୍ରବାଦୀ କିମ୍ବା ମାଓବାଦୀ କୌଣସି ଘଟଣା ଘଟାଇବାକୁ ରୋକିବା ପାଇଁ ଜିଲାର ସୀମାବର୍ତ୍ତୀ ରାସ୍ତା ଖରିଆର ରୋଡ ଜୋଙ୍କ ନଦୀ ପାଖରେ ୨୪ ଘଣ୍ଟା ପୋଲିସ ଯାଞ୍ଚ କରୁଥିବା ବେଳେ ସିନାପାଲି ସୀମାନ୍ତ କୁସୁମଜୋର, ବେଲଟୁକୁରି ଥାନା ଅଧୀନ ଭାଲେଶ୍ୱର-ରେୱା ଓ ଛତିଶଗଡକୁ ପ୍ରବେଶ କରୁଥିବା ସମସ୍ତ ରାସ୍ତାରେ ଯାନବାହନ ଯାଞ୍ଚ କରାଯାଉଛି। ଯାଞ୍ଚ ସମୟରେ ୩୩ଜଣଙ୍କଠାରୁ ୨୫୮.୪ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରି ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମାଓବାଦୀପ୍ରବଣ ଅଞ୍ଚଳ ସୁନାବେଡା ଦେଇ ସଂଯୋଗ କରୁଥିବା ରାସ୍ତାରେ ସିପିଏଫ ଓ ଡିଭିଏଫ ଫୋର୍ସ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି। ସବୁବେଳେ ଛତିଶଗଡ ପୋଲିସ ଓ ଓଡିଶାର ସୂଚନା ଆଦାନ ପ୍ରଦାନ ଚାଲିଛି। ସବୁ ଦିନ ଯାନବାହନ ଯାଞ୍ଚ ହେବା ଦ୍ୱାରା ଅସାମାଜିକ କର୍ଯ୍ୟକଳାପ କମିବା ସହ ଦୁର୍ଘଣା ମଧ୍ୟ କମିଛି। ବର୍ତ୍ତମାନ ପ୍ରତ୍ୟେକ ଦିନ ପୋଲିସ ପକ୍ଷରୁ ଯାଞ୍ଚ କାର୍ଯ୍ୟ ଜାରି ରହିବ ବୋଲି ଏସ୍‌ପି କହିଛନ୍ତି।

# କାର୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

■ କାରରେ ଥିଲେ ଟିଟିଲାଗଡ ଥାନା ଆଇଆଇସି
■ ଗୁରୁତର ଆହତ ମହିଳା, ଆଇଆଇସି ମେଡିକାଲରେ ଭର୍ତ୍ତି
■ ଫେରାର କାର ଡ୍ରାଇଭର ଗିରଫ
■ ଦୁର୍ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା


ଆହତ ଟିଟିଲାଗଡ ଥାନା ଆଇଆଇସି ମନୋଜ ପ୍ରଧାନ।


ଆହତ ପିଙ୍କି ଘିବେଲା।

ବଲାଙ୍ଗୀର, ୬ା୧୧(ବୀରେନ୍ଦ୍ର କୁମାର ଝାଙ୍କର) ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଛତାମଖନା ଛକ ନିକଟରେ ସୋମବାର ଅପରାହ୍ଣରେ କାର୍ (ଓଡି୦୩ୟୁ ୬୯୬୫) ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁଇଁତଳା ଥାନା ଦୁର୍ଗାପାଲି ଗାଁର ପାଲେଶ୍ୱର ଘିବେଲା (୪୭)। ତାଙ୍କ ସ୍ତ୍ରୀ ପିଙ୍କି ଘିବେଲା (୪୨) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଓ ପରେ ସ୍ଥିତି ଉଦ୍‌ବେଗଜନକ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାରରେ ଟିଟିଲାଗଡ ଥାନା ଆଇଆଇସି ମନୋଜ ପ୍ରଧାନ ବସିଥିଲେ। ସେ ମଧ୍ୟ ଆହତ ହୋଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କାର୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିବା ବଲାଙ୍ଗୀର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ଦୁର୍ଗାପାଲି ଗାଁର ପାଲେଶ୍ୱର ଏବଂ ତାଙ୍କ ସ୍ତ୍ରୀ ପିଙ୍କି ଏକ ବାଇକ୍‌ରେ ବଲାଙ୍ଗୀର ପଟରୁ ନିଜ ଗାଁ ଦୁର୍ଗାପାଲି ଫେରୁଥିଲେ। ଛତାମଖନା ଛକ ନିକଟରେ ବରଗଡ କୋର୍ଟ କାମ ସାରି ଟିଟିଲାଗଡ ଥାନା ଆଇଆଇସି ପ୍ରଧାନଙ୍କୁ ନେଇ ଫେରୁଥିବା କାର ପାଲେଶ୍ୱରଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପାଲେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ପିଙ୍କି ଘିବେଲା, ଆଇଆଇସି ପ୍ରଧାନଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଣିଥିଲେ। ହସ୍ପିଟାଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକେ ମୃତ ପାଲେଶ୍ୱର ଏବଂ ଆହତ ପିଙ୍କିଙ୍କୁ ୨୦ ଲକ୍ଷ ଟଙ୍କା ଆର୍ଥିକ କ୍ଷତିପୂରଣ ସହାୟତା ଦେବାକୁ ଦାବି କରିଥିଲେ। ଏହା ସହିତ ଟିଟିଲାଗଡ ଥାନାଧିକାରୀ ପ୍ରଧାନ ନିଜେ ଦୁର୍ଘଟଣା ଘଟାଇଥିବା କାର୍ ଚଳାଉଥିଲେ ନାଁ ଡ୍ରାଇଭର ଚଳାଉଥିଲେ ତଦନ୍ତ କରିବାକୁ ଦାବି କରିଥିଲେ। ଏସ୍‌ଡିପିଓ ତୋଫାନ୍ ବାଗ ଓ ଅନ୍ୟ ପୋଲିସ କର୍ମଚାରୀ ହସ୍ପିଟାଲରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦେଓଗାଁ ନିକଟରେ ଫେରାର ହୋଇଥିବା କାର୍ ଡ୍ରାଇଭର ରାଜା ବେହେରାଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି। ଡ୍ରାଇଭରଙ୍କ ଘର ଟିଟିଲାଗଡ ହାଟପଦାପଡାରେ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସରୋଜ


@ ସିକୁନ


@ ଶୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିପିଏମ୍ ବଦଳି ବନ୍ଦକୁ ନେଇ ବିଡିଓଙ୍କୁ ଦାବିପତ୍ର


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେଓଗାଁ, ୬ା୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ) ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକଙ୍କ ବଦଳି ଓ ମିଶନ ଶକ୍ତି ବିଭାଗରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ତିନିଦିନ ତଳେ ବ୍ଲକ କଂଗ୍ରେସ ଦାବି କରିଥିଲା। ସୋମବାର ଓଡିଶା ଜୀବିକା ମିଶନରେ ପଞ୍ଚାୟତସ୍ତରରେ କାର୍ଯ୍ୟରତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ରମାନେ ବ୍ଲକ ପରିସରରେ ଏକତ୍ରିତ ହୋଇ ବିପିଏମଙ୍କୁ ବଦଳି ନ କରିବାକୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ ଆମ ଓଡିଶା ନବୀନ ଓଡ଼ିଶା ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ଆମେ ସେଥିରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲୁ। ଏଥିରେ ବିପିଏମଙ୍କ କୌଣସି ଦୋଷନାହିଁ ବୋଲି ବିଡିଓଙ୍କୁ କହିଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା,୬ା୧୧ (ଉତ୍ତମ କୁମାର ଦାଶ) ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ସ୍ଥାନୀୟ ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜି.ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୧୬୦ଜଣ ଆବେଦନକାରୀ ନିଜର ଅଭିଯୋଗତ୍‌ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩୪ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା

## 'ପ୍ରଥା' ଚଳଚ୍ଚିତ୍ରକୁ କୋଶଳ ମୁକ୍ତି ମୋର୍ଚ୍ଚାର ବିରୋଧ


କଣ୍ଟାବାଞ୍ଜିରେ ଫିଲ୍ମ ପୋଷ୍ଟରକୁ ପୋଡ଼ାଯାଉଛି।

ଭୁବନେଶ୍ୱର, (ବନ୍ଦନା ସେଠୀ)/ କଣ୍ଟାବାଞ୍ଜି, ୬ା୧୧(ଗୁରୁଦୟାଲ ହଂସ) ଓଲିଉଡ୍‌କୁ ବିବାଦ ପିଛା ଛାଡୁନି। ଅଭିନେତାଙ୍କ ପରେ ପ୍ରଯୋଜକ ବିବାଦ ଏବେ ଅଣ୍ଟା ସଳଖୁଥିବା ଓଡ଼ିଆ ଜଳଚ୍ଚିତ୍ର ଜଗତକୁ ଆହୁରି ଖରାପ ସ୍ଥିତିକୁ ଟାଣି ନେଉଛି। 'ରାମ୍' ପରେ ପୁଣିଏକ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଇଛି। କୋଶଳ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆଲିସାନ୍ ସିନେମା ହଲ୍ ଆଗରେ ପ୍ରତିବାଦ କରିବା ସହ ଚଳଚ୍ଚିତ୍ରର ପୋଷ୍ଟରକୁ ଚିରିଦେଇଛନ୍ତି। ସେମାନେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି କରି ନାନା ନାରାବାଜି ଦେବା ସହ ଚଳଚ୍ଚିତ୍ର ବନ୍ଦ କରିବାକୁ ହଲ୍ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହି ବିରୋଧ କାର୍ଯ୍ୟକ୍ରମରେ କୋଶଳ ମୁକ୍ତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସିଂ, ସୋସିଆଲ ମିଡିଆ ପ୍ରଭାରି ଜିତୁ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ବାରିକ, ଧର୍ମରାଜ ବରିହା, ରାଜ୍ୟ ସଙ୍ଗଠନ ସମ୍ପାଦକ ସଚ୍ଚିକାନ୍ତ ଧରୁଆ, ବାସୁଦେବ ବରିହା, ତପନ ବରିହା, ସୁବାଷ ଧରୁଆ, ପ୍ରକାଶ ବାରିହା ପ୍ରମୁଖ ସାମିଲ ଥିଲେ। ଦୁଇଦିନ ତଳେ ଝାରସୁଗୁଡାରେ ଫିଲ୍ମ 'ପ୍ରଥା' ଏବଂ 'ମାଲ୍ୟଗିରି'କୁ ବିରୋଧ ହୋଇଥିଲା। ତେବେ ପରିସ୍ଥିତିକୁ ଦେଖି

### ରାଜ୍ୟ ସରକାର, ବିତରକଙ୍କ ସହଯୋଗ ଲୋଡ଼ିଲେ ପ୍ରଯୋଜିକା

ଏବେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି 'ପ୍ରଥା' ଚଳଚ୍ଚିତ୍ରର ପ୍ରଯୋଜିକା ସନ୍‌ଲିସା ପଟେଲ। ଚଳଚ୍ଚିତ୍ର ବିତରଣ ବ୍ୟବସ୍ଥାରେ ସମସ୍ୟା ଥିବା ନେଇ ସେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିସହ ଚଳଚ୍ଚିତ୍ରର ରିଲିଜ୍ ନେଇ ଇଣ୍ଡଷ୍ଟ୍ରିରୁ ସହଯୋଗ ମିଳୁ ନ ଥିବା ଅଭିଯୋଗ କରିବା ସହ ଫିଲ୍ମ ରିଲିଜ୍ ନେଇ ସୁସ୍ଥ ବାତାବରଣ ପାଇଁ ସେ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସେହିପରି ଚଳଚ୍ଚିତ୍ର ରିଲିଜ୍ ପାଇଁ ବିତରକଙ୍କ ସହଯୋଗ ଲୋଡିଛନ୍ତି। ତେବେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ରକୁ ନେଇ ବିରୋଧର ସ୍ୱର ଉଠୁଥିବାବେଳେ ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସିନେପ୍ରେମୀମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଓଡ଼ିଶାର ବିଭିନ୍ନ ହଲ୍‌ରେ ଚଳଚ୍ଚିତ୍ର 'ପ୍ରଥା' ରିଲିଜ୍ ହୋଇଥିବାବେଳେ ପ୍ରଥମେ ଝାରସୁଗୁଡାରେ ଏହାକୁ ବିରୋଧ କରାଯାଇଥିଲା। ପୋଷ୍ଟର ଚିରିବା ସହିତ ଚଳଚ୍ଚିତ୍ରକୁ ବ୍ୟାନ୍ କରିବା ପାଇଁ ଦାବି ହୋଇଥିଲା। ସେହିଦିନରୁ ହିଁ ସ୍ଥାନୀୟ ହଲ୍‌ରୁ ଏହି ଚଳଚ୍ଚିତ୍ରକୁ ଉଠାଇ ଦିଆଯାଇଥିଲା।

## ଟାଉନ ବାଳିକା ହାଇସ୍କୁଲରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

■ ଶୃଙ୍ଖଳା ହିଁ ବିକାଶ ଏକମାତ୍ର ବାଟ: ନରସିଂହ ମିଶ୍ର
■ ସ୍ଥାନୀୟ ବରପୁତ୍ରଙ୍କ ବିଷୟରେ ଛାତ୍ରୀଛାତ୍ର ଜାଣିବା ଦରକାର



ବିଧାୟକ ନରସିଂହ ମିଶ୍ର ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର, ୬ା୧୧ (ବୀରେନ୍ଦ୍ର କୁମାର ଝାଙ୍କର) ବଲାଙ୍ଗୀର ଟାଉନ୍ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ସୋମବାର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର ଅନାବରଣ କରିଥିଲେ। ଏହି ଅବସରରେ ସ୍କୁଲରେ ଏକ ସଭା ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ପୁରୀ ସ୍ଥିତ ଉତ୍କଳ ସ୍ୱାଭିମାନ୍ ମଞ୍ଚ ସଭାପତି ରାଧାକାନ୍ତ ଦାଶ, ଉପଦେଷ୍ଟା ବେଲାର ସିଂ ଭୋଇ, ମଞ୍ଚର ଦକ୍ଷିଣ ଓଡିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର ମଞ୍ଚାସୀନ ହୋଇଥିଲେ। ସ୍କୁଲ ଶିକ୍ଷୟିତ୍ରୀ ନଳିନୀ ସାହୁ ସଭା ସଂଯୋଜନା କରିଥିଲେ। ମୃତ୍ୟୁଞ୍ଜୟ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ବିଧାୟକ ମିଶ୍ର କହିଥିଲେ ଯେ, ଶୃଙ୍ଖଳା ହିଁ ବିକାଶର ଏକମାତ୍ର ବାଟ। ଯେଉଁ ଛାତ୍ରୀଛାତ୍ର ଯେତେ ଶୃଙ୍ଖଳିତ ହେବେ ସେମାନେ ଜୀବନରେ ସେତେ ସଫଳ ହେବା ସୁନିଶ୍ଚିତ। ଏଣୁ ଜୀବନରେ ଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦିଅ ବୋଲି କହିଥିଲେ। ଏହି ଅବସରରେ ସେ ଟାଉନ୍ ବାଳିକା ହାଇସ୍କୁଲ ଛାତ୍ରମାନଙ୍କ ଶୃଙ୍ଖଳାକୁ ଭୂୟସୀ ପ୍ରଶଂସା କରିଥିଲେ। ମହାପୁରୁଷ ମାନଙ୍କ ବିଷୟରେ କହିବାକୁ ଯାଇ ସେମାନଙ୍କ ଜୀବନ କିଭଳି ସଂଘର୍ଷମୟ ଏବଂ ଶିକ୍ଷଣୀୟ କହିଥିଲେ। ହାଇସ୍କୁଲ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, ସମ୍ବିଧାନ ପ୍ରଣେତା ବି.ଆର. ଆମ୍ବେଡକର, କୁଳବୃଦ୍ଧ ମଧୁସୂଦନ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାଶ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ବିଧାୟକ ମିଶ୍ର ଏହି ମହାପୁରୁଷଙ୍କ ଜୀବନୀ ବିଷୟରେ କହିବା ସହ ସ୍ଥାନୀୟ ବରପୁତ୍ରଙ୍କ ବିଷୟରେ ମଧ୍ୟ ଅଧିକ ଜାଣିବା ପାଇଁ ଛାତ୍ରୀମାନଙ୍କୁ କହିଥିଲେ। ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମୀ ଆଟଗାଁ ଜମିଦାର ଧରମ୍ ସିଂ ମାଝି ମାନ୍ଧାତା, କପିଳେଶ୍ୱର ପ୍ରସାଦ ନନ୍ଦ, ଯୁଧିଷ୍ଠିର ମିଶ୍ର, ଚିନ୍ତାମଣି ରଥ, ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ବ୍ରଜବିହାରୀ ବହିଦାର, ବିଶିଷ୍ଟ କବିରାଜ ଚତୁର୍ଭୁଜ ରାୟଗୁରୁ, ସମାଜସେବୀ କୃଷ୍ଣଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବାକୁ ଆହ୍ୱାନ ଜଣାଇଥିଲେ। ସ୍କୁଲରେ ମଧ ସ୍ଥାନୀୟ ବରପୁତ୍ରଙ୍କ ବିଷୟରେ ପାଠ ଢ଼ାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଭୋଟର ତାଲିକାରେ ନାମ ସଂଯୋଗ କରିବାକୁ ଆହ୍ୱାନ

### ନୂଆପଡା ଜିଲା ଗସ୍ତରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର

ନୂଆପଡ଼ା,୬ା୧୧(ମକାରୁ ବେମାଲ) ନୂଆପଡା ଜିଲା ଗସ୍ତ କରିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ସ୍ୱତନ୍ତ୍ର ମତଦାତା ସୂଚୀ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ଦଳେଇ। ସଦର ବ୍ଲକ ସାହିପଲା, ଦର୍ଲିମୁଣ୍ଡା, ଗୋଡଫୁଲା ପଞ୍ଚାୟତରେ ବୁଥସ୍ତରୀୟ ଅଧିକାରୀ ଓ ନୂତନ ଭୋଟରଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସମ୍ମିଳନି କକ୍ଷରେ ରାଜ୍ୟ ତଥା ଜାତୀୟସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଭେଟି ଆଲୋଚନା କରି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ବିବରଣୀ ରଖିଥିଲେ। ଅକ୍ଟୋବର ୨୭ରୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ଏଥିରେ ନୂତନ ଭୋଟର ନାମ ତାଲିକା ଭୁକ୍ତ କରି ପାରିବେ, ଭୁଲ ଥିଲେ ସଂଶୋଧନ କରି ପାରିବେ। ଏଥିପାଇଁ ରାଜନୈତିକ ଦଳୀୟ ନେତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମସ୍ତଙ୍କ ସହଯୋଗରେ କେହି ଜଣେ ମଧ ଯୋଗ୍ୟ ନୂତନ ଭୋଟର ମତଦାନ ସାବ୍ୟସ୍ତ କରିବାରୁ ଯେମିତି ବଞ୍ଚିତ ନ ହୁଅନ୍ତି ଏଥିପ୍ରତି ଆରଡିସି ଦଳେଇ ଗୁରୁତ୍ୱ ଦେଇଥିଲେ। ଏଠାରେ ମତଦାତା ସୂଚୀ ସମିକ୍ଷା କରିବା ସହ ନୂତନ ଭୋଟରଙ୍କୁ ଦେଇଥିଲେ। ୧୮ ବର୍ଷ ପୂରଣ କରିଥିବା ଯୁବତୀ ଓ ଯୁବକଙ୍କୁ ନୂତନ ଭୋଟର ତାଲିକାରେ ନାମ ସଂଯୋଗ କରିବାକୁ ଆହ୍ୱାନ କରିଥିଲେ। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ଜିଲାପାଳ ହେମକାନ୍ତ ସାଏ, ଏସ୍‌ପି ଜିଆର ରାଘବେନ୍ଦ୍ର, ଉପଜିଲାପାଳ ସୁବାଷ ଚନ୍ଦ୍ର ରଏତ, ସିଡିଏମଓ ଡା.ସୁଧୀର ରଞ୍ଜନ ନାୟକ, ଏନଏଚଏମ ଡିପିଏମ ଦିଲୀପ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନଙ୍କ ସହ କମିଶନର ଆଲୋଚନା କରୁଛନ୍ତି।

## ଇଣ୍ଟର କଲେଜ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

ଜୁନାଗଡ଼,୬ା୧୧(ସୁନୀଲ କୁମାର ସିଂହ) କଳାହାଣ୍ଡି ଜିଲା ଜୁନାଗଡ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଇଣ୍ଟର କଲେଜ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଶତପଥୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୁତି ମେହେର, ବ୍ୟାଡମିଣ୍ଟନ ପର୍ଯ୍ୟବେକ୍ଷକ ଡ. ସରୋଜ କୁମାର ପଣ୍ଡା, ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ପ୍ରଦୀପ କୁମାର ଦାସ, ପୂର୍ବତନ ନଗରପାଳ ମହେଶ ସାହୁ, ବ୍ୟାଡ଼ମିଣ୍ଟନ ସାଙ୍ଗଠନିକ ସମ୍ପାଦକ ସମୀର ସାହୁ, ନୂଆପଡା କଲେଜ ପିଇଟି ପ୍ରକାଶ କୁମାର ସାହୁ, ଧର୍ମଗଡ଼ ପଞ୍ଚାୟତ କଲେଜ ପିଇଟି ଅଭୟ ବାଗ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ଖେଳ ଶେଷ ସୁଦ୍ଧା ବାଳିକା ବିଭାଗ ଗ୍ରୁପ ମ୍ୟାଚ୍‌ରେ କଳାହାଣ୍ଡି ବିଶ୍ୱଦ୍ୟାଳୟ ଓ ଜୁନାଗଡ଼ ପିରଦର୍ଶିନୀ ଡିଗ୍ରୀ କଲେଜ ଫାଇନାଲକୁ ମନୋନୀତ ହୋଇଛନ୍ତି। ସେହିପରି ବାଳକ ବିଭାଗରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମନୋନୀତ ହୋଇଛନ୍ତି। ବ୍ୟକ୍ତିଗତ ମ୍ୟାଚ୍‌ରେ ବାଳିକା ବିଭାଗରେ ଜୁନାଗଡ଼ ପିଆଇ ଡିଗ୍ରୀ କଲେଜର ପ୍ରମିଳା ଶବର ଓ ରୋଜାଲିନୀ ନାଏକ ଫାଇନାଲକୁ ମନୋନୀତ ହୋଇଥିବାବେଳେ ବାଳକ ବିଭାଗରେ ରାଜପୁର ମୋହନ ପ୍ୟାରୀ ନିଳାମ୍ବର ନେଗି କଲେଜର ଦେବଦତ୍ତ ବାଣୁଆ ଓ ଜୁନାଗଡ଼ ପିଆଇ ଡିଗ୍ରୀ କଲେଜର ସୁବ୍ରତ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଏହି ପ୍ରତିଯୋଗିତା ଉଦଯାପିତ ହେବ। ପ୍ରତିଯୋଗୀତାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୨୨ କଲେଜର ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ବିଜୟୀ ଛାତ୍ରୀଛାତ୍ର ଇଣ୍ଟର ୟୁନିଭର୍ସିଟି ଖେଳିବା ପାଇଁ ଆସନ୍ତା ଡିସେମ୍ବରରେ ନାଗାଲାଣ୍ଡ ଯିବାର କାର୍ଯ୍ୟକ୍ରମ ରହିଛି।



ଉଦଘାଟନୀ ସମାରୋହରେ ଅତିଥି ଗଣ।

## ସଂକ୍ଷେପରେ

### ଦୁଇ ଶାବକ ସହ ବୁଲୁଛି ବାଘୁଣୀ, ଲୋକେ ଆତଙ୍କିତ

ନୂଆପଡ଼ା,୬।୧୧(ମକାରୁ ବେମାଲ)
ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଓ ଭରୁଅମୁଣ୍ଡା ଅଞ୍ଚଳର ବିଭିନ୍ନ ଗାଁରେ ବାଘ ଆତଙ୍କ ଦେଖାଦେଇଛି। ଗୋଟିଏ ନୁହେଁ ବାଘୁଣୀ ସହ ଦୁଇ ଶାବକ ବୁଲୁଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ଦୁଇ ଦିନ ତଳେ ଅଣ୍ଡିରା ବାଘକୁ ବନ ବିଭାଗ କାବୁ କରିଥିବା ବେଳେ ବାଘୁଣୀ ଏକା ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ସୋମବାର ରାତିରେ କୋଡୋପାଲି, ଧରମାବନ୍ଧା ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ଦ୍ୱରା ପରିଚାଳିତ ଉଚ୍ଚ ବିଦ୍ୟାଳୟ ଅଞ୍ଚଳରେ ମା' ସହ ଦୁଇ ଶାବକ ବୁଲୁଥିବା ଲୋକେ ଦେଖି ଆତଙ୍କିତ ହୋଇ ପଡିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ଅନୁଧ୍ୟାନ କରୁଛନ୍ତି। କୌଣସି ଏକ ଅଘଟଣ ଘଟିବା ପୂର୍ବରୁ ବନ ବିଭାଗ ସହ ଜିଲା ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଦାବି ହେଉଛି।

### ନୂଆପଡ଼ା-ଛତିଶଗଡ଼ ପୋଲିସ ପକ୍ଷରୁ ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

ନୂଆପଡ଼ା,୬।୧୧(ମକାରୁ ବେମାଲ)
ଛତିଶଗଡର ବିଧାନସଭା ନିର୍ବାଚନ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ରାସ୍ତାରେ ଯାଞ୍ଚ କଡାକଡ଼ି କରାଯାଉଛି। ନୂଆପଡା ଛତିଶଗଡର ପଡୋଶୀ ଜିଲା ହୋଇଥିବାରୁ ଏକ ମୁକ୍ତ ଓ ନିରପେକ୍ଷ ମୁକ୍ତ ନିର୍ବାଚନ ହୋଇ ପରିଚାଳନାରେ କୌଣସି ବାଧା ସୃଷ୍ଟି ନ ହୁଏ ବୋଲି ଛତିଶଗଡ ଓ ନୂଆପଡା ଜିଲା ପୋଲିସଙ୍କ ମିଳିତ ଉଦ୍ୟମରେ ଏସବୁ ପଦକ୍ଷେପ ନିଆଯାଇଛି ବୋଲି ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ନିର୍ବାଚନ ସମୟରେ ବାମପନ୍ଥୀ ଉଗ୍ରବାଦୀ କିମ୍ୱା ମାଓବାଦୀ କୌଣସି ଘଟଣା ଘଟାଇବାକୁ ରୋକିବା ପାଇଁ ଜିଲାର ସୀମାବର୍ତ୍ତୀ ରାସ୍ତା ଖରିଆର ରୋଡ ଜୋଙ୍କ ନଦୀ ପାଖରେ ୨୪ ଘଣ୍ଟା ପୋଲିସ ଯାଞ୍ଚ କରୁଥିବା ବେଳେ ସିନାପାଲି ସୀମାନ୍ତ କୁସୁମଜୋର, ବେଲଟୁକୁରି ଥାନା ଅଧୀନ ଭାଲେଶ୍ୱର-ରେୱା ଓ ଛତିଶଗଡକୁ ପ୍ରବେଶ କରୁଥିବା ସମସ୍ତ ରାସ୍ତାରେ ଯାନବାହନ ଯାଞ୍ଚ କରାଯାଉଛି। ଯାଞ୍ଚ ସମୟରେ ୩୩ଜଣଙ୍କଠାରୁ ୨୫୮.୪ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରି ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମାଓବାଦୀପ୍ରବଣ ଅଞ୍ଚଳ ସୁନାବେଡା ଦେଇ ସଂଯୋଗ କରୁଥିବା ରାସ୍ତାରେ ସିପିଏଫ ଓ ଡିଭିଏଫ ଫୋର୍ସ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି। ସବୁବେଳେ ଛତିଶଗଡ ପୋଲିସ ଓ ଓଡିଶାର ସୂଚନା ଆଦାନ ପ୍ରଦାନ ଚାଲିଛି। ସବୁ ଦିନ ଯାନବାହନ ଯାଞ୍ଚ ହେବା ଦ୍ୱାରା ଅସାମାଜିକ କର୍ଯ୍ୟକଳାପ କମିବା ସହ ଦୁର୍ଘଣା ମଧ୍ୟ କମିଛି। ବର୍ତ୍ତମାନ ପ୍ରତ୍ୟେକ ଦିନ ପୋଲିସ ପକ୍ଷରୁ ଯାଞ୍ଚ କାର୍ଯ୍ୟ ଜାରି ରହିବ ବୋଲି ଏସ୍‌ପି କହିଛନ୍ତି।

# କାର୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

- କାରରେ ଥିଲେ ଟିଟିଲାଗଡ ଥାନା ଆଇଆଇସି
- ଗୁରୁତର ଆହତ ମହିଳା, ଆଇଆଇସି ମେଡିକାଲରେ ଭର୍ତ୍ତି
- ଫେରାର କାର ଡ୍ରାଇଭର ଗିରଫ
- ଦୁର୍ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା


ଆହତ ଟିଟିଲାଗଡ ଥାନା ଆଇଆଇସି ମନୋଜ ପ୍ରଧାନ।


ଆହତ ପିଙ୍କି ଘିବେଲା

ବଲାଙ୍ଗୀର, ୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)
ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଛତାମଖନା ଛକ ନିକଟରେ ସୋମବାର ଅପରାହ୍ଣରେ କାର୍ (ଓଡି୦୩ୟୁ ୬୯୬୫) ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁଇଁତଳା ଥାନା ଦୁର୍ଗାପାଲି ଗାଁର ପାଲେଶ୍ୱର ଘିବେଲା (୪୭)। ତାଙ୍କ ସ୍ତ୍ରୀ ପିଙ୍କି ଘିବେଲା (୪୨) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଓ ପରେ ସ୍ଥିତି ଉଦ୍‌ବେଗଜନକ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାରରେ ଟିଟିଲାଗଡ ଥାନା ଆଇଆଇସି ମନୋଜ ପ୍ରଧାନ ବସିଥିଲେ। ସେ ମଧ୍ୟ ଆହତ ହୋଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କାର୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିବା ବଲାଙ୍ଗୀର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ଦୁର୍ଗାପାଲି ଗାଁର ପାଲେଶ୍ୱର ଏବଂ ତାଙ୍କ ସ୍ତ୍ରୀ ପିଙ୍କି ଏକ ବାଇକ୍‌ରେ ବଲାଙ୍ଗୀର ପଟରୁ ନିଜ ଗାଁ ଦୁର୍ଗାପାଲି ଫେରୁଥିଲେ। ଛତାମଖନା ଛକ ନିକଟରେ ବରଗଡ କୋର୍ଟ କାମ ସାରି ଟିଟିଲାଗଡ ଥାନା ଆଇଆଇସି ପ୍ରଧାନଙ୍କୁ ନେଇ ଫେରୁଥିବା କାର ପାଲେଶ୍ୱରଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପାଲେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ପିଙ୍କି ଘିବେଲା, ଆଇଆଇସି ପ୍ରଧାନଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଣିଥିଲେ। ହସ୍ପିଟାଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକେ ମୃତ ପାଲେଶ୍ୱର ଏବଂ ଆହତ ପିଙ୍କିଙ୍କୁ ୨୦ ଲକ୍ଷ ଟଙ୍କା ଆର୍ଥିକ କ୍ଷତିପୂରଣ ସହାୟତା ଦେବାକୁ ଦାବି କରିଥିଲେ। ଏହା ସହିତ ଟିଟିଲାଗଡ ଥାନାଧିକାରୀ ପ୍ରଧାନ ନିଜେ ଦୁର୍ଘଟଣା ଘଟାଇଥିବା କାର୍ ଚଳାଉଥିଲେ ନାଁ ଡ୍ରାଇଭର ଚଳାଉଥିଲେ ତଦନ୍ତ କରିବାକୁ ଦାବି କରିଥିଲେ। ଏସ୍‌ଡିପିଓ ତୋଫାନ୍ ବାଗ ଓ ଅନ୍ୟ ପୋଲିସ କର୍ମଚାରୀ ହସ୍ପିଟାଲରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦେଓଗାଁ ନିକଟରେ ଫେରାର ହୋଇଥିବା କାର୍ ଡ୍ରାଇଭର ରାଜା ବେହେରାଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି। ଡ୍ରାଇଭରଙ୍କ ଘର ଟିଟିଲାଗଡ ହାଟପଦାପଡାରେ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସରୋଜ


@ ସିକୁନ


@ ଶୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡିପ୍ଲୋମା ଇଞ୍ଜିନିୟର ସଂଘର ବାର୍ଷିକ ବୈଠକ


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ।

ସୋନପୁର,୬।୧୧(ମୃତ୍ୟୁଞ୍ଜୟ ଶତପଥୀ)
ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ବାର୍ଷିକ ସାଧାରଣ ବୈଠକ ସୋନପୁର ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଇଂ ମହମ୍ମଦ ସରିଫ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଇଂ ସୁଧୀର ବାରିକ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଂଗଠନିକ ସ୍ଥିତି ଓ ବିଭାଗୀୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ସଂଘ ପକ୍ଷରୁ ୮ଟି ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ବୈଠକରେ ଜିଲାର ବିଭିନ୍ନ ବିଭାଗରେ କାର୍ଯରତ ଇଞ୍ଜିନିୟରମାନେ ଯୋଗ ଦେଇଥିଲେ। ପରେ ୨୦୨୩-୨୪ ବର୍ଷ ପାଇଁ ଜିଲା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ଭାବେ ଇଂ ବିଶ୍ୱଜିତ ଦାଶ, ସଭାପତି ମହମ୍ମଦ ଅହମ୍ମଦ ସରିଫ୍, ଉପସଭାପତି ଇଂ ବିକାଶ ତରାଇ, ସମ୍ପାଦକ ଇଂ ରାଜେନ୍ଦ୍ର କୁମାର ମଣ୍ଡଳ, ସହ ସମ୍ପାଦକ(ଅର୍ଥ) ଇଂ ଏ କୁମାର ମୂର୍ତ୍ତି, ସହ ସମ୍ପାଦକ(ସଂଗଠନ) ଇଂ ମୁକ୍ତେଶ୍ୱର ମାଝୀ, ଅଡିଟର ଇଂ ମଳୟ ଭୋଇ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଇଂ ମଞ୍ଜୁଲତା ଗୌଡ, ଅର୍ଚ୍ଚନା ବିଶ୍ୱାଳ, ଦେବଦତ୍ତ ବେହେରା, ଶ୍ରଦ୍ଧାନନ୍ଦ ଦାଶ, ପ୍ରଫୁଲ୍ଲ ସିଂ ଓ ବିଜୟ କୁମାର ପୂର୍ତ୍ତି ନିର୍ବାଚିତ ହୋଇଛନ୍ତି। ବୈଠକରେ ଇଂ ସମ୍ପୂର୍ଣ୍ଣା ସାବତ, ଲିନା ମିଶ୍ର, ଶର୍ମିଷ୍ଠା ଦାସ, ଏନ ସୂର୍ଯ୍ୟନାରାୟଣ ପ୍ରଧାନ, ଭ୍ରମରବର ବାଗ, ସୁଶାନ୍ତ କୁମାର ପଣ୍ଡା, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇଂ ସନ୍ତୋଷ କୁମାର ପାଲୋ ଧନ୍ୟବାଦ ପ୍ରଦାନ କରିଥିଲେ।

## ଘଣ୍ଟାପଡ଼ାରେ ଗ୍ରାମସଭା

ଘଣ୍ଟାପଡ଼ା, ୬।୧୧
(ପ୍ରଭାତ କୁମାର ସାହୁ)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ସଭାଗୃହରେ ସୋମବାର ସରପଞ୍ଚ ରୀତା କହଁରଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି , ଚିତ୍ତରଞ୍ଜନ ପାତ୍ର, ପ୍ରଭାତ କୁମାର ସାହୁଙ୍କ ସମେତ କାର୍ଯ୍ୟାଳୟ ତରଫରୁ ପଞ୍ଚାୟତ ନିବାହୀ ଅଧିକାରୀ ଗୁରୁ ଚରଣ ସେଠୀ, ଜିଆରଏସ ଶଙ୍କର୍ଷଣ ପ୍ରଧାନ ଉପସ୍ଥିତ ଥିଲେ। ସଭାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଏହାଛଡା ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଆରଏସ ପ୍ରଧାନ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଗ୍ରାମସଭାରେ ପଞ୍ଚାୟତର ୱାର୍ଡସଭ୍ୟ, ଏନଆରପି ସଭ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।

## ତାଲା ଭାଙ୍ଗି ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ଅଭିଯୋଗ

ବାଉଁଶୁଣୀ,୬।୧୧(ଦେବାଶିଷ ନେପାକ)
ରବିବାର ରାତିରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅଁଳାପାଲି ଗ୍ରାମ ପଞ୍ଚାୟତ ଖଜାପଦର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଜିନିଷ ପତ୍ର ଚୋରି କରି ନେଇଛି।
ସୋମବାର କେନ୍ଦ୍ର ଖୋଲିବା ପାଇଁ ଆସିଥିବା ଅଙ୍ଗନବାଡି କର୍ମୀ ଗୋଲାପ ଫୁଲ ସାହୁ ଏହାଦେଖି ମାତୃ ମଣ୍ଡଳୀ କମିଟି ବୈଠକ ଡାକି ଏ ସମ୍ପର୍କରେ ସୂଚନା ଦେଇଥିଲେ । ଏ ସମ୍ପର୍କରେ ବୌଦ୍ଧ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ଜଣାପଡିଛି । ଏହାଛଡା ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗିବା ପାଇଁ ଚୋର ଚେଷ୍ଟା କରିଥିଲେ ହେଁ ତାଲା ଭାଙ୍ଗି ପାରିନାହିଁ। ଏନେଇ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।

## 'ପ୍ରଥା' ଚଳଚ୍ଚିତ୍ରକୁ କୋଶଳ ମୁକ୍ତି ମୋର୍ଚ୍ଚାର ବିରୋଧ


କଣ୍ଟାବାଞ୍ଜିରେ ଫିଲ୍ମ ପୋଷ୍ଟରକୁ ପୋଡ଼ାଯାଉଛି।

ଭୁବନେଶ୍ୱର, (ବନ୍ଦନା ସେଠୀ)/
କଣ୍ଟାବାଞ୍ଜି, ୬।୧୧(ଗୁରୁଦୟାଲ ହଂସ)
ଓଲିଉଡ୍‌କୁ ବିବାଦ ପିଛା ଛାଡୁନି। ଅଭିନେତାଙ୍କ ପରେ ପ୍ରଯୋଜକ ବିବାଦ ଏବେ ଅଣ୍ଟା ସଳଖୁଥିବା ଓଡ଼ିଆ ଜଳଚ୍ଛିତ୍ର ଜଗତକୁ ଆହୁରି ଖରାପ ସ୍ଥିତିକୁ ଟାଣି ନେଉଛି। 'ରାମ୍' ପରେ ପୁଣିଏକ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଇଛି। କୋଶଳ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆଲିସାନ୍ ସିନେମା ହଲ୍ ଆଗରେ ପ୍ରତିବାଦ କରିବା ସହ ଚଳଚ୍ଚିତ୍ରର ପୋଷ୍ଟରକୁ ଚିରିଦେଇଛନ୍ତି। ସେମାନେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି କରି ନାନା ନାରାବାଜି ଦେବା ସହ ଚଳଚ୍ଚିତ୍ର ବନ୍ଦ କରିବାକୁ ହଲ୍ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହି ବିରୋଧ କାର୍ଯ୍ୟକ୍ରମରେ କୋଶଳ ମୁକ୍ତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସିଂ, ସୋସିଆଲ ମିଡିଆ ପ୍ରଭାରି ଜିତୁ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ବାରିକ, ଧର୍ମରାଜ ବରିହା, ରାଜ୍ୟ ସଙ୍ଗଠନ ସମ୍ପାଦକ ସଚ୍ଚିକାନ୍ତ ଧରୁଆ, ବାସୁଦେବ ବରିହା, ତପନ ବରିହା, ସୁବାଷ ଧରୁଆ, ପ୍ରକାଶ ବାରିହା ପ୍ରମୁଖ ସାମିଲ ଥିଲେ। ଦୁଇଦିନ ତଳେ ଝାରସୁଗୁଡାରେ ଫିଲ୍ମ 'ପ୍ରଥା' ଏବଂ 'ମାଲ୍ୟଗିରି'କୁ ବିରୋଧ ହୋଇଥିଲା। ତେବେ ପରିସ୍ଥିତିକୁ ଦେଖି

### ରାଜ୍ୟ ସରକାର, ବିତରକଙ୍କ ସହଯୋଗ ଲୋଡ଼ିଲେ ପ୍ରଯୋଜିକା

ଏବେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି 'ପ୍ରଥା' ଚଳଚ୍ଚିତ୍ରର ପ୍ରଯୋଜିକା ସନ୍‌ଲିସା ପଟେଲ। ଚଳଚ୍ଚିତ୍ର ବିତରଣ ବ୍ୟବସ୍ଥାରେ ସମସ୍ୟା ଥିବା ନେଇ ସେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିସହ ଚଳଚ୍ଚିତ୍ରର ରିଲିଜ୍ ନେଇ ଇଣ୍ଡଷ୍ଟ୍ରିରୁ ସହଯୋଗ ମିଳୁ ନ ଥିବା ଅଭିଯୋଗ କରିବା ସହ ଫିଲ୍ମ ରିଲିଜ୍ ନେଇ ସୁସ୍ଥ ବାତାବରଣ ପାଇଁ ସେ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସେହିପରି ଚଳଚ୍ଚିତ୍ର ରିଲିଜ୍ ପାଇଁ ବିତରକଙ୍କ ସହଯୋଗ ଲୋଡିଛନ୍ତି। ତେବେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ରକୁ ନେଇ ବିରୋଧର ସ୍ୱର ଉଠୁଥିବାବେଳେ ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସିନେପ୍ରେମୀମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଓଡ଼ିଶାର ବିଭିନ୍ନ ହଲ୍‌ରେ ଚଳଚ୍ଚିତ୍ର 'ପ୍ରଥା' ରିଲିଜ୍ ହୋଇଥିବାବେଳେ ପ୍ରଥମେ ଝାରସୁଗୁଡାରେ ଏହାକୁ ବିରୋଧ କରାଯାଇଥିଲା। ପୋଷ୍ଟର ଚିରିବା ସହିତ ଚଳଚ୍ଚିତ୍ରକୁ ବ୍ୟାନ୍ କରିବା ପାଇଁ ଦାବି ହୋଇଥିଲା। ସେହିଦିନରୁ ହିଁ ସ୍ଥାନୀୟ ହଲ୍‌ରୁ ଏହି ଚଳଚ୍ଚିତ୍ରକୁ ଉଠାଇ ଦିଆଯାଇଥିଲା।

## ବ୍ଲକ ଆଗରେ ହିତାଧିକାରୀଙ୍କ ଧାରଣା

ତଲଗାଁ,୬।୧୧( କୁନା ବେହେରା)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପରିସରରେ ସୋମବାର ଦିନ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିରି ଅନୁଷ୍ଠିତ ହୋଇଯାଇଛି । ଗୋଟିଏ ପଟେ ଜନଶୁଣାଣି ଶିବିର ହେଉଥିବା ବେଳେ ଅନ୍ୟ ପଟେ ଅନ୍ତ୍ୟୋଦୟ ଯୋଜନାରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ବ୍ଲକ ଆଗରେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଜିଲା ପରିଷଦ କାର୍ଯ୍ୟନିର୍ବାହୀ ରବିନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୨୩୭ ଜଣ ଅଭିଯୋଗକାରୀ ଆସିଥିବା ବେଳେ ୨୨୮ ବ୍ୟକ୍ତିଗତ ଓ ୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ବିଶେଷ କରି ଭତ୍ତା ଓ ଅନ୍ତ୍ୟୋଦୟ ଯୋଜନାର ଅଭିଯୋଗ ରହିଥିଲା । ଆଡେଣିଗଡ ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରୁ ବାଦ ଦିଆଯିବା ଅଭିଯୋଗ କରି ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଯୋଗ୍ୟ ହିତାଧିକାରୀ ମାନେ ଧାରଣାରେ ବସିଥିଲେ। ବହୁ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଥିବାରୁ ଏହାର ଯାଞ୍ଚ କରି ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଧାରଣାକାରୀମାନେ ଅଡି ବସିଥିଲେ । ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ବିଡିଓ ସ୍ୱପ୍ନିତା ନାଏକ ଓ ଜିଲା ଯୋଗାଣ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନକାରୀମାନେ ଧାରଣାରୁ ଓହରି ଯାଇଥିଲେ । ଶିବିରରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

### ବୀରମହାରାଜପୁର, ବାଉଁଶୁଣୀ ସେମି ଫାଇନାଲରେ

ଅମରପାଲି,୬।୧୧(ପୀତାମ୍ବର ସାହୁ)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲି ଖେଳପଡିଆରେ ଚାଲିଥିବା ୧୪ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ସ୍କାଏ ଏଲେଭେନ , ବୀରମହାରାଜପୁର ଓ ମେହେର ସୁପରଷ୍ଟାର, ବାଉଁଶୁଣୀ ସେମି ଫାଇନାଲରେ ପ୍ରବେଶ କରିଛି। ସୋମବାର ପ୍ରଥମ ମ୍ୟାଚ ସହରାପାଲି ଓ ବିଗ ବ୍ରଦର, ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ଏଥିରେ ସହରାପାଲି ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମେହେର ସୁପରଷ୍ଟାର, ବାଉଁଶୁଣୀ ଓ ଏମଏମସିସି ମଧ୍ୟରେ ହୋଇଥିଲା। ଏଥିରେ ବାଉଁଶୁଣୀ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ସହରାପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ବାଉଁଶୁଣୀ ମଧ୍ୟରେ ହୋଇଥିଲା। ଏଥିରେ ବାଉଁଶୁଣୀ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସେହିପରି ରବିବାର ଦିନ ବୀରମହାରାଜପୁର ଦଳ ପ୍ରଥମ ମ୍ୟାଚରେ ଅଡାଲକୁ ହରାଇ ଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସୋରଣା( ବରଗଡ଼)କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡ଼ିକରେ ପିଣ୍ଟୁ ବେହେରା, ସୁବ୍ରତ ବେହେରା, ପ୍ରଫୁଲ୍ଲ ବେହେରା ଓ ରାଜୀବ ପ୍ରଧାନ ଅମ୍ପାୟାର, କୁମାର ସେଠୀ ସ୍କୋରର ଏବଂ ରିଙ୍କୁ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, କୃତିବାସ ମିଶ୍ର, ପ୍ରତାପ ଶତପଥୀ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଉଁଶୁଣୀର ଛୋଟୁ ଆକାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।



## ଶିଶୁକନ୍ୟା ଜନ୍ମ ହାର କମ୍ ନେଇ ଉଦ୍‌ବେଗ

### ପିସି ଏଣ୍ଡ ପିଏନ୍‌ଡିଟି ଉପଦେଷ୍ଟା କମିଟି ବୈଠକ

ସୋନପୁର,୬।୧୧
(ମୃତ୍ୟୁଞ୍ଜୟ ଶତପଥୀ)
ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟସ୍ଥିତ ମିନି ସମ୍ମିଳନୀ କକ୍ଷରେ ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀନରେ ଅତି କମସଂଖ୍ୟକ ଗର୍ଭବତୀ ମହିଳାଙ୍କ ଅଲଟ୍ରା ସାଉଣ୍ଡ ପରୀକ୍ଷା ହେଉଥିବାରୁ ଅଧ୍ୟକ୍ଷ ତଥା ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିସହ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆବଶ୍ୟକ କାରଣ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାରେ କନ୍ୟା ଶିଶୁ ଜନ୍ମ ହାର କମ ରହୁଥିବାରୁ ଏହାର କାରଣ ଓ ନିରାକରଣ ନିମନ୍ତେ ଏକ ନିୟମିତ ଯାଞ୍ଚ କମିଟି ଗଠନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ ତଥା ବ୍ୟବସ୍ଥିତ କରିବା ନିମନ୍ତେ ସୋନପୁର ଓ ବୀରମହାରାଜପୁର ଉପଜିଲାପାଳଙ୍କୁ ଜିଲା ଉପଦେଷ୍ଟା କମିଟିରେ ନିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଉପଜିଲାପାଳ ନିଜ ଅଞ୍ଚଳରେ ଥିବା ଅଲଟ୍ରା ସାଉଣ୍ଡ କ୍ଲିନିକଗୁଡିକର ଯାଞ୍ଚ କରି ଜିଲା ଉପଦେଷ୍ଟା କମିଟିରେ ତଥ୍ୟ ଉପସ୍ଥାପନ କରିବେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚଳିତ ମାସ ୨୦ ତାରିଖ ସୁଦ୍ଧା ଜିଲାର ଏସଏଚଜି ସଦସ୍ୟା ଓ ଜିକେଏସ ସଦସ୍ୟା ସଦସ୍ୟଙ୍କୁ ନେଇ ଶିଶୁ କନ୍ୟା ଜନ୍ମ ହାର କମ ହେଉଥିବା ତଥା କନ୍ୟା ଭ୍ରୂଣ ହତ୍ୟା ଉପରେ ସଚେତନତା ବୈଠକ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଦମ୍ପତିଙ୍କ ଦ୍ୱିତୀୟ ନବଜାତ ଶିଶୁକନ୍ୟା ଜନ୍ମ ହେଲେ ଦମ୍ପତିଙ୍କୁ ପ୍ରଶାସନ ତରଫରୁ ଶିଶୁ କନ୍ୟା ପ୍ରୋତ୍ସାହନ ନିମନ୍ତେ ନବଜାତ କିଟ ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଦୈତ୍ୟନାରାୟଣ ପାଢ଼ୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଲଏଆଇଏସ ଶୋଭନା ଦାଶ ଗତ ବୈଠକର ନିଷ୍ପତ୍ତି ର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିସିଏଚ ରମେଶ ଚନ୍ଦ୍ର ସ୍ୱାଇଁ, ଡିପିଏଚଓ ଦାଶ , ଡିପିଏଚଓ ଡ.ମନୋଜ କୁମାର ଅଦାବର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ଅରବିନ୍ଦ ମହାପାତ୍ର , ମେଡ଼ିସିନ ସ୍ପେସିଆଲିଷ୍ଟ ନରେନ୍ଦ୍ର ବେହେରା , ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସ୍ୱାଧୀନ କୁମାର ମେହେର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବରିଷ୍ଠ ଆଇନଜୀବୀ ଅଟଳ ବିହାରୀ ମହାପାତ୍ର, ସୁଧାଂଶୁ ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁଃର୍ଭୁଜ ଦାଶ, ଏନଏଚଏମ ଡିପିଏମ ବିଶ୍ୱମ୍ବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରଘୁରାମ ମାଛ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର,(ଅନିଲ ଦାସ): କୋରାପୁଟ ବିଜେଡି ନେତା ରଘୁରାମ ମାଛଙ୍କୁ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କ୍ରମେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଦା କରାଯାଇଥିବା ବିଜେଡି ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।





ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୨୦୨୩ ଅଷ୍ଟ୍ରେଲିଆ, ଭାରତ ପାଇଁ ଐତିହାସିକ ବର୍ଷ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ ପ୍ରଥମ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ କୌଶଳ ପରିଷଦ ବୈଠକ(ଏଆଇଇଏସ୍‌ସି)ରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ 'ଅଧିକ ସହଯୋଗ, ଅଧିକ ଭାଗୀଦାରି ଏବଂ ଅଧିକ ମୋବିଲିଟି' ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିହ ଉଭୟେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକ ସମୀକ୍ଷା କରିଥିଲେ। ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ,

### ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର

ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ୨୦୨୩ ଅଷ୍ଟ୍ରେଲିଆ ଏବଂ ଭାରତ ପାଇଁ ଏକ ଐତିହାସିକ ବର୍ଷ। ପ୍ରଥମ ଥର ପାଇଁ ଶିକ୍ଷା ଓ ଦକ୍ଷତାକୁ ସମାନ ଆନୁଷ୍ଠାନିକ ମଞ୍ଚ ଅଧୀନରେ ଅଣାଯାଇଛି। ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ, ଭାଗୀଦାରି ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଦିଗରେ ବୈଠକ ଫଳପ୍ରଦ ହୋଇଛି। କୃଷି, ଜଳ ପରିଚାଳନା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱାସ୍ଥ୍ୟସେବା, ଏଆଇ, ଅକ୍ଷୟ ଉର୍ଜା ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ଅଧିକ ଗବେଷଣାଭିତ୍ତିକ




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର।

ସହଯୋଗକୁ ସୁଗମ କରିବା ପାଇଁ ଅଷ୍ଟ୍ରେଲିଆ ଏବଂ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଜି ୫ଟି ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଦ୍ୱାରା ଅତ୍ୟାଧୁନିକ ଶିକ୍ଷା, ଗବେଷଣା ଓ ଇନୋଭେଶନ, ଛାତ୍ରୀଛାତ୍ର ଓ ଅଧ୍ୟାପକ ବିନିମୟ ସହ ଅଧିକ ଦ୍ୱୈତ ଡିଗ୍ରୀ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

## ତଥ୍ୟ ଅନୁଧାନ କମିଟି ଗଠନ କଲା କଂଗ୍ରେସ

### ରଣପୁର ଚାଷୀ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଓସ୍ତପଡ଼ା ଗ୍ରାମର ଚାଷୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାର ଅନୁଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପିସିସି ଉପସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ତଥ୍ୟ ଅନୁଧାନ କମିଟି ଗଠନ କରାଯାଇଛି। ଏହି କମିଟିରେ ସଦସ୍ୟ ଭାବେ ଅମିୟ ପଟ୍ଟନାୟକ, ରଣଜିତ ଦାଶ, ସତ୍ୟବ୍ରତ ନାୟକ, ଧ୍ରୁବଚରଣ ପରିଡ଼ା, ସସ୍ମିତା ଦାସ, ମନୋଜ ସାହୁ ଓ ହୁସେନ ଖାଁ ରହିଛନ୍ତି। ଏହି କମିଟି ମଙ୍ଗଳବାର ଘଟଣାସ୍ଥଳକୁ ଗସ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ଘଟଣାର ଅନୁଧାନ କରିବେ। ଏହାସହ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

## ଦାବି ପୂରଣ ନ ହେଲେ ନବୀନ ନିବାସ ଘେରିବୁ: ଛାତ୍ର କଂଗ୍ରେସ



ଦାବିପତ୍ର ଦେବାକୁ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ପୋଲିସ୍ କମିଶନରଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କର୍ମୀମାନେ ପାୱାରହାଉସ ଛକ ରେଞ୍ଜରୋଭର ଦୁର୍ଘଟଣା ମାମଲାରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ଏହି ଦାବି ନେଇ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ କମିଶନରେଟ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ଶେଷରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଭୁବନେଶ୍ୱର ପୋଲିସ କମିଶନରଙ୍କୁ ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ ଆହୁରି ଦାବି କରିଛି ଯେ, ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଯଦି ସେ ଗାଡ଼ି ଚଳାଇଥିବେ ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦୁର୍ଘଟଣାରେ ମୃତ ଲୋପାମୁଦ୍ରା ସାହୁଙ୍କ ପରିବାରକୁ କୋଟିଏ, ଗୁରୁତର ଆହତ ହୋଇଥିବା କାହ୍ନୁ ଚରଣ ସାହୁଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଯଦି ୭୨ ଘଣ୍ଟା ଭିତରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରା ନ ଯିବ ତେବେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ୟାସିର ଚେତାବନୀ ଦେଇଛନ୍ତି।

ଏଥିସହ ସେ କହିଛନ୍ତି, କମିଶନରେଟ ପୋଲିସ କାର୍ଯ୍ୟାଳୟର ୫୦ ମିଟର ଦୂରରେ ପାୱାର ହାଉସ ଛକଠାରେ ରେଞ୍ଜରୋଭର ଓ ବାଇକ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରକୃତ ଦୋଷୀକୁ ପୋଲିସ ଖସାଇ ଦେଇଥିବା ଅଭିଯୋଗ ହୋଇଛି। କିଛି ଦେଖଣାହାରୀ କହୁଛନ୍ତି, ସେହି ରେଞ୍ଜ ରୋଭର ଗାଡ଼ିରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ଥିଲେ। ତେଣୁ ଚାପର ବଶବର୍ତ୍ତୀ ହୋଇ ବିଶାଳ ଦାସଙ୍କୁ ତଦନ୍ତ ପରିସରକୁ ଅଣାଯାଉ ନାହିଁ। ସିସିଟିଭି କ୍ୟାମେରାରେ ଘଟଣାର ସମସ୍ତ ଫୁଟେଜ ନିଶ୍ଚିତ ସଂରକ୍ଷିତ ଥିବା। ପୋଲିସ

## ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କଲେ ଗେହଲଟ୍

ଜୟପୁର,୬।୧୧

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସର୍ଦ୍ଦାରପୁରା କଂଗ୍ରେସର ଗଡ଼ ଭାବେ ପରିଚିତ। ଗେହଲଟ୍ ୧୯୯୮ରୁ କ୍ରମାଗତ ଭାବେ ଉକ୍ତ ଆସନରୁ ଜିତିଆସୁଛନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ ସେ ୬୩ ପ୍ରତିଶତ ଭୋଟ ପାଇଥିଲେ। ସୋମବାର ନାମାଙ୍କନପତ୍ର ଭରିବା ବେଳେ ଗେହଲଟ୍‌ଙ୍କ ସହ ତାଙ୍କ ସ୍ତ୍ରୀ ସୁନୀତା ଗେହଲଟ୍ ଓ ପୁଅ ବୈଭବ ଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ଭଉଣୀଙ୍କ ଆଶୀର୍ବାଦ ନେଇଥିଲେ।

## ମୋଦି ପ୍ରଚାରରେ ଆସିବା ପୂର୍ବରୁ ଇଡି, ସିବିଆଇକୁ ପଠାଉଛନ୍ତି: ଖାର୍ଗେ

ଯୋଧପୁର,୬।୧୧

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ରାଜସ୍ଥାନର ଯୋଧପୁରଠାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କଲାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଆଇ ଏବଂ ଆୟକର ବିଭାଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯବାନ ବୋଲି କହିଛନ୍ତି। ମୋଦି ନିର୍ବାଚନ ପ୍ରଚାରରେ ଆସିବା ପୂର୍ବରୁ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ଉପରୋକ୍ତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏବେ ଗରିବଙ୍କ କଥା ଚିନ୍ତା କରୁଛନ୍ତି। ମାଗଣା ରାଶନ ଯୋଜନାକୁ ପ୍ରଧାନମନ୍ତ୍ରୀ ଆଉ ୫ ବର୍ଷ ବଢ଼ାଇଥିବାରୁ ଖାର୍ଗେ ଏହା କହିଛନ୍ତି। ତେବେ ଏହି ସରକାର ସବୁବେଳେ ଗରିବଙ୍କୁ ଅସୁବିଧାରେ ପକାଇ ଆଦାନୀଙ୍କ ଭଳି ବନ୍ଧୁ ଶିଳ୍ପପତିମାନଙ୍କୁ ସହାୟତା କରିଆସିଛନ୍ତି। ମୋଦି ଗରିବଙ୍କ ଭୋଟ ନେଇ ଧନୀଙ୍କୁ ସହାୟତା କରୁଛନ୍ତି। ତାଙ୍କ ଶାସନ କାଳରେ ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ତଳିତଳାନ୍ତ ହୋଇଯାଉଛନ୍ତି। ଆସନ୍ତା ୨୫ରେ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। କଂଗ୍ରେସ କ୍ଷମତା ବଜାୟ ରଖିବ ବୋଲି ଖାର୍ଗେ କହିଛନ୍ତି।

## ଭାଜପାର ୩୬ ସାଙ୍ଗଠନିକ ଜିଲା ସଭାପତି

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ୩୬ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ତେବେ ଏହି ଜିଲା ସଭାପତି ଚୟନ ଲାଗି ଦୀର୍ଘଦିନ ବିଳମ୍ବ ହେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ଏହି ନୂଆ ଜିଲା ସଭାପତି ହୋଇଥିବା ନେତାମାନେ କିଭଳି ସଙ୍ଗଠନ ସଜାଡିବେ ତାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି।

ତେବେ ଦଳ ପକ୍ଷରୁ ଅନୁଗୋଳ ପାଇଁ ଦିଲେଶ୍ୱର ପ୍ରଧାନ, ବାଲେଶ୍ୱରରେ ଉମାକାନ୍ତ ମହାପାତ୍ର, ବରଗଡ଼ରେ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଦ୍ରକରେ ହେମନ୍ତ ପାଢ଼ୀ, ଭୁବନେଶ୍ୱରରେ ବାବୁ ସିଂ, ବଲାଙ୍ଗୀରରେ ଶିବାଜୀ ମହାନ୍ତି, ବୌଦ୍ଧରେ ବିପ୍ର ଚରଣ ମହାନ୍ତି, କଟକ ନଗରରେ ଲଲାଟେନ୍ଦୁ ବଡୁଙ୍କୁ ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କଟକ ସଦରରେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଦେବଗଡ଼ରେ ଅରୁଣ କୁମାର ସାହୁ, ଢେଙ୍କାନାଳରେ ନରେଶ ମହାପାତ୍ର, ଗଜପତିରେ ବିଧାୟକ କେ. ନାରାୟଣ ରାଓ, ଗଞ୍ଜାମରେ ସୁବାସ ସାହୁ, ଘୁମୁସରରେ ଗୋକୁଳାନନ୍ଦ ମଲିକ, ଜଗତ୍‌ସିଂହପୁରରେ ସତ୍ୟବ୍ରତ ମହାପାତ୍ର, ଯାଜପୁରରେ ଗୌତମ ରାୟ, ଝାରସୁଗୁଡ଼ାରେ ସୁନୀଲ ପଣ୍ଡା, କଳାହାଣ୍ଡିରେ ଆର୍ତ୍ତତ୍ରାଣ ମହାପାତ୍ର, କନ୍ଧମାଳରେ ଜଗନ୍ନାଥ ସାହୁ, କେନ୍ଦ୍ରାପଡ଼ାରେ କିଶୋର ପଣ୍ଡା, କେନ୍ଦୁଝରରେ ଅଂଶୁମାନ ସବୁଜ ମହନ୍ତ ବର୍ମା, ଖୋର୍ଦ୍ଧାରେ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ଜିଲା ସଭାପତି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିଭଳି କୋରାପୁଟରେ ସୁମନ୍ତ ପ୍ରଧାନ, ମାଲକାନଗିରିରେ ନିମାଇଁ ପାଲ୍, ରାଇରଙ୍ଗପୁରରେ କୃପାସିନ୍ଧୁ ମହନ୍ତ, ବାରିପଦାରେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ନବରଙ୍ଗପୁରରେ ଜଗଦୀଶ ବିଶୋଇ, ନୟାଗଡ଼ରେ ତାପସ ରଞ୍ଜନ ମାର୍ଥା, ନୂଆପଡ଼ାରେ ସୁବ୍ରତ ଠାକୁର, ପୁରୀରେ ଆଶ୍ରିତ ପଟ୍ଟନାୟକ, ରାୟଗଡ଼ାରେ ଶିବ ପଟ୍ଟନାୟକ, ସମ୍ବଲପୁରରେ ଗିରିଶ ପଟେଲ, ସୁବର୍ଣ୍ଣପୁରରେ ପ୍ରମୋଦ ମହାପାତ୍ର, ସୁନ୍ଦରଗଡ଼ରେ ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼(ବଣାଇ)ରେ ଅନିଲ ବାର୍ଲା, ସୁନ୍ଦରଗଡ଼ (ପାନପୋଷ)ରେ ଲତିକା ପଟ୍ଟନାୟକଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି।

### ଧାନ ସଂଗ୍ରହରେ କଟ୍‌ନୀଛଟ୍‌ନୀ

## ରୋହିତଙ୍କ ମନ୍ତବ୍ୟକୁ ଭାଜପା କୃଷକ ମୋର୍ଚ୍ଚାର ବିରୋଧ

ସମ୍ବଲପୁର,୬।୧୧
(ପ୍ରମୋଦ ବହିଦାର)

ସମ୍ବଲପୁରରେ ଖରିଫ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଧାନ ସଂଗ୍ରହ ବେଳେ କଟ୍‌ନୀଛଟ୍‌ନୀ ହେଉ ନାହିଁ ବୋଲି ଦେଇଥିବା ମନ୍ତବ୍ୟକୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ନେଇ କଚେରି ରୋଡ଼ସ୍ଥିତ କାର୍ଯ୍ୟାଳୟରେ ସୋମବାର ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଚନ୍ଦ୍ର ଶେଖର ପଣ୍ଡା ଯୋଗଦେଇ ଗତ ୩ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ବିଧାୟକ ପୂଜାରୀ ଧାନ କ୍ରୟ ପ୍ରକ୍ରିୟାରେ କଟ୍‌ନୀଛଟ୍‌ନୀ ହେଉ ନ ଥିବା କଥାରେ ଅସହମତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରେଢ଼ାଖୋଲ ଓ କୁଚିଣ୍ଡା ଅଞ୍ଚଳର ଚାଷୀମାନେ କଟ୍‌ନୀଛଟ୍‌ନୀର ଶିକାର ହେଉଥିବା ଅଭିଯୋଗ କରୁଥିବା ବେଳେ ସେଠାକାର ବିଧାୟକ ଏହାକୁ ଅସ୍ୱୀକାର କରିବା ଦୁର୍ଭାଗ୍ୟଜନକ। ଏହାଛଡା ବୈଠକରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ମାତ୍ର କେନ୍ଦ୍ର ସରକାର ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ନେଇ ବିଧାୟକ ପୂଜାରୀଙ୍କ ଅଭିଯୋଗକୁ ମଧ୍ୟ ସେ ଶସ୍ତା ରାଜନୀତି ବୋଲି କହିଥିଲେ। ଅନ୍ୟ ଏକ ଅଭିଯୋଗରେ ସେ କହିଥିଲେ ଯେ ଗତ ନିର୍ବାଚନରେ ରାଜ୍ୟ ସରକାରଙ୍କ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ପକ୍ଷରୁ ଚାଷୀଙ୍କୁ ବୋନସ ଦେବାକୁ ପ୍ରତିଶ୍ରୁତି ଦିଆଯାଇ ଏହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ।

ଅପରପକ୍ଷେ ଭାଜପା କୃଷକ ମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରି ବିଧାୟକ ପୂଜାରୀ କହିଛନ୍ତି, କଟ୍‌ନୀଛଟ୍‌ନୀ ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ନାହିଁ। କୌଣସି ମିଲର୍ ଏପରି କରୁଥିବା ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ଧାନର ସହାୟକ ମୂଲ୍ୟ ନିର୍ଦ୍ଧାରଣ ନିୟମ ଅନୁସାରେ ହୋଇଥାଏ। ବିଧାନସଭାରେ ସର୍ବଦଳୀୟ ସହମତିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ କେନ୍ଦ୍ର ଏଗ୍ରିକଲ୍ଚରାଲ୍ କଷ୍ଟ ପ୍ରାଇସ୍ କମିଶନଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ମାତ୍ର ବିଳମ୍ବ ହେଉଥିବାରୁ ଓଡ଼ିଶା ଗସ୍ତରେ ଆସୁଥିବା କେନ୍ଦ୍ରୀୟ ନେତାଙ୍କୁ ମନେ ପକାଇ ଦେବାକୁ ସେ ଭାଜପା ନେତାଙ୍କୁ ବିଭିନ୍ନ ସମୟରେ ନିବେଦନ କରିଥିଲେ। ମାତ୍ର କେହି ଏହାକୁ କର୍ଣ୍ଣପାତ କରିନାହାନ୍ତି। ଚାଷୀଙ୍କୁ ବୋନସ ଦେବା ସମ୍ପର୍କରେ ପୂଜାରୀ କହିଲେ ଯେ, ବୋନସ ଦେଉଥିବା ରାଜ୍ୟରେ ଧାନ ସଂଗ୍ରହ କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ସଂସ୍ଥା ଏଫ୍‌ସିଆଇ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେଣୁ ରାଜ୍ୟରେ ଚାଷୀଙ୍କୁ ବୋନସ ଦିଆଯାଉନାହିଁ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜଲା ସାଧାରଣ ସମ୍ପାଦକ ଅନୀଲ କୁମାର ବେହେରା, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ଭାଜପା କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

**DISTRICT PROJECT OFFICE,SAMAGRA SHIKSHA, SUBARNAPUR**

**SHORT QUOTATION CALL NOTICE**

**No. 2289** **Dated: 06.11.2023**

Sealed quotations are invited from Registered Travel Agencies/ Individuals for hiring of a Taxi Registered vehicle i.e. Scorpio/Creta/ Mahindra Marazzo/INNOVA (for official use of Collector-cum-Chairman, Samagra Shiksha, Subarnapur). The details terms & conditions and bid documents are available in the district project office, Samagra Shiksha, Subarnapur and official website **www.subarnapur.nic.in, www.opepa.in**. The last date of receive of quotation is 16.11.2023 upto 4.00 P.M. The undersigned reserves the right to accept/reject any/all quotations without assigning any reason thereof.

**Sd./- District Project Coordinator**
**Samagra Shiksha, Subarnapur**

## ଭୁବନେଶ୍ୱରରୁ ଜୟପୁରକୁ ଉଡ଼ିଲା ଦ୍ୱିତୀୟ ବିମାନ



ଜୟପୁର ବିମାନ ବନ୍ଦରରୁ ଜଣେ ଯାତ୍ରୀ ବାହାରକୁ ଆସୁଛନ୍ତି।

ଜୟପୁର,୬।୧୧
(ପବନ ପାଣିଗ୍ରାହୀ)

ଭୁବନେଶ୍ୱରରୁ ଜୟପୁରକୁ ସୋମବାର ଦ୍ୱିତୀୟ ବିମାନ ଉଡ଼ିଛି। ଇଣ୍ଡିଆ ୱାନ୍ ଏୟାରଲାଇନ୍ସ ପକ୍ଷରୁ ସପ୍ତାହକୁ ୨ଦିନ ସୋମବାର ଓ ଶୁକ୍ରବାର ଏହି ବିମାନ ଚଳାଚଳ କରିବ। ସୋମବାର ସକାଳ ୭ଟା ୧୦ରେ ଇଣ୍ଡିଆ ୱାନ୍ ଏୟାରଲାଇନ୍ସର 'ସେସନା' ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଜୟପୁର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏଥିରେ ୬ଜଣ ଯାତ୍ରୀ ଯାଇଥିଲେ। ବିମାନଟି ୮ଟା ୪୫ରେ ଜୟପୁର ବିମାନବନ୍ଦରରେ ପହଞ୍ଚିଥିଲା। ପରେ ଏହା ୯ଟାରେ ଜୟପୁରରୁ ଉଡ଼ି ୧୦ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିଥିବା ଜଣାଯାଇଛି। ଜୟପୁରରୁ ଯାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ଏହି ଅତିରିକ୍ତ ବିମାନ ସେବା ଆରମ୍ଭ ହୋଇଛି। ଏଥିଲାଗି ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଉଛନ୍ତି। ଏହାପୂର୍ବରୁ ୨୦୨୨ ଅକ୍ଟୋବର ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ଏବଂ ବିଶାଖାପାଟଣା-ଜୟପୁର-ଭୁବନେଶ୍ୱର ମଧ୍ୟରେ ପ୍ରଥମ ବିମାନ ସେବାର ଶୁଭାରମ୍ଭ କରିଥିଲେ। ଏହି ବିମାନ ସପ୍ତାହରେ ୨ଦିନ ପରିବର୍ତ୍ତେ ନିୟମିତ ଉଡ଼ାଣ କରିବା ସହ ଆଗକୁ ବଡ଼ ବିମାନ ଉଡ଼ିଲେ ଅନେକ ଯାତ୍ରୀ ସୁବିଧା ପାଇପାରିବେ ବୋଲି ମତ ପ୍ରକାଶ ପାଉଛି। ଜୟପୁରରୁ ଭୁବନେଶ୍ୱରକୁ ୨୯୯୯ ଟଙ୍କା ଯାତ୍ରୀଭଡ଼ା ରହିଛି।

## ଯନ୍ତାରେ ଥିବା ବାଘର ସ୍ୱାସ୍ଥ୍ୟ ଯାଞ୍ଚ କଲା ଜୁ ଟିମ୍

ନୂଆପଡ଼ା,୬।୧୧
(ମକାରୁ ବେମାଲ)

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ପାହାଡ଼ ତଳି ଗାଁରେ ଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ ଶନିବାର ବିଳମ୍ବିତ ରାତିରେ ଯନ୍ତାରେ ଧରାପଡିଛି। ସଦର ବନ ବିଭାଗ ରେଞ୍ଜରେ ବାଘକୁ ରଖାଯାଇଛି। ବାଘର ସ୍ୱାସ୍ଥ୍ୟ ଅବସ୍ଥା ଓ ଆଚରଣ ଉପରେ ଅନୁଧାନ କରିବା ପାଇଁ ହୀରାକୁଦ ଡିଭିଜନ ସମ୍ବଲପୁର ଜୁ (ଚିଡ଼ିଆଖାନା)ରୁ ୩ ଜଣିଆ ଟିମ୍ ନୂଆପଡା ଆସିଛନ୍ତି। ସମ୍ବଲପୁର ଜୁ ରେଞ୍ଜର କିଶୋର କୁମାର ବୈକାର, ଫରେଷ୍ଟର ବିକ୍ରମାଦିତ୍ୟ ବେହେରା ଓ ପ୍ରାଣୀ ସମ୍ପଦ ବିଶେଷଜ୍ଞ ଡା.ନବୀନ ମିଶ୍ର ପ୍ରମୁଖ ଆସି ପ୍ରଥମେ ଯନ୍ତା ଭିତରେ ଥିବା ବାଘ ଉପରେ ଅନୁଧାନ କରିଥିଲେ। ବାଘ କେଉଁ ପ୍ରକାର ଆଚରଣ କରୁଛି, ଯନ୍ତା ଭିତରେ କେମିତି ରହୁଛି, କେତେ ପରିମାଣର ଖାଦ୍ୟ ଖାଉଛି, କ'ଣ ସବୁ ଖାଉଛି, କେତେ ପରିମାଣରେ ଖାଦ୍ୟ ଦେଲେ ବାଘ ସୁସ୍ଥ ରହିବ, ସେ ବାହାରେ ବୁଲି ଶିକାର କରୁଥିଲା। ଯନ୍ତା ଭିତରେ ରହିଥିବାରୁ ଆକ୍ରମଣାତ୍ମକ ଭଳି ଆଚରଣ କରୁଛି କି ଏ ସବୁର ଅନୁଧାନ କରିଥିଲେ। ପରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟଠାରେ ସମ୍ବଲପୁର ଟିମ୍ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ, ପ୍ରାଣୀ ସମ୍ପଦ ବିଭାଗ ଉପନିର୍ଦ୍ଦେଶକ ଡା. କେ. ପାର୍ଥ ସାରଥି ଦୋରା, ସଦର ବନ ବିଭାଗ ରେଞ୍ଜର ଅଶୋକ କୁମାର ମାଝିଙ୍କ ସହ ବାଘ ଖାଇବା, ରହିବା ଉପରେ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ମେ ୨୬ରେ ଖରିଆର ରୋଡ ରେଞ୍ଜ ଅଧୀନ ହଳଦି ଗାଁ ଦେବକୀ ପାଣ୍ଡେଙ୍କ ୩ ବର୍ଷର ଶିଶୁପୁତ୍ର ଛଗନ ଲାଲଙ୍କୁ ମା' କୋଳରୁ ଟେକି ନେଇ ବାଘ ଖାଇଥିଲା। ୨୦୧୭ ଜୁନ ୧୦ରେ ଆଇ ଧନବାଇ ପାଣ୍ଡେ ସହିତ ନାତୁଣୀ ଚନ୍ଦ୍ରିକା (୧୩) ଶୋଇଥିବା ସମୟରେ ବାଘ ଆସି ଚନ୍ଦ୍ରିକାଙ୍କୁ ଲହୁଲୁହାଣ କରିଥିଲା। ଗ୍ରାମବାସୀ ଦାବି ମୁତାବକ ୨ଟି ବାଘଙ୍କୁ ଜୁନ ୧୫ ଓ ୩୦ରେ ଧରି ନନ୍ଦନକାନନକୁ ନେଇ ଛାଡିଥିଲେ। ସେହିପରି ଗତ ୪ ତାରିଖ ବିଳମ୍ବିତ ରାତ୍ରିରେ ଧରିଥିବା ବାଘ ନନ୍ଦନକାନନ ନେଇ ଛାଡ଼ିବେ କି ବୋଲି ସମ୍ବଲପୁରରୁ ଆସିଥିବା ଟିମ୍‌କୁ ପଚାରିବାରୁ ଆମେ ଏହି ସବୁ ରିପୋର୍ଟ ହୀରାକୁଦ ଡିଭିଜନ ଡିଏଫଓଙ୍କୁ ଦେବୁ, ସେ ପିସିସିଏଫ୍ ଭୁବନେଶ୍ୱରଙ୍କୁ ପଠାଇବେ। ବାଘ ନନ୍ଦନକାନନ ଯିବ କି ସମ୍ବଲପୁର ଜୁ'କୁ ଯିବ ଉପରସ୍ତରରେ ବିଚାର କରିବେ ବୋଲି କହିଥିଲେ।



ଅନୁଧାନକାରୀ ଟିମ୍ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**TENDER CALL NOTICE SUPPLY OF FOOD & CATERING AND INSTALLATION OF TENTAGE**

2 Nos. of Tenders are invited by the Chief District Veterinary Officer, Subarnapur from the intending suppliers for supply different items like food & catering and installation of tentage for Matsya O Pranisampad Mela-2023. For details kindly visit website www.subarnapur.nic.in.

**Sd./- Chief District Veterinary Officer**
**Subarnapur**

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack-753014 (Odisha)**
**O.A. No. 635 of 2019**

**Utkal Grameen Bank,**
**Stressed Assets Recovery Branch, Sambalpur** **...Applicant**
**-Versus-**
**Prabhas Mahendra @ Prabhas Kumar Patel**
**& Another** **...Defendants**
**To,**
**Defendant No. 1: Prabhas Mahendra Patel,**
S/o: Late Mahendra Kumar Patel;
**Defendant No. 2: Sanju Patel,** W/o: Late Mahendra Kumar Patel;
Both are At: New Colony, Dengibhadi Road, Mission Chowk Main Road, Sundargarh, P.O/P.S/Dist.: Sundargarh, PIN-770001.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹72,45,160.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **20th day of December, 2023 at 10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **1st day of November, 2023.**

**Sd/- (Nikhila Ranjan Pati)**
**Registrar**
**Debts Recovery Tribunal, Cuttack**

# ବକ୍ସାଇଟ୍ ବିଶୋଧନ ପ୍ରକ୍ରିୟାରେ ବେଦାନ୍ତର ଅଭିନବ ସଫଳତା

ଭୁବନେଶ୍ୱର,୬।୧୧ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମ ଲିମିଟେଡକୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ବିଶେଷ କରି ଦେଶର ଆଲୁମିନିୟମ ନିର୍ମାତା ବକ୍ସାଇଟ ଅବଶିଷ୍ଟ ଉତ୍ପାଦକୁ ବହୁମାତ୍ରାରେ ହ୍ରାସ କରିବା ଲାଗି ଏକ ନୂତନ ବିଶୋଧନ ପ୍ରକ୍ରିୟାର ଶୁଭାରମ୍ଭ କରିଛି, ଯାହା ଆଲୁମିନିୟମ ବିଶୋଧନ ପ୍ରକ୍ରିୟାରେ ବିନିଯୋଗ ସହ ବକ୍ସାଇଟ ଅବଶିଷ୍ଟାଂଶକୁ ୩୦%ହ୍ରାସ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଉକ୍ତ ପ୍ରକ୍ରିୟା ଦକ୍ଷତା ଉତ୍ସକୁ ବୃଦ୍ଧି କରିବ ଓ ବିଶୋଧନ ସମୟରେ କମ ଶକ୍ତି ଦରକାର କରିବ। ଉକ୍ତ ଗବେଷଣା ପ୍ରକଳ୍ପକୁ ବେଦାନ୍ତର ବିଶ୍ୱସ୍ତରୀୟ ଆଲୁମିନା ହାଉସ ଲାଞ୍ଜିଗଡ଼ର ସମର୍ଥନ ସହିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ଖଡ଼ଗପୁରଙ୍କ ସହଯୋଗରେ କମ୍ପାନିର ଗବେଷଣା ଓ ବିକାଶ ବିଭାଗ ଦ୍ୱାରା ପରିଚାଳିତ କରାଯିବ। ଏହା ଗ୍ଲୋବାଲ ଆଲୁମିନିୟମ ଶିଳ୍ପ ଉପରେ ସ୍ଥାୟୀ ପ୍ରଭାବ ପକାଇବ। ସେହିଭଳି ଆଲୁମିନିୟମ ପ୍ରସ୍ତୁତି ପାଇଁ ବକ୍ସାଇଟ ହେଉଛି ଏକ ମୌଳିକ ଧାତୁ ଓ ଏହାକୁ ବିଶୋଧନ କରାଯାଇ ଆଲୁମିନିୟମ ଉତ୍ପାଦ ପ୍ରସ୍ତୁତ କରାଯାଏ। ଏହି ବିଶୋଧନ ପ୍ରକ୍ରିୟାରୁ ବକ୍ସାଇଟର ଅବଶିଷ୍ଟାଂଶ ସୃଷ୍ଟି ହୋଇଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି.ପାଲ କହିଛନ୍ତି, ସ୍ଥିରତା ହାସଲ କରିବାରେ କମ୍ପାନୀର କାର୍ଯ୍ୟକାରୀ ଦକ୍ଷତା ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଉକ୍ତ ଲକ୍ଷ୍ୟ ଉଦ୍ଦେଶ୍ୟରେ ବର୍ତ୍ତମାନ ଆମେ ଶିଳ୍ପ ସମସ୍ୟାର ସମାଧାନ ପାଇଁ ବୈଷୟିକ ନେତୃତ୍ୱାଧୀନ ଅଭିନବ ସମାଧାନ ଲାଗି ଘରୋଇ ଆର ଆଣ୍ଡ ଡି ପଦକ୍ଷେପ ଉପରେ ଧ୍ୟାନ ଦେଉଛୁ। ସେହିଭଳି ବେଦାନ୍ତ ଆଲୁମିନିୟମର ମୁଖ୍ୟ ଗବେଷଣା ଓ ବିକାଶ ଅଧିକାରୀ ଡ. ଅମିତ ଚାଟାର୍ଜି କହିଛନ୍ତି, ବକ୍ସାଇଟର ବଳକା ପଦାର୍ଥର ସଦୁପଯୋଗ ଆମ ପାଇଁ ଏକ ମାଇଲଖୁଣ୍ଟ ହେବ ଓ ଶକ୍ତି ସଂରକ୍ଷଣ ପାଇଁ ଏକ ପଥ ପ୍ରଦାନ କରିବ ଏବଂ ବିଶ୍ୱର ଆଲୁମିନିୟମ ଶିଳ୍ପକୁ ପୁନଃନିର୍ମାଣ କରିବାରେ ଏହା ବେଶ୍ ସହାୟକ ହେବ। ସେହିପରି ଆଇଆଇଟି ଖଡ଼ଗପୁରର ମେଟାଲର୍ଜିକାଲ ଓ ସାମଗ୍ରୀ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଚେନ୍ନାରାଓ ବୋରା କହିଛନ୍ତି, ସ୍ଥିରତା ଲକ୍ଷ୍ୟ ପାଇଁ ବେଦାନ୍ତ ଆଲୁମିନିୟମ ଆର ଆଣ୍ଡ ଡି ପ୍ରତି ସମର୍ପିତ ହେବା ପ୍ରକୃତରେ ପ୍ରେରଣାଦାୟକ । ବିଶେଷ କରି ବକ୍ସାଇଟ ବଳକା ପଦାର୍ଥ ହ୍ରାସ ଆଲୁମିନିୟମ ଶିଳ୍ପ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇଥିବାବେଳେ ଯାହାକୁ ବୈଷୟିକୀ ଦ୍ୱାରା ସମ୍ଭବ କରାଯାଇପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଆଇଟି ଖଡ଼ଗପୁର ଓ ବେଦାନ୍ତ ଲିମିଟେଡର ମିଳିତ ପ୍ରୟାସରେ ବିକଶିତ ହୋଇଥିବା ଉକ୍ତ ପ୍ରକ୍ରିୟା କେବଳ ବକ୍ସାଇଟ ବଳକା ପରିଚାଳନାରେ ସହାୟତା କରିବ ନାହିଁ, ଅପରପକ୍ଷରେ ମଧ୍ୟ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବ।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର, ୬।୧୧

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୯୪.୯୧ ପଏଣ୍ଟ ବଢି ୬୪,୯୫୮.୬୯ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୧ (୧୮୧.୧୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୧୨(୧୯,୪୧୧.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା।

# ୟୁକୋ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୬।୧୧



ଅଶ୍ୱନୀ କୁମାର

ୟୁକୋ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୋର୍ଡ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ପ୍ରଥମ ୬ମାସର ଆର୍ଥିକ ଫଳାଫଳ ଆଦି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ମୋଟ ୪୦୨କୋଟି ଟଙ୍କାର ନେଟ ଲାଭ କରିଥିବାବେଳେ ୨୦୨୩-୨୪ଆର୍ଥିକ ବର୍ଷର ପ୍ରଥମ ୬ମାସରେ ମୋଟ ୬୨୫ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି,ଏଥି ସହିତ ବ୍ୟାଙ୍କ ପ୍ରମୁଖ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିଭଳି ବ୍ୟାଙ୍କର ଅଣକାର୍ଯ୍ୟକାରୀ ସମ୍ପତ୍ତି ହ୍ରାସ ପାଇ ୨୦୨୩ ସେପ୍ଟେମ୍ବର ସୁଦ୍ଧା ୧.୧୧%ରେ ପହଞ୍ଚିଛି। ଏପରିକି ବ୍ୟାଙ୍କର ମୋଟ୍ ଗ୍ଲୋବାଲ ବ୍ୟବସାୟ ୪,୧୭,୧୪୫ କୋଟି ଟଙ୍କା ହୋଇଥିବା ବେଳେ ବ୍ୟାଙ୍କର ଅଗ୍ରିମ ପରିମାଣରେ ମଧ୍ୟ ବୃଦ୍ଧି ଘଟିଛି,ବିଶେଷ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୧୭.୯୯% ଅଭିବୃଦ୍ଧି ହାର ହାସଲ ସହ ମୋଟ ୧,୬୭,୭୩୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପରିଚାଳନା ଲାଭ କ୍ଷେତ୍ରରେ ମଧ୍ୟ ବ୍ୟାଙ୍କ ଦ୍ୱିତୀୟ ତ୍ରୈମାସରେ ମୋଟ ୯୮୨କୋଟି ଟଙ୍କାର ପରିଚାଳନା ଲାଭ ସଂଗ୍ରହ କରି ୧୮.୩୪% ଏବଂ ପ୍ରଥମ ୬ମାସରେ ୨,୧୮୪କୋଟି ଟଙ୍କାର ପରିଚାଳନା ଲାଭ ସଂଗ୍ରହ କରି ୩୪.୦୩ %ର ଅଭିବୃଦ୍ଧି ହାର ହାସଲ କରିଥିଲାବେଳେ ରିଟେଲ ୧୭.୦୯%, କୃଷି ୧୪.୩୨% ଏବଂ ଏମ୍ଏସ୍ଏମ୍ଇ ଅଗ୍ରିମ କ୍ଷେତ୍ରରେ ବ୍ୟାଙ୍କ ୨୦.୮୩% ଅଭିବୃଦ୍ଧି ହାର ହାସଲ କରିଥିବା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ମାଲାବାରର ସ୍ୱତନ୍ତ୍ର ଦୀପାବଳି ଅଫର୍

ଭୁବନେଶ୍ୱର,୬।୧୧ (ଅନୁରାଧା ମହାରଣା)

MALABAR GOLD & DIAMONDS
CELEBRATE THE BEAUTY OF LIFE

ଦେଶର ଅନ୍ୟତମ ଅଗ୍ରଣୀ ଅଳଙ୍କାର ରିଟେଲ୍ କମ୍ପାନି ମାଳାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଦୀପାବଳି ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ସୁନା, ହୀରା, ପୋଲକୀ, ଆଣ୍ଟିକ୍, ରୂପାରୁ ସ୍ୱତନ୍ତ୍ର ଡିଜାଇନର ଅଳଙ୍କାର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି। ଏହାସହ ପ୍ରତି ୩୦ ହଜାର ଟଙ୍କାର ସୁନା ଅଳଙ୍କାର କ୍ରୟରେ ୧୦୦ମିଲିଗ୍ରାମର ଗୋଲ୍ଡ କଏନ୍ ଉପହାର ଭାବେ ପ୍ରଦାନ କରାଯିବ। ଏନେଇ ଷ୍ଟୋରର ସର୍ତ୍ତାବଳିର ଅନୁପାଳନ କରିବାକୁ ପଡ଼ିବ। ସେହିପରି ହୀରା ଗହଣା ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି, ପୋଲକି ଅଳଙ୍କାର ଗଢ଼ା ମଜୁରୀରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଆଦି ଅଫର ରହିଛି। ସେହିପରି ଅଳଙ୍କାର ବଦଳ ସହ ନୂଆ ଗହଣା କ୍ରୟ ଉପରେ ବିଭିନ୍ନ ଅଫର ରହିଛି। ସୂଚନାଥାଉକି, ଏହି ଗ୍ରୁପର ୧୧ଟି ଦେଶରେ ୩୩୬ଟି ଷ୍ଟୋର ରହିଛି। ପ୍ରତିବର୍ଷ ହେଉଥିବା ଲାଭାଂଶର ୫ ପ୍ରତିଶତ ବିଭିନ୍ନ ସିଏସଆର କାର୍ଯ୍ୟରେ ବିନିଯୋଗ କରାଯାଇଥାଏ।

# ଟିପିସିଓଡିଏଲ୍ ପକ୍ଷରୁ 'କ୍ୱାଲିଟି ମନ୍ଥ୍'ର ଶୁଭାରମ୍ଭ

ଭୁବନେଶ୍ୱର,୬।୧୧



ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ଅଭିନବ/ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କ୍ୱାଲିଟି ମନ୍ଥ୍-୨୦୨୩'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସମସ୍ତ ଟିପିସିଓଡିଏଲ୍ କର୍ମଚାରୀଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ କରିବା ଲାଗି ଏଭଳି ଏକ କାର୍ଯ୍ୟକ୍ରମକୁ ଉଭୟ ଭର୍ଚୁଆଲ୍ ଓ ପ୍ରତ୍ୟକ୍ଷ ଉପାଦାନ ସହ ହାଇବ୍ରିଡ୍ ମୋଡ୍‌ରେ ମଧ୍ୟ ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'କ୍ୱାଲିଟି-ନିଜର ପ୍ରତିଯୋଗିତାମୂଳକ ସମ୍ଭାବନାକୁ ସାକାର କରିବା'। ଏହା ଚାର୍ଟାର୍ଡ କ୍ୱାଲିଟି ଇନ୍‌ଷ୍ଟିଚ୍ୟୁଟ୍ (ସିକ୍ୟୁଆଇ)ର ଅଭିଯାନ ବିଶ୍ୱ କ୍ୱାଲିଟି ଦିବସର ଭାବ ଅନୁସାରେ ରହିଛି, ଯାହା କ୍ୱାଲିଟି ପ୍ରଫେସନାଲମାନଙ୍କ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରୁଛି।

ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିପିସିଓଡିଏଲର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମ ଟିପିସିଓଡିଏଲ୍‌ର କ୍ୱାଲିଟି ଅଭିଯାନର ଉଲ୍ଲେଖନୀୟ ସମ୍ଭାବନାକୁ ପ୍ରତିଫଳନ କରିବାର ଏକ ମଞ୍ଚ ପ୍ରଦାନ କରିଥିଲା। ଏଥିରେ ଦକ୍ଷତା ବିକାଶ ଓ ଅଭିନବ କର୍ମକ୍ଷେତ୍ର ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ୱାଲିଟି ମନ୍ଥ୍- ୨୦୨୨ର ଉଲ୍ଲେଖନୀୟ ସଫଳତାର ଭାବପୂର୍ଣ୍ଣ ପ୍ରତିଫଳନ ଚଳିତ ସମାରୋହରେ ଦେଖିବାକୁ ମିଳିଥିଲା ଏବଂ ଏହି ଅବସରରେ କମ୍ପାନିର ସିଇଓ ଏବଂ ବରିଷ୍ଠ ଅଧିକାରୀଙ୍କ ଟିମ୍‌ର ସମସ୍ତ ସଦସ୍ୟ କ୍ୱାଲିଟି ମନ୍ଥ୍‌ର ଗୁରୁତ୍ୱ ସମ୍ପର୍କରେ ଅଭିଜ୍ଞତା ଓ ଦୃଷ୍ଟିକୋଣ ବର୍ଣ୍ଣନା କରିଥିଲେ। ପରିଶେଷରେ ସିଇଓଙ୍କ ଦ୍ୱାରା ଟିପିସିଓଡିଏଲ୍‌ର ନ୍ୟୁଜ୍‌ଲେଟର 'ଆଲୋକର ପଥେ' ଉନ୍ମୋଚିତ ହୋଇଥିଲା। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗୁଣାତ୍ମକ ମାନରେ ଉନ୍ନତି ନୀତି ଓ ପଦ୍ଧତି ଜରିଆରେ ନିଜ ଭିତରର ଦୃଢ଼ତାକୁ ଜାଗ୍ରତ କରିବା ଏବଂ ଉତ୍କର୍ଷ ହାସଲ କରିବା ପାଇଁ ଆମର ରହିଥିବା ଅତୁଟ ପ୍ରତିବଦ୍ଧତାକୁ କ୍ୱାଲିଟି ମନ୍ଥ୍ ପ୍ରତିଫଳିତ କରୁଛି, ଏହା ହେଉଛି ଆତ୍ମସନ୍ଧାନ ଓ ନବସୃଜନ ଆଡ଼କୁ ଏକ ସାମଗ୍ରିକ ଯାତ୍ରା, ଯେଉଁଥିରେ ଗ୍ରାହକ ଓ ଅଂଶୀଦାରଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ଆମେ ଆମର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରୁଛୁ।

# କାନାରା ବ୍ୟାଙ୍କ ପକ୍ଷରୁ ସଚେତନତା ସପ୍ତାହ

ଭୁବନେଶ୍ୱର,୬।୧୧

କାନାରା ବ୍ୟାଙ୍କର ଭଦ୍ରକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଚେତନତା ଆୟୋଗ ଦ୍ୱାରା ଦୁର୍ନୀତି ନିବାରଣ ପୂର୍ବକ ଦେଶ ଗଠନର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ କାନାରା ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପି. ମଧୁସୂଦନ ରାଓଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଭଦ୍ରକ ବାଇପାସ ଛକଠାରୁ ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ପଦଯାତ୍ରାରେ କାନାରା ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ ଓ ସାଧାରଣ ଜନତା ଦୁର୍ନୀତି ନିବାରଣ ପାଇଁ ଶପଥ ଗ୍ରହଣ କରିଥିଲେ। ସେହିଭଳି ରାଓ ସମସ୍ତଙ୍କୁ କର୍ମକ୍ଷେତ୍ରରେ ସଚ୍ଚୋଟ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି କେବଳ ଗୋଟିଏ ସପ୍ତାହ ପାଇଁ ନୁହେଁ ପୂରା ଚାକିରି କାଳ ପର୍ଯ୍ୟନ୍ତ ସଚ୍ଚୋଟ ଓ ସତ କହିବାକୁ ସେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ଓ ସାଧାରଣ ଜନତାଙ୍କୁ ପ୍ରବର୍ତ୍ତାଇଥିଲେ।

ଫୁର୍‌ସତ୍

# କର୍କଟକୁ ହରାଇବା

## ଜାତୀୟ କର୍କଟ ସଚେତନତା ଦିବସ



କର୍କଟଠାରୁ ନ ହାରି ଏହାକୁ ହରାଇବା ନେଇ ଲୋକଙ୍କ ମଧ୍ୟରେ ବିଶେଷ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୭ରେ ସର୍ବଭାରତୀୟ ସ୍ତରରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରିସଂଖ୍ୟାନ ଅନୁଯାୟୀ, କର୍କଟ ସମ୍ବନ୍ଧୀୟ ମୃତ୍ୟୁହାର ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶରେ ୭୦ ପ୍ରତିଶତ ରହିଛି। ଧୂମପାନ, ମଦ୍ୟପାନ, ଅଳ୍ପ ଫଳ ଏବଂ ପନିପରିବା ଖାଇବା ଏବଂ ଯଥେଷ୍ଟ ବ୍ୟାୟାମ ନ କରିବା ଭଳି କାରଣ ଯୋଗୁ ପ୍ରାୟ ଏକ ତୃତୀୟାଂଶ ମୃତ୍ୟୁ କର୍କଟ କାରଣରୁ ହୋଇଥାଏ। କର୍କଟ ଯୋଗୁ ଗୁରୁତର ଆର୍ଥିକ ସ୍ଥିତି ସୃଷ୍ଟି ହୋଇଥାଏ। ସମଗ୍ର ବିଶ୍ୱରେ କର୍କଟ ମୃତ୍ୟୁରେ ସ୍ତନ କର୍କଟର ପ୍ରାୟ ୨.୨୬ ନିୟୁତ ମାମଲା ଥିବାବେଳେ ଫୁସ୍‌ଫୁସ୍ କର୍କଟ ମୃତ୍ୟୁ ସଂଖ୍ୟା ୨.୨୧ ନିୟୁତ ରହିଛି। କୋଲନ ଏବଂ ରେକ୍ଟମ କର୍କଟ ମାମଲା ୧.୯୩ ନିୟୁତ ଥିବାବେଳେ ପ୍ରୋଷ୍ଟେଟ କର୍କଟ ମାମଲା ୧.୪୧ ନିୟୁତ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ବିଶ୍ୱରେ କର୍କଟ ହେଉଛି ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ। ୨୦୪୦ ସୁଦ୍ଧା ଭାରତରେ ନୂତନ ମାମଲା ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଆକଳନ କରାଯାଇଛି। ୪୨ଟି କର୍କଟ ପ୍ରତିରୋଧୀ ଔଷଧ ପାଇଁ ନ୍ୟାଶନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନ୍‌ପିପିଏ) ଦ୍ୱାରା ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପୀଡ଼ିତମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ କରିବା ଦିଗରେ ଏହା ଏକ ପଦକ୍ଷେପ ।

କର୍କଟ ଆର୍ଥିକ ବୋଝ, ପରିବାର ପାଇଁ ଦୁଃଖ ଏବଂ ଦାରିଦ୍ର୍ୟ ଆଣିଥାଏ। ଏପରିସ୍ଥଳେ ପ୍ରାରମ୍ଭିକ ଚିହ୍ନଟ ପାଇଁ ଗୁରୁତ୍ୱାରୋପ କରିବା ଦ୍ୱାରା କର୍କଟରୁ ମୁକ୍ତି ମିଳିପାରିଥାଏ। ୨୦୧୪ ନଭେମ୍ବର ୭ରେ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା ଏବଂ କର୍କଟ ରୋଗର ଶୀଘ୍ର ଚିହ୍ନଟ ଏବଂ ଉପଶମ ଉପରେ ଧ୍ୟାନ ଦିଆଯାଇଥିଲା।

# 'ଭାଇରାଲ ଭିଡିଓ ଖୁବ୍ କଷ୍ଟ ଦେଇଛି'



ରଶ୍ମିକା ମନ୍ଦାନା

**ମୁମ୍ବାଇ:** ନିକଟରେ ଭାଇରାଲ ହେଉଥିବା ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଡିପ୍‌ଫେକ୍ ଭିଡିଓ ନେଇ ସେ ପ୍ରତିକ୍ରିୟା ରଖିଛନ୍ତି। ସେ ଏଥିନେଇ ଦୁଃଖପ୍ରକାଶ କରିବା ସହ ଟେକ୍ନୋଲୋଜିର ଭୁଲ୍ ବ୍ୟବହାର ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ତାଙ୍କୁ ସମର୍ଥନ କରିଥିବା ପ୍ରିୟଜନ, ବନ୍ଧୁ ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରଶ୍ମିକା 'ଏକ୍ସ'ରେ ଏକ ପୋଷ୍ଟ ଶେୟାରକରି କହିଛନ୍ତି, ଯେଉଁଭଳି ଭାବେ ଟେକ୍ନୋଲୋଜିର ଦୁରୁପଯୋଗ କରାଯାଉଛି, ତାହା କେବଳ ତାଙ୍କ ପାଇଁ ନୁହେଁ ସମସ୍ତଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ। ତାଙ୍କ କଲେଜ ଜୀବନରେ ଏପରି ଏକ ଘଟଣାର ସମ୍ମୁଖୀନ ହୋଇଥିବା କହିଥିଲେ। ପ୍ରକାଶ ଥାଉ କି, ନିକଟରେ ରଶ୍ମିକାଙ୍କ ଏକ ଏଆଇ ଏଡିଟେଡ୍ ଭିଡିଓ ଭାଇରାଲ୍ ହୋଇଥିଲା। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ଡିପ୍‌ଫେକ୍ ଟେକ୍ନୋଲୋଜି ବ୍ୟବହାର କରାଯାଇ ଏହି ଭିଡିଓ ଏଡିଟ୍ କରାଯାଇଥିଲା, ଯାହା ରଶ୍ମିକାଙ୍କ ଚରିତ୍ର ଉପରେ ଅଙ୍ଗୁଳି ଉଠାଇବା ସଦୃଶ ଥିଲା। ଏହା ତାଙ୍କୁ ବେଶ୍ ଆଘାତ ଦେଇଛି ବୋଲି ସେ କହିଛନ୍ତି। ଏହାକୁ ନେଇ ବିଗ୍ ବି ଅମିତାଭ ବଚ୍ଚନ ଏବଂ ବରିଷ୍ଠ ବ୍ୟକ୍ତି ଚିନ୍ତା ପ୍ରକଟ କରିଥିଲେ। ଏହାର ଦୁରୁପଯୋଗ ଉପରେ ରୋକ ଲଗାଇବା ପାଇଁ ସେମାନେ ଦାବି କରିଥିଲେ।

# ଅସହାୟଙ୍କ ପାଇଁ ତିଆରିକଲେ ୯୯ ଘର



ଅଟାୱା

କାନାଡାର ଜଣେ ବ୍ୟକ୍ତି ଏପରି ଏକ କାମ କରିଛନ୍ତି, ଯେଉଁଥିପାଇଁ ତାଙ୍କୁ ସବୁଆଡୁ ଶୁଭେଚ୍ଛା ମିଳୁଛି। ଯେଉଁମାନଙ୍କ ରହିବାକୁ ଘର ନାହିଁ, ସେ ସେମାନଙ୍କ ପାଇଁ ଘର ତିଆରି କରିଥିବା ଜଣାପଡ଼ିଛି। ମାର୍ସେଲ ଲେବ୍ରୁନ୍ ନିଜର ଏକ ସଫ୍ଟୱେର କମ୍ପାନୀକୁ ଲକ୍ଷାଧିକ ଟଙ୍କାରେ ବିକ୍ରିକରିବା ପରେ ସେହି ଟଙ୍କାକୁ ଏକ ଭଲ କାମରେ ଲଗାଇବାକୁ ସ୍ଥିର କରିଥିଲେ। ସେଥିପାଇଁ ସେ ତାଙ୍କର ପୂରା ଧ୍ୟାନ ଅସହାୟ ତଥା ଘର ନ ଥିବା ଲୋକଙ୍କୁ ଘର ପ୍ରଦାନ ପାଇଁ ଲାଗି ପଡ଼ିଲେ। ସେ ବର୍ତ୍ତମାନ ନ୍ୟୁ ବ୍ରୁନ୍‌ସ୍ୱିକ୍‌ରେ ପାଖାପାଖି ୬ଶହ ଲୋକଙ୍କ ପାଇଁ ଘର ତିଆରି କରିବାରେ ଲାଗି ପଡ଼ିଛନ୍ତି। ଲେବ୍ରୁନ୍ ଯେଉଁ ଘର ସବୁ ତିଆରି କରିଛନ୍ତି, ସେଠାରେ ରହିବାକୁ ଥିବା ଅସହାୟ ଲୋକଙ୍କୁ ନିଜ ରୋଜଗାରର ମାତ୍ର ୩୦ ପ୍ରତିଶତ ଦେବାକୁ ହେବ। ତିଆରି ହୋଇଥିବା ୯୯ଟି ଘର ଛୋଟ ହୋଇଥିଲେ ମଧ୍ୟ ତା' ଭିତରେ ସମସ୍ତ ପ୍ରକାର ସବୁଧା ରହିଛି। ଏଥିସହ ସେହି ଘର ସବୁ ଦୃଷ୍ଟିରୁ ସୁରକ୍ଷିତ ମଧ୍ୟ। ଏହାକୁ ପ୍ରାୟ ୧୨ ଜଣ ସଦସ୍ୟ ସହାୟତାରେ ତିଆରି କରିଯାଇଛି। ଏହି ୯୯ ଘର ପ୍ରସ୍ତୁତ ପାଇଁ ଲେବ୍ରୁନ୍ ଓ ତାଙ୍କ ସ୍ତ୍ରୀ ନିଜ ଟଙ୍କାରୁ ପ୍ରାୟ ୪ମିଲିୟନ ଡଲାର ଅର୍ଥାତ୍ ୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଥିସହ ପ୍ରାନ୍ତୀୟ ଏବଂ ସଂଘୀୟ ଯୋଗଦାନ ଦ୍ୱାରା ୮ ମିଲିୟନ ଡଲାର ଅର୍ଥାତ୍ ୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରୋଜେକ୍ଟ ପାଇଁ ମୋଟ ୧୨ ମିଲିୟନ ଡଲାର ଖର୍ଚ୍ଚ ହୋଇଥିବା ଲେବ୍ରୁନ୍ କହିଛନ୍ତି।

# ୮ ଫୁଟ ଲମ୍ବର ଜୁକିନି



**ଅଟାୱା:** କାନାଡା ଓଣ୍ଟାରିଓର ଜଣେ ମାଳୀ ନିକଟରେ ତାଙ୍କ ବଗିଚାରେ ୮ ଫୁଟ, ୪.୭୯ ଇଞ୍ଚର ଜୁକିନି (ଆମେରିକା, ଅଷ୍ଟ୍ରେଲିଆ ଅଞ୍ଚଳରେ ହେଉଥିବା ସବୁଜ ଲାଉ ପରି ପରିବା) ଲଗାଇଛନ୍ତି। ସେହି ମାଳୀଙ୍କ ନାମ ହେଉଛି, ହେନେରି ଡି' ଆଞ୍ଜେଲା। ହେନେରି ଜୁକିନିକୁ ଦୁନିଆର ସବୁଠୁ ବଡ଼ ସବୁଜ ପରିବା ଭାବେ ଗିନିଜ୍ ରେକର୍ଡରେ ଅନ୍ତର୍ଭୁକ୍ତ କରିବାକୁ ଆବେଦନ କରିଛନ୍ତି। ରିପୋର୍ଟ ମୁତାବକ, ଏହା ଆଶ୍ଚର୍ଯ୍ୟଜନକ ବୋଲି ହେନେରି କହିଛନ୍ତି। ନାଏଗ୍ରା ଜଳପ୍ରପାତରୁ ୩୦ କି.ମି. ପଶ୍ଚିମରେ ଥିବା ଥୋରାଲ୍ଡ ସହରରେ ହେନେରି ୧୦ ବର୍ଷ ହେବ ଜୁକିନି ଚାଷ କରିବା ଆରମ୍ଭ କରିଥିଲେ। ତେବେ ଜୁକିନିର ଏପରି ଲମ୍ବ ନେଇ ସୂର୍ଯ୍ୟକିରଣ ଏବଂ ଉତ୍ତମ ସାର ଓ ପାଣି ବୋଲି ସେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ବଡ଼ ଜୁକିନି ସବୁଜ ପରିବା କରିଥିବା ରେକର୍ଡ ନାଏଗ୍ରା ଜଳପ୍ରପାତର ଜନ୍ ଜିଓଭାନି ସ୍କୋଜାଫାଭେନ୍‌ଙ୍କ ପାଖରେ ଅଛି। ସେ ୨୦୧୪ରେ ୮ ଫୁଟ୍ ଏବଂ ୩.୩ ଇଞ୍ଚ ଲମ୍ବର ଜୁକିନି ଫଳାଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ହେନେରିଙ୍କୁ ଲାଗୁଛି କି ତାଙ୍କ ଜୁକିନି ବିଶ୍ୱ ରେକର୍ଡରେ ସ୍ଥାନ ପାଇବ। ସେଥିପାଇଁ ସେ ଅପେକ୍ଷା କରିଛନ୍ତି। ସେ ଜୁକିନିକୁ ଅତି ସାବଧାନତାର ସହ ତାଙ୍କ ଗ୍ୟାରେଜରେ ସାଇତି ରଖିଛନ୍ତି।

ଫ୍ୟାଶନ

# ଦୀପାବଳି ଆଉଟ୍‌ଫିଟ୍

**ଦୀପାବଳି ନିମନ୍ତେ ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି। ତେବେ ପୂଜାପର୍ବର ସୁନ୍ଦର ଅବସର ଭିତରେ କିଭଳି ଓ କେଉଁ ରଙ୍ଗର ପୋଷାକ ପିନ୍ଧି ନିଜକୁ ସଜେଇବେ ସେ ସମ୍ପର୍କରେ ଜାଣିରଖନ୍ତୁ କିଛି ଟିପ୍ସ...**

■ ପରିଷ୍କାର ଓ ସୁନ୍ଦର ପୋଷାକ ପିନ୍ଧି ପୂଜାରେ ଯୋଗଦେଲେ ମନକୁ ଢେର୍ ଅଧିକ ଗୁଣ ଶାନ୍ତି ଲଗିଥାଏ। ତେଣୁ ପୂଜା ସମୟରେ କେଉଁ ସବୁ ରଙ୍ଗର ପୋଷାକ ପିନ୍ଧିବେ ସେଥିପାଇଁ ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ।

■ ଲାଲ୍, ହଳଦିଆ, ସବୁଜ, ନାରଙ୍ଗୀ, ଧଳା କିମ୍ବା କୌଣସି ହାଲ୍‌କା ରଙ୍ଗର ପୋଷାକ ପିନ୍ଧି ପୂଜାରେ ଯୋଗଦେଇପାରିବେ। ତେବେ ଭୁଲ୍‌ରେ ବି କଳାରଙ୍ଗର ପୋଷାକ ଏହି ସମୟରେ ପନ୍ଧନ୍ତୁ ନାହିଁ।

■ ଦୀପାବଳି ପୂର୍ବରୁ ଧନ୍‌ତେରସ ସମୟରେ ଆପଣ ଲାଲ୍ ରଙ୍ଗର ଶାଢ଼ି କିମ୍ବା ସାଲ୍‌ୱାର ପିନ୍ଧିଲେ ବେଶ୍ ଭଲ ଲାଗିବ। ଏହି ରଙ୍ଗର ପୋଷାକ ସହ ଏଥେନିକ୍ ଲୁକ୍ ମହିଳାଙ୍କୁ ବେଶ୍ ଆକର୍ଷଣୀୟ କରିପାରିବ।

■ ଦୀପାବଳି ପୂର୍ବରୁ ନରକ ଚତୁର୍ଦ୍ଦଶୀ କିମ୍ବା ଅନ୍ୟ କୌଣସି ପୂଜାରେ ଆପଣ ସବୁଜ ରଙ୍ଗର ପୋଷାକ ମଧ୍ୟ ପିନ୍ଧିପାରିବେ। ଏହି ରଙ୍ଗର ସବୁ ପ୍ରକାର ପୋଷାକ ବଜାରରେ ଉପଲବ୍ଧ। ତେଣୁ ନିଜ ପସନ୍ଦରେ ଆପଣ ଯେକୌଣସି ଆଉଟ୍‌ଫିଟ୍ ନେଇପାରିବେ।

■ ଦୀପାବଳିରେ ପିନ୍ଧିବା ପାଇଁ ହଳଦିଆ ରଙ୍ଗର ପ୍ରିଣ୍ଟେଡ୍ ଶାଢ଼ି କିମ୍ବା ପୋଷାକ ବେଶ୍ ସୁନ୍ଦର ଲାଗିବ। ଏହି ରଙ୍ଗର ଲେହେଙ୍ଗା ମଧ୍ୟ ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିପାରିବ।



■ ଦୀପାବଳି ପରେ ଗୋବର୍ଦ୍ଧନ ପୂଜା, ଭାଇଦୁଜ୍ ଭଳି ବିଭିନ୍ନ ଉତ୍ସବରେ ଆପଣ ନାରଙ୍ଗୀ ପ୍ରିଣ୍ଟେଡ୍ କିମ୍ବା ହାଲୁକା ରଙ୍ଗର ଶାଢ଼ି ଅଥବା ସାଲ୍‌ୱାର ସୁଟ୍ ପିନ୍ଧି ବେଶ୍ ଷ୍ଟାଇଲିଶ୍ ହୋଇପାରିବେ।

# ମାଟିପାତ୍ରରେ ରାନ୍ଧିବା ଆଗରୁ...

**ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଆଜିକାଲି ଅନେକେ ମାଟିପାତ୍ରରେ ରୋଷେଇ କରିବା ଆରମ୍ଭ କଲେଣି। କିନ୍ତୁ ମାଟିପାତ୍ରକୁ ଗ୍ୟାସ୍‌ରେ ରୋଷେଇ କରିବା ପୂର୍ବରୁ କିଭଳି ସଚେତନତା ଅବଲମ୍ବନ କରିବେ ଜାଣିରଖନ୍ତୁ।**

– ବଜାରରୁ ମାଟିପାତ୍ର ଆଣିବା ପରେ ପ୍ରଥମେ ତାକୁ ଗୋଟିଏ ଦିନ ପାଣିରେ ଭିଜାଇ ରଖନ୍ତୁ। ଏହାପରେ ପାଣି ବାହାର କରି ଖରାରେ ଶୁଖାନ୍ତୁ। ଶୁଖିବା ପରେ ସେଥିରେ ସବୁଆଡ଼େ ଭଲ ଭାବେ ତେଲ ଲଗାଇ ପୁଣି ଥରେ ଖରାରେ ୨–୪ ଘଣ୍ଟା ରଖନ୍ତୁ।

– ମାଟିପାତ୍ରକୁ ପ୍ରଥମ ଥର ପାଇଁ ଗ୍ୟାସ୍‌ରେ ବସାଇବାକୁ ଯାଉଥିଲେ ସେଥିରେ ପ୍ରଥମେ ତେଲ ପକାଇ ଆଳୁ କିମ୍ବା ଅନ୍ୟ କିଛି ଭଜା କରନ୍ତୁ। ପ୍ରଥମ ଥର ମାଟିପାତ୍ରର ଏହି ଭଜାକୁ ବାହାରକରି ଫିଙ୍ଗି ଦିଅନ୍ତୁ। ଏହାପରେ ପୁଣି ଥରେ ରୋଷେଇ କରି ଖାଆନ୍ତୁ।

– ମାଟିପାତ୍ରରେ ପ୍ରଥମ ଥର ଅଧିକ ପାଣି ଦେଇ ଭାତ ବି ରାନ୍ଧିପାରିବେ। ଯଦି ପ୍ରଥମ ଥର ଖରାପ ହୁଏ ତେବେ ଦ୍ୱିତୀୟ ଥର ରାନ୍ଧି ଖାଆନ୍ତୁ।

– ମାଟିପାତ୍ରକୁ ଗ୍ୟାସରେ ଧିରେ ଆଞ୍ଚରେ ବସାନ୍ତୁ। ଅଧିକ ଆଞ୍ଚରେ ମାଟିପାତ୍ର ଫାଟିଯିବା ସମ୍ଭାବନା ରହିଥାଏ।

# ଫିଟ୍‌ନେସ୍ ମନ୍ତ୍ର



**ଯୋଗ ଓ ବ୍ୟାୟାମର ବିକଳ୍ପ ହେଉଛି ଘରକାମ। ଏମିତି ଭ୍ରାନ୍ତଧାରଣା ରହିଛି ଅନେକ ମହିଳାଙ୍କର। ଫିଟ୍ ରହିବା ପାଇଁ ଅଧିକରୁ ଅଧିକ ଘରକାମ ଯଥେଷ୍ଟ ବୋଲି ଭାବନ୍ତି ସେମାନେ। ମାତ୍ର ସୁସ୍ଥ ଜୀବନ ପାଇଁ ବ୍ୟାୟାମ ନିହାତି ଜରୁରୀ।**

ଘରର ବିଭିନ୍ନ କାମ କରିବାକୁ କେତେଜଣ ମହିଳା ଯୋଗ ବା ବ୍ୟାୟାମ କରିବା ସହ ସମାନ ବୋଲି ଭାବିନିଅନ୍ତି। କାରଣ ଘରକାମ କରି ସେମାନେ ଥକିଯାଆନ୍ତି। ତେଣୁ ଝାଳବୁହା ପରିଶ୍ରମ କରି ସେମାନେ ବ୍ୟାୟାମ କରିବାର ଲାଭ ପାଉଛନ୍ତି ବୋଲି ଭାବିଥାନ୍ତି। ମାତ୍ର ସେମାନଙ୍କର ଏହି ଧାରଣା ହିଁ ତାଙ୍କୁ ଏକ ସୁସ୍ଥ ଜୀବନଠାରୁ ଦୂରେଇ ରଖେ। କାରଣ ବର୍ତ୍ତମାନର ଲାଇଫ୍‌ଷ୍ଟାଇଲ୍ ଅନୁସାରେ ଘରର ସବୁ କାମ କରିବା ବ୍ୟାୟାମ ସହ ଆଦୌ ତୁଳନୀୟ ନୁହେଁ। ତେଣୁ ମହିଳାମାନେ କିଛି ସମୟ ବ୍ୟାୟାମ କରିବା ନିହାତି ଜରୁରୀ।

**ସମୟ ବଦଳିଛି:** ଆଗ ସମୟରେ ମହିଳାମାନେ ଘରର ସବୁକାମ କରୁଥିଲେ, କିନ୍ତୁ ଏବେ ମହିଳା ଘର କାମ ସହ ବାହାର କାମ ବି କରୁଛନ୍ତି। ତେଣୁ କମ୍ ସମୟରେ ଶୀଘ୍ର କାମ କରିବା ପାଇଁ ସେମାନେ ବିଭିନ୍ନ ପ୍ରକାର ଯନ୍ତ୍ରପାତିର ସହାୟତା ନେଉଛନ୍ତି। କିନ୍ତୁ ଆଗକାଳରେ ଚକି, ଢିଙ୍କି, ଶିଳ ଆଦି ବ୍ୟବହାର କରି ସେମାନେ କାମ କରୁଥିଲେ, ଯାହାକି ସେମାନଙ୍କୁ ବ୍ୟାୟାମ କରିବା ଭଳି ଲାଭ ଦେଉଥିଲା। କିନ୍ତୁ ଏବେ ଆମେ ସମସ୍ତେ ଯନ୍ତ୍ର ଉପରେ ନିର୍ଭରଶୀଳ। ତେଣୁ କମ୍ ସମୟରେ ଗୋଟିଏ ସ୍ଥାନରେ ରହି ଅନେକ କାମ କରିବାକୁ ହେଉଛି। ଫଳରେ କାମ କରି ଥକିଯାଉଛନ୍ତି ସିନା ହେଲେ ବ୍ୟାୟାମର ଲାଭ ମିଳିପାରୁନାହିଁ।

**ଶାରୀରିକ ପରିଶ୍ରମ:** ଘରକାମ ମାଧ୍ୟମରେ ଶାରୀରିକ ପରିଶ୍ରମ ହୁଏ ସତ, କିନ୍ତୁ ବ୍ୟାୟାମ ନିମନ୍ତେ ତାହା ପର୍ଯ୍ୟାପ୍ତ ନୁହେଁ। କାରଣ ସବୁ କାମର ସମୟ ଅବଧି ଓ କାମର ପ୍ରକାରଭେଦ ଅନୁସାରେ ଶାରୀରିକ ପରିଶ୍ରମର ଲାଭ ମିଳିଥାଏ। ବେଳେବେଳେ ଘଣ୍ଟା ଘଣ୍ଟାର ଘରକାମରୁ ଶରୀରକୁ ଫାଇଦା ମିଳିବା ବଦଳରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ସେହି ତୁଳନାରେ ମାତ୍ର କିଛି ମିନିଟ୍‌ର ବ୍ୟାୟାମ ଶରୀରର ସୁସ୍ଥତା ପାଇଁ ବେଶ୍ ଫଳପ୍ରଦ। ତେଣୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଚାରକଲେ ଶରୀରକୁ ଲାଭ ମିଳୁଥିବା ଭଳି ବ୍ୟାୟାମର ଆବଶ୍ୟକତା ରହିଛି।

**ଶରୀର ଥକେ:** କାମ କଲେ ଶରୀର ଥକିଯାଏ, ଠିକ୍ ବ୍ୟାୟାମ କରିବା ଭଳି। ହେଲେ ବ୍ୟାୟାମ କରିବା ପରେ ଶରୀରରେ ଏକ ନୂତନ ଉର୍ଜା ସୃଷ୍ଟି ହୁଏ। ଫଳରେ ଅଧିକ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ। କିନ୍ତୁ ଘରକାମ କରିବା ପରେ ଶରୀର ଥକିଯାଏ ଓ ହାଲିଆ ଲାଗେ। କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ। ତେଣୁ ବ୍ୟାୟାମ କରିବା ପରେ ଶରୀର ଯେଉଁଭଳି ଥକିଯାଏ ସେଭଳି ଘରକାମ କରିବା ପରେ ଅନୁଭବ କରିବା ଏକା ବୋଲି ଭାବିବା ଠିକ୍ ନୁହେଁ।

**ପ୍ରକୃତ ସତ୍ୟ:** ଗୋଟେ କଥା ମନେରଖିବାକୁ ହେବ କି ଶରୀରକୁ ସୁସ୍ଥ ରଖିବା ପାଇଁ ହିଁ ବ୍ୟାୟାମ କରାଯାଏ। କିନ୍ତୁ ଘରକୁ ସଫାସୁତୁରା ରଖିବା ପାଇଁ ଘର କାମ କରାଯାଏ। ବ୍ୟାୟାମ କରିବା ସମୟରେ ହୃଦୟକୁ ସୁସ୍ଥ ରଖିବା, ଶରୀରର ବିଭିନ୍ନ ଅଂଶରେ ଥିବା ମାଂସପେଶୀକୁ ସୁସ୍ଥ ରଖିବା ଏବଂ ଆବଶ୍ୟକ ଅନୁସାରେ କ୍ୟାଲୋରି କମ୍ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖାଯାଇଥାଏ। କିନ୍ତୁ ଘରକାମ କରିବା ସମୟରେ ଏସବୁକୁ ଆଦୌ ଧ୍ୟାନ ଦିଆଯାଏ ନାହିଁ। ଫଳରେ ବ୍ୟାୟାମର ଉପକାରିତା ମିଳି ନ ଥାଏ।





## ଏମାନେ କ'ଣ କରନ୍ତି



**ସମୟ ମିଳେନି:** ଏକ୍ସରସାଇଜ୍ କିମ୍ବା ଯୋଗ କରିବା ପାଇଁ ସମୟ ନାହିଁ। ସକାଳୁ ଉଠି ଘରକାମ ସାରି ଅଫିସ୍ ଯିବାକୁ ହୁଏ। ଘରେ ଏତେ କାମ ଥାଏ ଯେ ଅଫିସ୍ ବାହାରିବାକୁ ବିଳମ୍ବ ହେଇଯାଏ। ଏତେ ସବୁ କାମ ଭିତରେ ଏକ୍ସରସାଇଜ୍ କରିବା କଥା ମୁଁ ଚିନ୍ତା କରିପାରେନାହିଁ। କିନ୍ତୁ ଘରକାମ ମାଧ୍ୟମରେ ଏକ୍ସରସାଇଜ୍‌ର ଫାଇଦା ମିଳିପାରିବ ବୋଲି ଭାବେ। ହେଲେ ଏବେ ଅଧିକ କାମ କରିବାକୁ ଇଚ୍ଛା ହେଉନାହିଁ। ଖୁବ୍ ଶୀଘ୍ର ଥକିଯାଉଛି।

– ***ସ୍ମିତା ପଟ୍ଟନାୟକ,*** *କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*



**ସ୍ୱାସ୍ଥ୍ୟ ଚିନ୍ତା ସର୍ବପ୍ରଥମ:** ସୁସ୍ଥ ରହିବାକୁ ହେଲେ ପ୍ରତିଦିନ ନିଜ ପାଇଁ କିଛି ସମୟ ବାହାର କରିବାକୁ ହେବ। ଏଥିପାଇଁ ଏବେ ସବୁଦିନ ସକାଳୁ ଯୋଗ ଓ ପ୍ରାଣାୟାମ କରୁଛି। ଘରେ ସମସ୍ତଙ୍କୁ ସେହି ଅନୁସାରେ ଆଡ୍‌ଜଷ୍ଟ କରିବା ପାଇଁ ବ୍ୟବସ୍ଥା କରି ସବୁଦିନ ସନ୍ଧ୍ୟାରେ ଜିମ୍ ଯାଉଛି। ପ୍ରଥମେ ଖରାପ ଲାଗୁଥିଲା, ମାତ୍ର ନିଜ ସ୍ୱାସ୍ଥ୍ୟ ଠିକ୍ ରହିଲେ ପରିବାର ଓ ଅନ୍ୟମାନଙ୍କୁ ଭଲରେ ରଖିବା ପାଇଁ କାମ କରିପାରିବି ଭାବି ଜିମ୍ ଯାଉଛି। ଅବଶ୍ୟ କିଛି ବର୍ଷ ପରେ ଏକ୍ସରସାଇଜ୍ କରିବା ଶିଖିଗଲେ ଆଉ ଜିମ୍ ଯିବି ନାହିଁ ବୋଲି ଭାବିଛି।

– ***ପ୍ରଭାସିନୀ ବେହେରା,*** *କର୍ମଜୀବୀ, ପ୍ରତାପନଗରୀ, କଟକ*



**ଯୋଗ ଓ ବ୍ୟାୟାମର ବିକଳ୍ପ ନାହିଁ:** ଶରୀରକୁ ସୁନ୍ଦରଭାବେ ପରିଚାଳନା କରିବା ପାଇଁ ଯୋଗ ଓ ବ୍ୟାୟାମ ଏକ ମାଧ୍ୟମ। ଏଇ ମାଧ୍ୟମରେ ଶରୀରର ସବୁ ଅଙ୍ଗ ଓ ନିଶ୍ୱାସର ପ୍ରବାହକୁ ସକ୍ରିୟ କରିପାରିବା। ଜିମ୍‌ରେ ବିଭିନ୍ନ ଯନ୍ତ୍ରପାତି ମାଧ୍ୟମରେ ଶରୀରକୁ ସୁସ୍ଥ ରଖିହୁଏ କିନ୍ତୁ ଯୋଗ ମାଧ୍ୟମରେ ପ୍ରଥମେ ମନକୁ ସୁସ୍ଥ ରଖିହୁଏ ଫଳରେ ଶରୀର ସୁସ୍ଥ ରହିଥାଏ। ବିଭିନ୍ନ ପ୍ରକାରର ଆସନ ଓ ଯୋଗ ମାଧରେ ଶରୀରର ପ୍ରାୟ ସବୁ ସମସ୍ୟା ଦୂର କରିହେବ କିମ୍ବା ନିୟନ୍ତ୍ରଣରେ ରଖିହେବ।

– **ସାଗରିକା ଶତପଥୀ,** ଯୋଗ ଶିକ୍ଷୟିତ୍ରୀ, ଭୁବନେଶ୍ୱର



**କମ୍ ସମୟରେ ଅଧିକ ଲାଭ:** କେବଳ ଯୋଗ ହିଁ ମନୁଷ୍ୟକୁ ସୁସ୍ଥ, ସବଳ କରିବା ସହ ଶକ୍ତି ସଂଚୟ କରିବାକୁ ଯୋଗ୍ୟ ବନାଏ। ଶରୀରରେ ଥିବା ସମସ୍ତ ଗ୍ରନ୍ଥିମାନଙ୍କର ରସସ୍ରାବ ନିୟନ୍ତ୍ରିତ ହୁଏ। ଶ୍ୱାସକ୍ରିୟା ନିୟନ୍ତ୍ରିତ ହେବା ଦ୍ୱାରା ଶାରିରୀକ ଓ ମାନସିକ ସ୍ତରରେ ଅନେକ ଲାଭ ମିଳିଥାଏ ତଥା ଫୁସ୍‌ଫୁସ୍ ମଜବୁତ ହୁଏ। ସ୍ଥୂଳ ଶରୀର ସହ ସୂକ୍ଷ୍ମ ଶରୀର ମଧ୍ୟ ପ୍ରଭାବିତ ହୋଇ ମନ ନିୟନ୍ତ୍ରିତ ରହେ। ସୁନିୟୋଜିତ ଢଙ୍ଗରେ ଶରୀରର ସର୍ବାଙ୍ଗୀଣ ବିକାଶ ହେବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ ଓ ଚେହେରା କାନ୍ତିମୟ ହୁଏ। କମ୍ ସମୟ ଓ କମ୍ ଶକ୍ତି ଖର୍ଚ୍ଚ କରି ଅଧିକ ଲାଭ କେବଳ ଯୋଗରୁ ହିଁ ମିଳେ।

– ***ପ୍ରଣତି ଦାସ,*** *ଯୋଗ ଶିକ୍ଷୟିତ୍ରୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

ସୌନ୍ଦର୍ଯ୍ୟ

# ଚାଉଳରୁ ଫେସ୍‌ପ୍ୟାକ୍



**ସୁନ୍ଦର ଗ୍ଲୋଇଂ ସ୍କିନ୍ ପାଇଁ ଚାଉଳର ଫେସ୍‌ପ୍ୟାକ୍ ଅତ୍ୟନ୍ତ ଫଳପ୍ରଦ। ଏମିତିକି ୨୪ ଘଣ୍ଟାରୁ ଅଧିକ ସମୟ ରନ୍ଧାହୋଇ ରହିଥିବା ଭାତକୁ ବି ଫେସ୍‌ପ୍ୟାକ୍‌ରେ ବ୍ୟବହାର କରିହେବ।**

⏭ ଚାଉଳରୁ ଫେସ୍‌ପ୍ୟାକ୍ ତିଆରି କରିବା ପାଇଁ ପ୍ରଥମେ ଭାତ ତିଆରି କରି ଦିଅନ୍ତୁ। ତେବେ ବାସି ହୋଇଯାଇଥିବା ଭାତକୁ ମଧ୍ୟ ଫେସ୍‌ପ୍ୟାକ୍‌ରେ ବ୍ୟବହାର କରିହେବ।

⏭ ପ୍ରଥମେ ବାସିଭାତକୁ ପାଣିରୁ ଛାଣି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏଥିରେ କିଛି ମହୁ ଓ କ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ସ୍କ୍ରବ୍ କରିବା ଭଳି ଧୀରେ ଧୀରେ ଘଷନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

⏭ ଶୁଷ୍କ ତ୍ୱଚା ପାଇଁ ବି ବାସିଭାତକୁ ବ୍ୟବହାର କରିହେବ। ଅଧାକପ୍ ଗ୍ରାଇଣ୍ଡିଂ ହୋଇଥିବା ଭାତରେ ୨ ଚାମଚ ଡାଲଚିନି ଗୁଣ୍ଡ ଏବଂ ୧ ଚାମଚ ଗ୍ଲିସେରିନ୍ ମିଶାଇ ଲଗାନ୍ତୁ। କିଛି ସମୟ ରଖି ଶୁଖିବା ପରେ ଧୀରେ ଧୀରେ ଘଷି ଛଡ଼ାନ୍ତୁ। ଏହାପରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ତ୍ୱଚାର ଉଜ୍ଜ୍ୱଳତା ବହୁତ ବଢ଼ିଯିବ।

⏭ ସେହିପରି ତୈଳୀୟ ତ୍ୱଚା ନିମନ୍ତେ ଗ୍ରାଇଣ୍ଡିଂ ହୋଇଥିବା ଭାତରେ ମହୁ, ଦହି, ଗୋଲାପଜଳ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିବା ପରେ ମୁହଁ ଧୋଇଦିଅନ୍ତୁ। ଏହି ପ୍ୟାକ୍ ତ୍ୱଚାରେ ଥିବା ଅତିରିକ୍ତ ତୈଳ ଅଂଶକୁ କମ୍ କରିବା ସହ ଉଜ୍ଜ୍ୱଳତା ବୃଦ୍ଧି କରିବ।



## ଘରକରଣା

- ତରକାରି ଅଧିକ ରାଗ ହୋଇଥିଲେ ସେଥିରେ ତୁରନ୍ତ କିଛି ଘିଅ କିମ୍ବା ବଟର ମିଶାଇ ଦିଅନ୍ତୁ।
- ଆବଶ୍ୟକ ଅନୁସାରେ ତରକାରିରେ ଲେମ୍ବୁରସ ପକାଇଲେ ତାହା କିଛି ପରିମାଣରେ ରାଗ କମାଇ ଦିଏ।
- ରୋଷେଇ କରିବା ସମୟରେ ସବୁବେଳେ କମ୍ ଲୁଣ ଓ କମ୍ ରାଗ ପକାଇବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକ ହେଲେ ପରେ ଲୁଣ ଓ ରାଗ ମିଶାଇପାରିବେ।
- ତରକାରିରେ କ୍ରିମ୍ କିମ୍ବା ଦହି ମିଶାଇ ଦେଲେ ତା'ର ରାଗ କମିଯାଇଥାଏ।
- ତରକାରିରେ ରାଗ କମ୍ କରିବା ପାଇଁ ଟମାଟୋ ପ୍ୟୁରି ମଧ୍ୟ ପକାଇପାରିବେ। କିନ୍ତୁ ଟମାଟୋ ପ୍ୟୁରିକୁ ପ୍ରଥମେ ଅନ୍ୟ ଏକ କଡ଼େଇରେ ଅଳ୍ପ ତେଲ ପକାଇ ଗରମ କରି ଦିଅନ୍ତୁ।
- ତରକାରିର ସ୍ୱାଦ ଅଧିକ କରିବା ପାଇଁ ସିଝା ଆଳୁକୁ ଚକଟି ସେଥିରେ ମିଶାଇ ଦିଅନ୍ତୁ। ତରକାରି ଅଧିକ ରାଗ ହୋଇଥିଲେ କମ୍ ହୋଇଯିବ।
- ତରକାରିରେ ଅଳ୍ପ ବେସନ ଭାଜି ମିଶାଇଦେଲେ ତାହା ସ୍ୱାଦିଷ୍ଟ ହେବା ସହ ରାଗ କମାଇ ଦିଏ।
- ପନିର କିମ୍ବା କୋଫ୍‌ତା ଆଦି କରୁଥିଲେ ସେଥିରେ ଅଳ୍ପ କିଛି ଚିନି ପକାଇ ଦିଅନ୍ତୁ ତାହା ଅଧିକ ସ୍ୱାଦିଷ୍ଟ ହେବ।

ଖାଦ୍ୟରୁଚି

# ମୋତିଚୁର୍ ଲଡୁ



**ଆବଶ୍ୟକ ସାମଗ୍ରୀ–** ବେସନ– ୨କପ୍, ଚିନି–୩ କପ୍, କ୍ଷୀର– ୧ ଲିଟର, ଘିଅ– ୬କପ୍, ପାଣି– ୪କପ୍, ଗୁଜୁରାଟି ଗୁଣ୍ଡ– ୧ ଚାମଚ, ବେକିଂ ସୋଡ଼ା– ଅଳ୍ପ, ଫୁଡ୍ କଲର –ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସିରା ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପାଣି ଗରମ କରି ସେଥିରେ ଚିନି ମିଶାଇ ଗୋଳାନ୍ତୁ। ଚିନି ଭଲଭାବେ ମିଶିଗଲା ପରେ ସେଥିରେ ଅଳ୍ପ କ୍ଷୀର ମିଶାନ୍ତୁ। କ୍ଷୀର ମିଶାଇବା ପରେ ଲଗାତର ଗୋଳାନ୍ତୁ। କ୍ଷୀର ମିଶ୍ରିତ ଏହି ସିରା ଗାଢ଼ ହୋଇଯିବା ପରେ ତଳକୁ ଓହ୍ଲାଇ ସେଥିରେ ଗୁଜୁରାଟି ଗୁଣ୍ଡ ପକାଇ ରଖନ୍ତୁ।

ଏବେ ଏକ ବଡ଼ ପାତ୍ରରେ ବେସନ, କ୍ଷୀର ଓ ବେକିଂ ପାଉଡର ମିଶାଇ ଭଲଭାବେ ଗୋଳାନ୍ତୁ। ବେସନର ଘୋଳକୁ ବେଶି ଗାଢ଼ କରନ୍ତୁ ନାହିଁ। ଏବେ କଡ଼େଇରେ ଘିଅ ଗରମ କରି ବୁନ୍ଦି ଛାଣି ଦିଅନ୍ତୁ। କିଛି ସମୟ ପରେ ବୁନ୍ଦି ସବୁକୁ ନେଇ ସିରାରେ ମିଶାନ୍ତୁ। ଶେଷରେ ବୁନ୍ଦିକୁ ସିରାରୁ ବାହାରକରି ଲଡୁ ତିଆରି କରି ନିଅନ୍ତୁ।








## ଭାରତଠାରୁ ପରାଜୟ ପରେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଭଙ୍ଗ

**କଲମ୍ବୋ, ୬।୧୧ (ପି.ଟି.)**

ସରକାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍ଏଲ୍ସି)କୁ ସୋମବାର ଭଙ୍ଗ କରିଦେଇଛନ୍ତି। ଚଳିତ କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଭାରତଠାରୁ ଲଜ୍ଜାଜନକ ପରାଜୟ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନଭେମ୍ବର ୨ରେ ମୁମ୍ବାଇଠାରେ ଭାରତଠାରୁ ଶ୍ରୀଲଙ୍କାର ୩୦୨ରନରେ ଶୋଚନୀୟ ପରାଜୟ ପରେ ଦେଶର ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ପରାଜୟ ପରଠାରୁ ଏସ୍ଏଲ୍ସି କାର୍ଯ୍ୟାଳୟ ସମ୍ମୁଖରେ ଖେଳପ୍ରେମୀଙ୍କ ତରଫରୁ ଅନେକଥର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶାମି ସିଲ୍‌ଭାଙ୍କ ନେତୃତ୍ୱାଧୀନ ପ୍ରଶାସନକୁ ବରଖାସ୍ତ କରିବା ଲାଗି ସେମାନେ ଦାବି କରିଥିଲେ। କାର୍ଯ୍ୟାଳୟର ସୁରକ୍ଷା ପାଇଁ ପୋଲିସ ମୁତୟନ କରିବାକୁ ପଡ଼ିଥିଲା। କ୍ରୀଡ଼ା ମନ୍ତ୍ରୀ ରୋଶନ ରଣସିଙ୍ଘେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ କର୍ମକର୍ତ୍ତାଙ୍କୁ ଇସ୍ତଫା ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏସ୍ଏଲ୍ସିର କାର୍ଯ୍ୟ ସମ୍ପାଦନ କରିବା ଲାଗି କ୍ରୀଡ଼ାମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଅଧ୍ୟକ୍ଷାରେ ୭ଜଣ ସଦସ୍ୟ ବିଶିଷ୍ଟ ଏକ କାମଚଳା କମିଟି ଗଠନ କରିଛନ୍ତି। ୧୯୭୩ର କ୍ରୀଡ଼ା ଆଇନ ନମ୍ବର-୨୫ ଅନୁସାରେ ରଣସିଙ୍ଘେ ଏହି କମିଟି ଗଠନ କରିଛନ୍ତି। କମିଟିରେ ୩ଜଣ ଅବସରପ୍ରାପ୍ତ ବିଚାରପତି ରହିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଥିବାବେଳେ ପୂର୍ବତନ ଏସ୍ଏଲ୍ସି ଚେୟାରମ୍ୟାନ ଉପାଲି ଧର୍ମଦାସା ଅଛନ୍ତି। ସୂଚନାଯୋଗ୍ୟ, ଶ୍ରୀଲଙ୍କା କ୍ରିକେଟ ବ୍ୟାପାର ବୁଝାଶୁଝା କରିବା ଲାଗି ୨୦୦୮ରେ ରଣତୁଙ୍ଗାଙ୍କୁ ଏହିଭଳି ଏକ ଅନ୍ତରୀଣ କମିଟିର ମୁଖ୍ୟ କରାଯାଇଥିଲା। ରଣତୁଙ୍ଗାଙ୍କୁ ନ୍ୟାଶନାଲ ସ୍ପୋର୍ଟ୍ସ କାଉନ୍ସିଲର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି ରଣସିଙ୍ଘେ। ରଣତୁଙ୍ଗା ଇତିମଧ୍ୟରେ ସିଲ୍‌ଭା ପ୍ରଶାସନକୁ ବିଭିନ୍ନ ପ୍ରଶ୍ନର ଜବାବ ମାଗି ସାରିଛନ୍ତି। ସିଲ୍‌ଭା ଗତ ମେ' ମାସରେ କ୍ରମାଗତ ତୃତୀୟ ଥର ପାଇଁ ଏସ୍ଏଲ୍ସି ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୫ ପର୍ଯ୍ୟନ୍ତ ରହିଥିଲା।

# ଶ୍ରୀଲଙ୍କାକୁ ଏଲିମିନେଟ୍ କଲା ବାଂଲାଦେଶ

**ନୂଆଦିଲ୍ଲୀ, ୬।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରୁ ଶ୍ରୀଲଙ୍କାକୁ ଏଲିମିନେଟ କରିଛି ବାଂଲାଦେଶ। ଉଭୟ ବୋଲିଂ ଓ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ କରି ବାଂଲାଦେଶ ସୋମବାର ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କାକୁ ୩ ଉଇକେଟରେ ପରାସ୍ତ କରିଛି। ଫଳରେ ପୂର୍ବରୁ ଏଲିମିନେଟ ହୋଇ ସାରିଥିବା ବାଂଲାଦେଶ ଏବେ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଶେଷ କରିଛି। ଶ୍ରୀଲଙ୍କା ୪୯.୩ ଓଭରରେ ୨୭୯ ରନରେ ଅଲ୍‌ଆଉଟ ହୋଇଥିଲା। ବାଂଲାଦେଶ ୪୧.୧ ଓଭରରେ ୭ ଉଇକେଟ ହରାଇ ୨୮୨ ରନ ସଂଗ୍ରହ କରି ନେଇଥିଲା। ଏହି ମ୍ୟାଚପରେ ଶ୍ରୀଲଙ୍କା ଓ ବାଂଲାଦେଶ ୮ଟି ଲେଖାଏ ମ୍ୟାଚ ଖେଳି ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଉଭୟ ଦଳ ଆଉ ଗୋଟିଏ ଲେଖାଏ ମ୍ୟାଚ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ପଥୁମ ନିସଙ୍କା ଓ ସଦିରା ସମରବିକ୍ରମା ୪୧ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ୨୫ତମ ଓଭରରେ ନାଟକୀୟ ଘଟଣା ଦେଖିବାକୁ ମିଳିଥିଲା। ସମରବିକ୍ରମା ଆଉଟ ହେବାପରେ କ୍ରିଜ୍‌କୁ ଆସିଥିବା ଆଞ୍ଜେଲୋ ମାଥ୍ୟୁସ ହେଲମେଟ୍‌ରେ ଅସୁବିଧା ଥିବା ଅନୁଭବ କରିଥିଲେ। ଫଳରେ ସେ ଆଉ ଏକ ହେଲ୍‌ମେଟ ମଗାଇଥିଲେ। ନିୟମ ଅନୁସାରେ ବିଶ୍ୱକପରେ ଜଣେ ବ୍ୟାଟର ଆଉଟ ହେବାପରେ ୨ ମିନିଟ ମଧ୍ୟ ଅନ୍ୟଜଣେ ବ୍ୟାଟର ଖେଳ ଆରମ୍ଭ କରିବା କଥା। ମାଥ୍ୟୁସ ଏହା କରିପାରି ନ ଥିଲେ। ଫଳରେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ ଟାଇମ୍ ଆଉଟ ଆବେଦନ କରିଥିଲେ। ମାଥ୍ୟୁସ ବାଂଲାଦେଶ ଖେଳାଳି ଓ ଅମ୍ପାୟରଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ତାଙ୍କୁ ଟାଇମ୍ ଆଉଟ ଘୋଷଣା କରାଯାଇଥିଲା। ଫଳରେ କୌଣସି ବଲ୍‌ର ସମ୍ମୁଖୀନ ହେବା ପୂର୍ବରୁ ପଡ଼ିଆ ଛାଡ଼ିଥିଲେ ଅଭିଜ୍ଞ ମାଥ୍ୟୁସ। ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ଖେଳାଳି ଟାଇମ୍ ଆଉଟ ହେବା ଏହାଥିଲା ପ୍ରଥମ ଦୃଷ୍ଟାନ୍ତ। ଏପରି କ୍ଷେତ୍ରରେ ଚରିଥ ଆସାଲଙ୍କାଙ୍କ ଶତକ ଶ୍ରୀଲଙ୍କାର ସମ୍ମାନ ରଖିଥିଲା। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ ହାସଲ କରିଥିବା ଆସାଲଙ୍କା ୧୦୫ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହାୟତାରେ ୧୦୮ ରନ କରିଥିଲେ। ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଆହୁରି ୩ ବଲ୍ ବାକିଥାଇ ଦଳ ଅଲ୍‌ଆଉଟ ହୋଇ ଯାଇଥିଲା। ବାଂଲାଦେଶ ପକ୍ଷରୁ ତନଜିମ ହାସନ ସକିବ ୩ଟି, ଶୋରିଫୁଲ ଇସଲାମ ଓ ଶକିବ ଅଲ୍ ହାସନ ୨ଟି ଲେଖାଏ ଏବଂ ମେହିଦି ହାସନ ମିରାଜ ଗୋଟିଏ ଉଇକେଟ ନେଇଥିଲେ।

୨୮୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ବାଂଲାଦେଶ ୪୧ ରନ ମଧ୍ୟରେ ଦୁଇ ଓପନର ତାନଜିଦ ହାସନ ଓ ଲିଟନ ଦାସଙ୍କ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଶକିବ ଅଲ୍ ହାସନ ଓ ନଜମୁଲ ହୋସେନ ଶାନ୍ତୋ ତୃତୀୟ ଉଇକେଟରେ ୧୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟ ପଥରେ ନେଇ ଯାଇଥିଲେ। ୩୨ତମ ଓଭରର ପ୍ରଥମ ବଲ୍‌ରେ ଶକିବଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ବ୍ରେକ୍ ଥ୍ରୁ ଦେଇଥିଲେ ମାଥ୍ୟୁସ। ପରବର୍ତ୍ତୀ ଓଭରରେ ସେ ଅନ୍ୟତମ ସେଟ୍ ବ୍ୟାଟର ଶାନ୍ତୋଙ୍କୁ ମଧ୍ୟ ପ୍ୟାଭିଲିୟନ ଫେରାଇଥିଲେ। ମାତ୍ର ସେତେବେଳକୁ ବିଳମ୍ବ ହୋଇ ଯାଇଥିଲା। ଶକିବ ୮୨ (୧୨ ଚୌକା, ୨ ଛକା) ଓ ଶାନ୍ତୋ ୯୦ (୧୨ ଚୌକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୯.୩ ଓଭରରେ ୨୭୯/ଅଲ୍‌ଆଉଟ (ଚରିଥ ଆସାଲଙ୍କା-୧୦୮, ପଥୁମ ନିସଙ୍କା-୪୧, ସଦିରା ସମରବିକ୍ରମା-୪୧, ଧନଞ୍ଜୟ ଡି'ସିଲ୍‌ଭା-୩୪, ତନଜିମ ହାସନ ସକିବ-୩/୮୦, ଶୋରିଫୁଲ ଇସଲାମ-୨/୫୨, ଶକିବ ଅଲ୍ ହାସନ-୨/୫୭, ମେହିଦି ହାସନ ମିରାଜ-୧/୪୯)। ବାଂଲାଦେଶ ୪୧.୧ ଓଭରରେ ୨୮୨/୭ (ନଜମୁଲ ହୋସେନ ଶାନ୍ତୋ-୯୦, ଶକିବ ଅଲ୍ ହାସନ-୮୨, ଦିଲସାନ ମଦୁଶଙ୍କା-୩/୬୯, ଆଞ୍ଜେଲୋ ମାଥ୍ୟୁସ-୨/୩୫, ମହେଶ ଥିକସାନା-୨/୪୪)।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ**

ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ଣ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୦ | +୦.୯୨୪ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ Bhubaneswar, Tuesday, November 7/ 2023

# ବୈଶାଳୀ, ଭିଦିତଙ୍କୁ ଟାଇଟଲ

**ଆଇଲ ଅଫ୍ ମ୍ୟାନ (ୟୁ.କେ.), ୬।୧୧(ପି.ଟି.)**

ଆର୍. ବୈଶାଳୀ ଓ ଭିଦିତ ଗୁଜରାଠୀ ଫିଡେ ଗ୍ରାଣ୍ଡ ସୁଇସ୍ ଚେସ୍ ପ୍ରତିଯୋଗିତାରେ ଯଥାକ୍ରମେ ମହିଳା ଓ ଓପନ କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ବିଶ୍ୱସ୍ତରରେ ସେମାନେ ଭାରତ ପାଇଁ ବିରଳ ଡବଲ ସଫଳତା ଆଣିଦେଇଛନ୍ତି। ଏଥିସହିତ ଦୁହେଁ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ ମଧ କରିଛନ୍ତି। ପ୍ରତିଯୋଗିତାର ୧୧ତମ ଓ ଫାଇନାଲ ରାଉଣ୍ଡରେ

## ଫିଡେ ସୁଇସ୍ ଚେସ୍

ବୈଶାଳୀ ମଙ୍ଗୋଲିଆର ବାତ୍‌ଖୁୟାଗ ମୁଙ୍ଗୁଟୁଲ ସହ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ ଭିଦିତ ସର୍ବିୟାର ଆଲେଜାଣ୍ଡର ପ୍ରିଡେକି ଇଭେଣ୍ଟରେ ତାଙ୍କ ୭ମ ବିଜୟ ସହ ଓପନ ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିନେଇଥିଲେ। ଉଭୟ ବୈଶାଳୀ ଓ ଭିଦିତ ୮.୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ ଏବଂ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧା ପଏଣ୍ଟ ଆଗରେ ରହିଥିଲେ। ଆସନ୍ତାବର୍ଷ ଏପ୍ରିଲରେ କାନାଡାରେ ଖେଳାଯିବାକୁଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ ସହ ବୈଶାଳୀ ୨୫,୦୦୦ ଆମେରିକୀୟ ଡଲାର (୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଅନ୍ୟପକ୍ଷରେ ଭିଦିତ ୮୦,୦୦୦ ଡଲାର (୬୬ ଲକ୍ଷ ଟଙ୍କାରୁ ଅଧିକ) ପକେଟସ୍ଥ କରିଛନ୍ତି। ମହିଳା ବର୍ଗର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ୟୁକ୍ରେନର ଆନ୍ନା ମୁଜିଚୁକ୍। ସେ ସୁଇଡେନର ଭେଟେରାନ ଗ୍ରାଣ୍ଡମାଷ୍ଟର ପିଆ କ୍ରାମ୍‌ଲିଙ୍ଗଙ୍କ ବିପକ୍ଷ ଗେମ୍ ଡ୍ର ରଖିଥିଲେ। ଦ୍ୱିତୀୟ ମହିଳା ଖେଳାଳି ଭାବେ କ୍ୟାଣ୍ଡିଡେଟ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ ତୃତୀୟ ସ୍ଥାନରେ ରହିଥିବା ତାନ୍ ଝୋଙ୍ଗୟି। କାରଣ ମୁଜିଚୁକ୍ ପୂର୍ବରୁ ମହିଳା ବିଶ୍ୱକପ୍‌ରେ ଯୋଗ୍ୟତା ହାସଲ କରିସାରିଥିଲେ। ଓପନ ବିଭାଗରେ ହିକାରୁ ନାକାମୁରା ଭାରତର ଅର୍ଜୁନ ଏରିଗେସିଙ୍କ ସହ ଡ୍ର ରଖି ଚତୁର୍ଥ ସ୍ଥାନରେ ରହିଥିଲେ। ଇଭେଣ୍ଟରେ ସେ କିନ୍ତୁ ଅପରାଜେୟ ରହିଥିଲେ।



ଟ୍ରଫି ସହ ଆର୍. ବୈଶାଳୀ ଓ ଭିଦିତ ଗୁଜରାଠୀ।

# କୁଚବିହାର ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୬।୧୧ (ସରୋଜ ଜେନା):** ସୋମବାର ୨୦୨୩-୨୪ ସିଜନର ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫିର ପ୍ରଥମ ଦୁଇ ମ୍ୟାଚ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଜୁନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଏହି ଦଳ ଘୋଷଣା କରିଛନ୍ତି। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ସମ୍ବଲପୁରର ଭିସିଏ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷରେ ୧୭ ନଭେମ୍ବରରେ ଖେଳିବ। ସେହିପରି ୨୪ ତାରିଖରେ ବରୋଦାରେ ଦଳ ବରୋଦା ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ। **ଓଡ଼ିଶା ଦଳ:** ପାନକଳା ଶଶାଙ୍କ, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର, ଅଧିନାୟକ), ଶ୍ରେୟାଂସ ଭରଦ୍ୱାଜ, ଶ୍ରେୟାଂସୁ ପଟ୍ଟନାୟକ, ଏମ୍‌ଡି ସୋହେଲ, ଗୌରବ ଡି କୁମାର, ଆଦର୍ଶ ରାଇଗୁରୁ (ଉଇକେଟ କିପର), ସ୍ୱୟମ ଶ୍ରୀବାସ୍ତବ, କରଣ ମହାପାତ୍ର, ସମ୍ବିତ କେ ବେଜା, ସୟଦ ଟି ଅହମଦ, ସାର୍ଥକ ଜି ପଣ୍ଡା, ଶୁଭମ୍ ପ୍ରିୟଦର୍ଶୀ, ଶ୍ରୀରାଜ ପଟ୍ଟନାୟକ, ସୌଭାଗ୍ୟ ଓଝା, ଅର୍ଣ୍ଣବ ପଟ୍ଟନାୟକ।

# କ୍ରୀଡ଼ା କୋର୍ଟରେ ଅପିଲ କଲା ରୁଷିଆ

**ଲାଉସାନେ (ସୁଇଜରଲାଣ୍ଡ), ୬।୧୧ (ଏପି)**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ସସ୍‌ପେଣ୍ଡ ଆଦେଶ ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ (କାସ୍)ରେ ସୋମବାର ଅପିଲ କରିଛି ରୁଷିଆର ଅଲିମ୍ପିକ କମିଟି (ଆରଓସି)। ଶୁଣାଣି ସୁଇଜରଲାଣ୍ଡର ଲାଉସାନେଠାରେ ହେବ; ଯେଉଁଠାରେ କୋର୍ଟ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି)ର ମୁଖ୍ୟ କାର୍ଯ୍ୟାଳୟ ରହିଛି। ରୁଷିଆ ଅଲିମ୍ପିକ କମିଟି ନିକଟରେ ଅଧିକୃତ ୟୁକ୍ରେନ ପୂର୍ବାଞ୍ଚଳର ୪ଟି ଅଞ୍ଚଳକୁ ସ୍ପୋର୍ଟ୍ସ କାଉନ୍‌ସିଲରେ ଅନ୍ତର୍ଭୁକ୍ତ କରିବା ପରେ ଆଇଓସି ରୁଷିଆକୁ ସସ୍‌ପେଣ୍ଡ କରିଛି। କାରଣ ଏହାଦ୍ୱାରା ଆଞ୍ଚଳିକ ଅଖଣ୍ଡତା ନିୟମର ଉଲ୍ଲଂଘନ ହେଉଛି। ଏଥିପାଇଁ ୟୁକ୍ରେନଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ଆଣିବାକୁ ହେବ। ଆସନ୍ତା ବର୍ଷର ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ ସକାଶେ ପ୍ରସ୍ତୁତି ପାଇଁ ରୁଷୀୟ ଆଥ୍‌ଲେଟମାନଙ୍କ କ୍ଷେତ୍ରରେ ଏହି ଆଇନ ବିବାଦ ଲାଗି ଯେପରି କୌଣସି ଅସୁବିଧା ନ ଉପୁଜେ ସେଥିପ୍ରତି ଧ୍ୟାନ ଦିଆଯିବା ଉଚିତ ବୋଲି ଆଇଓସି କହିଛି।




# 'ମୋ ବାପାଙ୍କୁ ମୁକ୍ତ କର'



ଲୁଇସ୍ ଡିଆଜ୍

**ଲୁଟନ୍,୬।୧୧(ପି.ଟି.)**

ଅପହୃତ ପିତାଙ୍କୁ ମୁକ୍ତ କରିବା ପାଇଁ ନିବେଦନ କରି ଚର୍ଚ୍ଚାରେ ଲିଭରପୁଲ୍ ଫୁଟବଲର ଲୁଇସ୍ ଡିଆଜ୍। କଲମ୍ବିଆର ଏକ ଗରିଲା ଗ୍ରୁପ୍ ଡିଆଜଙ୍କ ମାତା ପିତାଙ୍କୁ ଅପହରଣ କରି ନେଇଥିଲେ। ମା'ଙ୍କୁ ଛାଡି ଦେଇଥିଲେ ମଧ ଅପହର୍ତ୍ତା ମାନେ ତାଙ୍କ ପିତାଙ୍କୁ ଛାଡି ନାହାନ୍ତି। ଏହାକୁ ନେଇ ଅନନ୍ୟ ଉପାୟରେ ଆବେଦନ କରିଛନ୍ତି ଲୁଇସ୍। ଅତିରିକ୍ତ ସମୟରେ ଏକ ଚମତ୍କାର ହେଡର ଜରିଆରେ ଗୋଲ ଦେଇ ଲୁଇସ୍ ମ୍ୟାଚ୍‌କୁ ଡ୍ର କରିଥିଲେ। ଗୋଲ ସ୍କୋର କରିବା ପରେ ନିଜ ଟି ଶାର୍ଟ ଉପରକୁ ଉଠାଇ ଏଥିରେ ଲେଖାଥିବା ମେସେଜ୍ ଦେଖାଇଥିଲେ। ଏଥିରେ ଲେଖାଥିଲା 'ଲିବେର୍ଟାଡା ପାରା ପାପା' ଯାହାର ଅର୍ଥ ହେଉଛି ମୋର ପିତାଙ୍କୁ ମୁକ୍ତ କର। ମ୍ୟାଚ୍ ପରେ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରିଥିଲେ ଲୁଇସ୍। ଏଥିରେ ଲେଖା ଥିଲା ଆଜି ମ୍ୟାଚ୍ ସମୟରେ ଫୁଟବଲର ଲୁଇସ୍ ଡିଆଜ୍ ନୁହେଁ ବରଂ ଲୁଇସ୍ ମାନୁଏଲ ଡିଆଜଙ୍କ ପୁଅ ହିସାବରେ ମୁଁ ଅନୁରୋଧ କରିଥିଲି। ପିତାଙ୍କ ଅପହରଣ ପରେ ମୋ ପରିବାର ଓ ମୁଁ ଗଭୀର ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଅଛୁ ତେଣୁ ତାଙ୍କୁ ମୁକ୍ତ କର ବୋଲି ସେ ଅନୁରୋଧ କରିଥିଲେ। କଲମ୍ବିଆର ସହର ବାରାନ୍‌କାସରୁ ତାଙ୍କର ପିତା ମାତାଙ୍କୁ ଅପହରଣ କରାଯାଇଥିବା ବେଳେ କିଛି ଘଣ୍ଟା ମଧ୍ୟରେ ତାଙ୍କ ମା'ଙ୍କୁ ପୋଲିସ୍ ଉଦ୍ଧାର କରିଥିଲେ ମଧ ପିତାଙ୍କର କୌଣସି ଖୋଜ ଖବର ମିଳିନାହିଁ।




CUSTOMER CARE NO 080-6000 4411 · Follow 'TTK Prestige' on · PRESTIGE XPERT 97423 34411 · Shop Online on shop.ttkprestige.com

**For Franchisee Enquiry:- Call +91 7077721612**

Prestige Xclusive — **BHUBANESWAR, Rabi Takies Chhak:** opposite to Kedar Gouri Resort, Mob: 7750925223; **Bapuji Nagar**: 105 Bapuji Nagar, Behind Yes Bank (Old Post Office Lane) Lane No 08, 0674-2597141/9937138998; **Bapuji Nagar**: 237, Pani Tanki Lane, Ph: 0674 2597685 Mob: 9777744071, **Satyangar:** 10, Janpath, Mob: 8280056821, **ID Market:** Shop No FG 3, Near Reliance Fresh, Mob: 9861404879, **Damana:** 248, Sailashree Vihar Road, Mob : 7327902258, **Baramunda:** A/37, Ruchika Market, Mob : 9937073674, **Raghunathpur:** Shop no - S5, Manson Green, Nandankanan Road, Mob: 8895390144; **CUTTACK, Dolmundai:** Hotel Akbari Complex, Haripur Road, Ph: 0671 2910337; Mob: 9348222581, **Baxi Bazar:** Manisahoo Chhak, Mob: 6371736954; **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance Trend, Mob: 9777457774; **BALUGAON**: Chilika Road, Mob: 8984858783; **KENDRAPARA**: Kakat Chhak, Ph: 06727 221241; Mob: 9040562233; **DHENKANAL:** I.G. Super Market, near SBI ATM; Mob: 9337477279/ 9348178750; **BOLANGIR:** A.B.S.S. Road, Near Samaleswari Temple, Ph: 06652232419; Mob : 9437331171, 9437241863; **SEMILIGUDA:** Infront of RAM Mandir Gate, Main Road, Mob: 8328800974; **BARGARH:** C/o: New Patra Needs, Infront of Gopal Goshala, NH-6, Main Road, Mob: 9776323188; **SAMBALPUR, Golbazaar**: Near Durga Temple Mob: 9338194750, **JAGATSINGHAPUR:** C/o: Orchid Mart, Central Market Ph: 06724221090/ 06724221080, **ANGUL:** Near Havells Galaxy Store, Shankar Cinema Rd, Mob: 7608885430.

**AUTHORISED DEALERS:- BHUBANESWAR:** Reeta-06742597111, Crockery Plaza-9938399889, Lingaraj Store-7978209549, Sulochana Enterprises-9338067682, Spectra Vision, Ph: 9937722277, Pratap Sweing Machine-9937138544, Utkal Light House-9937019272, Utkal Sales-9853150619, Palace-9348652955 -Bhubaneswar, Balaji Electonics-9938469841, **Jatni:-** D B Enterprises-9078919100, **Khordha-** Mahorana Enterprises-7978018288, Kitchen Plaza-9337756820, Sai Traders-7008298692 -Bhubaneswar, Sarakar Electro Digital-9776457173 -Bhubaneswar, P D Marketing, Ph-7377735345, B S Enterprises-9437310480, Anu Agency-9437134266, Tarini Aluminium Stores-9438568797, SB Enterprises, Ph-9861155551, Kitchen King-9938475819, Prasad Kitchen-9437041063, Sivam Enterprises-7008565807, Shree Traders-9937131901, Sai Associate-9937065641, Tamana Trading-7004248554, **CUTTACK:** Union Sales Emporium-9338461472, Janata General Store, Ph-2419948, Aurobinda Plastic, Ph 8763923528, Friends Electrical-9438510061, Arbinda Home Appliances-9438480346, Puspak Agency-7205016581, Balaji Distributor-8763153928, Patra Electronics (CDA)-9348863657, Sanjaya Electronics-9777777529 **-Salepur**, Maapadmavati Bastralaya-8908194534- **Rahama-** Patra Electronics (Chauliganja)-9938941317, Chowdar-Prince Electonics-9861101122 **KENDRAPARA:** Purnamasi Electrical, Ph. 9937070448. **PARADEEP:** Krishna Enterprise, Satapathy Enterprises-9437088525-Kujanga, **ROURKELA:** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph 9437046546; Kitchen Accessories-9437837833, **RAJGANGPUR:** Pradeep Store, Ph-9437244015 **SUNDARGARH:** Laxmi Steel, Ph-9776164771; **BALASORE:** United Sales Agency-9853519516, Rohit Sales-7978204587, Khandelwal Brothers-8984117316, **Sambalpur-** Bhatia Home Appliances-9556053558, Samuka Steel Center-9437331074, Laxmi Steel-8917393494, Shree Durga Steel-8018141782, Bankeswari Bartan Bhandar-6370188891, **Bolangir-** Bapi Steel-9556324328, Ghar Sansar-7008758771, Akash Steel-9437331491, Suraj Steel-9437151437, **Bhadrak-** Mahalaxmi Home Appliances-7381628318, Radhika Furniture-9437991876, **Baripada-** Aerovision-9861828643, Gajapati-Panda General Store-8249162067, Baripada Bazar-9439298333, Dream Home-9437435010 **-Jaypore**, Uma Electronics-9937076299 **-Chandenswar**, Beauty Place-9777456655, **Talcher**, Bulu Electronics-9556209149 **-Dasapala**, **Angul-** Saralia Trading-9439471222, Kanha Enetrprises-9437334629 **-Pallhada, Pipili-** Pradhan Store-993813724, Sahoo Electronics-9861662700, Puri-Ghar Sansar Mart-9861313913, **Berhumpur-** Ria Marketing-9040147776, Ashok Enterprises-9338491716, **Bhanjanagar-** Patra Enterprises-8837077719, **Jaypur-** Home Needs-8637259595, **Angul-** Omm Gift & Veriety Store-9348230554.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ